# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୨/୨୦୨୪ (୨୦ ପୃଷ୍ଠା) Bhubaneswar, Thursday, February 22/2024 Page 20 ₹ 7.00

୫୦ଶ ଭାଗ ୯୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 90 ମୂଲ୍ୟ ₹୭/-





ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୨/୨୦୨୪ Bhubaneswar, Thursday, February 22/2024


# ପୋଲିସ ଗୁଳିରେ ଚାଷୀ ମୃତ

- ୨ ଦିନ ପାଇଁ 'ଦିଲ୍ଲୀ ଚଲୋ' ସ୍ଥଗିତ
- ସୀମାରେ ଧାରଣା ଦେବେ କୃଷକ
- ଆଲୋଚନା ପାଇଁ ପୁଣି ଡାକିଲା କେନ୍ଦ୍ର



ମୃତ ଚାଷୀ ଶୁଭକରଣ ସିଂ



ପଞ୍ଜାବ-ହରିୟାଣାର ଶମ୍ଭୁ ସୀମାରେ ବୁଧବାର ଆନ୍ଦୋଳନରତ କୃଷକଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରୁଛି।

**ନୂଆଦିଲ୍ଲୀ/ଚଣ୍ଡିଗଡ଼,୨୧।୨**

ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନ ପ୍ରଣୟନ ଏବଂ ଅନ୍ୟାନ୍ୟ ଦାବିରେ ଅଡ଼ି ବସିଥିବା କୃଷକମାନେ ଦିଲ୍ଲୀ ଅଭିମୁଖେ ଅଗ୍ରସର ହେଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଉଛି। ପଞ୍ଜାବ-ହରିୟାଣା ସୀମାର ଖନୌରିରେ ବୁଧବାର ସନ୍ଧ୍ୟାରେ ପୋଲିସ ଗୁଳିରେ ଜଣେ ଯୁବଚାଷୀଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ଫେବୃଆରୀ ୧୩ରେ 'ଦିଲ୍ଲୀ ଚଲୋ' ଅଭିଯାନ ଆରମ୍ଭ ହେବା ପରଠୁ ପୋଲିସ କାର୍ଯ୍ୟାନୁଷ୍ଠାନରେ ଅଦ୍ୟାବଧି ପ୍ରାୟ ୧୬୦ ଚାଷୀ ଆହତ ହୋଇଥିବାବେଳେ ଏହା ହେଉଛି ସଂଘର୍ଷରେ କୃଷକଙ୍କ ପ୍ରଥମ ମୃତ୍ୟୁ। ଇତିମଧ୍ୟରେ କେନ୍ଦ୍ର କୃଷିମନ୍ତ୍ରୀ ଅର୍ଜୁନ ମୁଣ୍ଡା ଆନ୍ଦୋଳନରତ କୃଷକମାନଙ୍କୁ ଶାନ୍ତି ବଜାୟ ରଖିବାକୁ ଅନୁରୋଧ କରିଛନ୍ତି। ଏଥିସହ ପଞ୍ଚମ ପର୍ଯ୍ୟାୟ ଆଲୋଚନା ପାଇଁ କୃଷକ ସଙ୍ଗଠନର ପ୍ରତିନିଧିମାନଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ ଡାକିଛନ୍ତି। ତେବେ ପୋଲିସ ଗୁଳିରେ ଜଣେ କୃଷକଙ୍କ ମୃତ୍ୟୁ ପରେ ଚାଷୀମାନେ ଦିଲ୍ଲୀ ମାର୍ଚ୍ଚକୁ ୨ ଦିନ ପାଇଁ ସ୍ଥଗିତ ରଖିବା ସହ ନିଜ ନିଜ ସ୍ଥାନରେ ଧାରଣାରେ ବସିବେ ବୋଲି ଅଲ୍ ଇଣ୍ଡିଆ କିଷାନ୍ ସଭା (ଏଆଇକେଏସ୍) ପକ୍ଷରୁ ଘୋଷଣା କରାଯାଇଛି। ୨୩ଟି ଫସଲର ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି, କୃଷିଋଣ ଛାଡ଼ ଓ ଚାଷୀଙ୍କ ଉପରୁ ମାମଲା ପ୍ରତ୍ୟାହାର ଦାବିରେ କୃଷକମାନେ ଗତ ୧୩ରୁ ଦିଲ୍ଲୀ ଅଭିମୁଖେ ଆନ୍ଦୋଳନ ପାଇଁ ଟ୍ରାକ୍ଟରଗୁଡ଼ିକରେ ଯାଉଥିବାବେଳେ ଜାତୀୟ ରାଜଧାନୀ ସଂଲଗ୍ନ ସୀମାଗୁଡ଼ିକରେ ବ୍ୟାରିକେଡିଂ କରି ସେମାନଙ୍କୁ ଅଟକାଯାଇଛି। ଏହି କ୍ରମରେ ପଞ୍ଜାବ-ହରିୟାଣା ସୀମାର ଖନୌରିରେ ☞ପୃଷ୍ଠା-୧୧



ବୁଧବାର ନବୀନ ନିବାସ ଅଭିମୁଖେ ବାହାରିଥିବା ମହିଳା କଂଗ୍ରେସ ଶୋଭାଯାତ୍ରାରେ ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ଏବଂ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟମାନେ।

# ପୋଲିସ-ମହିଳା କଂଗ୍ରେସ କର୍ମୀ ଧସ୍ତାଧସ୍ତି

**ଭୁବନେଶ୍ୱର,୨୧।୨(ସୁନିତ୍ ମିଶ୍ର)**

**ମହିଳାଙ୍କ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ନ୍ୟାୟ ପାଇଁ ଲଢ଼ିବ କଂଗ୍ରେସ: ଅଲକା**

ଓଡ଼ିଶାରେ ନାରୀମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାର ଏବଂ ବିଜେଡି-ଭାଜପା ସମ୍ପର୍କ ପ୍ରସଙ୍ଗ ଉଠାଇ ବୁଧବାର ମହିଳା କଂଗ୍ରେସ ନବୀନ ନିବାସ ଘେରାଉ କରିବାକୁ ଉଦ୍ୟମ କରିଥିଲା। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ଏବଂ ଶତାଧିକ ମହିଳା କଂଗ୍ରେସ ଭବନରୁ ଶୋଭାଯାତ୍ରାରେ ବାହାରି ନବୀନ ନିବାସ ଅଭିମୁଖେ ବାହାରିଥିଲେ। ହେଲେ ଅଶୋକନଗରଠାରେ ପୋଲିସ ମହିଳା କଂଗ୍ରେସ ଶୋଭାଯାତ୍ରାକୁ ଅଟକାଇଥିଲା। ଫଳରେ ପୋଲିସ ଏବଂ ମହିଳା କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ କଂଗ୍ରେସର ଆଗ ଧାଡ଼ିର ନେତା ଏବଂ କେତେଜଣ କର୍ମୀଙ୍କୁ ପୋଲିସ ଭ୍ୟାନରେ ବସାଇ ସେଠାରୁ ଉଠାଇନେଇଥିଲା। ପରେ କିଛିବାଟ ଆଗରେ ପୋଲିସ ସେମାନଙ୍କୁ ଛାଡ଼ିଥିବା ଜଣାପଡିଛି। ମହିଳାଙ୍କ ପ୍ରତିବାଦର ସ୍ୱରକୁ ବନ୍ଦ କରିବାକୁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି। ନବୀନ ପଟ୍ଟନାୟକ ଭୟଭୀତ ହୋଇଗଲେଣି। ନବୀନ ସରକାର ମହିଳା ବିରୋଧୀ ବୋଲି ସମସ୍ତେ ଜାଣିସାରିଲେଣି। ଆସନ୍ତା ନିର୍ବାଚନରେ ମହିଳାମାନେ ଏହାର ଦୃଢ଼ ଜବାବ ଦେବେ ବୋଲି ଅଲକା କହିଛନ୍ତି।

ମହିଳା ଶୋଭାଯାତ୍ରା ପୂର୍ବରୁ କଂଗ୍ରେସ ଭବନଠାରେ ମହିଳା ନ୍ୟାୟ ସମାବେଶ ଆୟୋଜିତ ☞ପୃଷ୍ଠା-୧୧




# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୨/୨୦୨୪ | Bhubaneswar, Thursday, February 22/2024 | ପୃଷ୍ଠା-୧







# ନୂଆ ରୂପ ପାଇବ ବାରବାଟୀ ଷ୍ଟାଡିୟମ

**କଟକ, ୨୧ା୨(ଶିଳ୍ପା ପ୍ରିୟଦର୍ଶିନୀ)**

- **୩ ବର୍ଷରେ ନବୀକରଣ କାର୍ଯ୍ୟ ସରିବ**
- **୨୭ରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ**
- **ସମୀକ୍ଷା କଲେ ୫-ଟି ଅଧକ୍ଷ**

ଐତିହାସିକ କଟକ ବାରବାଟୀ ଷ୍ଟାଡିୟମର ନବକଳେବର ହେବ। ଷ୍ଟାଡିୟମର ନବୀକରଣ ପାଇଁ ଆସନ୍ତା ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଧବାର ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରି ପ୍ରକଳ୍ପର ସମୀକ୍ଷା କରିବା ସହ ଷ୍ଟାଡିୟମ ଗ୍ୟାଲେରି ପାଇଁ ପ୍ରସ୍ତୁତ ବ୍ଲୁ ପ୍ରିଣ୍ଟ ତର୍ଜମା କରିଛନ୍ତି। ଆସନ୍ତା ୫୦ ବର୍ଷର ମଜଭୁତ କ୍ରିକେଟ୍ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିସିସିଆଇ, ଓସିଏ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏହି ମେଗା ପ୍ରୋଜେକ୍ଟ କାର୍ଯ୍ୟ ଆରମ୍ଭ ହେବ। ନୂଆ ଗ୍ୟାଲେରି ନିର୍ମାଣ ହେବା ପରେ ଦର୍ଶକଙ୍କ ସିଟ୍ ସଂଖ୍ୟା ବଢ଼ିବ। ପୂର୍ବରୁ ଏହାର ସିଟ୍ ସଂଖ୍ୟା ୪୨,୦୦୦ ରହିଥିବାବେଳେ ଏବେ ଏହାକୁ ବୃଦ୍ଧି କରାଯାଇ ୬୦,୦୦୦ କରାଯିବ। ଏଥିସହ ଡ୍ରେସିଂ ରୁମ୍, ଜିମ୍, ସୁଇମିଂ ପୁଲ୍, ଇନ୍‌ଡୋର ଗେମ୍ ପାଇଁ ବ୍ୟବସ୍ଥା କରାଯିବ। ଷ୍ଟାଡିୟମ ବାହାରର ସୌନ୍ଦର୍ଯ୍ୟକରଣ ସହ ଅନ୍ୟାନ୍ୟ ଖେଳର ଭିତ୍ତିଭୂମିର ବିକାଶ କରାଯିବ। ବର୍ତ୍ତମାନ ଜମି ମାଲିକାନାକୁ ନେଇ ଯେଉଁ ବିବାଦ ରହିଛି ତାହାର ସମାଧାନ ପାଇଁ ଆଗାମୀ ଦିନରେ ଉଦ୍ୟମ କରାଯିବ। ଏନେଇ ଓସିଏ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇ କହିଛନ୍ତି, ବୁଧବାର ପାଣ୍ଡିଆନ ଷ୍ଟାଡିୟମ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଆସନ୍ତା ୫୦ବର୍ଷକୁ ☞ପୃଷ୍ଠା-୧୧



୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଧବାର ବାରବାଟୀ ଷ୍ଟାଡିୟମ ଗ୍ୟାଲେରି ପାଇଁ ପ୍ରସ୍ତୁତ ବ୍ଲୁ ପ୍ରିଣ୍ଟ ତର୍ଜମା କରୁଛନ୍ତି।

# ଜନଜାତିଙ୍କ ଉପରୁ ଛୋଟ ମକଦ୍ଦମା ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୧ା୨(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନଜାତି ଲୋକମାନଙ୍କ ଉପରେ ଥିବା ଛୋଟ ଛୋଟ ମକଦ୍ଦମାଗୁଡ଼ିକ ପ୍ରତ୍ୟାହାର କରିବା ପାଇଁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗୃହ ବିଭାଗ, ଅବକାରୀ ବିଭାଗ ଏବଂ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଜନଜାତି ବର୍ଗଙ୍କ ଉପରେ ଥିବା ମକଦ୍ଦମାଗୁଡ଼ିକର ସମୀକ୍ଷା କରିଥିଲେ। ମକଦ୍ଦମାଗୁଡ଼ିକର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ପରେ ଉପରୋକ୍ତ ୩ଟି ବିଭାଗର ସମୁଦାୟ

## ପ୍ରତ୍ୟାହାର ହେବ ୪୮,୦୧୮ ମାମଲା

୪୮,୦୧୮ଟି ଜଙ୍ଗଲ ଓ ଅବକାରୀ ସମ୍ପର୍କିତ ମାମଲା ପ୍ରତ୍ୟାହୃତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ମାମଲାଗୁଡ଼ିକ ମଧ୍ୟରେ ଅବକାରୀ ବିଭାଗ ଅଧୀନରେ ଥିବା ୩୬,୫୮୧ ମାମଲା, ଗୃହ ବିଭାଗ ଅଧୀନରେ ୯୮୪୬ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ ୧୫୯୧ ମାମଲାକୁ ପ୍ରତ୍ୟାହାର କରାଯାଇଛି। ଏହିସବୁ ମାମଲା ପ୍ରତ୍ୟାହୃତ ହେବା ଦ୍ୱାରା କୋର୍ଟ ଓ ନ୍ୟାୟିକ ବ୍ୟବସ୍ଥା ଉପରୁ ମଧ୍ୟ ଚାପ ହ୍ରାସ ପାଇବ ।

**ଆଜିର ସମ୍ପାଦକୀୟ** ଈଶ୍ୱର ଭାବନାରେ ଦ୍ୱନ୍ଦ୍ୱ




**ଆଜିର ମନ୍ତବ୍ୟ**
"ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଦଳିତ ଓ ଅନ୍ୟ ପଛୁଆ ବର୍ଗଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ନ କରିବା ରାମରାଜ୍ୟର ବିରୁଦ୍ଧାଚରଣ।
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୧୨ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ପାୱାରହାଉସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ପାୱାରହାଉସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା।
- ଆଗ୍ରୋ ଇଣ୍ଟରନ୍ୟାଶନାଲ ସମିଟ୍, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଷା ଆନ୍ଦୋଳନ, ଓଡ଼ିଶା ଓ ଉତ୍କଳ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ପୁସ୍ତକ 'ଭାଷା ଆଇନ' ଓ 'ବିଧାନସଭାରେ ଭାଷା ଆଇନ'ର ବିଷୟବସ୍ତୁକୁ ନେଇ ଆଲୋଚନାଚକ୍ର, ସ୍ଥାନ: ସଂଘ ସମ୍ମିଳନୀ କକ୍ଷ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଗୁରୁ ଦେବପ୍ରସାଦ ଦାଶ ଓଡ଼ିଶୀ ନୃତ୍ୟ ପରିବାର ପକ୍ଷରୁ ୩୦ତମ ନୃତ୍ୟ ଆସର, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍–୯, ସମୟ: ଅପରାହ୍ନ ୫ଟା।
- ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡ଼ା ସଂସଦର ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଯୋଗୋଡା ସତ୍ସଙ୍ଗ ଧ୍ୟାନ କେନ୍ଦ୍ର ପକ୍ଷରୁ ମୋନାଷ୍ଟିକ ଟୁର୍ ପ୍ରୋଗ୍ରାମ୍, ସ୍ଥାନ: ଟିଟିଡି କଲ୍ୟାଣମଣ୍ଡପମ୍, ଜୟଦେବ ବିହାର ଛକ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ବାରବାଟୀ–କଟକ ବିଧାୟକ ମହମ୍ମଦ ମୋକିମଙ୍କ ବକ୍ସଡ୍ରେନ କାର୍ଯ୍ୟ ତଦାରଖ, ସ୍ଥାନ: କଟକ ସୂତାହାଟ ଦୁର୍ଗାଘର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନେମାଳ, ସମୟ: ସକାଳ ୯ଟା।
- ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାର ଜନ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ନୂତନ ସଭା ଗୃହ ଆଠଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବାବା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଜେମାଦେଇପୁର ହାଇସ୍କୁଲ, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।
- ବିନୋଦବିହାରୀ ବାଲୁବଜାର ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନର ଉଦ୍‌ଯାପନ, ସ୍ଥାନ: କଟକ ବିନୋଦବିହାରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।
- ମା'ଗଜଲକ୍ଷ୍ମୀଙ୍କ ପୂଜା ମହୋତ୍ସବ ଓ ନାଟକ ପ୍ରତିଯୋଗିତା ଶୁଭାରମ୍ଭ, ସ୍ଥାନ: କନ୍ତପଡ଼ା ଲକ୍ଷ୍ମୀ ଛକ, ବଡ଼ମ୍ବା, ସମୟ: ରାତି ୧୦ଟା।

## ପୁରୀ
- ବ୍ରିଙ୍ଗ ୟୋର ଓନ ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ହୋଟେଲ ପିଙ୍କ୍ ହାଉସ୍, ସିଟି ରୋଡ୍, ପୁରୀ, ସମୟ: ଅପରାହ୍ନ ୫ଟା।
- ୧୬ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା
- ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ, ସ୍ଥାନ: ଛତ୍ରପଡ଼ା, ନୂଆସାହି, ବେଗୁନିଆ, ସମୟ: ସକାଳ ୭ଟା।
- ରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ବାଲୁଙ୍କେଶ୍ୱର ଦେବଙ୍କ ପ୍ରାଙ୍ଗଣ, ଗହିରଗାଡିଆ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହରି ହରି ନାମ ଯଜ୍ଞ, ସ୍ଥାନ: ରାଧାବଲ୍ଲଭ ଦେବଙ୍କ ପୀଠ, ବଡ଼ପଦର, ବେଗୁନିଆ ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଦୁଇଦିନିଆ ଜାତୀୟ ସମ୍ମିଳନୀ– 'ଜଳବାୟୁ ସଙ୍କଟ ଏବଂ ଜୈବ ବିବିଧତା – ସ୍ଥାୟୀ ବିକାଶ ଏବଂ ଜୀବିକା ପାଇଁ କ୍ଷତିକାରକ', ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ସ୍ନାତକ ପରିଷଦ ବୈଠକ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୭ଟା।
- ଅଭିରାମ ପରମହଂସ ଭକ୍ତ ସେବା ସଂଘର ୧୧ତମ ବାର୍ଷିକ ଉତ୍ସବ, ସ୍ଥାନ: ଅଭିରାମ ପରମହଂସ ଭକ୍ତ ଗୋଷ୍ଠୀ ଗୃହ, ଧାନହଣ୍ଡା, ବସ୍ତା, ସମୟ: ଅପରାହ୍ନ ୫ଟା।
- ଦୀନକୃଷ୍ଣ ପାଲା ପରିଷଦର ୩୮ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଅଭିରାମ ପରମହଂସ ଭକ୍ତ ଗୋଷ୍ଠୀ ଗୃହ, ଧାନହଣ୍ଡା, ବସ୍ତା, ସମୟ: ରାତି ୮ଟା।
- ଖଇରା ବ୍ଲକ ରପେୟା ଓ ବରଦା ପଞ୍ଚାୟତରେ ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- ଖଇରା ବ୍ଲକ ବର୍ତ୍ତନା ଆଦର୍ଶ ଶିକ୍ଷାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୧ଟା।

## ଭଦ୍ରକ
- ଜାଗର ଯାତ୍ରା ପ୍ରସ୍ତୁତି ସମୀକ୍ଷା, ସ୍ଥାନ: ଆରଡ଼ି, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ଯାମଯୋଡ଼ି ପଞ୍ଚାୟତ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ନରେନ୍ଦ୍ରପୁର ପଞ୍ଚାୟତ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ରାଜନଗର ପଞ୍ଚାୟତ, ତିହିଡ଼ି, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର
- କୁଶ ପଟ୍ଟନାୟକ ମେମୋରିଆଲ ଅଲ୍ ଓଡ଼ିଶା ଫୁଟବଲ୍ ପ୍ରତିଯୋଗିତା, ସ୍ଥାନ: ଆନନ୍ଦପୁର ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ ଟା।
- ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଚମ୍ପୁଆ ଏନ୍ଏସି, ସମୟ: ପୂର୍ବାହ୍ନ ୧୧ ଟା।
- ମହାବୀର ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କଇଁତା, ଚମ୍ପୁଆ, ସମୟ: ସକାଳ ୮ଟା।

## ମୟୂରଭଞ୍ଜ
- ବିଜୟ ସଙ୍କଳ୍ପ ସମାବେଶ, ସ୍ଥାନ: ବାରିପଦା ଛଉ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ଦ୍ୱାବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ, ସ୍ଥାନ: ସାରସକଣା ବ୍ଲକ ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠ, ସମୟ: ମଧ୍ୟାହ୍ନ ୧୨ଟା୩୦।

## ସମ୍ବଲପୁର
- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ହାଇସ୍କୁଲସ୍ତରୀୟ ଟୁର୍ନାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ, ସ୍ଥାନ: ପାଟଣାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବେଲପଡା ବ୍ଲକ ଚାଚେରବଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ଟା।
- ଆଗଲପୁର ବ୍ଲକ ପଟୁଆପାଲି ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଟୁଆପାଲି ଗ୍ରାମ ପଡିଆ, ସମୟ: ୯ଟା ୩୦।
- ଆଗଲପୁର ବ୍ଲକ ବକଟି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବକଟି ଖେଳପଡ଼ିଆ: ସମୟ: ଅପରାହ୍ନ ୨ଟା୩୦।

## ରାଉରକେଲା
- ସିନର୍ଜୀ କ୍ରିକେଟ ଚାମ୍ପିୟନଶିପ, ସ୍ଥାନ: ଇସ୍ପାତ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ପୀଠାଯୋଜନା କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ, ସ୍ଥାନ: ଉଦିତନଗର ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ, ସ୍ଥାନ: ଖଡଗ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସ୍କାଉଟ୍ସ ଗାଇଡ୍ସର ଚିନ୍ତନ ଦିବସ, ସ୍ଥାନ: ନୀଳମାଧବ ସ୍କୁଲ, ସେକ୍ଟର–୧, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଂଗ୍ରେସ କାର୍ଯ୍ୟାଳୟରେ ଜରୁରୀକାଳୀନ ବୈଠକ, ସ୍ଥାନ: ସେକ୍ଟର–୨୧, ସମୟ: ଅପରାହ୍ନ ୪ଟା ୪୫।
- ୟୁଜିଡବ୍ଲ୍ୟୁଟି ପକ୍ଷରୁ ବିଜୁ ଜୟନ୍ତୀ ନେଇ ବୈଠକ, ସ୍ଥାନ: ଆଇଡିଏଲ ସମାଜମଙ୍ଗଳ କେନ୍ଦ୍ର, ସମୟ: ଅପରାହ୍ନ ୫ଟା।
- ପୁରୁଷ ହକି ପ୍ରୋଲିଗ୍‌ର ଦୁଇଟି ମ୍ୟାଚ, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା ୩୦।

## ବରଗଡ଼
- ଜିଲାସ୍ତରୀୟ ଆଶା, ଜିକେଏସ୍ ସମ୍ମିଳନୀ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ନିଶମ କର୍ମଚାରୀଙ୍କ ଧାରଣା, ସ୍ଥାନ: ଅଗ୍ନିଶମ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ସଂଯୁକ୍ତ କୃଷକ ସଙ୍ଗଠନର ଖବରଦାତା ସମ୍ମିଳନୀ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା, ସ୍ଥାନ: ଲାଞ୍ଜିଗଡ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୭ଟା ୩୦।
- କ୍ଷୁଦ୍ରଶସ୍ୟ ଖାଦ୍ୟମେଳା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କୁର୍ଶୁଲା ବାନ୍ଧନପଡା, ସମୟ: ପୂର୍ବାହ୍ନ ୧୧ଟା।
- ଗଜବାହାଲ କପ୍ ଫୁଟ୍‌ବଲ ଫାଇନାଲ ମ୍ୟାଚ୍: ସ୍ଥାନ କର୍ଲାମୁଣ୍ଡା ବ୍ଲକ ଗଜବାହାଲ ହାଇସ୍କୁଲ ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ନାରୀ ଶିକ୍ଷାର ବୃଦ୍ଧି, ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ମାଟ୍ରିକ ପୂର୍ବରୁ ଛାତ୍ର ବୃତ୍ତି ଉପରେ କର୍ମଶାଳା, ସ୍ଥାନ: ଡିପିଏମୟୁ କନଫରେନ୍ସ ହଲ ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜୁନାଗଡ଼ ବ୍ଲକ ପୂର୍ବତନ ଜିପିଓ ରାଜେନ୍ଦ୍ର ଭୋଇ ଶତାଧିକ କର୍ମୀଙ୍କ ସହ ବିଜେଡିରେ ଯୋଗଦେବେ, ସ୍ଥାନ: ଧର୍ମଗଡ ବିଜୁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ହରଭଙ୍ଗା ବ୍ଲକରେ ସାମାଜିକ ସୁରକ୍ଷାର ଜନଶୁଣାଣି, ସ୍ଥାନ: ହରଭଙ୍ଗା ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଣ୍ଟାମାଳ ବ୍ଲକର କୁଲୁତାଯୋର ନେତାଜୀ କ୍ରିକେଟ କ୍ଲବର କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଖେଳପଡିଆ, ସମୟ: ଅପରାହ୍ନ ୧ଟା।
- କଣ୍ଟାମାଳ ବ୍ଲକ ଘଣ୍ଟାପଡା ପୋଡାପଦରସ୍ଥିତ ବାବା କଳକେଶ୍ୱର ମନ୍ଦିରର ମାଘ ମେଳା ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ମନ୍ଦିର ପରିସର ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବୌଦ୍ଧ ବ୍ଲକ ବାଉଁଶୁଣୀ କ୍ରିକେଟ ଲିଗ୍‌ର ସପ୍ତମ ଦିନ, ସ୍ଥାନ: ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ : ସକାଳ ୯ଟା।

## ଦେବଗଡ଼
- କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଉନ୍ନତମାନ ଫଳ, ପନିପରିବା ଉତ୍ପାଦନ ସମ୍ପର୍କୀତ କର୍ମଶାଳା, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ଚିନ୍ତନ ଦିବସ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ନାଗରିକ କମିଟିର ବୈଠକ, ସ୍ଥାନ: ସେଣ୍ଟର ଫର୍ କଲଚର, ଗୋପାଳଜୀ ମନ୍ଦିର ପଛ ପାର୍ଶ୍ୱ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର
- ସନ୍ଥ କବି ଭୀମଭୋଇଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠରେ ମାଘ ମେଳା ଉତ୍ସବ, ସ୍ଥାନ: ସୋନପୁର ବ୍ଲକର ଖଲିଆପାଲି ମେଳା ପଡିଆ, ସମୟ: ସନ୍ଧ୍ୟା ୭ଟା।
- ଡୁଙ୍ଗୁରିପାଲି ବ୍ଲକର ରାମପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାମପୁର ପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୧ଟା।।
- ଶ୍ରୀମଦ ଭାଗବତ ସପ୍ତାହ ପାରାୟଣର ଷଷ୍ଠ ଦିବସ,ସ୍ଥାନ: ବୀରମହାରାଜପୁର ବ୍ଲକ ଭୂତିଆପାଲି ,ସମୟ: ପୂର୍ବାହ୍ନ ୧୦ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ବୀରମହାରାଜପୁର ବ୍ଲକ ଘିଚାପାଲି ଗ୍ରାମ, ସମୟ: ସକାଳ ୮ ଟା।

## ନୂଆପଡ଼ା
- ୨୯ଟି ରୁଟରେ ଲକ୍ଷ୍ମୀ ବସ୍ ଚଳାଚଳ କରିବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟରୁ ଜିଲା ମୁଖ୍ୟାଳୟ, ସମୟ: ସକାଳ ୫ଟା।

## କେନ୍ଦ୍ରାପଡ଼ା
- ଦିବ୍ୟ ଜୀବନ ସଂଘ ପକ୍ଷରୁ ଶ୍ରୀବିଷ୍ଣୁ ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ମା' ବନ୍ଧମଙ୍ଗଳା ଜନ୍ମୋତ୍ସବ, ସ୍ଥାନ: ରାମନଗରପାଟଣା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଶ୍ରୀ ଦତ୍ତାତ୍ରେୟ ସାଇ ଆଶ୍ରମର ପ୍ରତିଷ୍ଠା ଦିବସ ଓ ଅତିରୁଦ୍ର ମହାଯଜ୍ଞ, ସ୍ଥାନ: ଢେଙ୍କାନାଳ କୃଷ୍ଣକୁମାରପୁର ସମୟ: ସକାଳ ୬ଟା।
- ବିଶ୍ୱ ପ୍ରସିଦ୍ଧ ମାଘମେଳା ଓ ଝାଡ଼ଦୀପ ପ୍ରଜ୍ୱଳନ, ସ୍ଥାନ: ମହିମାଗାଦି ଯୋରନ୍ଦା, ସମୟ: ସନ୍ଧ୍ୟା ୫ଟା ୫ ।

## ଅନୁଗୋଳ
- ଅନନ୍ତ ନାରାୟଣଙ୍କ ନବରାତ୍ର ମହାଯଜ୍ଞ, ସ୍ଥାନ: ମନ୍ଦରଗିରି, ସମୟ: ସକାଳ ୮ଟା।
- ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିର୍ବାଚନ ଜନିତ ପ୍ରଶିକ୍ଷଣ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ଫଟାକାଞ୍ଜିଆ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଅନୁଗୋଳ ଗୋଡ଼ିସାହି, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: କଣିହାଁ ବ୍ଲକ ଟାକୁଆ ଗ୍ରାମ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ଭାଜପାର ବିଜୟ ସଂକଳ୍ପ ସମାବେଶ, ସ୍ଥାନ: ଆମ୍ଭପୁଆ ବିବେକବିହାର ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା ।
- ଇସ୍କନ ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର କଳିଙ୍ଗପେଣ୍ଠ, ସମୟ: ସନ୍ଧ୍ୟା ୭ ଟା।
- କଇଣ୍ଡି ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଭଞ୍ଜନଗର ବ୍ଲକ ମଳାସପଦର ଶିଳ୍ପାଞ୍ଚଳ ପଡିଆ, ସମୟ: ସକାଳ ୯ଟା।
- ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗୁଣ୍ଡିରିବାଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- କଲ୍ୟାଣମଣ୍ଡପ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବ୍ଲକ ଗାଲେରୀ, ସମୟ: ଅପରାହ୍ନ ୫ ଟା।
- ସରସ୍ୱତୀ ଶିଶୁ ବିଦ୍ୟାଭବନର ବାର୍ଷିକୋତ୍ସବ, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ବିଡ଼ିପୁର, ସମୟ: ଅପରାହ୍ନ ୩ଟା।
- ୫–ଟି ସଚିବଙ୍କ ବେଲଗୁଣ୍ଠା ଗସ୍ତ, ସ୍ଥାନ: ବ୍ଲକ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ ଟା।
- ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ସମାରୋହ ଉଦ୍‌ଯାପନ, ସ୍ଥାନ: ପଦରାଇସୁଣୀ, ସୋରଡ଼ା, ସମୟ: ଅପରାହ୍ନ ୪ଟା।
- ରାଜାସାହେବ ଡ. ଦେବଦତ୍ତ ସିଂହଦେଓଙ୍କ କଣ୍ଢୁଣି ଦେବୀ ମନ୍ଦିର ଦର୍ଶନ, ସ୍ଥାନ: ପାଡରାଇଶୁଣି, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ, ସୋରଡା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡା ଏନ୍ଏସି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପନ ଉତ୍ସବ, ସ୍ଥାନ: ବୁଗୁଡା ତଳ ଓଡ଼ିଆ ସାହି, ସମୟ:ସନ୍ଧ୍ୟା ୭ଟା।

## କନ୍ଧମାଳ
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କ.ନୂଆଗାଁ ବ୍ଲକ ସିର୍ତିଗୁଡ଼ା, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ଡାହାଣୀ ସନ୍ଦେହରେ ମହିଳାଙ୍କ ପ୍ରତି ହେଉଥିବା ଅପରାଧ ନିରାକରଣ ସମ୍ପର୍କିତ କର୍ମଶାଳା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ୧୧ଟା।
- ମାତୃ ସମ୍ମିଳନୀ, ସ୍ଥାନ: ପାରାଦୀପ ବାଲିଝରା ଗଣପତି ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ମହିମା ମେଳା, ସ୍ଥାନ: ଶାଳିଜଙ୍ଗା ମହିମା ଆଶ୍ରମ, ନାଉଗାଁ,ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଶ୍ରୀହରି ଗୋସାଇଁଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରସୁଲପୁର ବ୍ଲକର ମଧୁବନ ପାଞ୍ଚଗୋଛିଆ ଗ୍ରାମଦେବୀଙ୍କ ପୀଠ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର, ସ୍ଥାନ: ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ହନୁମାନ ଜୀଉଙ୍କ ପ୍ରଥମ ବାର୍ଷିକ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଚଣା ବ୍ଲକ୍ ନେଳିଆ ପଞ୍ଚାୟତର ପଦ୍ମଲାଭପୁର ଗ୍ରାମ, ସମୟ: ସକାଳ ୬ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ବ୍ଲକ୍ ମହେଶ୍ୱରପୁର ପଞ୍ଚାୟତର କବିରପୁର ଦଶହରା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକର ନୂଆଗାଁସ୍ଥିତ ପଳାଶବୁଡ଼ି ପୀଠ, ସମୟ: ସକାଳ ୬ଟା।
- ଶ୍ରୀଶ୍ରୀ ନୃସିଂହ ମହାପ୍ରଭୁଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ପ୍ରବଚନ, ସ୍ଥାନ: ଧର୍ମଶାଳା ବ୍ଲକର ବଡ଼ଚଣବାରୀ, ସମୟ: ସନ୍ଧ୍ୟା ୬ଟା।
- ଯାଜପୁର ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ନୟାଗଡ଼ ଜିଲା ଲାଇବ୍ରେରୀର ଉଦ୍‌ଘାଟନ, ସ୍ଥାନ:ନୟାଗଡ, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଅଧିବାସ, କଳସ ଯାତ୍ରା, ସ୍ଥାନ: ନୂଆଗାଁ ବ୍ଲକର ମା' ବଡରାଉଳୀଙ୍କ ପୀଠ ଗୁଡୁପାଙ୍ଗୀ, ସମୟ: ସକାଳ ୮ଟା।
- ପଠାଣି ସାମନ୍ତ କପ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ୪ର୍ଥ ଲିଗ ମ୍ୟାଚ, ସ୍ଥାନ: ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ଭାନୁମତି ଦେବୀଙ୍କର ପ୍ରଥମ ବାର୍ଷିକୀ ଉତ୍ସବର ଅନ୍ତିମ ଦିବସରେ ପୂର୍ଣ୍ଣାହୁତି, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଘଣାଶାଳିଆର ହଟିଆପଲ୍ଲୀ, ସମୟ: ସକାଳ ୭ଟା ୩୦ମିନିଟ୍।
- ବିଶ୍ୱଶାନ୍ତି ମହାଯଜ୍ଞରେ ୩ୟ ଦିବସ, ସ୍ଥାନ: ନୂଆଗାଁ ବ୍ଲକର କୋରଡାଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ସୁରକ୍ଷା ବ୍ଲକସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଗଣିଆ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଗୁଡାରି ବ୍ଲକ୍ ପେଣ୍ଡିଲି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- କଂଗ୍ରେସ ବୈଠକରେ କୋରାପୁଟ ଏମ୍‌ପିଙ୍କ ଯୋଗଦାନ, ସ୍ଥାନ: ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନବରଙ୍ଗପୁର ଗସ୍ତ, ସ୍ଥାନ: ନବରଙ୍ଗପୁର ସର୍କିଟ ହାଉସ ନିକଟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଆଦିବାସୀଙ୍କ ପାରମ୍ପରିକ ମାଘ ମଣ୍ଡେଇ ଯାତ୍ରା, ସ୍ଥାନ: ଡାବୁଗାଁ ଭୈରବ ମନ୍ଦିର ପ୍ରାଙ୍ଗଣ , ସମୟ: ଅପରାହ୍ନ ୨ଟା।
- ବ୍ଲକସ୍ତରୀୟ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଯୁବ ଚିତ୍ରଶିଳ୍ପୀ ଶିବିର, ସ୍ଥାନ: ଦେଓମାଳି, ସମୟ: ପୂର୍ବାହ୍ନ ୧୦ଟା।
- ଖରିଫ ୨୦୨୪ ନେଇ ଜିଲାସ୍ତରୀୟ ବୈଷୟିକ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ହସ୍ତତନ୍ତ ଓ ବୟନ ଶିଳ୍ପ ସମ୍ପର୍କିତ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ମାଲକାନଗିରି
- ବଣ୍ଡାଘାଟିରେ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା ସଭା। ସ୍ଥାନ: ମୁଦୁଲିପଡା, ସମୟ: ପୂର୍ବାହ୍ନ ୧୧ଟା ।
- କୃଷି ବିଜ୍ଞାନ କେନ୍ଦ୍ରର କୃଷକ ତାଲିମ ଉଦ୍‌ଯାପନୀ । ସ୍ଥାନ–ମାଲକାନଗିରି କୃଷି ବିଜ୍ଞାନକେନ୍ଦ୍ର, ସମୟ– ପୂର୍ବାହ୍ନ ୧୧ଟା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଲୁଗା ପିନ୍ଧି ଯାତକୁ ଯାଏ;
ପଚାରିଲେ ମୁଣ୍ଡ ଟୁଙ୍ଗାରୁ ଥାଏ।**
ଅନ୍ୟ ଲୋକର ପ୍ରଦତ୍ତ ପରିଧାନ ପିନ୍ଧିଥିବା ଲୋକ ନିଜର ବୋଲି କହିବାର କିଛି ଜୋର ନ ଥାଏ। ଏପରି ଦାନ ସୂତ୍ରରେ ମିଳିଥିବା ପରିଧାନରେ ଆବୃତ ହୋଇଥିବା ଲୋକର ମନୋଭାବକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପରକୁ କାହିଁକି ନିନ୍ଦୁ ?
ଘର ପୁଅ ପରଦେଶୀୟା ବନ୍ଧୁ;
କେତେ ବାହୁନେଇ କାନ୍ଦୁ ?**
କେତେକ ସନ୍ତାନ ରୋଜଗାରକ୍ଷମ ହେବା ପରେ ନିଜ କର୍ମ ଜଞ୍ଜାଳରେ ବୁଡ଼ିରହି ଘର ପରିବାରଠାରୁ ଦୂରେଇ ଯାଇଥାନ୍ତି। ମୁଣ୍ଡକୁ ହାତ ପାଇଗଲା ପରେ ଘରକୁ ପର କରିଦେଇ ନିଜ ସୁଖ ସୁବିଧା ପ୍ରତି ଅଧିକ ଯତ୍ନଶୀଳ ହୋଇଥାନ୍ତି। ଏପରିସ୍ଥଳେ ନିଜ ପୁଅ ଯଦି ନିଜର ନ ହେଲା, ନିଜର ଦୁଃଖ ବୁଝି ନ ପାରିଲା ସେତେବେଳେ ଅନ୍ୟ ଉପରେ ଦୋଷ ଦେବା ନିରର୍ଥକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
କର୍ମକ୍ଷେତ୍ରର ସମସ୍ୟାକୁ ନେଇ ଭାବପ୍ରବଣତା ବଢ଼ିଯିବା କାରଣରୁ ମନରେ ଅସ୍ଥିରତା ସୃଷ୍ଟି ହେବ। ସଭାସମିତି, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିପାରେ। ଶିଳ୍ପ, ବ୍ୟବସାୟ, କ୍ରୀଡ଼ା, କଳା, ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିଷ୍ଠା ଓ ସମ୍ମାନ୍ ପାଇ ଖୁସି ହେବେ।

**ବୃଷ**
ପରିବାର ସଦସ୍ୟଙ୍କ ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଉପରେ ନିର୍ଭରକରି କୌଣସି କାମ ହୋଇପାରିବ ନାହିଁ। ଦୀର୍ଘମିଆଦୀ ଯୋଜନା ସକାଶେ ପୁଞ୍ଜି ଲଗାଣ ନିମନ୍ତେ ଅର୍ଥ ଆବଶ୍ୟକ ହୋଇପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମିଥୁନ**
ପୁରୁଣା ରୋଗପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି। ମୂଲ୍ୟବାନ୍ ଜିନିଷ, ଘରୋଇ ଉପକରଣ, ନୂତନ ପୋଷାକ ପରିଚ୍ଛଦ ଆଜି କିଣିବା ସକାଶେ ମନ ବଳାଇବେ। ବନ୍ଧୁଙ୍କ ସହଯୋଗରେ ଆରକ୍ଷୀ ସମ୍ବନ୍ଧିତ ସମସ୍ୟାର ସମାଧାନ ଆଶା କରାଯାଇପାରେ। ବିଭିନ୍ନ ସମସ୍ୟା ଭିତର ଦେଇ ଚାଲୁଥିବା କାରଣରୁ ମାନସିକସ୍ତରରେ ଶାନ୍ତି ରହିବନି।

**କର୍କଟ**
ବିବାଦୀୟ ଘଟଣାର କାରଣ ନ ବୁଝି ନିଜ ପରିବାରର ଲୋକମାନେ କ୍ରୋଧ ପ୍ରକାଶ କରିପାରନ୍ତି। ବ୍ୟବସାୟିକ ସ୍ଥିତି, ପରିବହନ, ଶେୟାର ବଜାର, ନିର୍ମାଣ, ଜମିଜମା ପ୍ରଭୃତିରୁ ସୁଫଳ ପାଇବେ। ଫେରିବା ବାଟରେ ଯାନ ବାହନରେ ତ୍ରୁଟି ହେତୁ ହଇରାଣ ହୋଇପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ଓ ସଭାସମିତିରେ ସମସ୍ୟା ସମାଧାନ ହୋଇଯିବ।

**ସିଂହ**
ହାତକୁ ନେଇଥିବା କାମଗୁଡ଼ିକ ସମସ୍ୟାବହୁଳ ହୋଇପଡୁଥିବାରୁ ସେହି କଥା ଚିନ୍ତାକରି ଆଜି ମନରୁ ସରସତା ଉଭେଇଯିବ। ପାଇବାର ହକ୍ ରହିଥିଲେ ସୁଦ୍ଧା ଅନ୍ୟମାନଙ୍କ ଅବହେଳାରୁ ତାହା ନ ପାଇ ବ୍ୟସ୍ତତା ପ୍ରକାଶ କରିବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରି ସଫଳ ହେବେ।

**କନ୍ୟା**
ପରିସ୍ଥିତିକୁ ସୁଧାରିନେବେ କିନ୍ତୁ ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ହେବେ। ଆଲୋଚନା ପରିସରରେ ସଫଳତା ମିଳିବା କଷ୍ଟକର। ଆର୍ଥିକ ଦିଗରୁ ସେପରି କିଛି ଅସୁବିଧା ନ ହେଲେ ମଧ୍ୟ ଖର୍ଚ୍ଚ ବୃଦ୍ଧି ପାଇବ। ହୋଟେଲ, ଛୋଟ ଦୋକାନ, ଢାବା, ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

**ତୁଳା**
କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଆଜିର ସାୟଂକାଳୀନ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସନୀୟ କାମ କରି ବୁଦ୍ଧିଜୀବୀଙ୍କ ଦୃଷ୍ଟି ଆକର୍ଷଣ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପରିବହନରେ ସଫଳତା ମିଳିବ।

**ବିଛା**
ଅକସ୍ମାତ୍ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ପଡ଼ୋଶୀଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟ, ପରିବହନ, ସଭାସମିତି, ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାଜନକ ଫଳ ମିଳିବ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସମସ୍ୟାର ସମ୍ମୁଖୀନ ହେବେ।

**ଧନୁ**
ଆଜି କୌଣସି କଥାକୁ ନ ବୁଝି ନ ଶୁଝି ପରିବାର ସଦସ୍ୟଙ୍କ ଉପରେ ବିରକ୍ତ ହୁଅନ୍ତୁ ନାହିଁ। ବୁଝାମଣା ଅଭାବରୁ କିଛି ଭୁଲ୍ ନ କରି ମଧ୍ୟ ଦୋଷୀଭଳି ନୀରବ ରହିବାକୁ ବାଧ୍ୟହେବେ। କେତେକ ନୂତନ କାମର ଯୋଜନା ଓ ପରିକଳ୍ପନା କରି କାମକୁ ବଢ଼ାଇ ନେଇ ପାରନ୍ତି। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

**ମକର**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପରିବାରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ସାମାଜିକ ସ୍ତରରେ ଛୋଟକଥାକୁ ବଡ଼ ଆକାରରେ ଚିନ୍ତାକରି ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ଜଣେ ବନ୍ଧୁଙ୍କ କ୍ରୂର ବ୍ୟବହାରକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ**
ବନ୍ଧୁଙ୍କ ଉପରେ ବୃଥା ସନ୍ଦେହକରି ସୁବିଧା ସୁଯୋଗକୁ ହରାଇବେ। ପାରିବାରିକ ଶାନ୍ତି ଓ ସୁସ୍ଥତା ସାମାନ୍ୟ ବ୍ୟତିକ୍ରମ ଭିତର ଦେଇ ରହିବ। କଚେରି ମାମଲା, କିମ୍ବା ଜମିଜମା ସମସ୍ୟା ଜଟିଳ ହେଲେ ମଧ୍ୟ ସମାଧାନ ହେବାରେ ବିଶେଷ ଡେରି ହେବନାହିଁ। ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ ଅର୍ଥ ଓ ସମ୍ମାନର ଅଭାବ ରହିବ ନାହିଁ।

**ମୀନ**
ଆଜିର ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ସମ୍ମାନ୍‌ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପାରସ୍ପରିକ ଯୁକ୍ତିତର୍କ ମଧ୍ୟରେ ଘର ଭିତରେ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। ଋଣ ପରିଶୋଧ କରିବା ସକାଶେ ପ୍ରବଳ ଚାପର ସମ୍ମୁଖୀନ ହୋଇପାରନ୍ତି। ପାରିପାର୍ଶ୍ୱିକ ସମସ୍ୟା ସୁଧାରିବାରେ କେତେକାଂଶରେ ସଫଳତା ହାସଲ କରିବେ।

ଆଜି ଫେବୃଆରୀ ୨୨ ତାରିଖ, ମାଘ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ, ଗୁରୁବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଯୋରନ୍ଦା ମହିମା ଗାଦିରେ ମେଳା, ମୌଲାନା ଆବୁଲ୍ କଲାମ୍ ଆଜାଦ୍‌ଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର–ପୁଷ୍ୟା/କର୍କଟ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬।୧୫ମି. ଗତେ ଘ.୦୭।୪୭ମି. ମଧ୍ୟେ, ଘ.୧୦।୫୧ମି. ଗତେ ଘ.୦୧।୦୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୧।୨୬ମି. ଗତେ ଘ.୦୨।୫୨ମି. ମଧ୍ୟେ ରାହୁକାଳ।





## ଦିବ୍ୟାଙ୍ଗ ଅଭିନୟରେ ଭିକ୍ଷା ମାଗି ୪ ଗିରଫ




# ଏବର୍ଷ ଅଧିକ ଗରମ

- ହିଟ୍ ୱେଭ୍ ନେଇ ସତର୍କ କଲେ ଏସ୍‌ଆର୍‌ସି
- ଦ୍ୱିତୀୟ ଦିନରେ ବି ଭୁବନେଶ୍ୱର ଉତ୍ତପ୍ତ ସହର

ଭୁବନେଶ୍ୱର, ୨୧।୨(ଅସମାପିକା ସାହୁ)

ମାଘରେ ମୁଣ୍ଡଫଟା ଖରା । ଉପାନ୍ତଠାରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ପାରଦ ଉପରମୁହାଁ। ସକାଳ ୧୦ଟା ପରେ ଘରୁ ବାହାରିବାକୁ ବି ଡର। ପ୍ରବଳ ଖରାରେ ସାରା ରାଜ୍ୟର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ଏବର୍ଷ ଅସ୍ୱାଭାବିକ ଜଳବାୟୁ ସହ ତାପମାତ୍ରା ଅଧିକ ରହିବ ବୋଲି ଆଶଙ୍କା କରାଯାଉଛି। ସେପଟେ ଗୁରୁବାର ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ଦିନରେ ଉଷ୍ମ ଏବଂ ଆର୍ଦ୍ର ପାଣିପାଗ ସ୍ଥିତି ଲାଗି ରହିବା ସମ୍ଭାବନା ଥିବାନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅପରପକ୍ଷରେ ରାଜ୍ୟରେ ହିଟ୍ ୱେଭ୍‌ର ମୁକାବିଲା ପାଇଁ ଆଗୁଆ ସତର୍କ ଓ ସଜାଗ ରହିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ସମସ୍ତ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହଜନିତ ବିପଦ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ଉକ୍ତ ବିପଦରୁ ମଣିଷ ଓ ପଶୁପକ୍ଷୀଙ୍କୁ ରକ୍ଷା କରିବା ପାଇଁ କ'ଣ କରାଯିବ ସେ ନେଇ ସଚେତନତା ଅଭିଯାନ ଆରମ୍ଭ କରାଯିବ। ଗ୍ରୀଷ୍ମ ପ୍ରବାହ ସମୟରେ ରାଜ୍ୟ ଓ ଜିଲାସ୍ତରରେ ଥିବା କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟିଆ କାର୍ଯ୍ୟ କରିବ। କାର୍ଯ୍ୟସ୍ଥଳ କିମ୍ବା ଅନ୍ୟ ଅଞ୍ଚଳରେ କୌଣସି ବ୍ୟକ୍ତିଙ୍କ ଅଂଶୁଘାତଜନିତ ମୃତ୍ୟୁ ଘଟିଲେ ୪୮ ଘଣ୍ଟା ମଧ୍ୟରେ ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟରେ ରିପୋର୍ଟ ପହଞ୍ଚିବା ଦରକାର ବୋଲି କୁହାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରାଜଧାନୀ ଭୁବନେଶ୍ୱର ଦ୍ୱିତୀୟ ଦିନ ପାଇଁ ଅର୍ଥାତ୍ ବୁଧବାର ରାଜ୍ୟର ଉତ୍ତପ୍ତ ସହର ରହିଥିଲା। ମଙ୍ଗଳବାର ଭୁବନେଶ୍ୱରରେ ପାରଦ ୩୭ ଡିଗ୍ରୀ ଛୁଇଁଥିବାବେଳେ ବୁଧବାର ତାପମାତ୍ରା ୩୬.୪ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ରାଜ୍ୟର ୧୫ଟି ସହରରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିଲାବେଳେ ଅନ୍ୟ ସହର ମଧ୍ୟରେ ଟିଟିଲାଗଡ଼ ୩୬, ଭବାନୀପାଟଣା ୩୬, ଚାନ୍ଦବାଲି ୩୫.୮, ଭଦ୍ରକ ୩୫.୮, ଝାରସୁଗୁଡ଼ା ୩୫.୬, ସୋନପୁର ୩୫.୫, ବୌଦ୍ଧ ୩୫.୫, ନୟାଗଡ଼ ୩୫.୪, ବଲାଙ୍ଗୀର ୩୫.୪, ଢେଙ୍କାନାଳ ୩୫.୨, କଟକ, ଅନୁଗୋଳ, ମାଲକାନଗିରି ଏବଂ ତାଳଚେରରେ ୩୫ ଡିଗ୍ରୀ ତାପମାତ୍ରା ରହିଥିଲା।

ସେପଟେ ଗୁରୁବାର ପଶ୍ଚିମାଝଡ଼ ପ୍ରଭାବରେ ଉତ୍ତର ଓଡ଼ିଶା ଏବଂ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ସହିତ ଘଡ଼ଘଡ଼ି ମଧ୍ୟ ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ୨୬ ତାରିଖରୁ ରାଜ୍ୟରେ ଅଧିକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ୨୬ରେ ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ସୋନପୁର ଏବଂ ଦେବଗଡ଼ ଜିଲାର କିଛି ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଥିବା ସୂଚନା ଦିଆଯାଇଛି।

## ଅଂଶୁଘାତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୧।୨ (ଅସମାପିକା ସାହୁ)

ରାଜ୍ୟରେ ବଢୁଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ବିଶେଷକରି ଅଂଶୁଘାତ ପାଇଁ ପ୍ରସ୍ତୁତ ରହିବାକୁ ପ୍ରତି ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁ ଏବର୍ଷ ମାଘ ମାସରେ ଶୀତ ବଦଳରେ ତାପମାତ୍ରା ବଢ଼ି ଚାଲିଛି। ଯଦିଓ ବର୍ତ୍ତମାନ ସୁଦ୍ଧା ଖରାଜନିତ ସମସ୍ୟାର ଆଶଙ୍କା ଦେଖାଦେଇନି, ତଥାପି ଆମକୁ ଆଗୁଆ ସଚେତନ ଓ ପ୍ରସ୍ତୁତ ରହିବାକୁ ପଡ଼ିବ। ଅଂଶୁଘାତ ପାଇଁ ପ୍ରତି ଜିଲାକୁ ଷ୍ଟାଣ୍ଡାର୍ଡ ଆଡ୍‌ଭାଇଜରି ବା ଏସ୍‌ଓପି ଜାରି ହୋଇଛି। ଆଗକୁ ଅଂଶୁଘାତ ଭଳି ସ୍ଥିତି ଆସିଲେ ପ୍ରତି ଜିଲାକୁ ପୁଣିଥରେ ରିମାଇଣ୍ଡର ଦିଆଯିବ ବୋଲି ସେ କହିଛନ୍ତି। ଜାରି ହୋଇଥିବା ଏସ୍‌ଓପିରେ ଲୋକଙ୍କୁ ସତର୍କ କରାଇବା ସହ ମେଡିକାଲ ପ୍ରସ୍ତୁତ ରଖିବା, ଆବଶ୍ୟକ ଔଷଧ ମହଜୁଦ ରଖିବା, ପ୍ରତି ହସ୍ପିଟାଲରେ ଅଂଶୁଘାତ ଲାଗି ଡେଡିକେଟେଡ୍ ବେଡ୍ ରଖାଯିବାକୁ ନିର୍ଦ୍ଦେଶ ରହିଛି। ଅଂଶୁଘାତ ସମ୍ପର୍କିତ ତଥ୍ୟ ପ୍ରଦାନ ପାଇଁ ମଧ୍ୟ କୁହାଯାଇଛି। ଅନ୍ୟପକ୍ଷରେ ବରିଷ୍ଠ ନାଗରିକ, ମଦ୍ୟପାନ କରୁଥିବା ବ୍ୟକ୍ତି ଓ ବହୁବିଧ ରୋଗୀଙ୍କୁ ଅଂଶୁଘାତ ଆଶଙ୍କା ଅଧିକ ରହିଛି। ତେଣୁ ସେମାନେ ଅଧିକ ସତର୍କ ରହିବା ଆବଶ୍ୟକ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

## ଆଜି କ୍ୟାବିନେଟ

ଭୁବନେଶ୍ୱର,୨୧।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଗୁରୁବାର ସନ୍ଧ୍ୟା ୬ଟା ୩୦ ମିନିଟରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ଉଚ୍ଚଶିକ୍ଷା, ନଗର ଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ମିଶନ ଶକ୍ତି, ଶିଳ୍ପ , ସାଧାରଣ ପ୍ରଶାସନ ଆଦି ବିଭାଗର ପ୍ରାୟ ୧୬ଟି ପ୍ରସ୍ତାବ ଉପରେ ମୋହର ଲାଗିବା ସମ୍ଭାବନା ରହିଛି। ତେବେ କ୍ୟାବିନେଟକୁ ଆସିବାକୁ ଥିବା ଏଜେଣ୍ଡାଗୁଡ଼ିକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି। ଆଗକୁ ନିର୍ବାଚନ ଥିବାରୁ ରାଜ୍ୟ ସରକାର କିଛି ନୂଆ ଯୋଜନା ଘୋଷଣା କରିବା ସମ୍ଭାବନା ରହିଛି। ଏଥିସହିତ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀଙ୍କ ପାଇଁ କ୍ୟାଡର ପୁନର୍ଗଠନ ଉପରେ ମଧ୍ୟ ନିଷ୍ପତ୍ତି ହୋଇପାରେ।

## ପୋଖରୀରେ ବୁଡ଼ି ଭଉଣୀଭାଇ ମୃତ

ବୋରିଗୁମ୍ମା,୨୧।୨ (ବିଜୟ ସାହୁ )

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ଅଞ୍ଚଳା ପଞ୍ଚାୟତର ବିରାହାଣ୍ଡି ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ପୋଖରୀରେ ବୁଡିଯିବାରୁ ଭଉଣୀଭାଇଙ୍କ ମୃତ୍ୟୁ ହୋଇଛି। ଖବରରୁ ଜଣାପଡିଛି, ବିରାହାଣ୍ଡି ଗ୍ରାମର ସଦନ ଅମାନତ୍ୟଙ୍କ ପୁଅ ରାମକୃଷ୍ଣ (୫) ଓ ଯୋଗେଶ ଅମାନତ୍ୟଙ୍କ ଝିଅ ନବିନା (୫) ଦୁହେଁ ଘର ପାଖରେ ଥିବା ପୋଖରୀ ନିକଟକୁ ଖେଳିବାକୁ ଯାଇଥିଲେ। ଖେଳୁଥିବା ବେଳେ ଉଭୟଙ୍କ ଗୋଡ ଖସିଯିବାରୁ ପୋଖରୀ ପାଣି ଭିତରକୁ ଖସିପଡିଥିଲେ। ଫଳରେ ଦୁଇ ଭଉଣୀଭାଇ ପାଣିରେ ବୁଡି ଯାଇଥିଲେ। ଖବର ପାଇ ପରିବାର ଲୋକେ ପୋଖରୀ ନିକଟରେ ପହଞ୍ଚିବା ବେଳକୁ ଉଭୟଙ୍କ ମୃତ୍ୟୁ ହୋଇସାରିଥିଲା। ଏନେଇ ଥାନାରେ ଲିଖିତ ଭାବେ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଯୁଗଳ କିଶୋର ସା କହିଛନ୍ତି। ସୂଚନାଯୋଗ୍ୟ, ସଦନ ଓ ଯୋଗେଶ ୨ ଭାଇ ବୋଲି ଜଣାପଡିଛି।





JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. TAMANDO: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

SKY AUTOMOBILES
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.

NARAYANI MOTORS
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/ 48. PURI HIGHWAY PIPLI: 9583022013. TIRTOL: 7381000159.

ODYSSEY MOTORS
ANGUL: 7752076136, 9776901481, PALLAHARA: 7873565435, 9437831123.

TUSHI MOTORS
CUTTACK: 9078076450. PANIKOILI: 9078076450. ATHAGARH: 9078076450.

*Offer includes consumer offer, exchange bonus and institutional or rural offer. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. The price given in the ad is based on Bhubaneswar prices and are subject to vary based on the dealer city. Above offers are valid till 29TH February 2024.

ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ - ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ। ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ। ଏହି ଉନ୍ନତି କେବେବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ। -ଶ୍ରୀମା

-ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ ଓ ଶିବଚତୁର୍ଦ୍ଦଶୀ ଉପବାସ



# ଈଶ୍ୱର ଭାବନାରେ ଦ୍ୱନ୍ଦ୍ୱ



ଦେବଦତ୍ତ ପଟ୍ଟନାୟକ

ଆଜିକାଲି ଲୋକମାନେ ଈଶ୍ୱର ଶବ୍ଦ ବେଶି ବ୍ୟବହାର କରୁଛନ୍ତି। ଯେତେବେଳେ ସେମାନେ ଈଶ୍ୱର ଶବ୍ଦ ବ୍ୟବହାର କରନ୍ତି ସେତେବେଳେ ଏହାକୁ ବଡ଼ ଅକ୍ଷରରେ ଲେଖନ୍ତି। ସେମାନେ ବାସ୍ତବରେ ଈଶ୍ୱର ସମ୍ପର୍କିତ ଯେଉଁ ଧାରଣା ବା ଭାବନା ସୂଚାଉଛନ୍ତି ତାହା ମଧ୍ୟପ୍ରାଚ୍ୟ ଏବଂ ଇହୁଦୀ, ଖ୍ରୀଷ୍ଟିଆନ ଓ ଇସ୍‌ଲାମ ସମ୍ପ୍ରଦାୟଗୁଡ଼ିକ ମଧ୍ୟରେ ସୃଷ୍ଟି ହୋଇଥିଲା। ଈଶ୍ୱରଙ୍କ ସମ୍ପର୍କିତ ଏହି ଭାବନା ବିଗତ ୧ ହଜାର ବର୍ଷ ମଧ୍ୟରେ ବିଶେଷକରି ବିଭିନ୍ନ ଉପନିବେଶିକ ଏବଂ ରାଜତନ୍ତ୍ର ଶକ୍ତି ମାଧ୍ୟମରେ ସାରା ବିଶ୍ୱରେ ବ୍ୟାପିଛି, ଯାହାକୁ ବର୍ତ୍ତମାନ ସମ୍ଭବତଃ ଏକ ବିଶ୍ୱସ୍ତରୀୟ ବିଷୟ ବୋଲି ଅନୁମାନ କରାଯାଉଛି। କିନ୍ତୁ ତାହା ସେମିତି କିଛି ନୁହେଁ। 'ଈଶ୍ୱର ଏକ'ଏହି ଏକେଶ୍ୱରବାଦ ସିଦ୍ଧାନ୍ତ ପୂର୍ବରୁ ନ ଥିଲା କିମ୍ବା ଏବେ ବି ନାହିଁ। କିନ୍ତୁ ଏହି ଏକେଶ୍ୱରବାଦୀ ଧାରଣା ସୁଦୂର ପ୍ରାଚ୍ୟ,ଚାଇନା, ଜାପାନ ସମେତ ଆମେରିକା, ଆଫ୍ରିକା ଏବଂ ଏସିଆର ଆଦିବାସୀମାନଙ୍କ ମଧ୍ୟରେ ରହିଛି, ଯେଉଁମାନେ ଏପର୍ଯ୍ୟନ୍ତ ଧର୍ମ ପରିବର୍ତ୍ତନ କରିନାହାନ୍ତି।

ହଲିଉଡ୍ ଚଳଚ୍ଚିତ୍ରରେ ଈଶ୍ୱର ଶବ୍ଦ ବ୍ୟବହାର ଦେଖିବାକୁ ମିଳେ। ଏହି ଈଶ୍ୱର ଶବ୍ଦ ଗ୍ରୀକ୍ ପୁରାଣ ଦ୍ୱାରା ସୃଷ୍ଟି ହୋଇଛି, ଯାହାଙ୍କୁ ସର୍ବଶକ୍ତିମାନ ଭାବରେ ବିବେଚନା କରାଯାଇଥାଏ ଏବଂ ସେହି ସର୍ବଶକ୍ତିମାନ୍‌ଙ୍କ କୌଣସି ଦାୟିତ୍ୱ କିମ୍ବା ଉତ୍ତରଦାୟିତ୍ୱ ନାହିଁ। ଏହା ସୁପର ହିରୋମାନଙ୍କ ପାଇଁ ମଡେଲ। ସେମାନେ ସାଧାରଣତଃ ଅତ୍ୟନ୍ତ ପ୍ରତିଯୋଗୀ। ଯେତେବେଳେ ସେମାନଙ୍କର ଜଣେ ସାଧାରଣ ଶତ୍ରୁ ଥାଏ ସେତେବେଳେ ସେମାନେ ଏକାଠି ହୋଇଯାଆନ୍ତି। ଈଶ୍ୱରଙ୍କର ଏହି ପରିଚିତ ଧାରଣା ସହ ଶକ୍ତି ନିବିଡ଼ ଭାବେ ଜଡ଼ିତ ରହିଛି, କିନ୍ତୁ ଦୟା କିମ୍ବା କରୁଣା କିମ୍ବା ଜ୍ଞାନ ନୁହେଁ।

ଖ୍ରୀଷ୍ଟିଆନ ଏବଂ ଇସ୍‌ଲାମ ପୁରାଣଗୁଡ଼ିକରେ ଗୋଟିଏ ସତ୍ତାରେ ଶକ୍ତି କେନ୍ଦ୍ରିତ ହୋଇଥାଏ। ଏହା ହେଉଛି କେନ୍ଦ୍ରୀକରଣ। ଏହା ହେଉଛି ସାମନ୍ତବାଦର ଆଧାତ୍ମିକ ଆଧାର। ଏହି ଉଭୟ ଧର୍ମରେ ଏକ କେନ୍ଦ୍ରୀୟ ଶକ୍ତିକୁ ସମସ୍ତେ ମାନନ୍ତି ଓ ତାହା ପ୍ରତି ବି ସମସ୍ତେ କୃତଜ୍ଞ। ଧର୍ମନିରପେକ୍ଷ ନାସ୍ତିକ ଦୁନିଆରେ ମଧ୍ୟ ଏହା ଜାରି ରହିଛି, ଯେଉଁଠାରେ ଭଗବାନ୍‌ଙ୍କ ବଦଳରେ ସର୍ବଶକ୍ତିମାନ୍ ନେତା (ଏକଛତ୍ରବାଦୀ ଶାସକ) କିମ୍ବା ସର୍ବଶକ୍ତିମାନ୍ ସରକାର (ବୁଦ୍ଧିଜୀବୀ, ଅମଲାତନ୍ତ୍ର ଏବଂ ବିଚାରପତିଙ୍କ ଦ୍ୱାରା ପରିଚାଳିତ) ଦ୍ୱାରା ସ୍ଥାପିତ ହୋଇଛନ୍ତି। 'କେବଳ ଈଶ୍ୱର ହିଁ ସର୍ବଶକ୍ତିମାନ୍',ଏହିଭଳି ବିଶ୍ୱାସ 'ଈଶ୍ୱର ଅନେକ' ବିଚାରକୁ ଶେଷ କରିଦିଏ, ଅର୍ଥାତ୍ ଏହା ଶକ୍ତିକୁ ଭାଗ ଭାଗ କରିବାକୁ ଦିଏ ନାହିଁ। ଖ୍ରୀଷ୍ଟିଆନ୍ ଏବଂ ଇସ୍‌ଲାମ ଧର୍ମ ଈଶ୍ୱରଙ୍କୁ ଦୟା ଓ କରୁଣାର ସତ୍ତା ବୋଲି କୁହନ୍ତି। କିନ୍ତୁ ଏହି କରୁଣା ଓ ଦୟା କେବଳ ତୁମେ ଧର୍ମ ପରିବର୍ତ୍ତନ କରିବା ପରେ ଆସିଥାଏ। ଏଠାରେ ଧର୍ମାନ୍ତର ଗୁରୁତ୍ୱପୂର୍ଣ୍ଣ। ଏହି ଗୋଷ୍ଠୀ ବାହାରେ ଥିବା ଲୋକଙ୍କ ପ୍ରତି କୌଣସି ଦୟା ନ ଥାଏ ଯାହା ଇହୁଦୀ ଏବଂ ଇସ୍‌ଲାମବାଦୀଙ୍କ ବାକ୍ୟରେ ସ୍ପଷ୍ଟ ହୋଇଥାଏ!



ବୌଦ୍ଧ ଏବଂ ଜୈନ ପୁରାଣରେ ଗୋଟିଏ ସର୍ବଶକ୍ତିମାନ୍ ଈଶ୍ୱରଙ୍କ ଧାରଣା ନାହିଁ। ଏହିସବୁ ଧର୍ମର ପୁରାଣଗୁଡ଼ିକରେ ଏକାଧିକ ଛୋଟବଡ଼ ଦେବତା ଅଛନ୍ତି ,ଯେଉଁମାନଙ୍କୁ ଶେଷରେ ତୀର୍ଥଙ୍କର କିମ୍ବା ବୁଦ୍ଧ ଭାବେ ସ୍ୱୀକାର କରାଯାଇଛି। ଏହି ତୀର୍ଥଙ୍କର କିମ୍ବା ବୁଦ୍ଧ ଜଗତକୁ ନିୟନ୍ତ୍ରଣ କରୁଥିବା ଶକ୍ତି ବିଷୟରେ ନ କହି ଲୋଭ, କ୍ଷୁଧା, ଈର୍ଷା, କ୍ରୋଧ, ଗର୍ବକୁ ପରାସ୍ତ କରିବାର ଶକ୍ତି ସମ୍ପର୍କରେ କହିଥାନ୍ତି। ଏଠାରେ ଐଶ୍ୱରୀୟଶକ୍ତି ସମାଜବିଜ୍ଞାନ ଅପେକ୍ଷା ଈଶ୍ୱର ମନୋବିଜ୍ଞାନ ସହ ଅଧିକ ଜଡ଼ିତ।

ହିନ୍ଦୁମାନଙ୍କର ଈଶ୍ୱରଙ୍କ ବିଷୟରେ ଏକ ଅତି ଜଟିଳ ଧାରଣା ରହିଛି। ଏଥିରେ ଭଗବାନ୍ ସର୍ବ ଶକ୍ତିମାନ୍ ନୁହନ୍ତି , ବରଂ ପ୍ରକୃତି ଏବଂ କର୍ମ ଆଧାରରେ ସେ ବିଦ୍ୟମାନ। ପୌରାଣିକ କଥାଗୁଡ଼ିକରେ ଅସୁର ସହ ଦେବତାଙ୍କ ଯୁଦ୍ଧ ବିଷୟରେ ବର୍ଣ୍ଣନା ଅଛି। ଏହିସବୁ ବିଚାର ପୂର୍ବ ଓ ଦକ୍ଷିଣ ଏସିଆର ଭାଷା ଓ ସଂସ୍କୃତିବିଦ୍‌ଙ୍କ ସହ ଗ୍ରୀକ୍ ପୁରାଣର ଦେବତା ଓ ଶକ୍ତିମାନ୍ ବ୍ୟକ୍ତିଙ୍କ ବର୍ଣ୍ଣନା ହିନ୍ଦୁଧର୍ମର ବିଚାରଗୁଡ଼ିକରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। ଆଞ୍ଚଳିକ ହୋଇଥିବାରୁ ସେହି ପୁରାଣଗୁଡ଼ିକ କେବଳ ଅହଂକାର ଦ୍ୱାରା ଜଡ଼ିତ ଜୀବଙ୍କୁ ପ୍ରକାଶ କରନ୍ତି। ସେମାନଙ୍କଠାରୁ ଉଚ୍ଚ ହେଉଛନ୍ତି ସନ୍ନ୍ୟାସୀ ହୋଇ ଗାର୍ହସ୍ଥ୍ୟ ଜୀବନ ବିତାଇଥିବା ଶିବ ଏବଂ ଗୃହସ୍ଥ ହୋଇ ସନ୍ନ୍ୟାସୀ ଭଳି ରହୁଥିବା ବିଷ୍ଣୁ। ଏମାନଙ୍କର କୌଣସି ଅହଂକାର ନାହିଁ। ଏହାସହ ଏମାନେ ବ୍ରହ୍ମାଣ୍ଡ ଧାରଣ କରନ୍ତି। କିନ୍ତୁ ଖ୍ରୀଷ୍ଟିଆନ ଏବଂ ଇସ୍‌ଲାମ ଏବଂ ଇହୁଦୀଙ୍କ ମଧ୍ୟରେ ଥିବା ଈଶ୍ୱର ଧାରଣା ଭଳି ଏମାନେ ଅଧୀନତା କିମ୍ବା କୌଣସି ଆଜ୍ଞା ପାଳନ କରନ୍ତି ନାହିଁ। ବାସ୍ତବତା ହେଉଛି, ଔପନିବେଶିକ ସମୟରୁ 'ଈଶ୍ୱର ଏକ' ଚିନ୍ତାଧାରାରେ ଅତ୍ୟଧିକ ଆକ୍ରାନ୍ତ ହିନ୍ଦୁମାନେ ଆଶ୍ଚର୍ଯ୍ୟ ହୁଅନ୍ତି ଯେ ଯଦି ଶିବ ଏବଂ ବିଷ୍ଣୁ ଏକ, ତେବେ ଚିତ୍ର ବିନା ସେମାନଙ୍କୁ କିଭଳି ସମ୍ବୋଧନ କରାଯାଇପାରିବ। ଏବଂ ଜଣେ ଦେବୀମାନଙ୍କୁ କିପରି ସ୍ଥାନିତ କରିହେବ ? ଭଗବାନ୍, ଈଶ୍ୱର, ବ୍ରହ୍ମ ଏବଂ ଆତ୍ମା ପରି ବୈଦିକ ସିଦ୍ଧାନ୍ତଗୁଡ଼ିକ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକର ସର୍ବଶକ୍ତିମାନ୍ ଈଶ୍ୱରଙ୍କ ଭାବନା ସହ ସମାନ ହୋଇପାରିବ ନାହିଁ। ଏହି ଦୁଇ ସିଦ୍ଧାନ୍ତ ମଧ୍ୟରୁ ଶେଷଟି କେବଳ ରାଜନେତାଙ୍କୁ ବୁଝାଏ, ଯେଉଁମାନେ କେବଳ ଅହଂକାର ସହ ଜଡ଼ିତ।

ଈଶ୍ୱରଙ୍କ ବିଭିନ୍ନ ଧାରଣା ମଧ୍ୟରେ ଏହି ପ୍ରକାର ଦ୍ୱନ୍ଦ୍ୱ ବିଂଶଶତାବ୍ଦୀରେ ସୃଷ୍ଟି ହୋଇଥିଲା,ଯେତେବେଳେ ଲୋକମାନେ ସମସ୍ତ ଧର୍ମ ସମାନ ବୋଲି କହିବା ସହ ପୁରାଣ ଏବଂ ସୁବିଧାବାଦୀ (ପାଶ୍ଚାତ୍ୟ) ଦର୍ଶନ ତଥା ସମାନତା, ନ୍ୟାୟ ଓ ମାନବିକ ଅଧିକାର ଭଳି ଧାରଣାକୁ ଅଣଦେଖା କରିଥିଲେ। ଏହା ସହ ପ୍ରାଚୀନ ଗ୍ରୀକ୍ ଏବଂ ବାଇବଲରେ ବର୍ଣ୍ଣିତ ଶକ୍ତି ଧାରଣାର ମୂଳକଥାକୁ ହୃଦୟଙ୍ଗମ କରି ନ ଥିଲେ, ସେତେବେଳେ ଏଭଳି ଦ୍ୱନ୍ଦ୍ୱ ସାମ୍ନାକୁ ଆସିଥିଲା।

-devduttofficial@gmail.com

## ଏଇ ଭାରତରେ

ମଧ୍ୟପ୍ରଦେଶର ଜଣେ ଶିକ୍ଷକଙ୍କ ଉଦ୍ୟମରେ ଏକ ସ୍କୁଲର କଳେବର ପୂରା ବଦଳିଯାଇଛି। ରାଜଗଡ଼ର ମୋହନପୁର କଲୋନୀରେ ଥିବା ଇଣ୍ଟିଗ୍ରେଟେଡ ମିଡିଲ ସ୍କୁଲର ଶିକ୍ଷକ ଗୋପାଳ ବାଲଓ୍ୱାଲାଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଗୋପାଳ ତାଙ୍କ ସଞ୍ଚିତ ଟଙ୍କାରୁ ଖର୍ଚ୍ଚକରି ସ୍କୁଲରେ ରଙ୍ଗ ଦେବାଠାରୁ ଆରମ୍ଭ କରି ଜଳ ଯୋଗାଣ ବ୍ୟବସ୍ଥା କରିଛନ୍ତି। ଏହା ବ୍ୟତୀତ ସେ ଏକ ଲାଇବ୍ରେରି ଓ ବଗିଚା ମଧ୍ୟ କରିପାରିଛନ୍ତି। ଏସବୁ କାର୍ଯ୍ୟ ପାଇଁ ସେ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ମୋହନପୁର ଡ୍ୟାମ୍ ନିର୍ମାଣ ସମୟରେ ବିସ୍ଥାପିତଙ୍କ ପାଇଁ ମୋହନପୁର କଲୋନୀ କରାଯାଇ ସେଠାରେ ଏହି ସ୍କୁଲ ଖୋଲାଯାଇଥିଲା। ହେଲେ ସ୍କୁଲର ରକ୍ଷଣାବେକ୍ଷଣ ପ୍ରତି କାହାରି ଦୃଷ୍ଟି ନ ଥିଲା। ଏଠାରେ ମାତ୍ର ୨୩ ଜଣ ପିଲା ପଢୁଥିଲେ। ୨୦୧୮ରେ ଗୋପାଳ ଭାଲଓ୍ୱାଲ ସ୍କୁଲରେ ଶିକ୍ଷକ ଭାବେ ଯୋଗଦେବା ପରେ ତାହାର ଅବସ୍ଥାରେ ପରିବର୍ତ୍ତନ ହେବା ଆରମ୍ଭ କରିଥିଲା। ସ୍କୁଲକୁ ଆକର୍ଷଣୀୟ କରିବା ପରେ ଏବେ ସେଠାରେ ୧୦୦ରୁ ଅଧିକ ପିଲା ପଢୁଛନ୍ତି। ଗୋପାଳଙ୍କ ଦ୍ୱାରା କରାଯାଇଥିବା ଲାଇବ୍ରେରିରେ ୨୦୦୦ରୁ ଊର୍ଦ୍ଧ୍ୱ ବହି ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୨ ଫେବୃଆରୀ ୧୯୭୫

- ଜୟପୁରର ପୂର୍ବତନ ମହାରାଣୀଙ୍କ ପ୍ରାସାଦରୁ ୧୦ କୋଟି ଟଙ୍କା ମୂଲ୍ୟର ସୁନା ଇଟାର ସନ୍ଧାନ।
- ଶଙ୍କର ରାଓ ବି. ଚଭନଙ୍କ ନେତୃତ୍ୱରେ ମହାରାଷ୍ଟ୍ରର ନୂତନ ୨୫ ଜଣିଆ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ।
- ଭାରତୀୟ ସ୍କୁଲ କ୍ରୀଡ଼ା ସଂଘର ପ୍ରତିଷ୍ଠାତା ତଥା ପ୍ରଥମ ସମ୍ପାଦକ ଅନିଲ ଚନ୍ଦ୍ର ଦାସଙ୍କ ୨୪ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 1 | | | | | | | 4 |
| | | 2 | | | | | | 3 |
| | 7 | | | | | | 2 | 8 |
| 7 | | 9 | | 5 | | 4 | | |
| | | | | 8 | | | 5 | |
| 8 | | | | 1 | 9 | | 3 | |
| 9 | | | | | 1 | 6 | | |
| 6 | | | | | | 8 | | |
| | 4 | 7 | 6 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 7 | 4 | 3 | 2 | 9 | 8 | 1 |
| 9 | 3 | 4 | 6 | 1 | 8 | 5 | 7 | 2 |
| 1 | 8 | 2 | 5 | 9 | 7 | 4 | 6 | 3 |
| 8 | 7 | 1 | 9 | 6 | 3 | 2 | 4 | 5 |
| 2 | 4 | 9 | 8 | 5 | 1 | 7 | 3 | 6 |
| 6 | 5 | 3 | 2 | 7 | 4 | 8 | 1 | 9 |
| 3 | 9 | 8 | 7 | 2 | 6 | 1 | 5 | 4 |
| 7 | 2 | 6 | 1 | 4 | 5 | 3 | 9 | 8 |
| 4 | 1 | 5 | 3 | 8 | 9 | 6 | 2 | 7 |

ଗତକାଲିର ଉତ୍ତର

# ଆର୍ଥିକ ସ୍ଥିତିର ବାସ୍ତବତା



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ୨୦୨୪-୨୫ ଆର୍ଥିକ ବର୍ଷର ଅନ୍ତରୀଣ ବଜେଟ ଉପସ୍ଥାପନ କରିଥିଲେ। ଏହା ସୀତାରାମନଙ୍କ ଷଷ୍ଠ ଏବଂ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଚୂଡ଼ାନ୍ତ ବଜେଟ। ସାଧାରଣତଃ ପୂର୍ଣ୍ଣାଙ୍ଗ ବଜେଟ, ଅନ୍ତରୀଣ ବଜେଟ ଓ ଲେଖାନୁଦାନ ମଧ୍ୟରେ ଅନେକ ତଫାତ୍ ରହିଛି। ପୂର୍ଣ୍ଣାଙ୍ଗ ବଜେଟ ଏକ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରାଯାଏ, ଯେତେବେଳେ ଗୋଟିଏ ସରକାର ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ଶେଷ କରିବାର ସମ୍ଭାବନା ଥାଏ। କିନ୍ତୁ ଯଦି କୌଣସି କାରଣରୁ ଏକ ସରକାର ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ଶେଷ କରିବାର ସମ୍ଭାବନା ନ ଥାଏ ବା ୨୦୨୪ ବର୍ଷ ପରି ମଝିରେ ନିର୍ବାଚନ ଥାଏ ବା ଏକ କାମଚଳା ସରକାର ଶାସନ କରୁଥାଏ, ତେବେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ନ କରାଯାଇ ଅନ୍ତରୀଣ ବଜେଟ ଉପସ୍ଥାପନ କରାଯାଏ। ପୂର୍ଣ୍ଣାଙ୍ଗ ବଜେଟରେ ଆୟ, ବ୍ୟୟ ଏବଂ ଟିକସ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଏ। ସାଧାରଣତଃ ଅନ୍ତରୀଣ ବଜେଟରେ ଉଭୟ ଆୟ, ବ୍ୟୟ, ଟିକସ ବ୍ୟବସ୍ଥା ଥାଏ। କିନ୍ତୁ ଟିକସରେ ସାଧାରଣ କିଛି ପରିବର୍ତ୍ତନ କରାଯାଏନାହିଁ। ଅନ୍ତରୀଣ ବଜେଟ ବୋଲି କିଛି ନାହିଁ।

ସାଧାରଣତଃ ସରକାର ବଜେଟରୁ ବା କନ୍‌ସୋଲିଡେଟେଡ୍ ପାଣ୍ଠିରୁ ଟଙ୍କାଟିଏ ଖର୍ଚ୍ଚ କରିବାକୁ ହେଲେ ସଂସଦରେ ଅନୁମୋଦିତ ହେବା ଆବଶ୍ୟକ। ଉପସ୍ଥାପନ ପରେ ସଂସଦରେ ଆଲୋଚନା ହୋଇ ଗୃହୀତହେବାକୁ ସମୟ ଲାଗେ। ଯଦି ଆର୍ଥିକ ବର୍ଷ ଆରମ୍ଭରୁ ଅନୁମୋଦନ ନ ହୁଏ ତେବେ କୌଣସି ସରକାରୀ ବ୍ୟୟ ହୋଇପାରିବ ନାହିଁ। ଅନେକ କାର୍ଯ୍ୟ ବନ୍ଦ ହୋଇଯିବ। ଏଣୁ କିଛି ମାସ ପାଇଁ (ମନେକର ୨ରୁ ୪ମାସ) ପାଇଁ ବ୍ୟୟବରାଦ କରାଯାଇ ଆବଶ୍ୟକ 'ଲେଖାନୁଦାନ' ବା 'ଭୋଟ ଅନ୍ ଆକାଉଣ୍ଟ' ହିସାବରେ ଉପସ୍ଥାପନ କରାଯାଇ ସଂସଦରେ ଗୃହୀତ କରାଯାଏ ; ଯାହାକୁ ଦଳମତ ନିର୍ବିଶେଷରେ ସମସ୍ତେ ସଂସଦରେ ସମର୍ଥନ କରନ୍ତି। ସୂଚନାଯୋଗ୍ୟ, ଆସନ୍ତା ଏପ୍ରିଲ-ମେ'ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ନୂଆ ସରକାର ଗଠନ ପରେ ଜୁଲାଇରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯିବ।

ଏହି ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି। କୁହାଯାଉଛି ଏହା ୨୦୪୭ର ବିକଶିତ ଭାରତର ମୂଳଦୁଆକୁ ଦୃଢ଼ କରିବ। ବିରୋଧୀମାନେ ଏହାକୁ ନୈରାଶ୍ୟଜନକ କହିଛନ୍ତି। ବଜେଟକୁ ନେଇ ଏତେ ମାତ୍ରାରେ ପ୍ରଚାର କରାଯାଉଛି ଯେପରି ଦେଶରେ କିଛି ସମସ୍ୟା ନାହିଁ ଓ ସମସ୍ତେ ଘିଅମହୁରେ ଭାସୁଛନ୍ତି। ଯଦି ଦେଶରେ ସବୁ ଠିକ୍ ଚାଲିଛି, ତେବେ ସରକାରଙ୍କୁ ୮୦ କୋଟି ଲୋକଙ୍କୁ କାହିଁକି ମାଗଣା ଖାଦ୍ୟଶସ୍ୟ ଯୋଗାଇଦେବାକୁ ପଡୁଛି। ଯିଏ ସୁଖରେ ଅଛି, ତାହା କଥା ସରକାର କହିବା ଅନୁଚିତ, ବରଂ ଯିଏ ଦୁଃଖ ସମସ୍ୟାରେ ଅଛି, ତାହା କଥା କହିବା ଉଚିତ। ଯିଏ ସରକାର ଗଠନ କରୁନା କାହିଁକି, ସବୁ ସମସ୍ୟା ସମାଧାନ କରି ପାରିବନାହିଁ। କିନ୍ତୁ ଯେଉଁ ସମସ୍ୟା ଦେଖାଦେଇଛି, ତାକୁ ସ୍ୱୀକାରକରି ସମାଧାନ ପାଇଁ ପ୍ରୟାସ କରିବା ସରକାରଙ୍କ କର୍ତ୍ତବ୍ୟ।

ବାସ୍ତବ କଥା ହେଉଛି, ଯେଉଁ ଦଳ ଶାସନ କରୁନା କାହିଁକି, ପ୍ରତ୍ୟେକ ବର୍ଷ ଆପେ ଆପେ ନାମାଙ୍କନ ମୂଲ୍ୟରେ ଅଧିକ ଟିକସ ଆଦାୟ ବୃଦ୍ଧି ଘଟିବ ଏବଂ ବଜେଟର ଆକାର ମଧ୍ୟ ବୃଦ୍ଧିପାଇବ। ଏପରିକି ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ମୂଲ୍ୟରେ ଆପେ ଆପେ ବୃଦ୍ଧି ପାଇବ ; ଯେପରି ୧୯୫୦-୫୧ରେ ନାମାଙ୍କନ ଜିଡିପି ୧୦,୦୩୬ କୋଟି ଟଙ୍କା ଥିଲାବେଳେ ବଜେଟର ଆକାର ମାତ୍ର ୩୫୭.୪୯ କୋଟି ଟଙ୍କା ଥିଲା। ୨୦୨୩-୨୪ରେ ନୋମିନାଲ ବା ନାମାଙ୍କନ ଜିଡିପି ୨୯୬,୫୭,୭୪୫ କୋଟି ଟଙ୍କା ହୋଇଥିଲା, ଯାହା ସଂଶୋଧିତ ଅଟକଳରେ ଏହା ୪୪. ୯ ଲକ୍ଷ କୋଟି ହୋଇଛି। ଅବଶ୍ୟ ଧାର୍ଯ୍ୟ ବଜେଟ ଅଟକଳ ୪୫.୦୩ ଲକ୍ଷ କୋଟି ଟଙ୍କାରୁ ଏହା କମ୍।



ଯେହେତୁ ବଜେଟର ଆକାର ଆପେ ଆପେ ବୃଦ୍ଧି ପାଉଛି, ଯିଏ ଶାସନ କରୁନା କାହିଁକି କିଛି ନୂତନ ଯୋଜନା କରିବ, ପୁରୁଣା ଯୋଜନାକୁ ଅଧିକ ସକ୍ରିୟ କରିବ। ଏଣୁ କିଛି ଯୋଜନାକୁ ଭିତ୍ତିକରି ବଜେଟର ଭଲମନ୍ଦ ବିଚାର କରାଯାଏ ନାହିଁ। ସେହିପରି କୌଣସି ସରକାର ନିଜେ ଦେଉଛନ୍ତି ବୋଲି କେବେ କହିବା ଅନୁଚିତ। ଏକ ବଜେଟରେ ବ୍ୟୟ ବୃଦ୍ଧି ଘଟିଛି ବୋଲି କୁହାଯିବ ଯଦି ଏହା ନାମାଙ୍କନ ବୃଦ୍ଧି ସହ ତାଳଦେଇ ବୃଦ୍ଧି ପାଏ ବା ମୋଟ ଜିଡିପି ଅନୁସାରେ ବୃଦ୍ଧି ପାଏ। ୨୦୨୪-୨୫ ବର୍ଷ ପାଇଁ ବଜେଟ ବ୍ୟୟ ଅଟକଳ ୪୯.୦୬ ଲକ୍ଷ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି। ୨୦୨୩-୨୪ ନୋମିନାଲ ବା ନାମାଙ୍କନ ଅଭିବୃଦ୍ଧି ୧୦.୫% ଧାର୍ଯ୍ୟ କରାଯାଇଥିଲାବେଳେ ବାସ୍ତବରେ ଏହା ହ୍ରାସ ପାଇ ୮.୯% ହୋଇଛି। ନାମାଙ୍କନ ଜିଡିପି ୨୦୨୪-୨୫ରେ ପୂର୍ବବର୍ଷ ତୁଳନାରେ ୧୦.୫% ବୃଦ୍ଧି ପାଇ ୩୨୭, ୭୧, ୮୦୮ କୋଟି ଟଙ୍କା ହେବ। ଅର୍ଥାତ୍ ନାମାଙ୍କନ ଅଭିବୃଦ୍ଧି ୧୦.୫% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିଲା ବେଳେ ବଜେଟ ବ୍ୟୟ ଅଟକଳ ମାତ୍ର ୬.୧% ବୃଦ୍ଧି ପାଇବ ବୋଲି ଧାର୍ଯ୍ୟ କରାଯାଇଛି। ଏହା ଦର୍ଶାଉଛି, ବ୍ୟୟ ଅଟକଳ ନାମାଙ୍କନ ଅଭିବୃଦ୍ଧି ସହ ତାଳଦେଇ ବୃଦ୍ଧିପାଇବ ନାହିଁ ଏବଂ ଏହା ଏକ ସଙ୍କୁଚିତ ବଜେଟ। ପୁନଶ୍ଚ ଏହି ବୃଦ୍ଧି ହାର ଗତ ୬ ବର୍ଷରେ ସର୍ବନିମ୍ନ। ୨୦୧୯-୨୦ରେ ୧୬%, ୨୦୨୦-୨୧ରେ କରୋନା ମହାମାରୀ ଯୋଗୁ ୩୦.୭%, ୨୦୨୧-୨୨ରେ ୮.୧%, ୨୦୨୨-୨୩ରେ ୧୦.୫% ଏବଂ ୨୦୨୩ -୨୪ରେ ୭.୧%ବୃଦ୍ଧି ପାଇଥିଲା।

ଅତ୍ୟନ୍ତ ଚିନ୍ତାଜନକ ହେଉଛି ଜିଡିପି ଅନୁସାରେ ଭାରତରେ ମୋଟ ବ୍ୟୟବରାଦ ବହୁତ କମ୍। ୨୦୨୦-୨୧ରେ ମୋଟ ବ୍ୟୟବରାଦ ଜିଡିପିର ୧୭.୭% ଥିଲାବେଳେ ୨୦୨୧-୨୨ ରେ ୧୫.୯୩%, ୨୦୨୨-୨୩ରେ ୧୫.୩୪%, ୨୦୨୩-୨୪ରେ ଏହା ୧୫. ୧୩%କୁ ହ୍ରାସ ପାଇଥିଲାବେଳେ ୨୦୨୪-୨୫ରେ ୧୩.୭୦% ହେବ ବୋଲି ଧାର୍ଯ୍ୟ କରାଯାଇଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଅନୁସାରେ ଏହା ଫ୍ରାନ୍ସରେ ୫୮.୩୪%, ଜାପାନ ୪୪.୦୯%, ସୁଇଡେନ୍ ୪୭.୩୨%, ଆମେରିକା ୩୬.୨୬ %, ବ୍ରିଟେନରେ ୪୪.୩%। ୧୯୭୦ରୁ ୨୦୨୩ ମଧ୍ୟରେ ଭାରତରେ ଏହା ହାରାହାରି ୧୫.୧୧% ହୋଇଥିଲା ବେଳେ ୧୯୮୬ରେ ସର୍ବାଧିକ ରେକର୍ଡ ୧୯.୪୨% ଏବଂ ୧୯୭୦ରେ ରେକର୍ଡ ସର୍ବନିମ୍ନ ୧୧.୮୧% ପହଞ୍ଚିଥିଲା।

ଯେତେବେଳେ କେନ୍ଦ୍ର ବଜେଟ ଆକାର ବୃଦ୍ଧିପାଉନାହିଁ, ସେତେବେଳେ କେତେକ କ୍ଷେତ୍ରରେ ବ୍ୟୟ ବୃଦ୍ଧି ପାଇଲାବେଳେ କିଛି କ୍ଷେତ୍ରରେ ହ୍ରାସ ପାଉଛି। ଯଦି ମୁଦ୍ରାସ୍ଫୀତିକୁ ବିଚାରକୁ ନେବା ତେବେ ହ୍ରାସ ବେଶି ଅଧିକ ହେବ। କେନ୍ଦ୍ର ସରକାରଙ୍କ ବ୍ୟୟ ଜିଡିପି ଅନୁସାରେ ସଙ୍କୁଚିତ ହେଉନି ବରଂ ରାଜ୍ୟକୁ ଦେଉଥିବା ତାଙ୍କ ଅଂଶ ମଧ୍ୟ ହ୍ରାସ ପାଉଛି, ଯାହା ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ।

ଅର୍ଥ କମିଶନ ଅନୁସାରେ ବିଭାଜିତ ପାଣ୍ଠିରୁ ରାଜ୍ୟଗୁଡ଼ିକ ୪୨% (ଜମ୍ମୁ ଓ କଶ୍ମୀରକୁ ୨ଭାଗ ଯୋଗୁ ପଞ୍ଚଦଶ ଅର୍ଥ କମିଶନ ଅନୁସାରେ ୪୧%) ପାଇବା କଥା। କିନ୍ତୁ ସରଚାର୍ଜ, ସେସ୍ ଯୋଗୁ ଏହା କମ୍ ମିଳୁଛି। କାରଣ ସରଚାର୍ଜ, ସେସ୍ ଦ୍ୱାରା ସଂଗୃହୀତ ସମ୍ବଳରେ ରାଜ୍ୟର କିଛି ଅଂଶ ନ ଥାଏ। ୨୦୧୬-୧୭ରେ ରାଜ୍ୟଗୁଡ଼ିକ କେନ୍ଦ୍ରୀୟ ବିଭାଜନ ପାଣ୍ଠିରୁ ୩୫% ପାଉଥିଲା ବେଳେ ୨୦୨୨-୨୩ ରେ ୩୧.୧୭% ପାଇଥିଲେ। ୨୦୨୩-୨୪ର ସଂଶୋଧିତ ଅଟକଳରେ ଏହା ୩୦.୦%କୁ ହ୍ରାସ ପାଇଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି କିଛି ବର୍ଷ ହେବ ଶିକ୍ଷା,ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ସାମାଜିକ କ୍ଷେତ୍ରରେ ବଜେଟର ମୋଟ ବ୍ୟୟ ଅଟକଳ ଅନୁପାତରେ ବ୍ୟୟ ହ୍ରାସ ପାଉଛି। ବର୍ତ୍ତମାନ ଦରଦାମ ବୃଦ୍ଧି, ବେକାରି, ବୈଷମ୍ୟ, ବଞ୍ଚିବା ଅଧିକ ବ୍ୟୟ ସାପେକ୍ଷ ହେବା ସହ ସାମାଜିକ ଅସ୍ଥିରତା ସୃଷ୍ଟି କରିଛି।

ମୋ: ୯୪୩୭୨୦୮୭୬୨

# ନିଜର ବୋଲି ନ ଥିବେ କେହି



ରାକେଶ ପଣ୍ଡା

ପ୍ରାଚୀନ କାଳରୁ ଲୋକେ ଯୌଥ ପରିବାରରେ ଗୋଟିଏ ଛାତ ତଳେ ରହି ଆସୁଥିଲେ, ଯେଉଁଥିରେ ଜଣେ ଗୁରୁଜନ ପରିବାରର ମୁଖିଆ ହୋଇଥା'ନ୍ତି। ଉକ୍ତ ପରିବାର ଏକ ନୀତି, ନିୟମ ଏବଂ ଆଦର୍ଶ ସହ ଚାଲିଥାଏ। ଏକାଠି ରହିବା ଦ୍ୱାରା ପ୍ରତ୍ୟେକ ସଦସ୍ୟଙ୍କ ମାନସିକ, ଆର୍ଥିକ ଏବଂ ଶାରୀରିକ ସହଯୋଗ ପରସ୍ପର ପ୍ରତି ଅତି ନିବିଡ଼ ଭାବରେ ରହିଥାଏ। ପରିବାରର ପ୍ରତ୍ୟେକ ସଦସ୍ୟ ଘର ଖର୍ଚ୍ଚ ବହନରେ ସହାୟତା କରିଥା'ନ୍ତି ଏବଂ ଜଣଙ୍କ ଉପରେ ଆର୍ଥିକ ଭାର ବା ବୋଝ ପଡ଼ି ନ ଥାଏ। କୌଣସି ଏକ ଅସୁବିଧାକୁ ସମସ୍ତେ ଏକାଠି ହୋଇ ସାମ୍ନା କରନ୍ତି ଏବଂ ମିଳିମିଶି ତା'ର ସମାଧାନର ରାସ୍ତା ବାହାର କରିଥା'ନ୍ତି। ଜଣଙ୍କର ଉପସ୍ଥିତି ଆଉ ଜଣଙ୍କୁ ଏକ ସାହାରା ପରି କାମ ଦେଇଥାଏ। ଗୁରୁଜନମାନଙ୍କଠାରୁ ପିଲାମାନଙ୍କୁ ପ୍ରାଥମିକ ଶିକ୍ଷା ଏବଂ ଉଚିତ୍ ସଂସ୍କାର ମଧ୍ୟ ପ୍ରାପ୍ତି ହୁଏ। ସଦସ୍ୟଙ୍କର ବୃଦ୍ଧାବସ୍ଥା ତଥା ଅନ୍ତିମ ସମୟ ଉପଯୁକ୍ତ ସେବା ଶୁଶ୍ରୂଷା, ଶାନ୍ତି ଏବଂ ଖୁସିରେ କଟିଥାଏ।

କିଛି ଦିନ ତଳେ ଜଣେ ବାଲ୍ୟବନ୍ଧୁଙ୍କ ଘରେ ଉପସ୍ଥିତ ଥିବା ସମୟରେ ତାଙ୍କର ଧର୍ମପତ୍ନୀ ରୋଷେଇ ଘର ମଧ୍ୟରୁ ଡାକ ଛାଡିଲେ, ପୁଅକୁ ଟିକେ ନିଅ। ସେ ବହୁତ ହଇରାଣ କରୁଛି। ତାହା ଶୁଣି ବନ୍ଧୁ ଜଣଙ୍କ ସେଠାକୁ ଧାଇଁଗଲେ। ପୁଅକୁ ସାଙ୍ଗରେ ଧରି ଆଣି ଚାପୁଡ଼ାଟାଏ ତା' ଗାଲରେ କଷିଦେଲେ। ସେ ଭେଁ ଭେଁ ହୋଇ କାନ୍ଦିବାରୁ ଉଚ୍ଚ ସ୍ୱରରେ ତାକୁ ଗାଳି କରିବାକୁ ଲାଗିଲେ। ତାହା ଦେଖି ମୁଁ ତାଙ୍କୁ କହିଲି, ଛୋଟ ପିଲାଟାକୁ ଗାଳି କିମ୍ବା ମାଡ଼ ନ ଦେଇ ଭଲରେ ବୁଝେଇ କୁହ। ସେ କହିଲେ, ଓଃ.. ତୁମେ ଜମା ଜାଣିନ ଏ ପିଲା ଏତେ ଦୁଷ୍ଟ ଯେ, ପ୍ରତିଟି ସମୟରେ ମୁଣ୍ଡ ଖରାପ କରିଦେଉଛି। ମୁଁ କହିଲି, ମଉସା, ମାଉସୀଙ୍କୁ ଟିକେ କହୁନ ତାକୁ କିଛି ସମୟ ରଖିବେ। ତାହା ଶୁଣି ବନ୍ଧୁ ଜଣଙ୍କ କହିଲେ, ମୁଁ ଏବେ ଅଲଗା ରହୁଛି। ବାପା ଚାହୁଁଥିଲେ, ମୋ' ବଡ଼ଭାଇ ଏବଂ ଦାଦା, ଖୁଡ଼ୀଙ୍କ ସହ ମିଶି ଏକାଠି ରହିବାକୁ। ହେଲେ ଏତେ ବଡ଼ ପରିବାରରେ ମୋତେ ଅଣନିଃଶ୍ୱାସ ଲାଗିଲା। ସେଥିପାଇଁ ମୁଁ ଅଲଗା ହୋଇଗଲି। ମୁଁ କହିଲି, ସାମାନ୍ୟ ଗୋଟିଏ ଛୋଟ ପିଲାକୁ ତୁମେ ଆଜି ସମ୍ଭାଳିବାକୁ ଅକ୍ଷମ। ତେବେ ଚିନ୍ତା କର, ପାଞ୍ଚ ଜଣ ଭାଇ ଭଉଣୀଙ୍କୁ ତୁମର ବାପା, ମା' କେମିତି ଲାଳନପାଳନ କରିଥିବେ ? ତାହା କେବଳ ସମ୍ଭବ ହୋଇପାରିଥିଲା ଗୋଟିଏ ଛାତ ତଳେ ଏକାଠି ରହୁଥିବା ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଅବଦାନ ଯୋଗୁ।

ତେବେ ଆଜିର ଆଧୁନିକ ସମାଜରେ ପ୍ରତ୍ୟେକ ବ୍ୟକ୍ତି ନିଜର ବ୍ୟକ୍ତିଗତ ଜୀବନଶୈଳୀକୁ ନେଇ ଆଗକୁ ବଢ଼ିବାକୁ ଚାହାନ୍ତି। ଅପରପକ୍ଷରେ ପରିବାର ନିମନ୍ତେ ରହିଥିବା ଆର୍ଥିକ, ଶାରୀରିକ ଏବଂ ମାନସିକ ଦାୟିତ୍ୱ ମଧ୍ୟରୁ ନିଜକୁ ଦୂରେଇନେବା ଲାଗି ସେମାନେ ନିଜର ପରିବାର ସଦସ୍ୟ ଏମିତିକି ମାତାପିତାଙ୍କ ସହ ରହିବାକୁ ମଧ୍ୟ କୁଣ୍ଠାବୋଧ କରୁଛନ୍ତି। ବିଶେଷକରି ଆଜିର ଯୁବବର୍ଗ ବ୍ୟକ୍ତିଗତ ସ୍ୱାର୍ଥ, ଉନ୍ନତି ଏବଂ ଲାଭକୁ ଦୃଷ୍ଟିରେ ରଖି ତଥା ସେଗୁଡ଼ିକୁ ପ୍ରାଥମିକତା ଦେଇ ନିଜ ପରିବାରଠାରୁ ଦୂରେଇ ଯାଉଛନ୍ତି। ବିଭିନ୍ନ ଗଣମାଧ୍ୟମରେ ଏହିପରି ଅନେକ ଘଟଣା ନଜରକୁ ଆସେ ଯେ, ସମାଜରେ ବୃଦ୍ଧ ମା'ବାପାମାନେ ନିଜର ପ୍ରତିଷ୍ଠିତ ପୁଅ ଏବଂ ଝିଅମାନଙ୍କ ଦ୍ୱାରା ଅବହେଳିତ ତଥା ବିତାଡ଼ିତ ହୋଇ ବୃଦ୍ଧାଶ୍ରମରେ ସମୟ କାଟୁଛନ୍ତି। ଯଦ୍ୱାରା ସାମୟିକ ଖୁସି ପାଇଁ ଆଜିର ଝିଅ ପୁଅମାନେ ଅଜାଣତରେ ଏକ ଖରାପ ଉଦାହରଣ ନିଜର ପିଲା ମାନଙ୍କ ପାଇଁ ମଧ୍ୟ ସୃଷ୍ଟି କରୁଛନ୍ତି ।

ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ଉକ୍ତ ଚିନ୍ତାଧାରା ଓ କାର୍ଯ୍ୟକଳାପରେ ଏକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ନ ଆସିଲେ ତାହା ହୁଏତ ଆସନ୍ତା ଦିବସଗୁଡ଼ିକରେ ପରିବାରର ଆଗାମୀ ପିଢ଼ି ନିମନ୍ତେ ଏକ ଖରାପ ଉଦାହରଣ ସାଜିବ। ତାହା ଦ୍ୱାରା ସେମାନେ ନିଜର ଚିନ୍ତାଧାରାକୁ ଧର୍ମପତ୍ନୀ ଓ ଜନ୍ମିତ ଝିଅପୁଅଙ୍କ ନିକଟରେ କେନ୍ଦ୍ରୀଭୂତ କରି ରଖିବେ ଏବଂ ପିତା, ମାତା, ଭାଇ, ଭଉଣୀ ଓ ପରିବାରର ଅନ୍ୟ ସଦସ୍ୟଙ୍କଠାରୁ ଅଲଗା ହୋଇ ରହିବାକୁ ପସନ୍ଦ କରିବେ। ଧୀରେ ଧୀରେ ଗୋଟିଏ ଛାତ ତଳେ ରହିବାର ଯେଉଁ ଖୁସି, ଆନନ୍ଦ, ସହଭାଗିତା, ତ୍ୟାଗ ଓ ସୁରକ୍ଷା ସମୟର ଦିଗ୍‌ବଳୟ ମଧ୍ୟରେ ବିଲୀନ ହୋଇଯିବେ। ଦିନ ଆସିବ, ଜଣେ ବ୍ୟକ୍ତି ନିକଟରେ ନିଜର ବୋଲି ମଣିଷ କେହି ନ ଥିବେ!

ବଦାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

## ପାଠକ ଶ୍ରେଷ୍ଠ ବିଚାରକ

### ଆପାର୍ଟମେଣ୍ଟ ପଞ୍ଜୀକରଣରେ ଶିଥିଳତା କାହିଁକି

ମହାଶୟ,

ଆମ ରାଜଧାନୀରେ ଗଢ଼ିଉଠିଥିବା ଆପାର୍ଟମେଣ୍ଟଗୁଡ଼ିକରୁ ଅଧୁନା ପ୍ରାୟ ୧୦,୦୦୦ ଆପାର୍ଟମେଣ୍ଟ ପଞ୍ଜୀକରଣ ନ ହୋଇ ପଡ଼ିରହିଛି। ଏହା ଉପଯୁକ୍ତ କ୍ରେତାମାନଙ୍କୁ ହସ୍ତାନ୍ତର ହୋଇପାରୁନାହିଁ। ଆପାର୍ଟମେଣ୍ଟ ପଞ୍ଜୀକରଣ ନ ହୋଇପାରିବାରୁ ମାତ୍ର ହାତଗଣତି କେତୋଟି ଆପାର୍ଟମେଣ୍ଟରେ କ୍ରେତାମାନଙ୍କୁ ଏହାର ପଞ୍ଜେଶନ ମିଳିପାରିଛି। ବିଡ଼ମ୍ବନାର ବିଷୟ, ବିଗତ ୩୮ ବର୍ଷ ହେବ ଏହି ନିୟମ ପଞ୍ଜୀକରଣ ହୋଇପାରୁନାହିଁ। ୧୯୮୨ ମସିହାରୁ ବିନା ପଞ୍ଜୀକରଣରେ କେତେକ ଆପାର୍ଟମେଣ୍ଟ କ୍ରେତାଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଅଦ୍ୟାବଧି ଯଥା ପୂର୍ବଂ ତଥା ପର ନୀତିରେ ସେଗୁଡ଼ିକ ସେହିପରି ପଡ଼ିରହିଛି। ଏପଟେ ରାଜସ୍ୱ ବିଭାଗର ଆୟ ବୃଦ୍ଧି ହେବା ପାଇଁ ଆପାର୍ଟମେଣ୍ଟଗୁଡ଼ିକ ଛତୁ ଫୁଟିଲାଭଳି ବଢ଼ି ବଢ଼ି ଚାଲିଛି। ପ୍ରଶ୍ନ ଉଠୁଛି, ଆପାର୍ଟମେଣ୍ଟଗୁଡ଼ିକର ସୁରକ୍ଷା ଯଦି ନିର୍ମାଣ ପୂର୍ବରୁ ପଞ୍ଜୀକରଣ କରାଯାଆନ୍ତା ତା'ହେଲେ ଘଟୁଥିବା ଅଗ୍ନିକାଣ୍ଡ ଓ ଅନ୍ୟାନ୍ୟ ଦୁର୍ଘଟଣାଜନିତ କ୍ଷୟକ୍ଷତିକୁ ବହୁ ପରିମାଣରେ ଏଡ଼ାଇ ଦିଆଯାଇପାରନ୍ତା। ସରକାର ଏ ଦିଗରେ ସଚେତନ ହେବା ନିହାତି ଆବଶ୍ୟକ।

-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

## ଚିରନ୍ତନୀ

ମାସେ ହେଲେ କାହୁଁ ଦେବ
ନାହିଁ ତାର ଭାବନା ତ
ଦେଖାଯିବ ଏହିନାଗେ
ଚକେ ଗଲେ ବାରହାତ।

-(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)







# ଭିକ ପାଇଁ ଭିନ୍ନକ୍ଷମ ଅଭିନୟ: ଉତ୍ତରପ୍ରଦେଶର ୪ ଯୁବକ ଗିରଫ

ବ୍ରହ୍ମପୁର,୨୧।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଏବେ ଠକଗ୍ୟାଙ୍ଗ ବିଭିନ୍ନ ଉପାୟ ଅବଲମ୍ବନ କରି ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି। ଏମାନେ କେବଳ ସ୍ଥାନୀୟ ଅଞ୍ଚଳର ନୁହେଁ, ବାହାର ରାଜ୍ୟରୁ ଆସି ଅଭିନବ ଉପାୟରେ ଠକି ଚାଲିଛନ୍ତି। ଏଭଳି ଏକ ଗ୍ୟାଙ୍ଗକୁ ବୁଧବାର ବୈଦ୍ୟନାଥପୁର ଥାନା ପୋଲିସ କାବୁ କରିଛି। ଶାରୀରିକ ଭାବେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ ମଧ୍ୟ ଭିନ୍ନକ୍ଷମ ଅଭିନୟ କରି ଭିକ୍ଷାବୃତ୍ତି କରୁଥିବା ୪ଜଣ ଠକ ଯୁବକଙ୍କୁ ପୋଲିସ ବାନ୍ଧିଛି। ସେମାନେ ହେଲେ ଉତ୍ତରପ୍ରଦେଶର ଅଜୟ କୁମାର, ଅନିଲ କୁମାର, ମେରୋ ଓ ଯଶବନ୍ତ କୁମାର। ଏହି ଗ୍ୟାଙ୍ଗ କମାପଲ୍ଲୀ ଏବଂ ଟାଟାବେଞ୍ଜ ଛକଠାରେ ଶ୍ରବଣବାଧିତ, ମୂକ ଓ ଆଶାବାଡ଼ି ଧରି ଛୋଟେଇ ଚାଲିବା ଅଭିନୟ କରି ଭିକ୍ଷା ମାଗୁଥିଲେ। ପୋଲିସ ସେମାନଙ୍କଠାରୁ ଏକ




ଖାତା ସହ ୮୬୦ଟଙ୍କା ଏବଂ ଆଶାବାଡ଼ି ଜବତ କରିଛି। ବୁଧବାର ଅପରାହ୍ନରେ ବୈଦ୍ୟନାଥପୁର ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କମାପଲ୍ଲୀ ଛକରେ ୨ଜଣ ଭିନ୍ନକ୍ଷମ ଭିକ ମାଗୁଥିବା ଦେଖିଥିଲା। ସେମାନଙ୍କ ହାବଭାବକୁ ନେଇ ସନ୍ଦେହ ହେବାରୁ ଥାନାକୁ ଆଣି ପଚରାଉଚରା କରିଥିଲା। ଉଭୟେ ଶାରୀରିକ ଭାବେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସହ ଲୋକଙ୍କ ସହାନୁଭୂତି ପାଇବା ପାଇଁ ଭିନ୍ନକ୍ଷମ ହୋଇଥିବାର ଅଭିନୟ କରି ଭିକ ମାଗୁଥିବା କହିଥିଲେ। ତାଙ୍କର ଅନ୍ୟ ୨ ସହଯୋଗୀ ଟାଟାବେଞ୍ଜ ଛକରେ ସମାନ ଢ଼ଙ୍ଗରେ ଭିକ୍ଷାବୃତ୍ତି କରୁଥିବା କହିବାରୁ ପୋଲିସ ସେମାନଙ୍କୁ ମଧ୍ୟ କାବୁ କରି ଥାନାକୁ ଆଣିଥିଲା। ୪ ଅଭିଯୁକ୍ତ ୧୬ ନଂ, ଜାତୀୟ ରାଜପଥ କଡ଼ରେ ରହୁଥିଲେ ଓ ସମୟ ସୁବିଧା ଦେଖି ସହରର ବିଭିନ୍ନ ଛକକୁ ଯାଇ ଭିକ ମାଗୁଥିଲେ ବୋଲି ସ୍ୱୀକାର କରିଛନ୍ତି। ଏ ନେଇ ଥାନାରେ ନଂ.୧୧୭/୨୪ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କର ଅନ୍ୟ କୌଣସି ଚୋରି କିମ୍ବା ଡକାୟତି ଘଟଣାରେ ସମ୍ପୃକ୍ତି ଅଛି ନା ନାହିଁ, ସେ ନେଇ ତଦନ୍ତ ଜାରି ରହିଛି।

Azadi Ka Amrit Mahotsav
सेन्ट्रल बैंक ऑफ़ इंडिया Central Bank of India
CENTRAL TO YOU SINCE 1911
ଚନ୍ଦରମୁଖୀ, ନରିମନ ପଏଣ୍ଟ , ମୁମ୍ବାଇ-୪୦୦୦୨୧,
ଫୋନ୍: ୦୨୨-୬୬୩୮୭୬୮୦, ଫ୍ୟାକ୍ସ:୦୨୨-୨୨୦୪୪୩୩୬,
ୱେବ୍‌ସାଇଟ୍ : www.centralbankofindia.co.in

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିମନ୍ତେ ୧୨ ମାସର ଅବଧି ପାଇଁ ଆପ୍ରେଣ୍ଟିସ୍‌ମାନଙ୍କ ନିଯୁକ୍ତି**

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏକ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯାହାର ସର୍ବଭାରତୀୟ ଶାଖା ନେଟ୍‌ୱର୍କରେ ୪୫୦୦ରୁ ଅଧିକ ଶାଖା ସହିତ ସର୍ବମୋଟ ବ୍ୟବସାୟ ୬,୦୦,୦୦୦ କୋଟି ଟଙ୍କାରୁ ଅଧିକ ଏବଂ ୩୧,୦୦୦ରୁ ଅଧିକ କର୍ମଚାରୀଙ୍କ ପ୍ରତିବଦ୍ଧ ଟିମ୍ ଦ୍ୱାରା ପରିଚାଳିତ। ବ୍ୟାଙ୍କ ଆପ୍ରେଣ୍ଟିସେସ୍ ଆକ୍ଟ, ୧୯୬୧ ଅନ୍ତର୍ଗତ ଏବଂ ବ୍ୟାଙ୍କର ଆପ୍ରେଣ୍ଟିସ୍‌ସିପ୍ ପଲିସି (ନିୟମ) ଅନୁଯାୟୀ ୧୨ ମାସର ଅବଧି ନିମନ୍ତେ ଆପ୍ରେଣ୍ଟିସ୍‌ମାନଙ୍କ ନିଯୁକ୍ତି ପାଇଁ ଇଚ୍ଛା ପ୍ରକାଶ କରୁଅଛି।

ପ୍ରାର୍ଥୀମାନଙ୍କୁ ଅନୁରୋଧ କି, ସବିଶେଷ ବିବରଣୀ ନିମନ୍ତେ ବ୍ୟାଙ୍କର ୱେବ୍‌ସାଇଟ୍ https://www.centralbankofindia.co.in ଦେଖନ୍ତୁ।

ମୁମ୍ବାଇ
ତାରିଖ: ୨୧.୦୨.୨୦୨୪ — ମହାପ୍ରବନ୍ଧକ (ଏଚ୍‌ସିଏମ୍)



## ସଂକ୍ଷେପରେ

### ପୂର୍ବ ଲଦାଖ ସୀମାରେ ଶାନ୍ତିରକ୍ଷା ପାଇଁ ଭାରତ-ଚାଇନା ରାଜି

**ନୂଆଦିଲ୍ଲୀ,୨୧।୨(ପି.ଟି.):** ପୂର୍ବ ଲଦାଖ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ୩.୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ବିବାଦର ସମାଧାନ ପାଇଁ ଭାରତ ଓ ଚାଇନା ମଧ୍ୟରେ ଉଚ୍ଚସ୍ତରୀୟ ସାମରିକ ଆଲୋଚନା ଅନୁଷ୍ଠିତ ହୋଇଛି। ଉକ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଲାଗି ଉଭୟ ପକ୍ଷ ରାଜି ହୋଇଥିଲେ ମଧ୍ୟ ବିବାଦ ସମାଧାନର କୌଣସି ସୂଚନା ମିଳିନାହିଁ। ସୋମବାର ଚୁଶୁଲ-ମୋଲଡୋ ସୀମାନ୍ତ ମିଟିଂ ପଏଣ୍ଟରେ ୨୧ତମ ଭାରତ-ଚାଇନା କର୍ପସ କମାଣ୍ଡରସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଡେପ୍ସାଙ୍ଗ ଏବଂ ଡେମ୍ଚୋକ୍ରେ ଦୀର୍ଘଦିନ ଧରି ଲାଗିରହିଥିବା ବିବାଦର ସମାଧାନ ପାଇଁ ଭାରତୀୟ ପକ୍ଷ ଜୋର୍ଦାର ଚାପ ପକାଇଥିଲେ ମଧ୍ୟ ଆଲୋଚନାରେ କୌଣସି ସ୍ଥାୟୀ ଅଗ୍ରଗତି ହୋଇନାହିଁ। ସାମରିକ ଏବଂ କୂଟନୈତିକ ବ୍ୟବସ୍ଥା ଜରିଆରେ ଆଲୋଚନା ଜାରି ରଖିବାକୁ ଉଭୟ ପକ୍ଷ ରାଜି ହୋଇଛନ୍ତି।

### ନାଥୁଲାରୁ ୫୦୦ ପର୍ଯ୍ୟଟକ ଉଦ୍ଧାର

**ଗାଙ୍ଗଟକ୍,୨୧।୨:** ପ୍ରବଳ ତୁଷାରପାତ ଯୋଗୁ ଭାରତ-ଚାଇନା ସୀମାର ସିକିମ୍ ଅନ୍ତର୍ଗତ ନାଥୁଲାରେ ଫସିରହିଥିବା ୫୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ଭାରତୀୟ ସେନା ବୁଧବାର ଉଦ୍ଧାର କରିଛି। ପୂର୍ବ ସିକିମ୍ରେ ଅଚାନକ ତୁଷାରପାତ ହେବାରୁ ପର୍ଯ୍ୟଟକମାନେ ଫସିରହିଥିଲେ। ସେନାର ତ୍ରିଶକ୍ତି କର୍ପସ୍ର ଯବାନମାନେ ସେଠାରେ ପହଞ୍ଚି ଅଟକି ରହିଥିବା ପର୍ଯ୍ୟଟକଙ୍କୁ ସହାୟତା କରିଥିଲେ। ସେମାନଙ୍କୁ ଗରମ ଖାଦ୍ୟ ଓ ଚିକିତ୍ସା ଯୋଗାଇ ଦିଆଯିବା ସହ ନିରାପଦର ସହ ସେଠାରୁ ଉଦ୍ଧାର ବ୍ୟବସ୍ଥା କରାଯାଇଥିଲା।

### ଥରୁର୍ଙ୍କୁ ମିଳିଲା ଫ୍ରାନ୍ସର ସର୍ବୋଚ୍ଚ ନାଗରିକ ସମ୍ମାନ

**ନୂଆଦିଲ୍ଲୀ, ୨୧।୨:** ବିଶିଷ୍ଟ ଲେଖକ ତଥା କଂଗ୍ରେସ ସାଂସଦ ଶଶି ଥରୁର୍ଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀ ଠାରେ ଥିବା ଫ୍ରାନ୍ସ ଦୂତାବାସରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ଫ୍ରାନ୍ସ ସିନେଟର ଅଧ୍ୟକ୍ଷ ଜେରାର୍ଡ ଲାର୍ଚରଙ୍କଠାରୁ ଥରୁର୍ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ନାଇଟ ଅଫ ଦ ଲିଜିଅନ ଅଫ୍ ଅନର' ଗ୍ରହଣ କରିଛନ୍ତି। ଏହି ଅବସରରେ ଥିରୁଭାନନ୍ତପୁରମ୍ରୁ ଏମ୍ପି ଥିବା ଥରୁର୍ଙ୍କୁ ଫ୍ରାନ୍ସର ପ୍ରକୃତ ମିତ୍ର ଭାବେ ଜେରାର୍ଡ ସମ୍ବୋଧନ କରିଥିଲେ। ଏହାପୂର୍ବରୁ ଗତବର୍ଷ ଅଗଷ୍ଟ ମାସରେ ତାଙ୍କୁ ଏହି ପୁରସ୍କାର ଦିଆଯିବା ନେଇ ଘୋଷଣା କରାଯାଇଥିଲା। ଭାରତ ଓ ଫ୍ରାନ୍ସ ମଧ୍ୟରେ ଥିବା ସମ୍ପର୍କକୁ ମଜଭୁତ କରିବା, ଅନ୍ତର୍ଜାତୀୟ ଶାନ୍ତି ଓ ସହଯୋଗ ପ୍ରତି ଉଦ୍ୟମ କରିବା ଏବଂ ଲମ୍ବା ସମୟ ଧରି ଫ୍ରାନ୍ସର ବନ୍ଧୁ ଭାବେ କାର୍ଯ୍ୟ କରିଥିବାରୁ ଶଶି ଥରୁର୍ଙ୍କୁ ଏହି ସମ୍ମାନ ଦିଆଯାଇଥିବା ଫ୍ରାନ୍ସ ଦୂତାବାସ ପକ୍ଷରୁ କୁହାଯାଇଛି।



# ସବୁଠୁ ବ୍ୟୟବହୁଳ ହେବ ସାଧାରଣ ନିର୍ବାଚନ

ନୂଆଦିଲ୍ଲୀ,୨୧।୨

ସୁପ୍ରିମକୋର୍ଟ ଇଲେକ୍ଟୋରାଲ ବଣ୍ଡକୁ ରଦ୍ଦ କରିଦେବା ପରେ ଆଗାମୀ ସାଧାରଣ ନିର୍ବାଚନରେ ବିପୁଳ ପରିମାଣର ଅସ୍ୱଚ୍ଛ ଟଙ୍କା ଖର୍ଚ୍ଚ ହେବା ଆଶଙ୍କା ବଢ଼ିଯାଇଛି। ଏପରି ହେଲେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତର ଲୋକ ସଭା ନିର୍ବାଚନ ପୃଥିବୀର ସବୁଠୁ ବ୍ୟୟବହୁଳ ନିର୍ବାଚନ ହେବ।

ଆସନ୍ତା ଏପ୍ରିଲ ଓ ମେ'ରେ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ୧.୨ ଟ୍ରିଲିୟନ୍ ଟଙ୍କା (୧୪.୪ ବିଲିୟନ୍ ଡଲାର) ଖର୍ଚ୍ଚ କରିବାକୁ ଯାଉଛନ୍ତି ବୋଲି ନିର୍ବାଚନୀ ବ୍ୟୟ ଉପରେ ନଜର ରଖୁଥିବା ନୂଆଦିଲ୍ଲୀର ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ ଅଧ୍ୟକ୍ଷ ଏନ୍. ଭାସ୍କର ରାଓ ସୂଚନା ଦେଇଛନ୍ତି। ପୂର୍ବରୁ କୌଣସି ନିର୍ବାଚନରେ ଏତେ ପରିମାଣର ଟଙ୍କା ଖର୍ଚ୍ଚ କରାଯାଇ ନ ଥିଲା। ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ହୋଇଥିବା ବ୍ୟୟ ତୁଳନାରେ ୧୪.୪ ବିଲିୟନ୍ ଡଲାର ଢେର ଅଧିକ ବୋଲି ଓପନ୍ସିକ୍ରେଟ୍ଡଟ୍ଓଆର୍ଜି ପକ୍ଷରୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ୨୦୧୮ରେ ଇଲେକ୍ଟୋରାଲ ବଣ୍ଡ ଆରମ୍ଭ କରିଥିଲେ। ଘରୋଇ ଅନୁଷ୍ଠାନ, ଶିଳ୍ପସଂସ୍ଥାଗୁଡ଼ିକରୁ ରାଜନୈତିକ ଦଳଗୁଡ଼ିକ ଚାନ୍ଦା ଗ୍ରହଣ ନିମନ୍ତେ ଏହି ବ୍ୟବସ୍ଥା କରାଯାଇଥିଲା। ଇଲେକ୍ଟୋରାଲ ବଣ୍ଡ ଜରିଆରେ ଦୁର୍ନୀତି, ମନି ଲଣ୍ଡରିଂ ବୃଦ୍ଧି ପାଇବା ସହ ଲୋକେ ଚାନ୍ଦାର ଉତ୍ସ ଜାଣିବାକୁ ପାଇବେ ନାହିଁ ଦର୍ଶାଇ ଏହାକୁ ସିଭିଲ ସୋସାଇଟି ସଦସ୍ୟ ଓ ବିରୋଧୀ ନେତାମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟ ଏହି ବଣ୍ଡକୁ ଅସାମ୍ବିଧାନିକ କହି ରଦ୍ଦ କରିଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଅବ୍ଜର୍ଭର ରିସର୍ଚ୍ଚ ଫାଉଣ୍ଡେଶନ୍ର ବରିଷ୍ଠ ଗବେଷକ ନିରଞ୍ଜନ ସାହୁଙ୍କ ମତରେ ଭାରତୀୟ ନିର୍ବାଚନଗୁଡ଼ିକରେ ଅର୍ଥର ବହୁଳ ପ୍ରଭାବ ରହିଛି। ହିସାବ ବହିର୍ଭୂତ ଟଙ୍କା ଭୋଟ ହାସଲରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ଭାସ୍କର ରାଓଙ୍କ ମତରେ ୨୦୧୯ ନିର୍ବାଚନ ତୁଳନାରେ ୨୦୨୪ ନିର୍ବାଚନରେ ଦୁଇଗୁଣରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ୨୦୧୯ରେ ପ୍ରାୟ ୬୦୦ ପ୍ରାର୍ଥୀ ୭.୨ ବିଲିୟନ୍ ଡଲାର ଖର୍ଚ୍ଚ କରିଥିବା ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ର ଏକ ରିପୋର୍ଟରୁ ଜଣାପଡ଼ିଛି।

ଭାରତର ନିର୍ବାଚନ କମିଶନ (ଇସିଆଇ) ପ୍ରାର୍ଥୀମାନଙ୍କ ନିର୍ବାଚନୀ ଖର୍ଚ୍ଚକୁ ଜଣ ପିଛା ୭.୫ ନିୟୁତରୁ ୯.୫ ନିୟୁତ ଟଙ୍କା ମଧ୍ୟରେ ସୀମିତ ରଖିବାକୁ ଧାର୍ଯ୍ୟ କରିଛନ୍ତି। ନିର୍ବାଚନ ବେଳେ ଖର୍ଚ୍ଚ ହେଉଥିବା ମୋଟ ଅର୍ଥର ୧୦% କେନ୍ଦ୍ର ସରକାର ବ୍ୟୟ କରିଥାଆନ୍ତି। ଅବଶିଷ୍ଟ ଅର୍ଥ ରାଜନୈତିକ ଦଳ ଓ ପ୍ରାର୍ଥୀ ଖର୍ଚ୍ଚ କରନ୍ତି। ୨୦୧୪ ନିର୍ବାଚନରେ ୩୮.୭୦ ବିଲିୟନ୍ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏହି ହିସାବ କରାଯାଇଛି। ରିପୋର୍ଟ ଅନୁସାରେ ଅନେକ ପ୍ରାର୍ଥୀ ପ୍ରଚାର ବେଳେ ଭୋଟରମାନଙ୍କୁ ଟଙ୍କା ଓ ଫୋନ୍, ଛେଳି ଆଦି ଉପହାର ଦେଇଥାଆନ୍ତି। ନିର୍ବାଚନରେ କଳାଧନର ବ୍ୟବହାର ବଢ଼ିଚାଲିଥିବାବେଳେ ଇସିଆଇ ଧାର୍ଯ୍ୟ କରିଥିବା ସୀମା ଫଳପ୍ରଦ ନୁହେଁ। ଏହାକୁ ଉପଯୁକ୍ତ ଢଙ୍ଗରେ ଲାଗୁ ମଧ୍ୟ କରାଯାଉ ନାହିଁ ବୋଲି ନିରଞ୍ଜନ କହିଛନ୍ତି। ହିସାବ ବହିର୍ଭୂତ ଖର୍ଚ୍ଚର ପରିମାଣ ଏତେ ଅଧିକ ଯେ, ଏହା ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିକୁ ମଧ୍ୟ ପ୍ରଭାବିତ କରିପାରେ ବୋଲି ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନଭିସ୍ ପ୍ରକାଶ କରିଛନ୍ତି।



### ଭାଜପାର ଆୟବ୍ୟୟ ସର୍ବାଧିକ

ଭାଜପା ଇଲେକ୍ଟୋରାଲ ବଣ୍ଡର ପ୍ରମୁଖ ହିତାଧିକାରୀ ହୋଇଥିଲେ ମଧ୍ୟ କେନ୍ଦ୍ରରେ କ୍ଷମତାସୀନ ଏହି ଦଳ ପାଖରେ ରାଜନୈତିକ ଚାନ୍ଦା ଗ୍ରହଣ ପାଇଁ ସବୁଠୁ ବଡ଼ ଉତ୍ସ ରହିଛି। ସର୍ବାଧିକ ଧନୀ ଗୈରିକ ଦଳ ୨୦୧୮ରୁ ୨୦୨୨ ମଧ୍ୟରେ ଇଲେକ୍ଟୋରାଲ ବଣ୍ଡ ବିକ୍ରି ଜରିଆରେ ସଂଗୃହୀତ ୯୨ ବିଲିୟନ୍ ଟଙ୍କା (୧.୧ ବିଲିୟନ୍ ଡଲାର)ର ୫୭% ଅର୍ଥାତ୍ ୫୨.୭ ବିଲିୟନ୍ ଟଙ୍କା ପାଇଥିଲା। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହାର ୧୦% ଅର୍ଥାତ୍ ୯.୬ ବିଲିୟନ୍ ଟଙ୍କା ଲାଭ କରିଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ୧୧.୪ ବିଲିୟନ୍ ଟଙ୍କା ଖର୍ଚ୍ଚ କରିଥିଲା, ଯାହାକି କଂଗ୍ରେସର ଖର୍ଚ୍ଚ ତୁଳନାରେ ପ୍ରାୟ ଦୁଇଗୁଣ ଅଧିକ ବୋଲି ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ସୂତ୍ରରୁ ଜଣାପଡ଼ିଛି। ଏଡିଆର୍ ରିପୋର୍ଟରୁ ଆହୁରି ଜଣାପଡ଼ିଛି ଯେ, ଭାଜପା ଗତ ଲୋକ ସଭା ନିର୍ବାଚନ ବେଳେ ୪୫ ବିଲିୟନ୍ ଟଙ୍କା ପାଇଥିଲା, ଯାହାକି ମୋଟ ସଂଗୃହୀତ ଚାନ୍ଦାର ୬୩.୩୪%। ଅନ୍ୟପକ୍ଷେ କଂଗ୍ରେସ ୧୬ ବିଲିୟନ୍ ଚାନ୍ଦା ପାଇଥିଲା, ଯାହାକି ମୋଟ ଅର୍ଥର ୧୮.୨୨%। ଏହି ତାରତମ୍ୟକୁ ଦେଖି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୁପ୍ରିମକୋର୍ଟଙ୍କ ରାୟ ପରେ କହିଥିଲେ, ଇଲେକ୍ଟୋରାଲ ବଣ୍ଡକୁ ଭାଜପା ଲାଞ୍ଚ ବା କମିଶନ ନେବାର ଏକ ମାଧ୍ୟମ କରିଦେଇଥିଲା।

### କଂଗ୍ରେସକୁ ୧୭ ଆସନ ଛାଡ଼ିଲେ ଅଖିଳେଶ

ନୂଆଦିଲ୍ଲୀ,୨୧।୨

କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ହସ୍ତକ୍ଷେପ ପରେ ଉତ୍ତରପ୍ରଦେଶରେ ଲୋକ ସଭା ନିର୍ବାଚନ ପାଇଁ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି(ଏସ୍ପି) ମଧ୍ୟରେ ଆସନ ବୁଝାମଣା ବୁଧବାର ଚୂଡ଼ାନ୍ତ ହୋଇଛି। ଉତ୍ତରପ୍ରଦେଶର ୮୦ ଲୋକ ସଭା ଆସନ ମଧ୍ୟରୁ କଂଗ୍ରେସ ୧୭ ଆସନରେ ଲଢ଼ିବାକୁ ଥିବାବେଳେ ଏସ୍ପି ଏବଂ ଇଣ୍ଡିଆ ମେଣ୍ଟର ଅନ୍ୟ ସହଯୋଗୀ ଦଳ ୬୩ ଆସନରେ ଲଢ଼ିବେ। ପ୍ରିୟଙ୍କା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସହ ଫୋନ୍ ଯୋଗେ କଥା ହେବା ପରେ ଆସନ ବୁଝାମଣାରେ କଂଗ୍ରେସ ସହ କୌଣସି ବିବାଦ ନ ଥିବା ଏସ୍ପି ଅଧ୍ୟକ୍ଷ କହିଛନ୍ତି। ସୂଚନାଯୋଗ୍ୟ, ଆସନ ବୁଝାମଣା ସମ୍ପର୍କରେ କଂଗ୍ରେସ ନିଜ ନିଷ୍ପତ୍ତି ନ ଜଣାଇବା ପର୍ଯ୍ୟନ୍ତ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଯୋଗ ଦେବେନାହିଁ ବୋଲି ପୂର୍ବରୁ ଅଖିଳେଶ କହିଥିଲେ। ବୁଧବାର ସକାଳେ ପ୍ରିୟଙ୍କା ଅଖିଳେଶଙ୍କୁ ଫୋନ୍ କରିବା ପରେ ଦୁଇ ଦଳ ମଧ୍ୟରେ ଆସନ ବୁଝାମଣା ନେଇ କଥାବାର୍ତ୍ତାରେ ସଫଳତା ମିଳିଛି। ବୁଝାମଣା ଚୂଡ଼ାନ୍ତ ହୋଇଥିବାରୁ ଉଭୟ ଦଳର ନେତାମାନେ ଅଖିଳେଶ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଶ୍ରେୟ ଦେଇଛନ୍ତି।



ଗ୍ରୀସ୍ ପ୍ରଧାନମନ୍ତ୍ରୀ କିରିଆକୋସ୍ ମିଟ୍ସୋଟାକିସ୍ ଓ ତାଙ୍କ ସ୍ତ୍ରୀ ମରେଭା ଗ୍ରବୋସ୍କି ବୁଧବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଭବନରେ ଉଭୟଙ୍କୁ ରାଜକୀୟ ଅଭ୍ୟର୍ଥନା ଦିଆଯାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମିଟ୍ସୋଟାକିସ୍ ଦମ୍ପତି ଉପସ୍ଥିତ।

### ଭାରତ-ଗ୍ରୀସ୍ ସହଯୋଗ ବଢ଼ିବ

ନୂଆଦିଲ୍ଲୀ,୨୧।୨

ସାମରିକ ଉପକରଣର ମିଳିତ ବିକାଶ ଓ ଉତ୍ପାଦନ ପାଇଁ ଭାରତ ଓ ଗ୍ରୀସ୍ ରାଜି ହୋଇଛନ୍ତି। ଏହା ବ୍ୟତୀତ ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ଏବଂ ପ୍ରବାସନ ସନ୍ଧିକୁ ସୁଦୃଢ଼ କରିବାକୁ ନିଷ୍ପତ୍ତି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭାରତ ଗସ୍ତରେ ଆସିଥିବା ଗ୍ରୀସ୍ ପ୍ରଧାନମନ୍ତ୍ରୀ କିରିଆକୋସ୍ ମିଟ୍ସୋଟାକିସ୍ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ବୁଧବାର ଆଲୋଚନା କରିଥିଲେ। ଆତଙ୍କବାଦ ବିରୋଧରେ ଲଢ଼େଇକୁ ଉଭୟ ଦେଶ ପ୍ରାଥମିକତା ଦେଉଛନ୍ତି। ଏକ୍ଷେତ୍ରରେ ସହଯୋଗ ବଢ଼ାଇବା ଉପରେ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ବିଭିନ୍ନ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା। ଆଲୋଚନା ଓ କୂଟନୈତିକ ପର୍ଯ୍ୟାୟରେ ସମସ୍ତ ବିବାଦର ସମାଧାନ ପାଇଁ ଉଭୟ ପକ୍ଷ ରାଜି ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

### ଖ୍ୟାତନାମା ଆଇନଜୀବୀ ନରିମାନଙ୍କ ପରଲୋକ

ନୂଆଦିଲ୍ଲୀ,୨୧।୨



ପ୍ରଖ୍ୟାତ ନ୍ୟାୟବିଦ୍ ତଥା ବର୍ଷୀୟାନ ଆଇନଜୀବୀ ଫଲି ଏସ୍. ନରିମାନଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ସେ ହୃଦ୍ରୋଗ ସମେତ ଏକାଧିକ ରୋଗରେ ପୀଡ଼ିତ ଥିଲେ। ଏହି ଖ୍ୟାତନାମା ସାମ୍ବିଧାନିକ ଆଇନଜୀବୀ ୧୯୫୦ ନଭେମ୍ବରରେ ବମ୍ବେ ହାଇକୋର୍ଟରେ ନିଜକୁ ଜଣେ ଆଡଭୋକେଟ ଭାବେ ପଞ୍ଜୀକୃତ କରିଥିଲେ। ସେ ୭୫ ବର୍ଷ ଧରି ଆଇନ ବ୍ୟବସାୟ କରିବା ସହ ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ଭାବେ ୫୦ ବର୍ଷ କାମ କରିଛନ୍ତି ଏବଂ ୧୩,୫୬୫ରୁ ଅଧିକ ମାମଲା ପରିଚାଳନା କରିଛନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସେ ଆଇନ ଓ ପେସାରେ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ସେଥିମଧ୍ୟରେ ରହିଛି ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ ମାମଲା, ଭୋପାଳ ଗ୍ୟାସ୍ ଦୁର୍ଘଟଣା ମାମଲା, ଟିଏମ୍ଏ ପାଇ ମାମଲା ଏବଂ ଜୟଲଳିଥାଙ୍କ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା। ୧୯୨୯ ଜାନୁଆରୀ ୧୦ରେ ରାଙ୍ଗୁନ୍ (ବର୍ତ୍ତମାନର ୟାଙ୍ଗୁନ୍)ରେ ଜନ୍ମିତ ନରିମାନ ୧୯୫୦ରେ ମୁମ୍ବାଇର ସରକାରୀ ଆଇନ ମହାବିଦ୍ୟାଳୟରୁ ଏଲ୍ଏଲ୍ବି କରିବା ପରେ ବମ୍ବେ ହାଇକୋର୍ଟରେ ଆଇନଜୀବୀ ଭାବେ ନିଜକୁ ପଞ୍ଜୀକୃତ କରିଥିଲେ। ୧୯୭୧ରେ ସେ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଭାବେ ନିଯୁକ୍ତ ହେବା ସହ ୧୯୭୨ରେ ଅତିରିକ୍ତ ସଲିସିଟର ଜେନେରାଲ ନିଯୁକ୍ତ ହୋଇଥିଲେ। ଜରୁରୀ ପରିସ୍ଥିତି ବେଳେ ଇସ୍ତଫା ଦେଇଥିଲେ। ନରିମାନ ୧୯୯୧ରେ ପଦ୍ମଭୂଷଣ ଏବଂ ୨୦୦୭ରେ ପଦ୍ମବିଭୂଷଣ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୨୦୦୨ରେ ସେ ନ୍ୟାୟ ପାଇଁ ଗ୍ରୁବର ପ୍ରାଇଜ୍ ପାଇଥିଲେ। ୧୯୯୯ରେ ସେ ରାଜ୍ୟ ସଭାକୁ ମନୋନୀତ ହୋଇଥିଲେ।

## ସନ୍ଦେଶଖାଲି ଯିବ ଏନ୍ଏଚ୍ଆର୍ସି ଟିମ୍

ନୂଆଦିଲ୍ଲୀ,୨୧।୨

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ କେତେଜଣ ମହିଳା ତୃଣମୂଳ କଂଗ୍ରେସ ନେତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବାବେଳେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି) ନିଜଆଡୁ ଉକ୍ତ ମାମଲାକୁ ଗ୍ରହଣ କରିବା ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମୁଖ୍ୟଙ୍କୁ ନୋଟିସ୍ ଜାରି କରିଛି। ଘଟଣାସ୍ଥଳର ତଦନ୍ତ ପାଇଁ କମିଶନ ସନ୍ଦେଶଖାଲିକୁ ଏକ ଟିମ୍ ପଠାଇବେ। ବଳାତ୍କାରୀ ତୃଣମୂଳ କଂଗ୍ରେସ ନେତା ଶେଖ୍ ଶାହଜାହାନଙ୍କ ବିରୋଧରେ ସ୍ଥାନୀୟ ଲୋକେ ବିକ୍ଷୋଭ ଜାରି ରଖିଥିବାବେଳେ ତାଙ୍କର ୨ ସହଯୋଗୀ ଉତ୍ତମ ସର୍ଦ୍ଦାର ଏବଂ ଶିବୁ ହାଜରାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ମାନବାଧିକାରର ଉଲ୍ଲଂଘନ ହୋଇଥିବାର ସୂଚନା ମିଳୁଛି, ଯାହା ବିବେକକୁ ଆଘାତ ଦେଇଛି ବୋଲି କମିଶନ କହିଛନ୍ତି। ମହିଳା, ଶିଶୁ ଓ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ବହୁ ମହିଳା ସେମାନଙ୍କ ଘରଦ୍ୱାର ଛାଡ଼ି ପଳାଇଗଲେଣି। ମାନବାଧିକାର ସୁରକ୍ଷା ଆଇନ, ୧୯୯୩ର କ୍ଷମତା ବଳରେ କମିଶନ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ଓ ପୋଲିସ ଡିଜିଙ୍କୁ ନୋଟିସ ଜାରି କରି କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ୪ ସପ୍ତାହ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଦେଶଖାଲି ସ୍ଥିତିକୁ ନେଇ କାଲ୍କାଟା ହାଇକୋର୍ଟ ମଙ୍ଗଳବାର ମମତା ବାନାର୍ଜୀ ସରକାରଙ୍କୁ ଭର୍ତ୍ସନା କରିଥିଲେ। ଅଭିଯୁକ୍ତ ଶାହଜାହାନଙ୍କୁ ରାଜ୍ୟ ସହାୟତା କରିପାରିବ ନାହିଁ ବୋଲି ଅଦାଲତ କହିଥିଲେ।

ସନ୍ଦେଶଖାଲି ନିକଟରେ ଭାଜପା କର୍ମୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ଘଟଣାରେ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ଶିଖ୍ ଆଇପିଏସ୍ ଅଫିସରଙ୍କୁ 'ଖଲିସ୍ତାନୀ' କହିଥିବା ଅଭିଯୋଗ ହୋଇଛି। ଶୁଭେନ୍ଦୁଙ୍କୁ ସନ୍ଦେଶଖାଲି ଯିବା ଲାଗି ହାଇକୋର୍ଟ ଅନୁମତି ଦେଇଥିଲେ ମଧ୍ୟ ସମ୍ପୃକ୍ତ ପୋଲିସ ଅଧିକାରୀ ଜଶପ୍ରୀତ୍ ସିଂ ତାଙ୍କୁ ଘଟଣାସ୍ଥଳକୁ ଛାଡ଼ି ନ ଥିଲେ। ପୋଲିସ ଅଧିକାରୀ ହାଇକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା କରିଥିବା ଭାଜପା ଅଭିଯୋଗ କରିଛି। ପଶ୍ଚିମବଙ୍ଗ ପୋଲିସ ନିଜ କର୍ତ୍ତବ୍ୟ କରିବା ପରିବର୍ତ୍ତେ ରାଜନୈତିକ ହାତବାରିସି ସାଜିଛି। ସନ୍ଦେହଖାଲି ଉପରୁ ଲୋକଙ୍କ ଦୃଷ୍ଟି ହଟାଇବାକୁ ଯାଇ ତୃଣମୂଳ କଂଗ୍ରେସ ଘଟଣାକୁ ଭିନ୍ନ ରୂପ ଦେବାକୁ ଉଦ୍ୟମ କରୁଥିବା ଶୁଭେନ୍ଦୁ କହିଛନ୍ତି।

### ରାଷ୍ଟ୍ର ପାଇଁ ଚିନ୍ତା କରୁଥିବା ମେଣ୍ଟ ସହ ରହିବୁ: କମଲ ହାସନ

ଚେନ୍ନାଇ,୨୧।୨

ଅଭିନେତାରୁ ରାଜନେତା କମଲ ହାସନ ନିଜ ଦଳ ଏମ୍ଏନ୍ଏମ୍ (ମକ୍କଲ ନିଧି ମୈଅମ)ର ରାଜନୈତିକ ମେଣ୍ଟ ସମ୍ପର୍କରେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହାନ୍ତି। ରାଷ୍ଟ୍ର ପାଇଁ ନିଃସ୍ୱାର୍ଥପର ଭାବେ ଚିନ୍ତା କରୁଥିବା ଯେକୌଣସି ମେଣ୍ଟକୁ ସମର୍ଥନ ଦିଆଯିବ ବୋଲି ହାସନ କହିଛନ୍ତି। ତେବେ ସାମନ୍ତବାଦୀ ରାଜନୀତିରେ ତାଙ୍କ ଦଳ ସାମିଲ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। ସେ ଇଣ୍ଡିଆ ମେଣ୍ଟରେ ଯୋଗ ଦେଇଛନ୍ତି କି ବୋଲି ପ୍ରଶ୍ନ ହେବାରୁ ହାସନ କହିଥିଲେ, ମେଣ୍ଟ ସମ୍ପର୍କିତ ନିଷ୍ପତ୍ତି ନେଲେ ଗଣମାଧ୍ୟମକୁ ଜଣାଇବେ।

### ରେଡିଓ ଉପସ୍ଥାପକ ଅମିନ ସୟାନିଙ୍କ ଦେହାନ୍ତ

ମୁମ୍ବାଇ, ୨୧।୨



ଦୀର୍ଘ ୬୦ ବର୍ଷ ଧରି ରେଡିଓ ଶ୍ରୋତାଙ୍କ ହୃଦୟରେ ରାଜ୍ କରୁଥିବା ଅମିନ ସୟାନିଙ୍କ ୯୧ ବର୍ଷ ବୟସରେ ହୃଦ୍ଘାତରେ ପରଲୋକ ଘଟିଛି। ମୁମ୍ବାଇରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ତାଙ୍କ ପୁଅ ରାଜୀଲ ସୟାନି ସୂଚନା ଦେଇଛନ୍ତି। ୧୯୩୨ରେ ମୁମ୍ବାଇରେ ଜନ୍ମ ଗ୍ରହଣ କରିଥିବା ଅମିନ ପ୍ରାୟ ୫୪ ହଜାରରୁ ଅଧିକ ରେଡିଓ ପ୍ରୋଗ୍ରାମର ପ୍ରଡ୍ୟୁସର ଓ ଉପସ୍ଥାପକ ଥିଲେ। ଏହା ସହ ସେ ପ୍ରାୟ ୧୯ ହଜାର ଜିଙ୍ଗଲ୍ ଓ ବିଜ୍ଞାପନରେ ସ୍ୱର ଦେଇଥିଲେ। ୬୦ ଦଶକରେ 'ବିନାକା ଗୀତମାଳା' କାର୍ଯ୍ୟକ୍ରମ ତାଙ୍କୁ ବେଶ ଲୋକପ୍ରିୟ କରାଇଥିଲା। ଏହି କାର୍ଯ୍ୟକ୍ରମରେ ତାଙ୍କ ନିଆରା ଉପସ୍ଥାପନା ଶୈଳୀକୁ ସମସ୍ତେ ଭୂରି ଭୂରି ପ୍ରଶଂସା କରୁଥିଲେ। ଏହି କାର୍ଯ୍ୟକ୍ରମ ୧୯୫୨ରୁ ୧୯୯୪ ଯାଏଁ ପ୍ରସାରିତ ହୋଇଥିଲା। ଜଣେ ରେଡିଓ ପ୍ରେଜେଣ୍ଟର ଭାବେ ଅଲ ଇଣ୍ଡିଆ ରେଡିଓ ମୁମ୍ବାଇରୁ ନିଜ କ୍ୟାରିଅର ଆରମ୍ଭ କରିଥିବା ଅମିନ ଦଶନ୍ଧି ଦଶନ୍ଧି ଧରି ଶ୍ରୋତାଙ୍କ ହୃଦୟରେ ରହିବାକୁ ସକ୍ଷମ ହୋଇଥିଲେ।

## ପାକିସ୍ତାନରେ କ୍ଷମତା ଭାଗବଣ୍ଟା ଛିଣ୍ଡିଲା

### ଶେହବାଜ ପ୍ରଧାନମନ୍ତ୍ରୀ, ଜର୍ଦ୍ଦାରୀ ରାଷ୍ଟ୍ରପତି ହେବେ

ଇସ୍ଲାମାବାଦ, ୨୧।୨(ପି.ଟି.)

ପାକିସ୍ତାନରେ ମେଣ୍ଟ ସରକାର ଗଢ଼ିବା ଲାଗି ପିଏମ୍ଏଲ୍-ଏନ୍ ଏବଂ ପିପିପି ମଧ୍ୟରେ କ୍ଷମତା ଭାଗବଣ୍ଟା ବୁଝାମଣା ଚୂଡ଼ାନ୍ତ ହୋଇଛି। ପାକିସ୍ତାନ ମୁସ୍ଲିମ୍ ଲିଗ୍-ନୱାଜ (ପିଏମ୍ଏଲ୍-ଏନ୍) ଅଧ୍ୟକ୍ଷ ଶେହବାଜ ଶରିଫ୍ ପୁଣିଥରେ ପ୍ରଧାନମନ୍ତ୍ରୀ ହେବେ ବୋଲି ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଏକ ମିଳିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେହିପରି ପିପିପି ସହଅଧ୍ୟକ୍ଷ ଅସିଫ ଅଲି ଜର୍ଦ୍ଦାରୀ ରାଷ୍ଟ୍ରପତି ହେବେ। ଗତ ୮ ତାରିଖରେ ଅନୁଷ୍ଠିତ ପାକିସ୍ତାନ ସାଧାରଣ ନିର୍ବାଚନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ଙ୍କ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ଅଧିକ ଆସନରେ ଜିତିଥିଲେ ମଧ୍ୟ ତାଙ୍କୁ କ୍ଷମତାଠାରୁ ଦୂରେଇ ରଖିବା ଲାଗି ପିଏମ୍ଏଲ୍-ଏନ୍ ଏବଂ ପିପିପି ଉଦ୍ୟମ ଜାରି ରଖିଥିଲେ। ନ୍ୟାଶନାଲ ଆସେମ୍ବ୍ଲିର ୨୬୬ ଆସନ ମଧ୍ୟରୁ ୨୬୫ ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ସରକାର ଗଢ଼ିବା ପାଇଁ ୧୩୩ ଏମ୍ପିଙ୍କ ସମର୍ଥନ ଆବଶ୍ୟକ। ପିଏମ୍ଏଲ୍-ଏନ୍ ୭୫ ଆସନରେ ଜିତିଥିବାବେଳେ ପିପିପି ୫୪ ଏବଂ ମୁତ୍ତାହିଦା କ୍ୱାମି ମୁଭ୍ମେଣ୍ଟ ପାକିସ୍ତାନ (ଏମ୍କ୍ୟୁଏମ୍-ପି) ୧୭ ଆସନ ଜିତିଛି। ସାନି ନିର୍ବାଚନ ପାଇଁ ହୋଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ତେଣୁ ଦେଶରେ ରାଜନୈତିକ ଅନିଶ୍ଚିତତା ଦୂର କରି ମେଣ୍ଟ ସରକାର ଗଠନ ଲାଗି ବାଟ ସଫା ହୋଇଯାଇଛି।



ଶେହବାଜ ଶରିଫ୍



ଅସିଫ ଅଲି ଜର୍ଦ୍ଦାରୀ

## ଆଇନ ସଂଶୋଧନ ଫିଟାଇଲା ମୁକ୍ତିର ବାଟ

### ୧୮ ବର୍ଷ ପରେ ସ୍ୱଦେଶ ଫେରିଲେ ୫ ଭାରତୀୟ

ହାଇଦ୍ରାବାଦ୍, ୨୧।୨

୧୮ ବର୍ଷ ଧରି ଦୁବାଇରେ ବନ୍ଦୀ ଥିବା ୫ ଭାରତୀୟ ଶ୍ରମିକ ଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ହାଇଦ୍ରାବାଦ୍ର ରାଜୀବ ଗାନ୍ଧୀ ଅନ୍ତଃରାଷ୍ଟ୍ରୀୟ ବିମାନବନ୍ଦରରେ ଏହି ଶ୍ରମିକମାନଙ୍କୁ ସେମାନଙ୍କ ପରିବାର ପକ୍ଷରୁ ସ୍ୱାଗତ କରାଯାଇଛି। ଦୀର୍ଘ ବର୍ଷ ପରେ ଏହି ଶ୍ରମିକମାନଙ୍କୁ ନିଜ ଗହଣରେ ପାଇ ପରିବାର ଲୋକେ ଖୁସିରେ ବିଭୋର ହୋଇ ଉଠିଥିଲେ। ତେଲଙ୍ଗାନାର ରାଜନ୍ନା ସିରସିଲ୍ଲା ଜିଲାର ଏହି ୫ ଶ୍ରମିକ ସଂଯୁକ୍ତ ଆରବ ଏମିରେଟସ(ୟୁଏଇ)ରେ କାମ କରୁଥିବା ବେଳେ ଜଣେ ନେପାଳୀ ନାଗରିକଙ୍କ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହି ମାମଲାରେ ଦୁବାଇର ଏକ କୋର୍ଟ ସମସ୍ତ ୫ ଶ୍ରମିକଙ୍କୁ ୨୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ୟୁଏଇରେ ପ୍ରଚଳିତ ଥିବା ଏହି ମାମଲା ସମ୍ପର୍କୀତ ଆଇନର ସଂଶୋଧନ ହେବା ଦ୍ୱାରା ଏହି ୫ ଭାରତୀୟଙ୍କ ମୁକ୍ତିର ମାର୍ଗ ସୁଗମ ହୋଇଥିଲା। ତେଲଙ୍ଗାନାର ପୂର୍ବତନ ମନ୍ତ୍ରୀ କେ.ଟି. ରାମାରାଓ(କେଟିଆର୍)ପୂର୍ବରୁ ନିଜ ନେପାଳ ଗସ୍ତରେ ଏହି ମାମଲାରେ ମୃତ୍ୟୁବରଣ କରିଥିବା ନେପାଳୀ ନାଗରିକଙ୍କ ପରିବାରକୁ ଭେଟି ତାଙ୍କୁ ୧୫ ଲକ୍ଷ ଟଙ୍କାର ଆର୍ଥିକ କ୍ଷତିପୂରଣ ପ୍ରଦାନ କରିଥିଲେ। ସମ୍ପୃକ୍ତ ପରିବାରର ଅନୁମତି ସହ ସେ ଗତବର୍ଷ ସେପ୍ଟେମ୍ବର ମାସରେ ୟୁଏଇ ଗସ୍ତ କରି ସମସ୍ତ ୫ ଶ୍ରମିକଙ୍କୁ କ୍ଷମା ପ୍ରାର୍ଥନା ଦେବା ପାଇଁ ନିବେଦନ କରିଥିଲେ। କେଟିଆରଙ୍କ ଏହି ନିବେଦନକୁ ଗ୍ରହଣ କରି ସମସ୍ତ ୫ ଶ୍ରମିକଙ୍କ କ୍ଷମା ପ୍ରାର୍ଥନାକୁ ୟୁଏଇ ସରକାର ମଞ୍ଜୁର କରିଥିଲେ।



ରାଜୀବ ଗାନ୍ଧୀ ଏୟାରପୋର୍ଟରେ ଦୁବାଇରୁ ଫେରିଥିବା ସମ୍ପର୍କୀୟଙ୍କୁ ଭେଟି ଭାବବିହ୍ୱଳ ପରିବାର ଲୋକେ।

# ସବୁ ଜିଲାରେ ପହଞ୍ଚିଲା ଲକ୍ଷ୍ମୀ ବସ୍ ସେବା

- ଆଉ ୫ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ
- ଗ୍ରାମାଞ୍ଚଳରେ ବ୍ୟାପକ ଅର୍ଥନୈତିକ ଅଭିବୃଦ୍ଧି ଆଣିବ ଲକ୍ଷ୍ମୀ: ମୁଖ୍ୟମନ୍ତ୍ରୀ
- ଲକ୍ଷ୍ମୀ ବସ୍ ଆମ ନିଜର ସମ୍ପତ୍ତି, ଏହାର ରକ୍ଷଣାବେକ୍ଷଣ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କଲେ ପାଣ୍ଡିଆନ






ଭୁବନେଶ୍ୱର,୨୧।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ ବାଲେଶ୍ୱର, ଜଗତ୍‌ସିଂହପୁର, ଗଞ୍ଜାମ, ନୂଆପଡ଼ା ଓ ବୌଦ୍ଧ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ୫ଟି ଜିଲାର ୧୦୫୭ ପଞ୍ଚାୟତରେ ୨୫୫ ବସ୍ ଚଳାଚଳ ଆରମ୍ଭ କରିଛି। ଏହା ଦ୍ୱାରା ୭୧ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ବାଲେଶ୍ୱର ଜିଲାର ୩୧୫ ପଞ୍ଚାୟତରେ ୪୮ବସ୍ ଚାଲିବା ଦ୍ୱାରା ୨୦ଲକ୍ଷ ୪୨ ହଜାର ଲୋକ ଉପକୃତ ହୋଇଥିବା ବେଳେ ନୂଆପଡ଼ାର ୧୨୩ ପଞ୍ଚାୟତରେ ୨୫ ବସ୍ ଚଳାଚଳ କରିବା ଯୋଗୁ ୫ ଲକ୍ଷ ୭୪ ହଜାର ଲୋକ ଉପକୃତ ହୋଇଛନ୍ତି। ସେହିପରି ବୌଦ୍ଧର ୫୫ ପଞ୍ଚାୟତରେ ୧୦ଟି ବସ୍ ଚାଲିବା ଦ୍ୱାରା ୩ ଲକ୍ଷ ୫୩ ହଜାର ଲୋକ ଉପକୃତ ହୋଇଥିବା ବେଳେ ଗଞ୍ଜାମର ୪୩୩ଟି ପଞ୍ଚାୟତରେ ୧୩୦ ବସ୍ ଚାଲିବା ଯୋଗୁ ୩୪ ଲକ୍ଷ ୪୭ ହଜାର ଲୋକ ଏବଂ ଜଗତ୍‌ସିଂହପୁର ଜିଲାର ୧୩୧ ପଞ୍ଚାୟତରେ ୪୨ ବସ୍ ଚାଲିବା ସହିତ ୭ ଲକ୍ଷ ୫୦ ହଜାର ଲୋକ ଉପକୃତ ହୋଇଛନ୍ତି। ଏଥିସହିତ ଓଡ଼ିଶାର ସମସ୍ତ ୩୦ ଜିଲାରେ ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ କରିଛି। ସମୁଦାୟ ୩୦ ଜିଲାରେ ୧୩୫୪ ବସ୍ ଚାଲିବା ଆରମ୍ଭ କରିଛି। ଏହାଦ୍ୱାରା ୬୦୩୧ଟି ପଞ୍ଚାୟତର ୩.୬୪ କୋଟି ଲୋକ ଉପକୃତ ହୋଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ରାଜ୍ୟର ସବୁ ଗାଁରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ସହିତ ବ୍ୟାପକ ଅର୍ଥନୈତିକ ଅଭିବୃଦ୍ଧି ଆଣିବ। ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ। ଲକ୍ଷ୍ମୀ ବସ୍ ଆମର ଜୀବନ ଯାତ୍ରାକୁ ସହଜ କରିବ। ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ସଦସ୍ୟମାନଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଓ ଗାଁର ଅର୍ଥନୀତିକୁ ମଜଭୁତ କରିବା ଆମର ଲକ୍ଷ୍ୟ। ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲକ୍ଷ୍ମୀ ବସ୍ ସହିତ ସମ୍ପୃକ୍ତ ସମସ୍ତ ବିଭାଗ, ଜନପ୍ରତିନିଧି ଓ ସାଧାରଣ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ବୌଦ୍ଧଠାରେ ଉପସ୍ଥିତ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ପ୍ରତି ଘରେ ସମୃଦ୍ଧି ଆଣିବ। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ତାଙ୍କ ଜିଲା ଗସ୍ତ ବେଳେ ଗ୍ରାମାଞ୍ଚଳରେ ଲୋକଙ୍କ ଗମନାଗମନର ସୁବିଧା ପାଇଁ ମିଳିଥିଲା ମତାମତ। ସେହି ଅନୁଯାୟୀ ସେ ୨୦୨୩ ମେ' ୯ ତାରିଖରେ ଜିଲାପାଳମାନଙ୍କ ସହିତ ଆଲୋଚନା କରିଥିଲେ। ଏହା ପରେ ଅକ୍ଟୋବର ୧୨ରେ ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା ଲକ୍ଷ୍ମୀ ବସ୍। ଏ ପର୍ଯ୍ୟନ୍ତ ୩୦ ଜିଲାର ୯୫ ପ୍ରତିଶତ ପଞ୍ଚାୟତ ଏଥିରେ ଅନ୍ତର୍ଭୁକ୍ତ। ଲକ୍ଷ୍ମୀ ବସ୍ ଆମ ନିଜର ସମ୍ପତ୍ତି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ପାଣ୍ଡିଆନ କହିଛନ୍ତି। ଲକ୍ଷ୍ମୀ ବସ୍‌ରେ ମୁଖ୍ୟମନ୍ତ୍ରୀ ମା'ମାନଙ୍କ ପାଇଁ ଟିକେଟର ମୂଲ୍ୟ ୫ ଟଙ୍କା ରଖିଛନ୍ତି। ମିଶନ ଶକ୍ତି ସଦସ୍ୟମାନଙ୍କ ୟୁନିଫର୍ମ ପାଇଁ ୧୦୦୦ ଟଙ୍କା ପ୍ରଦାନ କରିଛନ୍ତି। ମମତା ଯୋଜନା ରାଶି ୧୦ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ନୂଆ-ଓ ଛାତ୍ରବୃତ୍ତିରେ ପରିବାରର ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଝିଅମାନଙ୍କ ପାଇଁ ୧୦ ହଜାର ଟଙ୍କା ବ୍ୟବସ୍ଥା କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା କରିଛନ୍ତି। ମିଶନ ଶକ୍ତି ସଦସ୍ୟଙ୍କ ପାଇଁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ବାଲେଶ୍ୱରରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଧାୟକ ସ୍ୱରୂପ କୁମାର ଦାସ, ନୂଆପଡ଼ାରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲା ପରିଷଦ ସଭାପତି ଡଲି ମାଝି, ବୌଦ୍ଧରେ ମନ୍ତ୍ରୀ ପଦୀପ କୁମାର ଅମାତ, ବିଧାୟକ ମହୀଧର ରଣା, ଗଞ୍ଜାମରେ ବିଧାୟିକା ଲତିକା ପ୍ରଧାନ, ବିଧାୟକ ବିକ୍ରମ କୁମାର ପଣ୍ଡା, ଜଗତ୍‌ସିଂହପୁରରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଓ ଏମ୍‌ପି ରାଜଶ୍ରୀ ମଲ୍ଲିକ ପ୍ରମୁଖ ଯୋଗ ଦେଇ କହିଛନ୍ତି ଲକ୍ଷ୍ମୀ ବସ୍ ଜରିଆରେ ଗ୍ରାମାଞ୍ଚଳବାସୀଙ୍କ ଗମନାଗମନ ଅସୁବିଧାକୁ ମୁଖ୍ୟମନ୍ତ୍ରୀ ଦୂର କରିଦେଇଛନ୍ତି। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁରଠାରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ।

# ସ୍ୱଦେଶୀ ଷ୍ଟାର୍ଟଅପ୍ ଉପରେ ନିବେଶ ପାଇଁ ଧର୍ମେନ୍ଦ୍ରଙ୍କ ଆହ୍ୱାନ




ଭୁବନେଶ୍ୱର,୨୧।୨(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀ ଠାରେ ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନ(ଆଇମା)ର ୬୮ତମ ପ୍ରତିଷ୍ଠା ଦିବସ ଏବଂ ୧୮ତମ ଜାତୀୟ ମ୍ୟାନେଜମେଣ୍ଟ ଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱଦେଶୀ ଷ୍ଟାର୍ଟଅପ୍‌ଗୁଡ଼ିକ ଉପରେ ନିବେଶ କରିବା ପାଇଁ ଶିଳ୍ପ ସମାଜକୁ ଆହ୍ୱାନ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଆଗାମୀ ୨୫ ବର୍ଷରେ ଭାରତ ହେବ ଅନ୍‌ଷ୍ଟପେବୁଲ। ଶିକ୍ଷାଠାରୁ ଆରମ୍ଭକରି ଅର୍ଥନୀତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତ ଉତ୍କର୍ଷ ହାସଲ କରିବ। ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଆହୁରି ସମ୍ପ୍ରସାରଣ କରିବା ପାଇଁ ସ୍ୱଦେଶୀ ଷ୍ଟାର୍ଟଅପ୍‌ଗୁଡ଼ିକ ଉପରେ ଅଧିକ ଭରସା କରିବା ଏବଂ ପୁଞ୍ଜିନିବେଶ କରିବା ଆବଶ୍ୟକ। ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନ ପରି ଅନୁଷ୍ଠାନଗୁଡ଼ିକ ଏ ଦିଗରେ ନିଜର ଦାୟିତ୍ୱ ନିର୍ବାହ କରିବା ଜରୁରୀ। ଲୋକଙ୍କୁ ସେମାନଙ୍କ ଲକ୍ଷ୍ୟ ପୂରଣ କରିବା ପାଇଁ ମାର୍ଗଦର୍ଶନ ଦେବା ସହ ଭାରତର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଯୋଗ କରିବା ଦିଗରେ ଥିବା ସମସ୍ତ ପ୍ରତିବନ୍ଧକ ଦୂରକରିବା ପାଇଁ ସେମାନଙ୍କ ଭୂମିକା ପ୍ରତିପାଦିତ କରିବା ଦରକାର। ଆମର ସାମୂହିକ ବୁଦ୍ଧିମତ୍ତାକୁ ରାଷ୍ଟ୍ର ନିର୍ମାଣରେ ବ୍ୟବହାର କରାଯିବା ଉଚିତ। ଏହି କଥାକୁ ଆମ ଭିତରେ ସୀମିତ ନ ରଖି ପରବର୍ତ୍ତୀ ପିଢ଼ି ପାଖରେ ମଧ୍ୟ ପହଞ୍ଚାଇବା ଦରକାର। ୨୦୨୭ ସୁଦ୍ଧା ଭାରତ ବିଶ୍ୱର ୩ୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି। ଏହାଦ୍ୱାରା ବିପୁଳ ସୁଯୋଗ ସୃଷ୍ଟି ହେବ। ଏହି ସୁଯୋଗର ବ୍ୟବହାର କରିବା ସହ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ପାଇଁ ଏକ ସାମୂହିକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ଆମ ଆଗରେ ଚ୍ୟାଲେଞ୍ଜ ରହିଛି। ଏହି ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ବିଚାରବିମର୍ଶ କରିବାକୁ ଧର୍ମେନ୍ଦ୍ର ଶିଳ୍ପ ସମାଜକୁ ପରାମର୍ଶ ଦେଇଛନ୍ତି। ଅଲ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନର ପ୍ରତିଷ୍ଠା ଦିବସ ପାଇଁ ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇବା ସହ ମ୍ୟାନେଜମେଣ୍ଟ, ସମାଜସେବା ଏବଂ ଥଟ୍ ଲିଡରଶିପ୍ ନେତୃତ୍ୱ ପାଇଁ ପୁରସ୍କୃତ ହୋଇଥିବା ସମସ୍ତ ବିଶିଷ୍ଟ ଶିଳ୍ପପତିଙ୍କୁ କେନ୍ଦ୍ରମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

# ସଂରକ୍ଷିତ ଜଙ୍ଗଲରେ ଲାଗିଲା ନିଆଁ



ହୁତୁହୁତୁ ହୋଇ ଜଳୁଥିବା ସଂରକ୍ଷିତ ଜଙ୍ଗଲ।

ଉଦଳା,୨୧।୨
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ ନୂଆସାହି ସଂରକ୍ଷିତ ଜଙ୍ଗଲରେ ବୁଧବାର ମଧ୍ୟାହ୍ନରେ ନିଆଁ ଲାଗି ବ୍ୟାପକ କ୍ଷତି ହୋଇଛି। ବଡ଼ ବଡ଼ ଗଛ ସାଙ୍ଗକୁ ଗୁଳ୍ମଲତା ପୋଡ଼ି ଛାରଖାର ହୋଇଯାଇଛି। ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଜଙ୍ଗଲର ୩ ଦିଗରୁ ନିଆଁ ଲାଗିଥିବାରୁ ଏହାକୁ ଆୟତ୍ତ କରିବାକୁ ବନ ବିଭାଗ ନାକେଦମ ହୋଇଛି। ନିଆଁ ଧୀରେ ଧୀରେ ବ୍ୟାପିବା ସହ ଭୟଙ୍କର ରୂପ ନେବାରେ ଲାଗିଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବା ବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ତେବେ ବଡ଼ ଗଛ ନଷ୍ଟ ହୋଇନାହିଁ ଏବଂ ନିୟନ୍ତ୍ରଣ ପାଇଁ ଚେଷ୍ଟା ଜାରି ରହିଥିବା ଉଦଳା ରେଞ୍ଜର ଜଗଦୀଶ ଦାସ କହିଛନ୍ତି।

# ୫ ଜିଲା ଶିକ୍ଷାଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

କଟକ,୨୧।୨ (କାର୍ତ୍ତିକ ସାହୁ)

**ଏଆଇ ସର୍ଭିଲାନ୍ସରେ ମାଟ୍ରିକ ପରୀକ୍ଷା ଅବ୍ୟବସ୍ଥା**
**ଶିକ୍ଷକ, ପୋଲିସ କର୍ମଚାରୀ ସାମିଲ**

ଚଳିତବର୍ଷ ମାଟ୍ରିକ ପରୀକ୍ଷାର ମଙ୍ଗଳବାର ପ୍ରଥମ ଦିନରେ କେତେକ ପରୀକ୍ଷାକେନ୍ଦ୍ରର ଅବ୍ୟବସ୍ଥା ସମ୍ପର୍କରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସର୍ଭିଲାନ୍ସ ଅବଗତ କରାଇଛି। ପରୀକ୍ଷା ଡ୍ୟୁଟିରେ ଥିବା ଶିକ୍ଷକ ଓ ପୋଲିସ ଏଥିରେ ସମ୍ପୃକ୍ତ ଅଛନ୍ତି। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ମୁଖ୍ୟାଳୟର କଣ୍ଟ୍ରୋଲ ରୁମ୍‌ରେ ସିସିଟିଭି କ୍ୟାମେରା ଦ୍ୱାରା ଅବ୍ୟବସ୍ଥା ସୂଚିତ ହେବା ପରେ ବୋର୍ଡ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ୫ ଜିଲାର ୮ ପରୀକ୍ଷା କେନ୍ଦ୍ରରେ ହୋଇଥିବା ଅବ୍ୟବସ୍ଥା ଓ ଅନିୟମିତତାକୁ ବୋର୍ଡ ରେକର୍ଡ କରିଛି। ସେଥିମଧ୍ୟରେ କଟକ ଜିଲାର ନରସିଂହପୁରସ୍ଥିତ ଏ.ଏନ୍. ହାଇସ୍କୁଲ, କାନପୁର ବାଳିକା ହାଇସ୍କୁଲ, ଜନାର୍ଦ୍ଦନପୁରସ୍ଥିତ ଚିତ୍ରୋତ୍ପଳା ନୋଡାଲ ହାଇସ୍କୁଲ, ଅଡ଼ଶପୁରସ୍ଥିତ ପ୍ରାଚୀ ଏକାଡେମୀ, କଳାହାଣ୍ଡି ଜିଲା କୋକସରାସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠ, ଢେଙ୍କାନାଳ ଜିଲା ମେରାମୁଣ୍ଡଳିସ୍ଥିତ ଅରବିନ୍ଦ ବିଦ୍ୟାମନ୍ଦିର, ପୁରୀ ଜିଲା ପିପିଲି ନୋଡାଲ ହାଇସ୍କୁଲ ଓ ନୟାଗଡ଼ ଜିଲା ରଣପୁରସ୍ଥିତ ବି.ସି. ହାଇସ୍କୁଲ ଅନିୟମିତତା ତାଲିକାଭୁକ୍ତ ହୋଇଛି। ଏନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ କଟକ ଏସ୍‌ପିଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବୋର୍ଡ ପକ୍ଷରୁ ଲିଖିତ ଭାବେ ଅବଗତ କରାଯାଇଛି।

ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏ. ଏନ୍. ହାଇସ୍କୁଲରେ ଜଣେ ନିରୀକ୍ଷକ ପରୀକ୍ଷା ପରିଚାଳନା କ୍ଷେତ୍ରରେ ସକ୍ରିୟ ନାହାନ୍ତି। ଏପରି କି ପରୀକ୍ଷାର୍ଥୀମାନେ ପରସ୍ପର ମଧ୍ୟରେ କଥା ହେଉଥିଲେ ବି ସେ କାହାରିକୁ ବାରଣ କରୁନାହାନ୍ତି। ପୁଣି ଜଣେ ମହିଳା ପୋଲିସ କୌଣସି କାରଣ ନ ଥାଇ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରୁଛନ୍ତି। କାନପୁର ବାଳିକା ହାଇସ୍କୁଲରେ ଦେଖାଯାଇଛି ପରୀକ୍ଷା ଚାଲିଥିବା ଏକ କୋଠରିର ଝରକା ବାହାର ପଟରେ ଅନାଧିକୃତ ଭାବେ ଜଣେ ବ୍ୟକ୍ତି ଅଛନ୍ତି। ଜନାର୍ଦ୍ଦନପୁରସ୍ଥିତ ଚିତ୍ରୋତ୍ପଳା ନୋଡାଲ ହାଇସ୍କୁଲରେ ପରୀକ୍ଷାର୍ଥୀମାନଙ୍କୁ ପରସ୍ପର ମଧ୍ୟରେ କଥା ହେବାରୁ ନିବୃତ୍ତ ରଖିବାକୁ ବାରଣ କରିବା ନିମନ୍ତେ ସେତେ ସକ୍ରିୟ ନାହାନ୍ତି। ଅଡ଼ଶପୁରସ୍ଥିତ ପ୍ରାଚୀ ଏକାଡେମୀରେ ବୋର୍ଡ ଗାଇଡ୍‌ଲାଇନ ଅନୁସାରେ ପରୀକ୍ଷା ପରିଚାଳନା ହେଉନାହିଁ। ବିଶେଷକରି ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସମୟ ଅନୁସାରେ ପ୍ରଶ୍ନପତ୍ର ପଠାଇବା କାର୍ଯ୍ୟ କରାଯାଇନାହିଁ। ସେହିପରି ଜବାହର ଉଚ୍ଚ ବିଦ୍ୟାପୀଠରେ ଜଣେ ଶିକ୍ଷୟିତ୍ରୀ ପୂର୍ବାହ୍ନ ୯ଟା ୧୭ରେ ମୋବାଇଲ ଫୋନ୍ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଅରବିନ୍ଦ ବିଦ୍ୟାମନ୍ଦିରର ୨ ନମ୍ବର କୋଠରିରେ ପୂର୍ବାହ୍ନ ୧୦ଟା ୪ ମିନିଟ୍‌ରେ କେହି ନିରୀକ୍ଷକ ନାହାନ୍ତି। ପିପିଲି ନୋଡାଲ ହାଇସ୍କୁଲ ଏବଂ ବି.ସି. ହାଇସ୍କୁଲରେ ପ୍ରଶ୍ନପତ୍ର ପଠାଇବା କାର୍ଯ୍ୟ ସମୟାନୁସାରେ କରାଯାଇନାହିଁ। ସମ୍ପୃକ୍ତ ପରୀକ୍ଷା ନିରୀକ୍ଷକ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ଉପରୋକ୍ତ ୫ ଜିଲାର ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଗଠନ ହେବ ଆଡ୍‌ଭୋକେଟ୍ ଏକାଡେମୀ

କଟକ,୨୧।୨ (କାର୍ତ୍ତିକ ସାହୁ)

**ରାଜ୍ୟ ଆଇନଜୀବୀ ପରିଷଦର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି**
- ବାର୍ ଆସୋସିଏଶନ୍‌କୁ ନିର୍ବାଚନୀ ଖର୍ଚ୍ଚ ବନ୍ଦ
- କର୍ପସ ଫଣ୍ଡ ଦ୍ୱାରା ୧୦୦ ଟଙ୍କିଆ ଷ୍ଟାମ୍ପ ସ୍ଥଗିତ

ବହୁ ପ୍ରତୀକ୍ଷିତ ଆଡ୍‌ଭୋକେଟ୍ ଏକାଡେମୀ ଗଠନ ନିମନ୍ତେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତତ୍‌ସଂକ୍ରାନ୍ତୀୟ ଆବଶ୍ୟକ ଭିତ୍ତିଭୂମି ପାଇଁ ଭୂମି ଓ ଅର୍ଥ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ତୁରନ୍ତ ଅନୁରୋଧପତ୍ର ଦାଖଲ କରାଯିବ। ଏନେଇ କଟକସ୍ଥିତ ପରିଷଦର ମୁଖ୍ୟାଳୟରେ ଅନୁଷ୍ଠିତ ପରିଷଦର ସାଧାରଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ରାଜ୍ୟର ସମସ୍ତ ଆଇନଜୀବୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ମଧୁବାବୁ ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁ କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଇତିମଧ୍ୟରେ ଭାରତରେ ଅନେକ ରାଜ୍ୟର ସରକାର ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିସାରିଛନ୍ତି। ଓଡ଼ିଶାରେ ମଧ୍ୟ ଏହି ଆଇନ ପ୍ରଣୀତ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ ନିମନ୍ତେ ବୈଠକରେ ସ୍ଥିର ହୋଇଛି। ପରିଷଦର ସଦସ୍ୟ ଦୀନେଶ ଚନ୍ଦ୍ର ରାୟ ଓ ଅକ୍ଷୟ କୁମାର ପତି ଉପରୋକ୍ତ ପ୍ରସଙ୍ଗ ବୈଠକରେ ଉପସ୍ଥାପନ କରିଥିଲେ। ଆଡ୍‌ଭୋକେଟ୍ ୱେଲ୍‌ଫେୟାର କର୍ପସ ଫଣ୍ଡକୁ ସ୍ଥଗିତ ରଖାଯିବା ଓ ସମସ୍ତ ବାର୍ ଆସୋସିଏଶନକୁ ଦିଆଯାଉଥିବା ନିର୍ବାଚନୀ ଖର୍ଚ୍ଚ ତୁରନ୍ତ ବନ୍ଦ କରିବା ପାଇଁ ମଧ୍ୟ ପରିଷଦର ଦୃଷ୍ଟିଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଆଲୋଚନା କରାଯାଇ ଆଡ୍‌ଭୋକେଟ୍ ୱେଲ୍‌ଫେୟାର କର୍ପସ ଫଣ୍ଡ ଦ୍ୱାରା କରାଯାଉଥିବା ୧୦୦ ଟଙ୍କିଆ ଷ୍ଟାମ୍ପକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ବାର୍ ଆସୋସିଏଶନ୍‌ଗୁଡ଼ିକୁ ଦିଆଯାଉଥିବା ନିର୍ବାଚନୀ ଖର୍ଚ୍ଚ ବନ୍ଦ ରଖିବାକୁ ନିଷ୍ପତ୍ତି ଗୃହୀତ ହୋଇଛି। ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇ ଭବିଷ୍ୟତରେ ଯଥାସମ୍ଭବ ଆଇନଜୀବୀଙ୍କ କଲ୍ୟାଣ ପାଇଁ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି। ଆଇନଜୀବୀମାନଙ୍କ କଲ୍ୟାଣ ନିମନ୍ତେ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ରାଜ୍ୟର ସମସ୍ତ ଆଇନଜୀବୀ ଓ ବୁଦ୍ଧିଜୀବୀ ମହଲରୁ ସ୍ୱାଗତ କରାଯାଇଛି।

# ଘରୋଇ ବିଶ୍ୱବିଦ୍ୟାଳୟରେ ଆଇନ ଛାତ୍ରୀଙ୍କୁ ସିନିୟରଙ୍କ ମାଡ଼

ଭୁବନେଶ୍ୱର,୨୧।୨(ସୂର୍ଯ୍ୟକାନ୍ତ ବେହେରା)

**ରାଗିଂ ଚର୍ଚ୍ଚା**

ଭୁବନେଶ୍ୱରର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ଆଇନ ଛାତ୍ରୀ ରାଗିଂର ଶିକାର ହୋଇଥିବା ଚର୍ଚ୍ଚା ଚାଲିଛି। ସମ୍ପୃକ୍ତ ପ୍ରଥମ ବର୍ଷର ଛାତ୍ରୀଙ୍କୁ ହଷ୍ଟେଲରେ ୩ ସିନିୟର ଛାତ୍ରୀ ମାଡ ମାରିଥିବା ନେଇ ସେ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଆକ୍ରମଣ ପଛର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ଆକ୍ରମଣରେ ଆଇନ ଛାତ୍ରୀ ଜଣକ ଆହତ ହୋଇଛନ୍ତି। ସୂଚନାନୁସାରେ, ଆକ୍ରମଣର ଶିକାର ହୋଇଥିବା ଛାତ୍ରୀ ଜଣକ ପ୍ରଥମେ ବିଶ୍ୱବିଦ୍ୟାଳୟ ଶୃଙ୍ଖଳା କମିଟି ପାଖରେ ଅଭିଯୋଗ କରିଥିଲେ। ମାତ୍ର ଆକ୍ରମଣକାରୀ ୩ଜଣ ସିନିୟର ଛାତ୍ରୀ କମିଟିରେ ହାଜର ହୋଇ ନ ଥିଲେ। ଫଳରେ ପୀଡିତା ଛାତ୍ରୀ ଜଣକ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଭରତପୁର ଥାନା ଅଧିକାରୀ ଦିନକୃଷ୍ଣ ମିଶ୍ର କହିଛନ୍ତି, ଆକ୍ରମଣ ପଛର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ପ୍ରଥମ ବର୍ଷର ଛାତ୍ରୀଙ୍କୁ କିଛି ସିନିୟର ଛାତ୍ରୀ ହଷ୍ଟେଲରେ ମିଳିତ ଭାବେ ମାଡ ମାରିଥିବା ନେଇ ଥାନାରେ ପୀଡିତା ଜଣକ ଅଭିଯୋଗ କରିଛନ୍ତି। ଏହି ଆଧାରରେ ଆଇପିସି ଦଫା ୩୪୧,୩୨୩,୩୪ରେ ମାମଲା (ନଂ ୧୧୦/୨୪) ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ଆକ୍ରମଣର କାରଣ ଜଣାପଡିବ। ଅପରପକ୍ଷେ ତନ୍ତ୍ରମନ୍ତ୍ରକୁ ନେଇ ଏହି ଆକ୍ରମଣର ଶିକାର ହୋଇଥିବା ଶୁଣିବାକୁ ମିଳୁଛି। ପୀଡିତା ଛାତ୍ରୀ ଜଣକ ତନ୍ତ୍ରବିଦ୍ୟା କରି ଜଣେ ସିନିୟର ଛାତ୍ରୀଙ୍କ ପ୍ରେମକୁ ଭାଙ୍ଗି ଦେଇଥିବା ସନ୍ଦେହରେ ସେମାନେ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି। ତେବେ ଏନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଜଙ୍ଗଲ ରାସ୍ତାରେ ମହାବଳ-ମଣିଷ





ଜଙ୍ଗଲ ରାସ୍ତାରେ ମହାବଳ ଯାଉଛି। ମହାବଳ ବାଘ ଚଳପ୍ରଚଳ କରୁଥିବା ରାସ୍ତାରେ ଛୋଟପିଲା ଓ ଜଣେ ବ୍ୟକ୍ତି ଯାଉଛନ୍ତି।

ବାରିପଦା,୨୧।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଏକ ରାସ୍ତାରେ ଉଭୟ ମହାବଳ ବାଘ ଓ ମଣିଷ ଚଳପ୍ରଚଳ କରିବାର ଏକ ଭିଡିଓ ଟ୍ରାପ୍ କ୍ୟାମେରାରେ କଏଦ ହୋଇଛି। ଏହାକୁ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁଶାନ୍ତ ନନ୍ଦ ସୋସିଆଲ ମିଡିଆ (ଏକ୍ସ)ରେ ଶେୟାର କରିଛନ୍ତି। ଆଗାମୀ ଦିନରେ ଶିମିଳିପାଳ ଅଭୟାରଣ୍ୟରେ ମହାବଳ ଓ ମଣିଷ ଏକା ସାଙ୍ଗରେ ମିଳିମିଶି ରହିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଭିଡିଓଟି ଭାଇରାଲ ହେବା ପରେ ଲୋକେ ଏହାକୁ ଦେଖି ଚକିତ ହୋଇଥିବା ବେଳେ ମହାବଳଙ୍କ ସଂଖ୍ୟା ବୃଦ୍ଧି ହୋଇଥିବା ନେଇ ପ୍ରାଣୀ ପ୍ରେମୀମାନେ ଖୁସିବ୍ୟକ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ରହୁଥିବା ଗ୍ରାମର ଲୋକମାନଙ୍କ ଚଲାପଥରେ ଏକ ମହାବଳ ବାଘ ଚଳପ୍ରଚଳ କରିଥିଲା। ମହାବଳ ଯିବାର କିଛି ସମୟ ପରେ ଏକ ଛୋଟ ପିଲା ସହିତ ଜଣେ ଲୋକ ସେହି ରାସ୍ତାରେ ଯାଉଥିବା ଦେଖିବାକୁ ମିଳିଛି। ତେବେ କୋର୍ ଏରିଆରେ ରହୁଥିବା ଲୋକଙ୍କୁ ମହାବଳ ବାଘ ଆକ୍ରମଣ ନ କରିବା ଭଳି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମହାବଳ ବାଘଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ଉପଯୁକ୍ତ ବାସସ୍ଥଳୀ ଭାବେ ଏନ୍‌ଟିସିଏ ପ୍ରକାଶ କରିଛି। ବାଘର ଖାଦ୍ୟ ଶୃଙ୍ଖଳ, ବାସସ୍ଥଳୀ ଓ ବଂଶବୃଦ୍ଧି ନିମନ୍ତେ ଶିମିଳିପାଳ ପ୍ରକୃଷ୍ଟ ସ୍ଥାନ। ଖାଦ୍ୟାଭାବ ନ ଥିବାରୁ ମହାବଳ ଲୋକଙ୍କୁ ଆକ୍ରମଣ କରୁନାହିଁ ବୋଲି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ତେବେ ବାଘ ଓ ମଣିଷ ମୁହାଁମୁହିଁ ହେବା ଶିମିଳିପାଳ ଅଭୟାରଣ୍ୟରେ ଏକ ନିତିଦିନିଆ ଘଟଣା ବୋଲି ସେ କହିଛନ୍ତି।

DSPL-694
ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ-୨୦୨୪
ଇଡକୋ ପ୍ରଦର୍ଶନୀ ପଡିଆ, ୟୁନିଟ୍-୦୩, ଭୁବନେଶ୍ୱର
(୨୨.୦୨.୨୦୨୪ ରୁ ୨୮.୦୨.୨୦୨୪)
ଶୁଭ ଉଦ୍‌ଘାଟନ
୨୨ ଫେବୃୟାରୀ ସନ୍ଧ୍ୟା ଘ.୬:୩୦ ମିନିଟ୍
ମୁଖ୍ୟ ଅତିଥି
ଶ୍ରୀମତୀ ରୀତା ସାହୁ
ମାନ୍ୟବର ମନ୍ତ୍ରୀ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡ଼ିଶା
ସମ୍ମାନିତ ଅତିଥି
ଡ଼ଃ. ଅରବିନ୍ଦ କୁମାର ପାଢୀ, ଭା.ପ୍ର.ସେ
ପ୍ରମୁଖ ଶାସନ ସଚିବ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର


ଉକ୍ତ ଉତ୍ସବରେ ଉପସ୍ଥିତ ରହି ହସ୍ତଶିଳ୍ପ କାରିଗର ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଅନୁରୋଧ ।
ଆୟୋଜକ: ହସ୍ତଶିଳ୍ପ ନିର୍ଦ୍ଦେଶାଳୟ,ଓଡ଼ିଶା
ସୌଜନ୍ୟ : ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା
OIPR-31034/13/0010/2324

# ଅବଧି ସରିଲାଣି, ପାଣି ମିଳୁନି

**ଯାଜପୁର ଜିଲାରେ ଜଳକଷ୍ଟ**

- ଆଗକୁ ଖରା, ମେଗା ପ୍ରକଳ୍ପ ଦିଗହରା
- ଅଣଓଡ଼ିଆ ଠିକାସଂସ୍ଥାର ଖାମଖିଆଲି ମନୋଭାବ


ପାଣି ପାଇଁ ମହିଳାମାନଙ୍କ ଲମ୍ବା ଲାଇନ।

**ଯାଜପୁର,୨୧।୨(ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲାରେ ମୋଟ ୧୫୯୭ ଗ୍ରାମ ମଧ୍ୟରୁ ପ୍ରାୟ ୫୦୦ ଗ୍ରାମରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଛି। ଅବଶିଷ୍ଟ ଗ୍ରାମରେ ଆସନ୍ତା ୨୦୨୪ ସୁଦ୍ଧା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। ଏଥିପାଇଁ ଜିଲାରେ ୧୦ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲୁଛି। କିନ୍ତୁ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ରିପୋର୍ଟକୁ ଅବଲୋକନ କଲେ ଏଇ ଗ୍ରୀଷ୍ମ ମାସ ପୂର୍ବରୁ ଲୋକେ ସ୍ୱଚ୍ଛ ପାଣି ପାଇବା ନେଇ ସଂଶୟ ସୃଷ୍ଟି ହୋଇଛି। ନିର୍ମାଣ ଦାୟିତ୍ୱରେ ଥିବା ଅଣଓଡ଼ିଆ ଠିକାସଂସ୍ଥାର ବେଲଗାମ ଓ ଲାଭଖୋର ମନୋବୃତ୍ତି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ମତପ୍ରକାଶ ପାଇଛି। ଫଳରେ ଜିଲାର ଏକାଧିକ ଗ୍ରାମର ଲୋକେ ଏବେ ବି ଖୋଲା କୂଅର ପାଣି ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳିଛି।

ଯାଜପୁର ଜିଲା ଚଣ୍ଡିଖୋଲ ଜଳଯୋଗାଣ ଓ ପରିମଳ ଖଣ୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମେଗା ଜଳ ଯୋଗାଣ ପ୍ରକଳ୍ପ ପାଇଁ ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମବିଏଡିସି) ଏବଂ ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫଣ୍ଡ(ଆରଆଇଡିଏଫ୍)ରୁ ମଞ୍ଜୁର ଅର୍ଦ୍ଧାଧିକ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ହେଲେ କୌଣସିଟିଏ ବି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଲୋକଙ୍କ କାମରେ ଲାଗି ପାରିନାହିଁ। ଏନ୍‌ସିସି ଠିକାସଂସ୍ଥା ପକ୍ଷରୁ ଖଣି ପ୍ରଭାବିତ ସୁକିନ୍ଦା ବ୍ଲକରେ ଓଏମ୍‌ବିଏଡିସି ପାଣ୍ଠିରୁ ୨୩୫.୯ କୋଟି ଟଙ୍କାର ୩ଟି ମେଗା ଜଳଯୋଗାଣ ପ୍ରକଳ୍ପ ୨୦୧୭-୧୮ରୁ କାର୍ଯ୍ୟକାରୀ ହେଉଛି। ଗତ ଡିସେମ୍ବର ସୁଦ୍ଧା ୨୩୦.୯୪ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଛି। ୨୪ଟି ଓ ୧୯ଟି ଖଣି ପ୍ରଭାବିତ ଗ୍ରାମବାସୀଙ୍କ ପାଇଁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ସାରିଛି ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି। ହେଲେ ବାସ୍ତବରେ ଏବେ ବି ୧୫ରୁ ଊର୍ଦ୍ଧ୍ୱ ତଳିଆ ଅଞ୍ଚଳର ଗ୍ରାମବାସୀ ପାଇପ୍ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷେ ୫୨ଟି ଖଣି ପ୍ରଭାବିତ ଗ୍ରାମବାସୀଙ୍କ ପାଇଁ ନିର୍ମାଣାଧୀନ ତୃତୀୟ ପ୍ରକଳ୍ପ ଏଯାଏ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏହିସବୁ ପ୍ରକଳ୍ପ ଗତ ୩୦।୧୧।୨୦୨୩ ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏନ୍‌ସିସି ଠିକାସଂସ୍ଥାର ନିମ୍ନମାନର କାର୍ଯ୍ୟ ସହ ଅବହେଳା କାରଣରୁ ଖଣି ପ୍ରଭାବିତ ଲୋକଙ୍କ ସ୍ୱପ୍ନ ପୂରଣ ହୋଇ ପାରିନାହିଁ।

ବଡ଼ଚଣା, ଧର୍ମଶାଳା ଓ ରସୁଲପୁର ବ୍ଲକର ୧ ପଞ୍ଚାୟତ ପାଇଁ ୩୫୧.୪୪ କୋଟି ଟଙ୍କାର ମେଗା ପ୍ରକଳ୍ପକୁ ୩୦।୧୨।୨୦୨୩ ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ସଂପୃକ୍ତ ଠିକାସଂସ୍ଥା ମେଘା ଇଞ୍ଜିନିୟରିଂ ଏଥିରେ ବିଫଳ ହୋଇଛି। ଦଶରଥପୁର ବ୍ଲକବାସୀଙ୍କ ପାଇଁ ୧୯୧.୮୫ କୋଟି ଟଙ୍କାରେ ନିର୍ମାଣ ହେଉଥିବା ପ୍ରକଳ୍ପକୁ ମଧ୍ୟ ୩୦।୧୨।୨୦୨୩ ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ କରାଯାଇଥିଲେ ହେଁ ମେଘା ଇଞ୍ଜିନିୟରିଂ ଠିକାସଂସ୍ଥା ସମ୍ପୂର୍ଣ୍ଣ କରିବାକୁ ଆଉ ପ୍ରାୟ ୨ ବର୍ଷ ସମୟ ଲାଗିପାରେ ବୋଲି ମତପ୍ରକାଶ ପାଇଛି। ଧର୍ମଶାଳା ଓ ରସୁଲପୁର ବ୍ଲକ ପାଇଁ ୨୬୧.୪୬ କୋଟି ଟଙ୍କାରେ ନିର୍ମିତ ମେଗା ପ୍ରକଳ୍ପ ୨୪।୨।୨୦୨୪ ସୁଦ୍ଧା ସାରିବାକୁ ଠିକାସଂସ୍ଥା କେଇସିକୁ ନିର୍ଦ୍ଦେଶ ହୋଇଥିଲା। ଏଥିପାଇଁ ୧୦୮.୮୩ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଛି। କିନ୍ତୁ ଉକ୍ତ ପ୍ରକଳ୍ପର ଅଗ୍ରଗତି ନୈରାଶ୍ୟଜନକ ରହିଛି। ଶିଳ୍ପ ସମୃଦ୍ଧ ଦାନଗଦି ବ୍ଲକର ୧୨୪ ଗ୍ରାମ ପାଇଁ ୧୩୫.୮୪ କୋଟି ଟଙ୍କାରେ କେଇସି ଠିକାସଂସ୍ଥା ପକ୍ଷରୁ ମେଗା ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଏହି ପ୍ରକଳ୍ପକୁ ୨୪।୨।୨୦୨୪ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ପ୍ରକଳ୍ପର ଅର୍ଦ୍ଧାଧିକ କାର୍ଯ୍ୟ ବାକି ପଡିଛି। ଯାଜପୁର ଓ ବିଞ୍ଝାରପୁର ବ୍ଲକବାସୀଙ୍କ ପାଇଁ ୪୧୮.୮୭ କୋଟି ଟଙ୍କାରେ ମେଘା ଇଞ୍ଜିନିୟରିଂ ଠିକାସଂସ୍ଥା ମେଗା ପ୍ରକଳ୍ପ କାମ କରୁଛି। ଏହି ପ୍ରକଳ୍ପକୁ ୨୨।୩।୨୦୨୪ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ୧୦% କାମ ବି ସରି ନ ଥିବା ଜଣାପଡିଛି। ବରୀ ବ୍ଲକର ୮୯ ଗ୍ରାମ ଓ କୋରେଇ ବ୍ଲକର ୧୫୮ ଗ୍ରାମବାସୀଙ୍କ ପାଇଁ ୧୩୮.୫୫ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ପ୍ରକଳ୍ପକୁ ୧୪।୩।୨୦୨୫ ସୁଦ୍ଧା ସାରିବାକୁ ଠିକାସଂସ୍ଥା କେପିଆଇଏଲକୁ ଦାୟିତ୍ୱ ମିଳିଛି। ହେଲେ କାର୍ଯ୍ୟ ପ୍ରାୟ ୫ ପ୍ରତିଶତ ବି ସରି ନ ଥିବା ରିପୋର୍ଟରୁ ସୂଚନା ମିଳିଛି। ଏଭଳି ଭାବେ ଜିଲାର ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ ଏକପ୍ରକାର ପ୍ରହସନ ବୋଲି ଚର୍ଚ୍ଚା ହେଉଛି।

ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କ୍ଷେତ୍ରମୋହନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ସୁକିନ୍ଦା ଅଞ୍ଚଳର ମେଗା ଜଳଯୋଗାଣ ପ୍ରକଳ୍ପ ପ୍ରାୟ ଶେଷ ହୋଇ ସାରିଛି। କିନ୍ତୁ କେତେକ ସ୍ଥାନରେ ଉକ୍ତ ପାଣିକୁ ଚାଷ କାର୍ଯ୍ୟରେ ବିନିଯୋଗ କରାଯାଉଥିବାରୁ ଶେଷ ମୁଣ୍ଡକୁ ପାଣି ପହଞ୍ଚିବାରେ ବାଧ ସୃଷ୍ଟି ହେଉଛି। ଏଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ବାକି ମେଗା ପ୍ରକଳ୍ପଗୁଡିକୁ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ଉଦ୍ୟମ ଜାରି ରହିଛି।

## ଓଡ଼ିଆ ଯୁବକଙ୍କ ମାଲେସିଆରେ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ**



**ବରୀ,୨୧।୨(ମହେନ୍ଦ୍ର ସ୍ୱାଇଁ):**

ବରୀ-ରାମଚନ୍ଦ୍ରପୁର ଥାନା ସ୍ୱାଇଁଖଣ୍ଡ ପଞ୍ଚାୟତ କଳାଖଣ୍ଡ ଜୁଣ୍ଡୁଙ୍ଗା ଗ୍ରାମର ଜଗବନ୍ଧୁ ସାହୁଙ୍କ ପୁଅ ଜ୍ୟୋତିରଞ୍ଜନ ସାହୁ(୩୩)ଙ୍କ ମାଲେସିଆରେ ମୃତ୍ୟୁ ହୋଇଛି। ସେ ରଶିଲଗାଇ ଆତ୍ମହତ୍ୟା କରିଥିବା ସ୍ଥାନୀୟ ପୋଲିସ ତରଫରୁ କୁହାଯାଇଛି। ଅନ୍ୟପକ୍ଷରେ ସେଠାରେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଜ୍ୟୋତିରଞ୍ଜନ ୬ ବର୍ଷ ଧରି ମାଲେସିଆର ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ଗତ ୧୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ ଖବର ଆସିଥିଲା। ଜ୍ୟୋତିରଞ୍ଜନଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗୁରୁବାର ବିମାନଯୋଗେ ତାଙ୍କ ମରଶରୀର କଲିକତାରେ ପହଞ୍ଚିବ। ସେଠାରୁ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗ୍ରାମକୁ ଅଣାଯିବ। ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ବରୀ ବିଧାୟିକା ସୁନନ୍ଦା ଦାସ, ବିଜେଡି ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ ଓ ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡ଼ି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

**ବ୍ରହ୍ମବରଦା,୨୧।୨(ଯଯାତି କେଶରୀ ବେହେରା):** ରସୁଲପୁର ବ୍ଲକ୍ ଅନ୍ତର୍ଗତ ବନ୍ଧଡ଼ିହ ପଞ୍ଚାତୟରେ ଆମ ଓଡ଼ିଶା ନବୀନ କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବନ୍ଧଡ଼ିହ ସରପଞ୍ଚ ବିକ୍ରମ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବନ୍ଧଡ଼ିହ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ବନ୍ଧଡ଼ିହ କ୍ଲଷ୍ଟର ସିଆରସିସି ଶ୍ରୀବତ୍ସ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ଶିକ୍ଷାବିତ ଯତିନ୍ଦ୍ର ମହାପାତ୍ର, ସିଏସଓ ଶ୍ରାବଣୀ ତ୍ରିପାଠୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ରାଉତ, ଜିଆରଏସ ସେକ୍ ସାଦକ, ଏମ୍‌ବିକେ ମନୋରମା ମଲ୍ଲିକ, ତୁଳସୀ ମଲ୍ଲିକ, ସୁଷମା ସେଠୀ ଯୋଗଦେଇ ସରକାରଙ୍କ ବହୁମୁଖି ଯୋଜନା ଉପରେ ଲୋକମାନଙ୍କୁ ସଚେତନତା କରାଇଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗ୍ରାମର ବିଭିନ୍ନ ଖେଳ କୁଦରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲ। ବନ୍ଧଡ଼ିହ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସୁଶାନ୍ତ ସାହାଣୀ ମଞ୍ଚ ପରିଚାଳନା କରିଥିବା ବେଳେ ନାଏବ ସରପଞ୍ଚ ମମତା ରାଉତ ଧନ୍ୟବାଦ ଦେଇଥିଲେ।

ସେହିପରି ଅର୍ଥଙ୍ଗା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଅବନୀକାନ୍ତ ସାହୁ, ଅତିରିକ୍ତ ବିଡିଓ ଦିବ୍ୟକାନ୍ତୀ ମିଶ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରାଉତ, ଜିଆରଏସ ମାମୁନି ମିଶ୍ର, ସରପଞ୍ଚପ୍ରତିଭା ମଲ୍ଲିକ, ସମିତିସଭ୍ୟ ପୁନି ମଲ୍ଲିକ ଯୋଗଦେଇଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ବେଣୁଧର ସାମଲ, କାର୍ତ୍ତିକ ମହାଲିକ, ଅର୍ଜୁନ ନାୟକ ଯୋଗଦେଇ ରାଜ୍ୟ ସରକାରଙ୍କ ବହୁମୁଖି ଯୋଜନା ବିଷୟରେ ଆଲୋକପାତ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ବିଧାୟକ ଏବଂ ଅନ୍ୟମାନେ।

**ଧର୍ମଶାଳା,୨୧।୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ନେଉଳପୁର, କଣ୍ଟିଗଡ଼ିଆ, କ୍ଷେତ୍ରପାଳ ଏବଂ କୁମାରୀ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର ଏହି ପଞ୍ଚାୟତଗୁଡ଼ିକରେ କରିଥିବା ଉନ୍ନତୀମୂଳକ କାର୍ଯ୍ୟର ହିସାବ ରଖିଥିଲେ। ଏଥିସହିତ ସେ ତାଙ୍କ ବକ୍ତବ୍ୟରେ ୧୦ ବର୍ଷ ଧରି କ'ଣ କାର୍ଯ୍ୟ କରିଛନ୍ତି ତାହାର ହିସାବ ଦେବାକୁ ଆସିଛି ବୋଲି ପ୍ରକାଶ କରିଥିଲେ। ପରେ ତାଙ୍କ କାର୍ଯ୍ୟର ହିସାବ ଦେଇଥିଲେ। ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ପଞ୍ଚାୟତ ସମିତି ମାଧ୍ୟମରେ ହୋଇଥିବା ବିଭିନ୍ନ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମକୁ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପରିଚାଳନା କରିଥିଲେ।

## ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ

**ଧର୍ମଶାଳା,୨୧।୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଜୀବିକା ସହାୟତା ରାଶି ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ବ୍ଲକର କଦମପାଳ, ମଙ୍ଗଳପୁର, ଦେଓଦା ଓ ଉତ୍ତରପ୍ରତାପ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତି ହିତାଧିକାରୀ ପରିବାରକୁ ୧ ହଜାର ଟଙ୍କା ଓ ୨ଟି ବ୍ୟାଗ୍ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଓ ଯୋଗାଣ ନିରୀକ୍ଷକ ମାନସ କୁମାର ସିହା ଯୋଗଦେଇଥିଲେ। ସ୍ଥାନୀୟ ସ୍କୁଲ ଶିକ୍ଷକଙ୍କ ଦ୍ୱାରା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାବେଳେ ଡିଲରମାନେ ହିତାଧିକାରୀ ଚିହ୍ନଟ କରିଥିଲେ। ବ୍ଲକରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୪୦ ହଜାର ୧୯୯ ପରିବାର, ଅନ୍ତ୍ୟୋଦୟ ଯୋଜନାରେ ୫୪୮୨ପରିବାର ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ୧୦୯୯ ପରିବାରକୁ ମିଶାଇ ମୋଟ୍ ୪୬ ହଜାର ୭୮୦ ପରିବାର ଏହି ଯୋଜନାରେ ଉପକୃତ ହେବେ। ବୁଧବାରଠାରୁ ଅଭୟପୁର, ଆରୁହା, ବଡ଼କାଏମା, ଭବାନୀପୁର, ଅଞ୍ଜିରା, ଚକ୍ରଧରପୁର, ଚୋରମୁହାଁ, ଚହଟା, ଗଙ୍ଗାଧରପୁର, ହରିଦାସପୁର, ଜାରକା, କମାଗଡ, କଣ୍ଟିଗାଡ଼ିଆ, କ୍ଷେତ୍ରପାଳ, ମହିଶରା, ମର୍ଜାତାପୁର ପଞ୍ଚାୟତରେ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି।

## ବଡ଼ବିରୁଆଁ ପାଲା କମିଟି ପକ୍ଷରୁ ଜିଲାସ୍ତରୀୟ ବୈଠକ

**କଳିଙ୍ଗନଗର,୨୧।୨ (ଶୁଭାଶିଷ ରାଉତ):**


ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

ବଡ଼ବିରୁଆଁ ପାଲା କମିଟି ପକ୍ଷରୁ ବଡ଼ବିରୁଆଁ ପାଲା ମଣ୍ଡପ ପରିସରରେ ଆଞ୍ଚଳିକ ପାଲା ବିକାଶ ଓ ପରିଚାଳନା ସଂଗଠନ ଯାଜପୁର ମହାମଞ୍ଚର ଜିଲାସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଭଗବାନ ମହାପାତ୍ରଙ୍କ ଆବାହକତ୍ୱରେ ସଂଗଠନ ସଭାପତି ସନାତନ ନାୟକ, ଉପସଭାପତି ରଙ୍ଗାଧର ବ୍ରହ୍ମ, କୋଷାଧ୍ୟକ୍ଷ ଜ୍ୟୋତିରଞ୍ଜନ ମହାନ୍ତିଙ୍କୁ ପାଲା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଲା ସଂସ୍କୃତିର ବିକାଶ ଓ ସୁପରିଚାଳନା ଦିଗରେ ଯାଜପୁର ମହାମଞ୍ଚର ଯଥେଷ୍ଟ ଭୂମିକା ରହିଛି ବୋଲି ମୁଖ୍ୟଅତିଥି ଅବସରପ୍ରାପ୍ତ ଅଧ୍ୟାପକ ଡ. ଦାମଦର ମହାପାତ୍ର ବିବୃତିରେ ଦର୍ଶାଇଥିଲେ। ପାଲା ସଂସ୍କୃତିର ବହୁଳ ପ୍ରଚାର ପ୍ରସାରକ୍ଷେତ୍ରରେ ବଡ଼ବିରୁଆଁ ପାଲା ମଞ୍ଚର ବେଶ ଉଲ୍ଲଖନୀୟ ଅବଦାନ ରହିଛି ବୋଲି ସଂଗଠନର ସଭାପତି ନାୟକ ମତବ୍ୟକ୍ତ କରିଥିଲେ। ଜିଲାସ୍ତରୀୟ ବୈଠକ ଆୟୋଜନ କରିଥିବାରୁ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ବଡ଼ବିରୁଆଁ ପାଲା କମିଟିକୁ ପ୍ରଶଂସା କରିଥିଲେ। ଗ୍ରାମର ସମିତିସଭ୍ୟା ଚିନ୍ମୟୀ ମାଝିଙ୍କ ସମେତ ସଂଗଠନର କର୍ମକର୍ତ୍ତା ଓ ଅତିଥିମାନେ ଚାରାରୋପଣ କରିବା ସହ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହେଇଥିଲେ। ବଡ଼ବିରୁଆଁ ବାଦିପାଲା ମଞ୍ଚକୁ ଜୀବନ୍ତ କରିବା ଉଦ୍ୟମ କରି ନିଜ ଗ୍ରାମପାଇଁ ଗର୍ବ ଗୌରବ ଆଣିଥିବା ଚିତ୍ତରଞ୍ଜନ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶକ୍ତି ସଂରକ୍ଷଣ ସମ୍ପର୍କିତ ଆଲୋଚନାଚକ୍ର

**ରସୁଲପୁର,୨୧।୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ହିଙ୍ଗୁଳା ବିଦ୍ୟାପୀଠରେ ଏନର୍ଜି କ୍ଲବ ଆନୁକୂଲ୍ୟରେ ଶକ୍ତି ସଂରକ୍ଷଣ ସଂପର୍କିତ ଆଲୋଚନାଚକ୍ର, ପ୍ରତିଯୋଗିତା, ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଯାଇଛି। ବିଦ୍ୟାର୍ଥୀମାନେ ବିଦ୍ୟାଳୟସ୍ତରରୁ ଶକ୍ତି ସଂରକ୍ଷଣ ସମ୍ପର୍କରେ ସଚେତନ ହୋଇପାରିଲେ ଉପୁଜୁଥିବା ଶକ୍ତି ସଂକଟ ଦୂର ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଏନର୍ଜି କ୍ଲବ ପରାମର୍ଶଦାତା ତଥା ବିଜ୍ଞାନ ଶିକ୍ଷକ ତୁଷାରକାନ୍ତି ଦଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ୬୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ଶକ୍ତି ସଂକଟ ଦୂର ଓ ଶକ୍ତି ସଂରକ୍ଷଣ ସଂପର୍କିତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଏହାଛଡ଼ା ବିଷୟ ଭିତ୍ତିକ ତର୍କ, ସାଧାରଣଜ୍ଞାନ, ଚିତ୍ରାଙ୍କନ ଆଦିରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରକଳ୍ପ ପ୍ରଦର୍ଶନୀରେ ସ୍ଥାନ ପାଇଥିବା ପ୍ରକଳ୍ପଗୁଡିକ ମଧ୍ୟରୁ ଛାତ୍ର ସୋମନାଥ ବେହେରାଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଫଳରେ ସେ ପୁରସ୍କୃତ ହୋଇଥିଲେ। ସେହିଭଳି ଚିତ୍ରାଙ୍କନରେ ଛାତ୍ରୀ ସ୍ମୃତିରେଖା ପତି, ସାଧାରଣଜ୍ଞାନରେ ଛାତ୍ରୀ ଶୁଭସ୍ମିତା ସାହୁ, ତର୍କରେ ସୁଚିତ୍ରା ସାହୁ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ସ୍ୱତନ୍ତ୍ର ଭାବରେ ପୁରସ୍କୃତ ହୋଇଥିବାବେଳେ ୪ଟି ବିଭାଗରେ ମୋଟ ୧୨ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଖୁଣ୍ଟିଆ, ଶିକ୍ଷକ ସୁରେଶ ଚନ୍ଦ୍ର କର, ଅନନ୍ତ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ।

## ମା' ମଙ୍ଗଳାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ



**ରସୁଲପୁର,୨୧।୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚ ପଞ୍ଚାୟତ ପାଳସାହି ଗ୍ରାମରେ ମା' ମଙ୍ଗଳାଙ୍କ ୬ଷ୍ଠ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପାଳିତ ହେଉଛି। ଏଥିରେ ବହୁ ମାନସିକଧାରୀ ଯୋଗଦେଇ ମାନସିକ ପୂରଣ ପୂର୍ବକ ଦେବୀଙ୍କୁ ବସ୍ତ୍ର, ଅଳଙ୍କାର, ଘୃତ ଆଦି ପ୍ରଦାନ କରିଥିଲେ। ଅଧିବାସ ଦିବସରେ କାୟାଶୁଦ୍ଧି, ଦକ୍ଷିଣାଗ୍ରହଣ, ଅଙ୍କୁରାରୋପଣ ଓ କୁଣ୍ଡମଣ୍ଡଳାଧିବାସ ଅନୁଷ୍ଠିତ ହୋଇଥିଲା। ପୂବ ନିର୍ଦ୍ଧରିତ କାର୍ଯ୍ୟସୂଚୀ ମୁତାବକ କଳସ ଶୋଭାଯାତ୍ରା ଓ ପାର୍ବତ୍ୟାଗ୍ନି ସ୍ଥାପନ ମଣ୍ଡଳାଦି ପୂଜନ, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା, ଦେବୀଙ୍କ ଷୋଡ଼ଶ ଉପଚାର ପୂଜା, ଗୀତାଯଜ୍ଞ, ଚଣ୍ଡିଯଜ୍ଞ ଓ ଘୃତଯଜ୍ଞ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ପଣ୍ଡିତମାନଙ୍କ ଦ୍ୱାରା ସକାଳସନ୍ଧ୍ୟାରେ ବେଦପାଠ, ଗାୟତ୍ରୀମନ୍ତ୍ର, ମଙ୍ଗଳାସ୍ତୁତି ଆଦି ପାଠ କରାଯାଇଥିଲା। ସକାଳ ଓ ସନ୍ଧ୍ୟାରେ ମା'ଙ୍କ ପୀଠରେ ଆଳତୀ ଉତ୍ସବ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଯଜ୍ଞକାର୍ଯ୍ୟକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରାଯିବା ସହ ସନ୍ଧ୍ୟାରେ ମା' ମଙ୍ଗଳା ନାଟ୍ୟ ସଂସଦ ପକ୍ଷରୁ ଯାତ୍ରା ପରିବେଷଣ କରାଯାଇଥିଲା। ଏହାଛଡ଼ା ମଲୋଡି, ପ୍ରବଚନ, ପାଲା, ଦାସକାଠିଆ, ଭଜନ ସଂକୀର୍ତ୍ତନ ଭଳି ନାନା ପାରମ୍ପାରିକ ଲୋକକଳା ପ୍ରଦର୍ଶିତ ହେଉଛି। ଯଜ୍ଞକୁ ନେଇ ସମଗ୍ର ଗ୍ରାମାଞ୍ଚଳ ଉତ୍ସବ ମୁଖର ହୋଇଉଠିଛି।

## ବନ୍ତଳା ପଞ୍ଚାୟତରେ ସଚେତନତା ଶିବିର

**ଚଣ୍ଡିଖୋଲ/ବଡ଼ଚଣା,୨୧।୨(ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ପୂର୍ବତନ ସରପଞ୍ଚ ଦାମୋଦର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାର ଯେଉଁ ଯୋଜନା କରିଛନ୍ତି ତାହା ଆଜି ସାଧାରଣରେ ବେଶ ଆଦୃତ ହୋଇପାରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଦେବରାଜ ବେହେରା, ନିରଞ୍ଜନ ସେନାପତି, ସଞ୍ଜୟ ସ୍ୱାଇଁ, ସମିତିସଭ୍ୟ ମଧୁସୂଦନ ବଳ ଓ ପ୍ରକାଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଦର୍ଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫୁଲ୍ଲ ବେହେରା, ତପନ ରାଉତରାୟ ଓ ସୁଶାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦିୟମାନ କଳା ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ସଚେତନତା ଶିବିରରେ ବିଧାୟକ ଓ ଅନ୍ୟମାନେ।

## ଅରଙ୍ଗାବାଦ କଳା, ସଂସ୍କୃତି ପାଇଁ ପରିଚୟ ବହନକରେ

**୨ ଦିନିଆ ନାଟକ ଉତ୍ସବ ଉଦ୍‌ଘାଟିତ**

**ଧର୍ମଶାଳା,୨୧।୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମରେ ଶ୍ୟାମସୁନ୍ଦର ନାଟ୍ୟ କଳା ପରିଷଦ ପକ୍ଷରୁ ୨ ଦିନିଆ ନାଟକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସବ୍ୟସାଚୀ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଖବରଦାତା ମାନସ ରଞ୍ଜନ ଜେନା, ହରିଶଙ୍କର କଲେଜ ଅଧ୍ୟକ୍ଷ ବଳଭଦ୍ର ଦାଶ, କୋଟପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ଯୋଗଦେଇ ଅରଙ୍ଗାବାଦ ଗ୍ରାମ କଳା ଓ ସଂସ୍କୃତି ପାଇଁ ପରିଚୟ ବହନ କରେ। ୧୯୫୯ରେ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ନେତୃତ୍ୱରେ ଅରଙ୍ଗାବାଦ ଗ୍ରାମରେ ଶ୍ୟାମସୁନ୍ଦର କଳା ବିକାଶ ପରିଷଦ ପ୍ରତିଷ୍ଠା ହୋଇଥିଲା। ଅରଙ୍ଗାବାଦରୁ ପ୍ରଥମେ ନାଟକ ଆରମ୍ଭ ହେବା ସହିତ ସମଗ୍ର ଧର୍ମଶାଳା ଅଞ୍ଚଳକୁ ଏହା ପ୍ରସାରିତ ହୋଇଥିଲା। ମଞ୍ଚ ନାଟକ କ୍ଷେତ୍ରରେ ଅରଙ୍ଗାବାଦ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି ବୋଲି କହିଥିଲେ।


ଅରଙ୍ଗାବାଦ ଗ୍ରାମରେ ଅନୁଷ୍ଠିତ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ଲାବଣ୍ୟଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ଯୁବ ସଂଗଠକ ରଞ୍ଜନ ଓଝା ସଭା ସଂଯୋଜନା କରିଥିଲେ। କଳାକାର ଦେବାଶିଷ ନାଏକ, ଆଦର୍ଶ ବିଦ୍ୟାଳୟ ଛାତ୍ର ଓମ୍ ପ୍ରକାଶ ଦାସ, ଲାଙ୍ଗୁଡି ସୁରକ୍ଷା ମଞ୍ଚ ସଭାପତି ଆଲୋକ ଜେନା ସାମନ୍ତ, ଅନୁଷ୍ଠାନର ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ଉଦୟଭାନୁ ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବଦତ୍ତ ପଣ୍ଡା, ସୁଧାଂଶୁ ଜେନା, ବିଚିତ୍ରାନନ୍ଦ ଦାସ, ସୁଶାନ୍ତ ସାହୁ ଓ ସୁଧାଂଶୁ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ। ପରେ 'ତୋ ବିନା ମୁଁ ଅଧା ଅଧା' ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା।

# ପ୍ରାଣୀଧନ ଚିକିତ୍ସା ପ୍ରତି ଅବହେଳା

- ଡାକ୍ତର, ଏଲ୍ଆଇ ନିଯୁକ୍ତି ଦିଗରେ ଦୃଷ୍ଟି ଦିଆଯାଉନାହିଁ
- ୧୦ ବର୍ଷ ହେବ ଏଲ୍ଆଇ କେନ୍ଦ୍ରରେ ଝୁଲୁଛି ତାଲା,
- ଜରାଜୀର୍ଣ୍ଣ ଅବସ୍ଥାରେ ବହୁ ଚିକିତ୍ସାଳୟ
- ପ୍ରାଣୀ ସମ୍ପଦରୁ ମୁହଁ ଫେରାଇଲେଣି ଲୋକେ

ପଟ୍ଟାମୁଣ୍ଡାଇ, ୨୧।୨ (କଳ୍ପତରୁ ନାୟକ)

ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସରକାର ପ୍ରାଣୀଧନ ପାଳନକୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିପାଇଁ ଚାଷୀମାନଙ୍କୁ ବ୍ୟାଙ୍କ ଜରିଆରେ ଋଣ ସହାୟତା ଯୋଗାଇ ଦିଆଯାଉଛି। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମୟୋପଯୋଗୀ ଋଣ ବ୍ୟବସ୍ଥା କରାଯାଉ ନ ଥିବାରୁ ରାଜ୍ୟ ପ୍ରାଣୀଧନ ପାଳନକାରୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଅନ୍ୟପକ୍ଷରେ ଯେଉଁମାନେ ନିଜସ୍ୱ ପ୍ରାଣୀଧନ ପାଳନ କରୁଛନ୍ତି, ସେହି ପ୍ରାଣୀଙ୍କ ସ୍ୱାସ୍ଥ୍ୟର ଯତ୍ନ ଓ ସୁରକ୍ଷା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ପଟ୍ଟାମୁଣ୍ଡାଇର ବିଭିନ୍ନ ଅଞ୍ଚଳରେ ପ୍ରାଣୀ ଚିକିତ୍ସାଳୟ ଥିଲେ ହେଁ କେଉଁଠି ଭିତ୍ତିଭୂମି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି ତ ଆଉ କେଉଁଠାରେ ଡାକ୍ତର, କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହେଉଛି।

କୃଷକ ନେତା ବିଜୟ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅଧିକାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ପ୍ରାଣୀ ସମ୍ପଦ ହେଉଛି କୃଷି ବିଭାଗର ମେରୁଦଣ୍ଡ। ଗାଈ, ଛେଳି, ମେଣ୍ଢା, କୁକୁଡ଼ା, ବତକ, ଘୁଷୁରି ଆଦି ପ୍ରାଣୀ ପାଳନ କରି ବହୁ ପରିବାର ପ୍ରତିପୋଷଣ ହେଉଛନ୍ତି। କିନ୍ତୁ ପ୍ରାଣୀ ସମ୍ପଦର ଚିକିତ୍ସା କ୍ଷେତ୍ରରେ ଦେଖାଯାଇଥିବା ଅବହେଳାରୁ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ପରି ମନେହେଉଛି। ପ୍ରାଣୀ ଚିକିତ୍ସାଧିକାରୀଠାରୁ ଆରମ୍ଭ କରି ନିରୀକ୍ଷକ ପର୍ଯ୍ୟନ୍ତ ପ୍ରାୟ ୭୦% ପଦବୀ ଖାଲି ପଡ଼ିଥିବାରୁ ପ୍ରାଣୀ ଚିକିତ୍ସା ସଙ୍କଟ ମଧ୍ୟରେ ଗତି କରୁଛି। ଫଳରେ ପ୍ରାଣୀ ସମ୍ପଦକୁ ଜୀବିକା ଭାବେ ଗ୍ରହଣ କରିଥିବା ଲୋକ ଏବେ ଏହି ବୃତ୍ତିରୁ ମୁହଁ ଫେରାଇବାକୁ ଲାଗିଲେଣି। ପଟ୍ଟାମୁଣ୍ଡାଇ ଧୋୟାଅଞ୍ଚଳର କୃଷକ ନେତା ଚିତ୍ତରଞ୍ଜନ ମଲ୍ଲିକ, ନରେନ୍ଦ୍ର ଧଳ, ଖଡିଅଣ୍ଟାର ପ୍ରଭାକର ସେଠୀ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧୀନରେ ଅଣ୍ଟରା, ଦାଣ୍ଡିସାହି, ନପଙ୍ଗ, ଅଠରବାଟିଆ, ଡାମରପୁର, ଶ୍ରୀରାମପୁର ପ୍ରଭୃତି ଅଞ୍ଚଳରେ ଏଲ୍ଆଇ ସେଣ୍ଟର ରହିଛି। ସେହିପରି ବଡପଡ଼ା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଅରଡପଲ୍ଲୀ, ବିଲିକଣା, ସାନଜରିଆ, ଖଡ଼ିଅଣ୍ଟା ଏଲ୍ଆଇ ସେଣ୍ଟର ଅଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୨ଟି ପ୍ରାଣୀ ଚିକିତ୍ସାଳୟ ଓ ୧୦ ଏଲ୍ଆଇ ସେଣ୍ଟର ରହିଥିବା ବେଳେ ୪ ଜଣ ଡାକ୍ତର, ୪ ଜଣ ଏଲ୍ଆଇରେ ସମସ୍ତ କେନ୍ଦ୍ର ଚାଲିଛି। ୧୦ବର୍ଷ ତଳେ ଖଡ଼ିଅଣ୍ଟା ଏଲ୍ଆଇ ସେଣ୍ଟର ୪ ଲକ୍ଷ ଟଙ୍କା ବ୍ୟୟରେ ଗୃହ ନିର୍ମାଣ ହୋଇଥିଲା। ମାତ୍ର ସରକାର ଡାକ୍ତର କିମ୍ବା ଏଲ୍ଆଇ ନିଯୁକ୍ତ କରିବାକୁ ଭୁଲିଗଲେ। ଗୃହ ନିର୍ମାଣ ପରଠୁ ଏହି ପ୍ରାଣୀ ସହାୟକ କେନ୍ଦ୍ର ଜବରଦଖଲ ହୋଇରହିଥିବା ବେଳେ କବାଟ, ଝରକା ନଷ୍ଟ ହେବାକୁ ବସିଲାଣି। ନିମ୍ନମାନର କାର୍ଯ୍ୟ ଯୋଗୁ ଛାତରୁ ପାଣି ଗଳୁଥିବା ଅଭିଯୋଗ ହେଉଛି। ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ହୋଇ ନ ଥିବା ବେଳେ ଭଲ ରାସ୍ତା ନାହିଁ। ସେହିପରି ଅଳପୁଆ କେନ୍ଦ୍ର ୧୦ ବର୍ଷ ହେବ ହସ୍ତାନ୍ତର ନ ହୋଇ ତାଲା ଝୁଲୁଛି। ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିଲେ ଅଳପୁଆ, ତରଡ଼ିପାଳ ପଞ୍ଚାୟତର ୨୩ଟି ଗ୍ରାମ ଓ ପଡ଼ାର ପ୍ରାୟ ୧୦ ହଜାରରୁ ଅଧିକ ଗୃହପାଳିତ ପ୍ରାଣୀ ଉପକୃତ ହୋଇଥାନ୍ତେ। ତେଣୁ ଖଡିଅଣ୍ଟା ଓ ଅଳପୁଆ ପ୍ରାଣୀଧନ ଚିକିତ୍ସାଳୟରେ ଜଣେ ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି ସହ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ପ୍ରାଣୀ ଚିକିତ୍ସାଳୟଗୁଡ଼ିକରେ ଡାକ୍ତର ନିଯୁକ୍ତ କରିବା ସହ ତୁରନ୍ତ କୋଠା ମରାମତି କରିବାକୁ ଦାବି କରିଛନ୍ତି। ପଟ୍ଟାମୁଣ୍ଡାଇ ପ୍ରାଣୀ ଚିକିତ୍ସକ ପ୍ରଦୀପ ଜେନାଙ୍କୁ ପଚାରିବାରେ ପଟ୍ଟାମୁଣ୍ଡାଇ ଓ ବଡପଡ଼ା ଚିକିତ୍ସାଳୟରେ ୪ଜଣ ଡାକ୍ତର ୨ରୁ ୩ ସେଣ୍ଟର ପାଇଁ ଜଣେ ଲେଖାଏଁ ଏଲ୍ଆଇ କାର୍ଯ୍ୟ ତୁଲାଉଛନ୍ତି ବୋଲି ସେ କହିଛନ୍ତି।


ଅବହେଳିତ ଅବସ୍ଥାରେ ପ୍ରାଣୀଧନ ଚିକିତ୍ସାଳୟ।

## ସବୁବର୍ଗର ଲୋକଙ୍କ ପାଇଁ କଲ୍ୟାଣମୂଳକ ଯୋଜନା

### ଆଇତିପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ମାର୍ଶାଘାଇ, ୨୧।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଇତିପୁର ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁପ୍ରିୟା ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଯମପଡ଼ା ସରପଞ୍ଚ ମନୋଜକାନ୍ତ ପରିଡ଼ା, ପୂର୍ବତନ ସରପଞ୍ଚ ସୁକାନ୍ତ କୁମାର ସାହୁ, ଅଜୟ ରାଉତ, ପୂର୍ବତନ ସଭ୍ୟ ଜିତେନ୍ଦ୍ର ପ୍ରଧାନ, ଉତ୍ତମ ପଟ୍ଟନାୟକ, ଭରତ ଚନ୍ଦ୍ର ଲେଙ୍କା ଯୋଗ ଦେଇ ନବୀନ ସରକାର ସମାଜର ସବୁବର୍ଗର ଲୋକମାନଙ୍କ ପାଇଁ ଅନେକ କଲ୍ୟାଣମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି। ମହିଳା, ଶିଶୁ, ବୃଦ୍ଧାବୃଦ୍ଧ, ଚାଷୀ ମୂଲିଆ, ଗରିବ ଖଟିଖିଆଙ୍କ ପାଇଁ ବହୁ ଯୋଜନା କରି ଲୋକପ୍ରିୟ ହୋଇପାରିଛନ୍ତି। ଅବସରପ୍ରାପ୍ତ ମେଜର ଭରତ ଚନ୍ଦ୍ର ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଆଶୁତୋଷ ପାତ୍ର, ପ୍ୟାରୀ ମୋହନ ସାମଲ, ରଞ୍ଜନ ମଲ୍ଲ, ହୃଷୀକେଶ ଦାସ, ଏମ୍‌ବିକେ କବିତା ନାୟକ ସହଯୋଗ କରିଥିଲେ।

## ଭାଜପାର ଜୋନ୍‌ସ୍ତରୀୟ ବିକଶିତ ଭାରତ ଆମର ସଂକଳ୍ପ, ମିଶ୍ରଣ ପର୍ବ


ସଭାରେ ଭାଜପା ନେତାମାନେ।

ରାଜକନିକା, ୨୧।୨ (ସଞ୍ଜୟ କୁମାର ଦାଶ)

ଆଳି ନିର୍ବାଚନମଣ୍ଡଳୀର ରାଜକନିକା ବ୍ଲକ ପୂର୍ବ କନିକା ୨୯ ନଂ. ଜୋନ କୋଇଲିପୁର ପଞ୍ଚାୟତ ଖେଳପଡିଆରେ ବୁଧବାର ଭାଜପାର ବିକଶିତ ଭାରତ ଆମର ସଂକଳ୍ପ ଓ ମିଶ୍ରଣ ପର୍ବ ଜୋନ୍ ସଭାପତି ଦିଲୀପ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ବିକ୍ରମ କେଶରୀ ରାଉତରାୟ ଯୋଗଦେଇ ଭାଜପା ନୀତି ଆଦର୍ଶ ଉପରେ ବିଶ୍ୱାସ କରେ। ରାଜ୍ୟ ସରକାରଙ୍କ କୁଶାସନକୁ ତୀବ୍ର ନିନ୍ଦା କରି ବିଜେଡି ଉପରେ ବର୍ଷିଥିଲେ। ଅତିଥି ଭାବେ ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସଙ୍ଗଠକ ବ୍ରଜସୁନ୍ଦର ଭୂୟାଁ, ନାରୀ ନେତ୍ରୀ ଜିତା ଦାସ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ତଥା ଭଦ୍ରକ ଜିଲା ଭାଜପା ଯୁବମୋର୍ଚ୍ଚା ପ୍ରଭାରୀ ଶ୍ରେୟସ ଦାସ, ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ସନ୍ତୋଷ କର, ଜିଲା ଭାଜପାର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ପ୍ରତାପ ରାଉତ, ୨୯ନଂ. ଜୋନ ପ୍ରଭାରୀ ଦୀପକ କୁମାର ମଲ୍ଲିକ, ୨୮ ନଂ. ଜୋନ ସଭାପତି ରାଜେନ୍ଦ୍ର ବେହେରା, ୪ନଂ. ଜୋନ ସଭାପତି ଅକ୍ଷୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୋଇଲିପୁର ପଞ୍ଚାୟତ ପ୍ରମୁଖ ଗୟାଧର ରାଉତଙ୍କ ସଂଯୋଜନାରେ ପଞ୍ଚାୟତର ଶତାଧିକ କର୍ମୀ ଅନ୍ୟ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ଜୋନ୍ ସଭାପତି ପରିଡ଼ା ଓ ଜୋନ୍ ପ୍ରଭାରୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲା ଭାଜପା ଉପସଭାପତି ପଣ୍ଡା ଦଳୀୟ ଉତ୍ତରୀୟ, ଟୋପି ଓ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଗୌତମ ବେହେରା ଓ ସୌମ୍ୟରଞ୍ଜନ ବେହେରା ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅଞ୍ଚଳ ନାୟକ, ଅନନ୍ତ ନାୟକ, ପ୍ରୀତିରଞ୍ଜନ ନାୟକ, ସୁବାସ ନାୟକ, ଜଗନ୍ନାଥ ସାମଲ, ପ୍ରୀତିପ୍ରଜ୍ଞା ଜେନା, ବାଦଲ ଜେନା, ବୀରେନ ବେହେରା, ଶୁଭକାନ୍ତ ମାହୁନ୍ତ, ମହେଶ୍ୱର ବେହେରା, ସମୀର ପଣ୍ଡା ପ୍ରମୁଖ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରୋଗୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ପରାମର୍ଶ

### ଜିଲା କାୟାକଳ୍ପ ଟିମ୍ ସାନଜରିଆ ପିଏଚ୍‌ସି ପରିଦର୍ଶନ

ପଟ୍ଟାମୁଣ୍ଡାଇ, ୨୧।୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ଏଡିଏମଓ (କୁଷ୍ଠ) ଡା. ପ୍ରଦୀପ ଦାସଙ୍କ ନେତୃତ୍ୱରେ ଏକ ଚାରି ଜଣିଆ କାୟାକଳ୍ପ ଟିମ ସାନଜରିଆସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ପରିଦର୍ଶନରେ ଆସିଥିଲେ। କାୟାକଳ୍ପ ଟିମ ସର୍ବପ୍ରଥମେ ପ୍ରଭୁ ଶ୍ରୀଗଣେଶ ଓ ବାବା ଭୀମସେନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ କାୟା କଳ୍ପ ଟିମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ରେକର୍ଡ ଯାଞ୍ଚ କରିବା ସହ ପରିମଳ ବ୍ୟବସ୍ଥା ଓ ଆଭ୍ୟନ୍ତରୀଣ ପରିବେଶ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ବାବା ଭୀମସେନ ଦାସ ଶିଶୁ ସ୍ୱାସ୍ଥ୍ୟ ଉଦ୍ୟାନ, ହନୁମାନ ବାଟିକା, ପୁଷ୍ପ ଉଦ୍ୟାନ, ଶ୍ରୀଗଣେଶ ପାର୍କ, ଔଷଧୀୟ ବୃକ୍ଷ ଉଦ୍ୟାନ ପ୍ରଭୃତି ବୁଲି ଦେଖିବା ସହିତ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆୟୁଷ ଡା. ପ୍ରଦୀପ କୁମାର ଚମ୍ପତି ଓ କର୍ମଚାରୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ରୋଗୀମାନଙ୍କୁ ମିଳୁଥିବା ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ସ୍ଥାନୀୟ ଲୋକମାନଙ୍କୁ ପଚାରି ବୁଝିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲ ପିଏଚଇଓ ନୃସିଂହ ଦାସ, ଆକାଉଣ୍ଟାଣ୍ଟ ଚିତ୍ତ ରଞ୍ଜନ ଚାନ୍ଦ, ସାନଜରିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ପ୍ରଭାତ ରନ ଦାସ, ଲାବରୋଟେରି ଟେକ୍ନିସିଆନ ରଜନୀକାନ୍ତ ସୁତାର, ମହେଶ୍ୱର ଦାସ, ସରୋଜ ପଟ୍ଟନାୟକ, ଶରତ ଚନ୍ଦ୍ର ଗାହଣ ସାମିଲ ହୋଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ତେଣ୍ଡାକୁଡ଼ା, ତିକନପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ପାଟକୁରା, ୨୧।୨ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ତେଣ୍ଡାକୁଡା ଓ ତିକନପୁର ପଞ୍ଚାୟତରେ ବୁଧବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେଣ୍ଡାକୁଡା ପଞ୍ଚାୟତ ସରପଞ୍ଚ ମାନସ ରାଉତଙ୍କ ସଭାପତିତ୍ୱରେ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ତଥା ଆମ୍ବା ଅଧ୍ୟକ୍ଷ ବାସୁଦେବ ବେହେରା, ଜିଲା ପରିଷଦ ସଭ୍ୟା ଏଲିଜା ସ୍ୱାଇଁ, ସରପଞ୍ଚ ଅମୀୟ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟକ୍ତି ତଥା ସିଆର୍‌ପି, ଏମ୍‌ବିକେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହେଲେ ମଞ୍ଚ ଉପରେ ନାଏବ ସରପଞ୍ଚଙ୍କୁ ଅଣଦେଖା କରି ଉତ୍ତରୀୟ ନ ଦେବାରୁ ସେ ସଭା ଛାଡି ପଳାଇ ଯାଇଥିଲେ। ଏହି କାରଣକୁ ନେଇ ନାଏବ ସରପଞ୍ଚଙ୍କ ଅନୁଗତମାନେ ସରପଞ୍ଚଙ୍କ ସହ ବଚସା କରିବାରୁ ସେ ମଧ୍ୟ ରାଗି ଘରକୁ ପଳାଇ ଯାଇଥିଲେ। ପରେ ସରପଞ୍ଚଙ୍କ ଶୁଭେଚ୍ଛୁ ଓ କେତେଜଣ ଖବରଦାତା ବନ୍ଧୁ ସରପଞ୍ଚଙ୍କୁ ବୁଝାସୁଝା କରି ଆଣିବା ପରେ ସଭା କାର୍ଯ୍ୟ ଚାଲୁ ହୋଇଥିଲା। ସେହିପରି ତିକନପୁରରେ ସରପଞ୍ଚ ଅମୀୟ କୁମାର ନାୟକଙ୍କ ସଭାପତିତ୍ୱରେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ନାୟକ, ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ତେବେ ଏହି ପଞ୍ଚାୟତରେ ୧୦ଟି ପ୍ରକଳ୍ପ ପାଇଁ ୫୦ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହାଛଡା ପଞ୍ଚାୟତ କାର୍ଯ୍ୟାଳୟରେ ଆମ ବ୍ୟାଙ୍କ ଜରିଆରେ ଏକ ଶାଖା ଖୋଲାଯାଇ ଜନସାଧାରଣଙ୍କୁ ବ୍ୟାଙ୍କ ସେବା ସରକାର ଯୋଗାଇ ଦେଇ ଆସୁଛନ୍ତି। ଏହାବ୍ୟତୀତ ଅଙ୍ଗନୱାଡ଼ି, ପାନୀୟ ଜଳ ଯୋଗାଣ ସହ ଚଳିତ ମାସରୁ ଲକ୍ଷ୍ମୀ ବସ ସେବାର ଆରମ୍ଭ କରାଯିବ ବୋଲି ସରପଞ୍ଚ କହିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତି ପ୍ରତିଯୋଗୀ, ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ତିକନପୁର ପଞ୍ଚାୟତରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଗଣ୍ଡକୁଳ-ସାତଭଉଣୀ ସ୍କୁଲ ରାସ୍ତା ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ, ୨୧।୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଡିହାପଡ଼ା ପଞ୍ଚାୟତର ଗଣ୍ଡକୁଳଠାରୁ ସାତଭଉଣୀ ପର୍ଯ୍ୟନ୍ତ ରାସ୍ତା ପୁଣି ନିର୍ମାଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ନିର୍ମାଣ କରାଗଲେ ଅଞ୍ଚଳ ଜନସାଧାରଣ ଗମନାଗମନ ସୁବିଧା ପାଇ ପାରିବେ ଜନସାଧାରଣ ଦାବି କରି ଆସୁଥିଲେ। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବିକୁ ଗ୍ରହଣ କରି ରାଜ୍ୟ ସରକାର ଏହି ରାସ୍ତା ପୁଣି ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ବୁଧବାର ଅପରାହ୍ନରେ ୪ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଜନ-୨ ଅଧୀନରେ ଥିବା ଏହି ରାସ୍ତାର ଶିଳାନ୍ୟାସ କେନ୍ଦ୍ରାପଡ଼ା ବିଧାୟକ ଶଶି ଭୂଷଣ ବେହେରା କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସୁବାସ କୁମାର ଥାଟୋଇ, ଡିହାପଡା ସରପଞ୍ଚ ଶତ୍ରୁଘ୍ନ ମଲିକ, ପୂର୍ବତନ ସରପଞ୍ଚ ମଥୁରାନନ୍ଦ ଘଡାଇ, ଯୁବନେତା ସୁଶାନ୍ତ ପରିଡା, ଶିକ୍ଷାବିତ୍ ଦୈତାରୀ ପରିଡା, ସମିତିସଭ୍ୟା ରେଣୁକା ସେଠୀ, ରଶ୍ମିରଞ୍ଜନ ଗିରି, କାର୍ତ୍ତିକ ପରିଡା, ଜନକର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।


ବିଧାୟକ ଶଶିଭୂଷଣ ବେହେରା ରାସ୍ତାର ଶିଳାନ୍ୟାସ କରୁଛନ୍ତି।

## ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନତା



### ତ୍ରୈଲୋକ୍ୟପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ରାଜକନିକା, ୨୧।୨ (ସଞ୍ଜୟ କୁମାର ଦାଶ)

ତ୍ରୈଲୋକ୍ୟପୁର ପଞ୍ଚାୟତର ମେଘପୁରୁ ଶହୀଦ ସରୋବର ନିକଟ ପଡିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ନାୟକଙ୍କ ସଭାପତିତ୍ୱରେ ବିଧାୟକଙ୍କ ପ୍ରତିନିଧି ବିକାଶ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ସମିତିସଭ୍ୟ ଦାମଦାର ସ୍ୱାଇଁ, ଜିଲାପରିଷଦ ସଭ୍ୟା ଅମିତା ସାହୁ, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ପୂର୍ବତନ ବ୍ଲକ ପ୍ରକଳ୍ପ ସଂଯୋଜକ ମୃତ୍ୟୁଞ୍ଜୟ ବୁଧପଦ ଦାସ, ମିଶନ ଶକ୍ତି ବ୍ଲକ ସଂଯୋଜକ ସୁଶାନ୍ତ କୁମର ମଲିକ, କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମର ସୁରେନ ଓ ଜିଆରଏସ୍ ଦାମଦାର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ସେମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନତା କରାଇ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆମର କୁମର ସାହୁ, ରାଜେନ୍ଦ୍ର ବିଶୋଇ, ସୌରଭ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବହୁମୁଖୀ ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ

### ୩ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ରାଜନଗର, ୨୧।୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡେରା, ସାତଭାୟା, ଗୁପ୍ତି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜନଗରର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ବହୁମୁଖୀ ଯୋଜନାର ସଫଳ ରୂପାୟନ ଓ ଗ୍ରାମ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟକ୍ରମ ଉପରେ କହିବା ସହ ପଞ୍ଚାୟତର ସ୍ମରଣିକା ଆମ ପଞ୍ଚାୟତର ବିକାଶ ପୁସ୍ତକକୁ ବିଧାୟକ ସାହୁ ଉନ୍ମୋଚିତ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଡେରା ସରପଞ୍ଚ ନିରଞ୍ଜନ ରାଉତ, ସମିତି ସଭ୍ୟା ପ୍ରତିମା ସାହାଣୀ, କେଶବ ନାୟକ, ସାତଭାୟା ସରପଞ୍ଚ ପ୍ରସନ୍ନ କୁମାର ପରିଡ଼ା, ରଶ୍ମି ରଞ୍ଜିତା ସ୍ୱାଇଁ, ନିଗମାନନ୍ଦ ରାଉତ, ଦିବ୍ୟ ଲୋଚନ ରାଉତ, ଗୁପ୍ତି ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ସମିତି ସଭ୍ୟା ମିନତି ସାହୁ, ପୂର୍ବତନ ସରପଞ୍ଚ ଗିରିଶ ନାୟକ, ପଞ୍ଚାୟତ ସଭାପତି ମନୋରଞ୍ଜନ ମଲିକ ପ୍ରମୁଖ ଯୋଗଦେଇ ଲୋକମାନଙ୍କୁ ସଚେତନତା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟ ଅତିଥି ବିଧାୟକ ସାହୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୋତି ରଞ୍ଜନ ସାମଲ, ହୃଷୀକେଶ ସେଠୀ, ଜିଆରଏସ୍ ଦୀପ୍ତିମୟୀ ବେହୁରା, ମିନାକ୍ଷୀ ରାଉତ, ମାନସୀ ଷଣ୍ଢ ଏବଂ ପଞ୍ଚାୟତର ସମସ୍ତ ସଭ୍ୟାସଭ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



## ରାଜନଗର ଭାଜପାର ମିଶ୍ରଣ ପର୍ବ

ରାଜନଗର, ୨୧।୨ (ଭାସ୍କର ରାଉତରାୟ)

ରାଜନଗରରେ ଭରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ କଲ୍ୟାଣକାରୀରେ ଅନୁପ୍ରାଣିତ ହୋଇ ଯୁବନେତା ଅଜୟ ବେହେରାଙ୍କ ନେତୃତ୍ୱକୁ ସ୍ୱାଗତ ଜଣାଇ, ୩୦ ନଂ. ଜୋନ ସଭାପତି ପ୍ରମୋଦ ଦାସ ଓ ଗୋପାଳପୁର ପଞ୍ଚାୟତ ବୁଦ୍ଧଦେବ ସ୍ୱାଇଁଙ୍କ ଉପସ୍ଥିତିରେ ଅନ୍ୟ ଦଳର କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଗୋପାଳପୁର ପଞ୍ଚାୟତର କିଆଯୋଡି ଗ୍ରାମର ପ୍ରକାଶ ଚନ୍ଦ୍ର ସ୍ୱାଇଁ, କଳ୍ପତରୁ ପରିଡ଼ା, ସୁବାସ ସ୍ୱାଇଁ, ସରୋଜ କବି, ସରୋଜ ସ୍ୱାଇଁ, ଗୁରୁ ଚରଣ ସ୍ୱାଇଁ, ଭରତ ଚରଣ ସ୍ୱାଇଁ, ବିକାଶ ପରିଡ଼ା, ମୁନା ପରିଡ଼ା, ରତ୍ନାକର ସ୍ୱାଇଁ, ଦୈତାରୀ ସ୍ୱାଇଁ, କଳାକାର ସ୍ୱାଇଁ, ମଙ୍ଗୁଲି ସ୍ୱାଇଁ ପ୍ରମୁଖ ୪୦ରୁ ଊର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସର ନେତୃବୃନ୍ଦ ଦଳ ଛାଡି ଭାଜପାରେ ଯୋଗ ଦେଇଛନ୍ତି। ସେମାନଙ୍କୁ ଯୁବନେତା ବେହେରା ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ।

## ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଆଳି/ ରାଜକନିକା, ୨୧।୨
(ବନମାଳୀ ସେନାପତି/ ସଞ୍ଜୀ କୁମାର ଦାଶ)

ରାଜ୍ୟ ଅଗ୍ନିଶମ ବିଭାଗ କର୍ମଚାରୀମାନେ ୨ ଦଫା ଦାବି ପୂରଣ ଲାଗି କଳାବ୍ୟାଜ ପରିଧାନ କରି କାର୍ଯ୍ୟବନ୍ଦ ଆନ୍ଦୋଳନ ବୁଧବାର ଆରମ୍ଭ କରିଛନ୍ତି। ଏହି କ୍ରମରେ ଆଳି ଅଗ୍ନିଶମ କର୍ମଚାରୀ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ଆଳି ଅଗ୍ନିଶମ ବିଭାଗର ଆଗ୍ନିକ, ମୁଖ୍ୟ ଆଗ୍ନିକ, ଗାଡି ଚାଳକ, ହାବିଲଦାର ବୁଧବାର ସେମାନଙ୍କ ସଂଘର ସରକାରୀ ପଞ୍ଜୀକରଣ ଓ ଅଗ୍ନିଶମ ସେବା ସଂସ୍ଥାର ଅଗ୍ନିକ, ଗାଡ଼ି ଚାଳକ, ହାବିଲଦାରମାନଙ୍କର ଓଡ଼ିଶା ପୋଲିସ ସିପାହୀ, ହାବିଲଦାରଙ୍କ ଦରମାର ଲେବଲ ଓ ଭତ୍ତା ସହ ସମାନ କରିବା ଦାବିରେ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ଥିଲେ। ଏହି ଆନ୍ଦୋଳନରେ ଆଗ୍ନିକ ସୁଶାନ୍ତ କୁମାର ଦାସ, ବିଭୂତି ଭୂଷଣ ଦାସ, ଜ୍ଞାନ ରଞ୍ଜନ ବେହେରା, ଅସିତ କୁମାର କର ଓ ରମାକାନ୍ତ ସାମଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିପରି ରାଜକନିକା ବ୍ଲକର ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ସଂସ୍ଥାର ଆଗ୍ନିକ, ମୁଖ୍ୟ ଆଗ୍ନିକ, ଗାଡିଚାଳକ ଏବଂ ହାବିଲଦାରମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛି। ସେମାନଙ୍କର ୨ଦଫା ଦାବି ମଧ୍ୟରୁ ସଂଘରେ ପଞ୍ଜୀକରଣ କରିବା ଏବଂ ଅନ୍ୟଟି ପୋଲିସ୍ ମାନୁଆଲ ଅନୁଯାୟୀ ଦରମା ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ଯୋଗାଇଦେବା ରହିଛି। ତେବେ ଏଭଳି ଜରୁରୀକାଳୀନ ଗୁରୁତ୍ୱପୂର୍ଣ୍ଣ ସେବା ସଂସ୍ଥା ପକ୍ଷରୁ କରାଯାଇଥିବା ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ସମୟରେ ଯଦି କୌଣସି ପରିସ୍ଥିତି ସୃଷ୍ଟି ହେଲା ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନରତ କର୍ମଚାରୀ କହିଛନ୍ତି।



ଆଳିରେ ଆନ୍ଦୋଳନ ରତ ଅଗ୍ନିଶମ କର୍ମଚାରୀ।

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟବାସୀଙ୍କ ପାଇଁ ଏକ ସଫଳତା

### ପଲେଇ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଡେରାବିଶ, ୨୧।୨ (ବେବର୍ତ୍ତା ଅଜୟ ଦାସ)

ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ଡେରାବିଶ ବ୍ଲକ ଅଧୀନରେ ଥିବା ୨୬ଟି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଅନୁଷ୍ଠିତ ହୋଇଥିବା ସଚେତନତା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅଧୀନ ପଲେଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଡେରାବିଶ ବିଡିଓ ଦାଶରଥି ଜେନା ଯୋଗଦେଇ ଉଦ୍‌ଘାଟନ କରିବା ସହ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ପରିବାରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରି ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସରକାରଙ୍କର ଏକ ବଡ଼ ସଫଳତା ବୋଲି କହିଥିଲେ। ସରପଞ୍ଚ ଅକ୍ଷୟ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମମତା ଯୋଜନାଠାରୁ ଆରମ୍ଭ କରି ହରିଶ୍ଚନ୍ଦ୍ର ଯୋଜନା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ସମ୍ମାନିତ ଅତିଥି ଭାବେ ଏବିଡିଓ ଭଞ୍ଜ କିଶୋର ନାୟକ, ପଲେଇ ସମିତିସଭ୍ୟା ତୃପ୍ତିମୟୀ ଜେନା, ଛୋଟି ସରପଞ୍ଚ ରଜନୀ ମଲିକ, ଏମ୍‌ବିକେ ସୁମନ ସଙ୍ଗିତା ସାମଲ ଯୋଗଦେଇଥିଲେ। ଏହି ଅବସରରେ ପଲେଇ ପଞ୍ଚାୟତର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ମୁଖ୍ୟଅତିଥି ଜେନା ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଜୟଶ୍ରୀ ପତିଙ୍କ ଦ୍ୱାରା ସଙ୍ଗୀତ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ। ଏହାକୁ ପୂର୍ବତନ ସରପଞ୍ଚ ସୁଶ୍ରୀ ସାହୁ, ପୂର୍ବତନ ସମିତିସଭ୍ୟ ଶାରଦା ପ୍ରସାଦ ଶର୍ମା, ଜିଆରଏସ୍ ପୁଲିନ କୁମାର ମଣ୍ଡଳଙ୍କ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ମଦ ଦୋକାନରୁ ୬ ଲକ୍ଷ ଲୁଟ୍

କବିସୂର୍ଯ୍ୟନଗର, ୨୧।୨ (କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟନଗର ମୁଖ୍ୟ ରାସ୍ତାରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନରୁ ମଙ୍ଗଳବାର ରାତିରେ ୫ଲକ୍ଷ ୮୨ ହଜାର ଟଙ୍କା ଲୁଟ୍ ହୋଇଛି। କବିସୂର୍ଯ୍ୟନଗର ଆଇଆଇସି ସୁଧୀର କୁମାର ସାହୁ ଓ ପୋଲିସ ଟିମ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଉକ୍ତ ଅଞ୍ଚଳର ବିଭିନ୍ନ ଦୋକାନ ଓ ମଦ ଦୋକାନର ସିସି ଫୁଟେଜରୁ ବହୁ ତଥ୍ୟ ପୋଲିସ ହାତକୁ ଲାଗିଛି । ତିନି ଚୋରଙ୍କ ମଧ୍ୟରୁ ୨ ଜଣ ମଦ ଦୋକାନକୁ ପସିଥିଲେ। ଜଣେ ସହଯୋଗୀ ବାହାରେ ପଇଁତରା ମାରୁଥିଲା । ଗୋଟିଏ ବାଇକରେ ୩ ଜଣ ଦୁର୍ବୃତ୍ତ ଆସିଥିଲେ। ଦୋକାନଠାରୁ କିଛି ଦୂର ଚନ୍ଦ୍ରଶେଖର ହାଇସ୍କୁଲ ରାସ୍ତାରେ ବାଇକ ରଖି ଦୁଇଜଣ ଦୋକାନ ତାଲା ତାଡ଼ି ଦୋକାନ ଭିତରକୁ ପଶିଥିଲେ। ଚୋରି କରିବାର ସମୟ ପ୍ରାୟ ଗତି ୨:୪୦ମିନିଟ ହେବ। ଦୋକାନୀ ରାକେଶ କୁମାର ପ୍ରଧାନଙ୍କ ଅଭିଯୋଗରେ ଆଇଆଇସି ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ ଚଳାଇଛନ୍ତି।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ବୁଗୁଡ଼ା, ୨୧।୨ (କାଳିଚରଣ ଦାଶ)

ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୫ତମ ବାର୍ଷିକ ଉତ୍ସବ ସଭାପତି ୟୁ.ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ମାତୃପ୍ରେମୀ ଟି.ସୁଦର୍ଶନ ପାତ୍ର, ମୁଖ୍ୟ ବକ୍ତା ଭାବେ ବିପିନ ବିହାରୀ ରଥ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରଘୁନାଥ ସାହୁ ଓ ପ୍ରଫୁଲ୍ଲ ଚନ୍ଦ୍ର ପାଢୀ ପ୍ରମୁଖ ଯୋଗ ଦେଇଥିଲା ବେଳେ ଶିକ୍ଷାକେନ୍ଦ୍ରର ଶିକ୍ଷକ ବାଲ୍ମିକୀ ପାଣି ଅତିଥି ପରିଚୟ ପ୍ରଦାନ ଏବଂ ଅଧ୍ୟକ୍ଷ ହରିହର ମହାରଣା ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଅତିଥିଗଣ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିବା ସହ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଛତ୍ରପୁର, ୨୧।୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଛତ୍ରପୁରସ୍ଥ ଶ୍ରୀରାମନଗରଠାରେ ଅବସ୍ଥାପିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ବିଦ୍ୟାଳୟର ଅଧ୍ୟକ୍ଷ ଉପେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ ସାଙ୍ଗକୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ତଥା ମାତୃଭାଷା ବିଷୟ ପ୍ରମୁଖ ମନୋରଞ୍ଜନ ଦାଶ ଶିଶୁମାନଙ୍କୁ ମାତୃଭାଷାର ଗୁରୁତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ। ବ୍ରହ୍ମପୁର ମେଡିକାଲ କଲେଜର ଚକ୍ଷୁ ବିଶେଷଜ୍ଞ ତଥା ବିଶିଷ୍ଟ ସାହିତ୍ୟିକ ଡାକ୍ତର ରାଜେନ୍ଦ୍ର କୁମାର ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ ଶିଶୁଙ୍କୁ ଓଡିଆ ଭାଷାର ବିଭିନ୍ନ ଗବେଷଣାତ୍ମକ ଦୃଷ୍ଟି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶେଷରେ ବିଦ୍ୟାଳୟର ସଂଗଠକ ଆଚାର୍ଯ୍ୟ ଦୀପକ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ଦିଗପହଣ୍ଡି (ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ବୁଧବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନାଚାର୍ଯ୍ୟ ଷଷ୍ଠୀ ପ୍ରସାଦ ବିଷୋୟୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଅନ୍ୟତମ ପ୍ରଧାନାଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ର, ପତ୍ରିକା ସମ୍ପାଦକ କୁରେଶୁ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସୁରେଶ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶାର ଭାଷା ସାହିତ୍ୟ ଓ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ଶୀର୍ଷକ ସମ୍ପର୍କରେ ସଭାରେ ବ୍ୟାପକ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ପ୍ରମୋଦ ଶେଖର ଡାକୁଆ ଓ ବାବୁଲା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟା ମନ୍ଦିରର ଶତାଧିକ ଛାତ୍ରୀଛାତ୍ର ଓ ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ଉପସ୍ଥିତ ଥିଲେ।

# ସଭାପତି, ଡାଇରେକ୍ଟର ପାଇବେ ବୀମା, ଭତ୍ତା



କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## କେନ୍ଦ୍ର ସମବାୟ ବ୍ୟାଙ୍କର ସାଧାରଣ ସଭାରେ ପ୍ରସ୍ତାବ ପାରିତ

ନୟାଗଡ଼, ୨୧।୨ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ବୁଧବାର ୬୫ତମ ବାର୍ଷିକ ସାଧାରଣ ସଭା ଜିଲା ପରିଷଦ ସଭା ଗୃହ ସୃଜନରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଭାପତି, ଡାଇରେକ୍ଟରଙ୍କ ପାଇଁ ବୀମା ଓ ଭତ୍ତା ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଆସିଥିଲା। ପ୍ରସ୍ତାବ ପାରିତ କରାଯାଇଛି। ୬୫ ବର୍ଷ ମଧ୍ୟରେ ବ୍ୟାଙ୍କକୁ ନିର୍ବାଚିତ ସଭାପତି ଓ ଡାଇରେକ୍ଟର ଭତ୍ତା ପାଉ ନ ଥିବା ବେଳେ ଚଳିତ ଥର ପ୍ରଥମ କରି ନିର୍ବାଚିତ ପ୍ରତିନିଧି ଭତ୍ତା ଓ ବୀମା ବ୍ୟବସ୍ଥା କରିବାରେ ସଫଳ ହୋଇଛନ୍ତି। ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ। କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ପ୍ରସନ୍ନ କୁମାର ପାଲ, ନୟାଗଡ଼ ସମବାୟ ସମିତି ସମୂହ ନିବନ୍ଧକ ଅନନ୍ତ କୁମାର ନାୟକ, ସହକାରୀ ନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶିନୀ, କେନ୍ଦ୍ର ସମବାୟ ବ୍ୟାଙ୍କ ଉପସଭାପତି ମୌସୁମୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ୟାଙ୍କ ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନ ସ୍ୱାଗତ ଅଭିଭାଷଣ ରଖିଥିଲେ। କୁରାଳ ଅର୍ଥ ହଡ଼ପ ଘଟଣାରେ ନୟାଗଡ଼ ବିଧାୟକଙ୍କ ଚେଷ୍ଟାରେ ଜମାକାରୀ ଟଙ୍କା ଫେରି ପାଇବା ସମବାୟ ଉପରେ ଲୋକଙ୍କ ବିଶ୍ୱାସକୁ ଅତୁଟ ରଖିଲା ବୋଲି କୁହାଯାଇଛି। ମହିପୁର ଶାଖା ପରିଚାଳକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଚାଷୀଙ୍କ ଋଣରୁ ବ୍ୟାଙ୍କ ୧୦ ପ୍ରତିଶତ ଅଂଶ ଧନ ରଖୁଥିବା ବେଳେ ପ୍ୟାକ୍ସକୁ ୫ ପ୍ରତିଶତ ପ୍ରଦାନ କରାଯାଉ ବୋଲି ଦାବି ହୋଇଥିଲା। ଏହାକୁ ନେଇ ପ୍ୟାକ୍ସ ସଭାପତି ଓ ସଭ୍ୟ ମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବରିଷ୍ଠ ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ ପ୍ରସଙ୍ଗରେ ହସ୍ତକ୍ଷେପ କରି କହିଥିଲେ ରାଜ୍ୟ ସରକାରଙ୍କ ପାଖରେ ସମ୍ପୃକ୍ତ ପ୍ରସଙ୍ଗ ବିଚାରାଧୀନ ରହିଛି। ଅପରପକ୍ଷେ ସାଧାରଣ ସଭାକୁ ସମ୍ପାଦକଙ୍କୁ ଡକା ଯାଇ ନ ଥିବାରୁ ସଭାପତିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସଭାପତିଙ୍କ ଅସନ୍ତୋଷକୁ ଆଧାର କରି ବ୍ରାଞ୍ଚ ସ୍ତରରେ ସଭାପତି ଓ ସମ୍ପାଦକଙ୍କୁ ନେଇ ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ମୃତ ବ୍ୟକ୍ତିଙ୍କ ନାମରେ ରହିଥିବା ଋଣ ଓଭର ଡ୍ରାଫ୍ଟ ହୋଇ ରହୁଥିବା ବେଳେ ବ୍ୟାଙ୍କ ପ୍ୟାକ୍ସଠାରୁ ଏହାର ସୁଧ ଆଦାୟ କରୁଛି। ପ୍ୟାକ୍ସ କ୍ଷତିରେ ରହୁଥିବାରୁ ୱାନ ଟାଇମ ସେଟେଲମେଣ୍ଟ ବ୍ୟବସ୍ଥା ଆପଣାଇବା ପାଇଁ ମତ ପ୍ରକାଶ ପାଇଥିଲା। ତେବେ ଆରବିଆଇ ଅନୁମତି ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସେହିଭଳି ଧାନମଣ୍ଡିରେ ମିଲରଙ୍କ ଜୁଲୁମ ଏବଂ ଆରଏମ୍‌ସି ସହଯୋଗ କରୁ ନ ଥିବା ନେଇ ସଭାପତିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ବ୍ୟାଙ୍କର ନିର୍ମାଣାଧୀନ ମୁଖ୍ୟ ଫାଟକର ଖର୍ଚ୍ଚକୁ ଅନୁମୋଦନ ହୋଇଛି।

# ଭାବନା, ବିଚାରକୁ ସ୍ପଷ୍ଟ ବ୍ୟକ୍ତ କରିବାର ମାଧ୍ୟମ ମାତୃଭାଷା



ମାତୃଭାଷା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

## ବିଶ୍ୱ ମାତୃଭାଷା ଦିବସ ପାଳନ

ନୟାଗଡ଼, ୨୧।୨ (ଲୋକନାଥ ମିଶ୍ର)

କଳା, ସାହିତ୍ୟ, ସଂସ୍କୃତି ଅନୁଷ୍ଠାନ ତଥାସ୍ତୁ ଆନୁକୂଲ୍ୟରେ ନୟାଗଡ଼ରେ ବୁଧବାର ବିଶ୍ୱ ମାତୃଭାଷା ଦିବସ ପାଳନ କରାଯାଇଛି।ଜ ଖବରଦାତା ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଦିବସରେ ବିଶ୍ୱନାଥ ମହାପାତ୍ର, ଅଶୋକ କୁମାର ନାୟକ, ଗୋଦାବରୀଶ ମିଶ୍ର, ପ୍ରାଣକୃଷ୍ଣ ବେହେରା, ମହମ୍ମଦ ଓମାର ମଲ୍ଲିକ, ସୁଦର୍ଶନ ପ୍ରଧାନ ପ୍ରମୁଖ ଯୋଗଦେଇ ମାତୃଭାଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟପକ୍ଷେ ବହୁ ରାଷ୍ଟ୍ରୀୟକରଣ ସମୟରେ ମାତୃଭାଷା, ଗାଁ ଗହଳିର ଢ଼ଗଢ଼ମାଳିର ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମୟରେ ବିଭିନ୍ନ ବୈଦ୍ଧିକ ପ୍ରାଚୀନ କୀର୍ତ୍ତି ସବୁର ରକ୍ଷା କରିବା ତଥା ମାତୃଭାଷାର ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଆ ଭାଷା ସାହିତ୍ୟ ବେଶ ସମୃଦ୍ଧ ଏବଂ ଆଗାମୀଦିନରେ ଆମର ମାତୃଭାଷା ସମଗ୍ର ବିଶ୍ୱର ଭାଷାକୁ ପ୍ରଭାବିତ କରିବ ବୋଲି ବକ୍ତାମାନେ କହିଥିଲେ। କଳା ତଥାସ୍ତୁର ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କବି ମହିଉଦ୍ଦିନ୍ ଆଉରଙ୍ଗଜେବ ଧନ୍ୟବାଦଳ ଦେଇଥିଲେ।

# ବେଆଇନ ଗୋ ଚାଲାଣ ଗାଡ଼ି ଧରାପଡ଼ିଲା, ୬ ଗୋରୁ ଉଦ୍ଧାର

ଭାପୁର, ୨୧।୨
(ଭରତ କୁମାର ବେହେରା)





ଚାଲାଣ ଗୋରୁଗାଡ଼ିକୁ ବଜରଙ୍ଗ ଦଳ ଲୋକମାନେ ଅଟକାଉଛନ୍ତି। ଜବତ ଗୋରୁ ଗାଡ଼ି।

ଫତେଗଡ ଥାନା ଅନ୍ତର୍ଗତ ବନମାଳୀପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମ ନିକଟରୁ ଏକ ଗାଡ଼ିରେ ବେଆଇନ ଭାବେ ଗୋ–ଚାଲଣ ବେଳେ ବୁଧବାର ପୋଲିସ ଜବତ କରିଛି। ଗାଡ଼ି ନଂ. ଓଡି ୦୫ ଏସି ୨୪୪୭ରେ ବେଆଇନ ଭାବେ ବଳଦ, ଦୁଇଟି ଗାଈ, ୨ଟି ବାଛୁରୀ ଓ ଗୋଟିଏ ଷଣ୍ଢ ବିକ୍ରି ପାଇଁ ଯାଉଥିଲା। ବଜରଙ୍ଗ ଦଳର ଯୁବକମାନେ ଗାଡିକୁ ଅଟକ ରଖି ପୋଲିସ ଖବର ଦେଇଥିଲେ। ଭାପୁର ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ପରିଡା ଘଟଣାସ୍ଥଳରେ ପହଞ୍ଚି ଗୋରୁ ବୋଝେଇ ଗାଡ଼ିକୁ ଓ ଅର୍ଜୁ ମୁଦିନି ଖାଁ ନାମକ ବ୍ୟବସାୟୀକୁ ଅଟକ ରଖି ଗାଈ, ବାଛୁରୀ ଓ ଷଣ୍ଢକୁ ଉଦ୍ଧାର କରିଥିଲେ। ଅଟକ ରହିଥିବା ବ୍ୟକ୍ତି ଜଣକ ଘର ଭଦ୍ରକ ହୋଇଥିବା ବେଳେ ସେ ଖୋର୍ଦ୍ଧା ଜିଲା ମାଣିକଗଡା ଗ୍ରାମରେ ଦୀର୍ଘବର୍ଷ ଧରି ରହୁ ଆସୁଛନ୍ତି। ବଜରଙ୍ଗ ଦଳର ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଉଦ୍ଧାର ହୋଇଥିବା ଗୋରୁଙ୍କୁ ନେଇ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କିଆଝର ପଞ୍ଚାୟତର ଅନ୍ତର୍ଗତ ଗୋଛାବାରୀ ଗୋଶାଳା ଛାଡ଼ିଥିବା ଫାଣ୍ଡି ଅଧିକାରୀ ପରିଡା କହିଛନ୍ତି। ଗୁରୁବାର ଅଟକ ବ୍ୟକ୍ତିକୁ କୋର୍ଟ ଚାଲାଣ କରାଯିବ। ଏ ନେଇ ରାଜ୍ୟ ଭାଜପା ଯୁବମୋର୍ଚ୍ଚାର ସଭାପତି ଅଭିଳାଷ ପଣ୍ଡା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ ଗୋ ଚାଲାଣକାରୀଙ୍କ ସଂଖ୍ୟା ବଢ଼ି ଚାଲିବା ଗୋଟେ ଚିନ୍ତାର କାରଣ ପାଲଟିଛି। ବେପାରୀମାନେ ଗାଁ ଗହଳିରେ ବୁଲି ଗୋରୁ କଲେକ୍ସନ କରିବା ଏବଂ ବାହାର ରାଜ୍ୟକୁ ପଠାଇବା କାମରେ ଲିପ୍ତ ରହୁଛନ୍ତି। ଖୋର୍ଦ୍ଧା ଜିଲା ବୋଲଗଡ଼ ଓ ବେଗୁନିଆ ଅଞ୍ଚଳର ଯେଉଁ ଗୋ ବେପାରୀ ଦଳ ଆଗରୁ କାମ କରୁଥିଲେ ସେମାନେ ଖଣ୍ଡପଡ଼ା ଅଞ୍ଚଳକୁ ନିଜର ଚରା ଭୂମିରେ ପରିଣତ କରିଛନ୍ତି। ଏହାର ଯଦି ପୋଲିସ ସମାଧାନ ଓ ଗୋ ଚାଲାଣ ସମ୍ପୂର୍ଣ୍ଣ ବନ୍ଦ ନ କରେ ଆଗାମୀଦିନରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ସେ କହିଛନ୍ତି।

# କୋରଡାଗଡ଼ରେ ବିଶ୍ୱଶାନ୍ତି ମହାଯଜ୍ଞ

ନୂଆଗାଁ, ୨୧।୨ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡାଠାରେ ସପ୍ତବିଂଶତିତମ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱର ମଙ୍ଗଳ ପାଇଁ କୋରଡା ଗ୍ରାମବାସୀଙ୍କ ଉଦ୍ୟମ ଓ ଅଞ୍ଚଳବାସୀଙ୍କ ସହଯୋଗରେ ଦୀର୍ଘବର୍ଷ ହେଲା କୋରଡାଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଉଛି। ସେହିଭଳି ଚଳିତବର୍ଷ ମଙ୍ଗଳବାରଠାରୁ ଶ୍ରୀଦଧିବାମନ ଜୀଉ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇ ୫ ଦିନ ଧରି ଅନୁଷ୍ଠିତ ହେବାର ବ୍ୟବସ୍ଥା କରାଯାଇଛି। ମହାଯଜ୍ଞ ପାଇଁ ସୋମବାର ଅଙ୍କୁରାରୋପଣ କରାଯାଇ ମଙ୍ଗଳବାର ଉଦୟପୁର ପଞ୍ଚାୟତ ଦାଶରଥି ସେତୁ ନିକଟରେ ପୂଜାର୍ଚ୍ଚନା କରି କୋରଡା ଗ୍ରାମର ଶତାଧିକ ମହିଳାପୁରୁଷ କଳସ ଯାତ୍ରାରେ ବାହାରି ଥିଲେ। ଏହା ପରେ ଯଜ୍ଞସ୍ଥଳୀରେ ଘୃତାହୁତି ଦିନତମାମ ଚାଲିଥିଲା। ଅପରାହ୍ନ ୪ ଟାରୁ ମହିଳା ବାଦି ସଂକୀର୍ତ୍ତନ କରାଯାଇଥିଲା। ବୁଧବାର ସନ୍ଧ୍ୟା ୭ ଘଟିକାରେ ଗାୟିକା ବିନୋଦିନୀ ମହାରଣାଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ମହାଯଜ୍ଞରେ ପ୍ରତିଦିନ ସକାଳ ୮ଟାଠାରୁ ପୂର୍ବାହ୍ନ ୧୦ଟା ମଧ୍ୟରେ ସୂର୍ଯ୍ୟପୂଜା, ଗୋ–ପୂଜା ଏବଂ ନାମଯଜ୍ଞ , ଘୃତଯଜ୍ଞ, ଜ୍ଞାନ ଯଜ୍ଞ, ଓଡ଼ିଶୀ କୀର୍ତ୍ତନ ଓ ସନ୍ଧ୍ୟା ୬ଟାଠାରୁ ପ୍ରବଚନ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି।

# ଷ୍ଟାର ଓ୍ୟାରିୟର୍ସ ଚାମ୍ପିୟନ



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

## ପାଟୁଳିସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ନୂଆଗାଁ, ୨୧।୨ (ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକ ମହିପୁର ପଞ୍ଚାୟତ ପାଟୁଳିସାହି କ୍ଲବ ଦ୍ୱାରା ଆୟୋଜିତ ପାଟୁଳିସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷ୍ଟାର ଓ୍ୟାରିୟର୍ସ ଦଳ ଚାମ୍ପିୟନ ଟ୍ରଫି ହାସଲ କରିଥିବା ବେଳେ ଇମେଜ ଇଲେଭେନ ଦଳ ରନର୍ସ ଅପ୍ ପଦକ ହାତେଇଛି। ଇମେଜ ଇଲେଭେନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪୦ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲା। ଜବାବରେ ଷ୍ଟାର ଓ୍ୟାରିୟର୍ସ ୬ ଉଇକେଟ ହରାଇ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚରେ ବିପିସିଏଲ ମ୍ୟାନେଜର ଡ. ରବୀନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚକୁ ମୁନା ସାର୍ ଓ ଟୁଟୁ ସାହୁ ପରିଚାଳନା କରିଥିଲେ।

# ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

ବୁଗୁଡା, ୨୧।୨ (କାଳିଚରଣ ଦାଶ)

ସ୍ଥାନୀୟ ତଳ ଓଡ଼ିଆ ସାହିରେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କିଛି ବର୍ଷର ବ୍ୟବଧାନରେ ତଳ ଓଡ଼ିଆ ସାହି ବାସିନ୍ଦାଙ୍କ ପକ୍ଷରୁ ଦ୍ୱିତୀୟ ଥର ପାଇଁ ଆୟୋଜିତ ଏଭଳି ନବଦିବସୀୟ ଉତ୍ସବ ଅବସରରେ ପ୍ରଥମ ଦିନ ଶୁଭାଧିବାସ ଏବଂ ତାହାପର ଦିନଠାରୁ ପ୍ରତ୍ୟହ ସକାଳୁ ଅପରାହ୍ନ ଯାଏ ଶ୍ରୀରାମଚରିତ ମାନସ ପାରାୟଣ ଓ ହୋମ, ସନ୍ଧ୍ୟାରେ ଆଳତି ଦର୍ଶନ ପରେ ଭଜନ ସମାରୋହ ସାଙ୍ଗକୁ ରାତ୍ରରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ପ୍ରବଚିକା କମଳ କୁମାରୀ ପାଣିଗ୍ରାହୀଙ୍କ ପ୍ରବଚନ କାଳରେ ଶହ ଶହ ଶ୍ରଦ୍ଧାଳୁ ଉପସ୍ଥିତ ରହି ଶ୍ରୀରାମ ରସାମୃତ ଗ୍ରହଣ ପୂର୍ବକ ବିଭୁକୃପା ଲାଭପ୍ରାପ୍ତିର ସୁଯୋଗ ପାଉଥିଲେ। ପୁରୋହିତ ଦଣ୍ଡପାଣି ଦାଶ ଓ ମନୋଜ କୁମାର ଦାଶ ଦୈନିକ ହୋମକାର୍ଯ୍ୟ ସମ୍ପାଦନ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସାହି ବାସିନ୍ଦାଙ୍କ ସକ୍ରିୟ ସହଯୋଗ ଦେଖିବାକୁ ମିଳିଥିଲା।

# ଧରାକୋଟରେ ବ୍ୟାଗ ସହ ଅର୍ଥରାଶି ବଣ୍ଟନ

ଧରାକୋଟ, ୨୧।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପୁନିଆ ଦାସ, ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ ସେଠୀ, ଜିଆରଏସ ମୁନା ଜେନା, ଯୋଗାଣ ସହାୟକ ଗୋପାଳ ହରି ଗୌଡ଼ ଏବଂ ସମସ୍ତ ୱାର୍ଡସଭ୍ୟଙ୍କ ଉପସ୍ଥିତରେ ପ୍ରଥମ ପର୍ଯ୍ୟାୟରେ ଦୁଇଶହରୁ ଅଧିକ ରାସନ କାର୍ଡ ହିତାଧିକାରୀଙ୍କୁ ଆମ ଓଡ଼ିଶା ନବୀନ ଓଡିଶା ତରଫରୁ ୨ଟି ବ୍ୟାଗ ସହ ୧ହଜାର ନଗଦ ଅର୍ଥ ରାଶି ବଣ୍ଟନ କରାଯାଇଛି। ଏହି ଅବସରରେ ପଞ୍ଚାୟତର ଉନ୍ନୟନ ପୁସ୍ତିକା ମଧ୍ୟ ସମସ୍ତଙ୍କୁ ବଣ୍ଟନ କରାଯାଇଛି। ଧରାକୋଟ ପଞ୍ଚାୟତକୁ ଏକ ଆଦର୍ଶ ଓ ବିକାଶଶୀଳ ପଞ୍ଚାୟତ ଭାବରେ ଗଢି ତୋଳିବା ପାଇଁ ସମସ୍ତ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ଶପଥ ପାଠ କରିଛନ୍ତି।

# ଜଙ୍ଗଲ ନିଆଁ ରୋକିଲେ ପ୍ରୋତ୍ସାହନ ରାଶି ମିଳିବ



ଡିଏଫ୍‌ଓ ଲୋକଙ୍କୁ ଜଙ୍ଗଲ ସୁରକ୍ଷା ପାଇଁ ଶପଥ ପାଠ କରାଉଛନ୍ତି ।

ଭଞ୍ଜନଗର, ୨୧।୨ (ବାବୁଲା ପ୍ରଧାନ):

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଗାଲେରୀ ରେଞ୍ଜ ବାରାକୁଦା ଗ୍ରାମରେ ବୁଧବାର ବନାଗ୍ନି ପ୍ରଶମନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ନିଆଁ ଓ ବନ୍ୟପ୍ରାଣୀଙ୍କୁ ବାହ୍ୟ ଆକ୍ରମଣରୁ ରକ୍ଷା କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୌଗୋଳିକ ସ୍ଥିତି ଅନୁସାରେ ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ଜଙ୍ଗଲ ଓଡିଶାରେ ଅଛି ବୋଲି କହିଥିଲେ। ରାଜ୍ୟରେ ଜଙ୍ଗଲ ପରିମାଣ ବୃଦ୍ଧି ପାଇଛି। ଆଗକୁ ଜଙ୍ଗଲ ପୋଡ଼ି ହେବା ସମ୍ଭାବନା ରହିଛି। ତେଣୁ ଆମ ଜଙ୍ଗଲକୁ ଆମେ କିଭଳି ସୁରକ୍ଷିତ ରଖିବା ଏଥିପ୍ରତି ସମସ୍ତେ ଧ୍ୟାନ ଦେବାକୁ ପଡ଼ିବ। ଜଙ୍ଗଲ ସୁରକ୍ଷିତ ରହିଲେ ଲୋକଙ୍କୁ ପ୍ରୋତ୍ସାହନ ରାଶି ମିଳିବ। ତେଣୁ ଏଥିପ୍ରତି ସମସ୍ତେ ଧ୍ୟାନ ଦେବାକୁ ଡିଏଫଓ ମହାନ୍ତି ଉପସ୍ଥିତ ବନ ସୁରକ୍ଷା ସମିତି କର୍ମକର୍ତ୍ତା ଏବଂ କର୍ମଚାରୀଙ୍କୁ ଆହ୍ୱାନ କରିଥିଲେ। ରେଞ୍ଜର ଆଶାଲତା ଦିଗାଲ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏସିଏଫ ସୁବ୍ରତ କୁମାର ପାତ୍ର, ଅବସରପ୍ରାପ୍ତ ରେଞ୍ଜର ପ୍ରଶାନ୍ତ ସାହୁ, ଜିଲା ପରିଷଦ ସଭ୍ୟା ଭାଗ୍ୟଲତା ସେଠୀ, ସରପଞ୍ଚ ସୁମିତ୍ରା ଗୌଡ, ସମିତି ସଭ୍ୟା ଗୀତାଞ୍ଜଳି ଗୌଡ, ସୁଦେଷ୍ଣା ଦଳବେହେରା, ଗ୍ରାମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜୀବ ଲୋଚନ ପାତ୍ର, ୱାର୍ଡ ମେମ୍ବର ରମେଶ ମଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ବନପାଳ ବବୁଲ ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବନପାଳ ସୁଭସ୍ମିତା ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଗଞ୍ଜାମ ଜିଲାରେ ଗଡ଼ିଲା ଲକ୍ଷ୍ମୀ ବସ୍

ଛତ୍ରପୁର/କବିସୂର୍ଯ୍ୟନଗର, ୨୧।୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ/ କୃପାସିନ୍ଧୁସ୍ୱାଇଁ):

ଗଞ୍ଜାମ ଜିଲାରେ ବୁଧବାର ଲକ୍ଷ୍ମୀ ବସ୍ ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଏହାର ଲୋକାର୍ପଣ କରିଥିଲେ। ଛତ୍ରପୁରସ୍ଥିତ ମିନି ଷ୍ଟାଡିୟମରେ ଜିଲାସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଜିଲାରେ ୪୭ଟି ଲକ୍ଷ୍ମୀ ବସ ଚାଲିବ ବୋଲି ସୂଚନା ଦିଆଯାଇଛି। ପରେ ପର୍ଯ୍ୟାୟ କ୍ରମେ ଅନ୍ୟ ସବୁ ପଞ୍ଚାୟତରେ ଲକ୍ଷ୍ମୀ ବସ୍ ଗଡିବ। ଏହାଫଳରେ ପ୍ରତି ପଞ୍ଚାୟତରୁ ନିଜ ନିଜ ବ୍ଲକ ଆସିବାକୁ ଆଉ ଅସୁବିଧା ହେବନାହିଁ। ଗ୍ରାମାଞ୍ଚଳର ଲୋକମାନଙ୍କୁ ଉତ୍ତମ ପରିବହନ ସେବା ଲକ୍ଷ୍ମୀ ବସ୍ ମାଧ୍ୟମରେ ମିଳିବ। ଛାତ୍ରୀଛାତ୍ର, ମହିଳାମାନେ ମାତ୍ର ୫ ଟଙ୍କାରେ ଏହି ବସ୍‌ରେ ଯିବାଆସିବା କରିପାରିବେ। ବହୁ କମଖର୍ଚ୍ଚରେ ଏହି ସୁବିଧା ଯାତ୍ରୀମାନେ ପାଇପାରିବେ। ଜିଲାର ୧୨୪ଟି ରୁଟରେ ୧୨୪ଟି ବସ୍‌ର ଏହି ସେବା ଯୋଗାଇ ଦିଆଯିବ। ଏଥିନିମନ୍ତେ ମୋଟ ୧୩୦ ବସ୍ ଜିଲାକୁ ଆସିବ। ବିଭିନ୍ନ ପଞ୍ଚାୟତରେ ଏବେ ଲକ୍ଷ୍ମୀ ବସ୍‌ଷ୍ଟପ ସ୍ଥଳ କରାଯାଇଥିବା ବେଳେ କିଛି ସ୍ଥାନରେ ଏହାର ନିର୍ମାଣ ଜାରିରହିଛି। ଶୁଭାରମ୍ଭ ପରେ ଲକ୍ଷ୍ମୀ ବସରେ ଗଞ୍ଜାମ ଜିଲାପାଳ, ଓଏସ୍‌ଆରଟିସିର ଅଧ୍ୟକ୍ଷ ତଥା ଏମଡି, ଏମ୍‌ପି, ବିଧାୟକ ଓ ଜିଲା ପ୍ରଶାସନର ବିଭିନ୍ନ ଅଧିକାରୀ ଓ ମହିଳାମାନେ ଟିକେଟ ଦେଇ ଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସିକା ଏମପି ପ୍ରମିଳା ବିଷୋୟୀ, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଜିଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲାପରିଷଦ ସଭାପତି ଅଞ୍ଜଳି ସ୍ୱାଇଁ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ଲକ୍ଷ୍ମୀ ବସ୍ ଶୁଭାରମ୍ଭ ଅବସରରେ ଜିଲାପାଳ ଟିକେଟ କାଟି ଯାତ୍ରା କରୁଛନ୍ତି।

ସେହିପରି କବିସୂର୍ଯ୍ୟନଗରରେ ଆୟୋଜିତ ଉଦଘାଟନୀ ଉତ୍ସବରେ ବିଧାୟିକା ଲତିକା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲକ୍ଷ୍ମୀ ବସ୍‌ଷ୍ଟପର ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥି ମଧ୍ୟରେ ଜିଲା ପରିଷଦ ତଥା କବିସୂର୍ଯ୍ୟନଗର ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ, ବଣମହୁରୀ ସମିତିସଭ୍ୟ ଟି. ବ୍ରଜେନ୍ଦ୍ର ପ୍ରଧାନ ପ୍ରମୁଖ ପଞ୍ଚାୟତବାସୀ ଯୋଗ ଦେଇଥିଲେ। ଏହାକୁ ପରିଚାଳନା କରିଥିଲେ ବୁଡ଼ାମ୍ବ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡା।

## ସଂକ୍ଷେପରେ

### ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା

**ରସୁଲପୁର,୨୧।୨(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସ୍ୱର୍ଣ୍ଣଲତା ସାହୁଙ୍କ ନେତୃତ୍ୱରେ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାକୁ ଅଧିକ ଆକର୍ଷଣୀୟ କରାଯିବା ପାଇଁ ସରକାରୀ ଯୋଜନାକୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ବରୀ ବିଧାୟିକା ସୁନନ୍ଦା ଦାସ, ସମ୍ମାନିତ ଅତିଥି ବିଡିଓ ଅବନିକାନ୍ତ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଭୋଟକା ପଞ୍ଚାୟତରେ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅବନିକାନ୍ତ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଏବିଡିଓ ଦିବ୍ୟକାନ୍ତି ମିଶ୍ର, ବ୍ଲକ ସହକାରୀ ଶିକ୍ଷାଧିକାରୀ ଶାନ୍ତିଲତା ରାଉତ, ନିର୍ବାହୀ ଅଧିକାରୀ ଅକ୍ଷୟ ସାମଲ, ଜିଆରଏସ ପ୍ରଶାନ୍ତ ଘଡାଇ, ନାଏବ ସରପଞ୍ଚ କେଦାର ଦେଓ ଓ ଏମବିକେ ସସ୍ମିତା ଆଏଚ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପଞ୍ଚାୟତର ସଫଳ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ପକ୍ଷରୁ ଷ୍ଟଲମାନ ଖୋଲାଯାଇ ବିଭାଗର ଜନହିତକାରୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ପାଲା, ଘୋଡ଼ାନାଚ, ବାଡିଖେଳ, ସଂକୀର୍ତ୍ତନ ମଣ୍ଡଳି ଦ୍ୱାରା ସଚେତନତା କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଭାବରେ ମେଲୋଡି ପରିବେଷଣ କରାଯିବା ସହ ପଞ୍ଚାୟତବାସୀଙ୍କ ପାଇଁ ମଧ୍ୟାହ୍ନଭୋଜନ ଆୟୋଜନ କରାଯାଇଥିଲା।

### ୨୮ ପଞ୍ଚାୟତର ବିଜେଡି ସଭାପତି ଚୟନ

**ପାଣିକୋଇଲି,୨୧।୨(ବିକାଶ ମଲ୍ଲିକ):** ବିଧାୟକ ଅଶୋକ ବଳଙ୍କ ନିର୍ଦ୍ଦେଶକ୍ରମେ କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତ ବତ୍ସଳ ସ୍ୱାଇଁ ୨୮ ପଞ୍ଚାୟତର ବିଜେଡି ସଭାପତି ଚୟନ କରିଥିବା ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଏଥିରେ ଅନ୍ଧାରୀ ପଞ୍ଚାୟତ ସଭାପତି ଭାବେ ଗଣେଶ୍ୱର ଦାସ, ଅସନଝର ନିରଞ୍ଜନ ବାରିକ, କାଟରାସାହି ରାମଚନ୍ଦ୍ର ଭଞ୍ଜ, କନ୍ତୋର ପୁରୁଷୋତ୍ତମ ପାତ୍ର, ପାଟରଂଗା ଶତ୍ରୁଘନ ଦାସ, ପଚ୍ଛିକୋଟ ଦିଲୀପ ସ୍ୱାଇଁ, ରଣପୁର ବେଣୁଧର ମହାପାତ୍ର, ତାହାରପୁର ଶିବପ୍ରସାଦ ମଲ୍ଲିକ, ତଳଗଡ଼ ଅଞ୍ଜନ ନାୟକ, ତୁଳତୀ ବିଜୟ ରାଜ, ଅମୃତିଆ ବିଶ୍ୱନାଥ ସାହୁ, ବନ୍ଦାଳୋ ରଘୁନାଥ କୁଣ୍ଡୁ, ବରୁଣ୍ଡାଇ ଯତିନ୍ଦ୍ର ପଣ୍ଡା, ଧନେଶ୍ୱର ବଳରାମ ରାଉତ, ଗୌରପୁର ରମେଶ ସାହୁ, ହଳଦୀଗଡ଼ିଆ ଅଲେଖ ନାଥ, ମକୁନ୍ଦପୁର ରାଧେଶ୍ୟାମ ଜେନା, ସାଦକପୁର ଶାନ୍ତନୁ ସାହୁ, ତାରାକୋଟ ଜିତେନ୍ଦ୍ର ଶତପଥୀ, ବଡ଼ବିରୁହାଁ ସୁଶାନ୍ତ ମହାପାତ୍ର, ଗୋଲେଇପୁର ମିର୍ଜ୍ଜା ହବିବୁଲ୍ଲା ବେଗ, ଜହ୍ନା ନିତ୍ୟାନନ୍ଦ ସାହୁ, କରଦା ଗଙ୍ଗାଧର ସାହୁ, ଖମଣ କୈଳାସ ଚନ୍ଦ୍ର ସାହୁ, ମୂଳାପାଳ ନିତ୍ୟାନନ୍ଦ ସାହୁ, ପାଣିକୋଇଲି ବିଜୟ କୁମାର ଷଡଙ୍ଗୀ, ପଥରପଦା ସନ୍ତୋଷ ବେହେରା, ତଣ୍ଡରା ମାନସ ମହାନ୍ତିଙ୍କୁ ଚୟନ କରାଯାଇଛି।

## ବ୍ୟାସସରୋବର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଖାଁ ଖାଁ ମେଳା ପଡ଼ିଆ




ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱଳ୍ପସଂଖ୍ୟକ ଲୋକ।

**ଯାଜପୁରରୋଡ୍,୨୧।୨(ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସ ସରୋବର ମେଳା କାହିଁ କେଉଁ ଆଦିମ କାଳରୁ ପବିତ୍ର ଭୌମ ଏକାଦଶୀ ତିଥିରେ ପାଳିତ ହୋଇଆସୁଛି। ବିଗତ କିଛି ବର୍ଷ ହେବ ଏହି ମେଳା ମହୋତ୍ସବର ମାନ୍ୟତା ପାଇଛି। ପୌର ପରିଷଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ୧୧ଦିନ ଧରି ଚାଲିବ। ମଙ୍ଗଳବାର ଉଦ୍‌ଘାଟିତ ହୋଇଥିବା ଏହି ମହୋତ୍ସବର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାର କାର୍ଯ୍ୟକ୍ରମରେ ପରିଷଦ ପକ୍ଷରୁ କୌଣସି ସଭା କରା ନ ଯାଇ କେବଳ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ଦିନରେ ମେଳାପଡ଼ିଆ ଖାଁଖାଁ ଲାଗୁଥିବାବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେଭଳି ଦର୍ଶକ ଦେଖିବାକୁ ମିଳି ନ ଥିଲେ। ମହୋତ୍ସବ ମଞ୍ଚ ସମ୍ମୁଖରେ କେବଳ ପୌରାଧକ୍ଷା ଏବଂ ମାତ୍ର ହାତଗଣତି କେତେଜଣ ପାରିଷଦ ଓ ପୌର କର୍ମଚାରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଘୁଙ୍ଗୁର ଡ୍ୟାନ୍ସ ଏକାଡେମୀ ଓ ସାଇ ଡ୍ୟାନ୍ସ ଏକାଡେମୀର କଳାକାରମାନେ ନୃତ୍ୟଗୀତ ପରିବେଷଣ କରିଥିଲେ। ପୂର୍ବରୁ ପ୍ରତ୍ୟେକ ଦିନ ଜିଲା ତଥା ରାଜ୍ୟର ବିଭିନ୍ନ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇ ସଭା ଅନୁଷ୍ଠିତ ହେବାସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଏ। ଏହାସହ ବିଭିନ୍ନ କାର୍ଯ୍ୟରେ କୃତିତ୍ୱ ଅର୍ଜନ କରଥିବା ବ୍ୟକ୍ତି ବିଶେଷଙ୍କୁ ବ୍ୟାସ ଗୌରବ ଓ ବ୍ୟାସ ଶ୍ରୀ ସମ୍ମାନରେ ସଂମ୍ମାନିତ କରାଯାଇ ଆସୁଥିଲା। ହେଲେ ଗତ ବର୍ଷଠାରୁ ସେସବୁ ବନ୍ଦ କରାଯାଇଛି। ଯାହାକୁ ନେଇ ଅଞ୍ଚଳର ଅଧିବାସୀ ଓ ବୁଦ୍ଧିଜୀବୀଙ୍କ ମନରେ ଘୋର ଅସନ୍ତୋଷ ବୃଦ୍ଧି ପାଇଛି। ଚଳିତ ବର୍ଷ ମହୋତ୍ସବରେ ଅତିଥିଙ୍କ କାର୍ଯ୍ୟକ୍ରମକୁ ସଂକୁଚିତ କରାଯାଇ ୧୧ ଦିନରୁ କେବଳ ଉଦ୍‌ଘାଟନ ଓ ଉଦଯାପନୀରେ ସୀମିତ ରଖାଯାଇଛି। ମେଳାରେ ପୌର ପରିଷଦ ପକ୍ଷରୁ ସମୁଦାୟ ୪୨ ଷ୍ଟଲ ନିର୍ମାଣ କରାଯାଇଛି। ହେଲେ ତାହା ଫାଙ୍କା ପଡିଛି। ପରିଷଦ ପକ୍ଷରୁ ମହୋତ୍ସବର ଠିକଭାବେ ପ୍ରଚାର ପ୍ରସାର କରାଯାଇ ନ ଥିବାରୁ ଏଭଳି ପରିସ୍ଥିତି ହୋଇଛି ବୋଲି ଅଭିଯୋଗ ହୋଇଛି।

# ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

## କରଦା ହରିହାଟ ମହୋତ୍ସବ

**ପାଣିକୋଇଲି,୨୧।୨(ବିକାଶ ମଲ୍ଲିକ):** କୋରେଇ ବ୍ଲକ କରଦା ପଞ୍ଚାୟତ ହରିହାଟ ମହୋତ୍ସବର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ବର୍ଷା ଯୋଗୁ ବାତିଲ ହୋଇଥିବାବେଳେ ତୃତୀୟ ଦିବସରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଛି। କମିଟି ସମ୍ପାଦକ ବିଶ୍ୱନାଥ ପଣ୍ଡାଙ୍କ ସଂଚାଳନାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଇଂ. ଆଲେକଜାଣ୍ଡାର ଦାସ ଯୋଗଦେଇ ଶିକ୍ଷା ଚାକିରିର ମାନଦଣ୍ଡ ନୁହେଁ ବରଂ ଜୀବନର ମାନଦଣ୍ଡ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡା. ସତ୍ୟରଂଜନ ପତି, ସୁରେଶ ଚନ୍ଦ୍ର କର, ଉତ୍କଳ କେଶରୀ ବିଶ୍ୱାଳ, ରାମବାଗ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନୀଲ ମହାନ୍ତି ପ୍ରମୁଖଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କମିଟିର ସଭାପତି ପ୍ରମୋଦ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁଧାଶଙ୍କର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ପରେ ସ୍ଥାନୀୟ କଳାକାର ଓ ଦୟାଲ ସଙ୍ଗୀତ ଏକାଡେମୀ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସମ୍ବଲପୁରୀ ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ।

# ଖଣି ନିଗମ କର୍ମଚାରୀଙ୍କ ଚକ୍ଷୁ ପରୀକ୍ଷା



ଶିବିରରେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

**କାଳିଆପାଣି,୨୧।୨(ଅସିତ ମହାନ୍ତ):** ଓଡ଼ିଶା ଖଣି ନିଗମ ପକ୍ଷରୁ କର୍ମଚାରୀଙ୍କ ପାଇଁ ବୁଧବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କଳିଆପାଣିସ୍ଥିତ ଖଣି ନିଗମ ଟାଉନଶିପ କଲୋନୀ ପରିସର କେନ୍ଦ୍ରୀୟ ଡାକ୍ତରଖାନାରେ ଅନୁଷ୍ଠିତ ଶିବିରକୁ କାଳିଆପାଣି ଖଣି ପରିଚାଳକ ସତ୍ୟଶିବ ଦାସ ଉଦ୍‌ଘାଟନ କରିଥିଲେ। ପ୍ରଶାସନିକ ମୁଖ୍ୟ ସୁମିତ ପାଢ଼ୀ, ଡାକ୍ତର ବିଶ୍ୱଜିତ ବେହେରା, ଡାକ୍ତର ଜ୍ୟୋତିଷ୍ମାନ ଦାସ ଉପସ୍ଥିତ ରହିଥିଲେ। ଓଡ଼ିଶା ଖଣି ନିଗମ ଓ ଭୁବନେଶ୍ୱରସ୍ଥିତ ପାରାମାଉଣ୍ଟ ହେଲ୍‌ଥ ସର୍ଭିସ ଆଣ୍ଡ ଇନ୍ସୁରାନ୍ସ ପ୍ରାଇଭେଟ ଲିମିଟେଡ ସହଭାଗିତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଏସଜି ଚକ୍ଷୁ ଚିକିତ୍ସାଳୟର ଡା. ମୁକେ ସାହୁଙ୍କ ନେତୃତ୍ୱର ତାଙ୍କ ସହଯୋଗୀମାନେ ଖଣି ନିଗମର ଅବସରପ୍ରାପ୍ତ କର୍ମଚାରୀ ଓ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କ ଚକ୍ଷୁ ପରୀକ୍ଷା କରିବାସହ ଚଷମା ଦେଇଥିଲେ। ଶିବିର ପରିଚାଳନାରେ ଖଣିନିଗମର ସିଏସ୍‌ଆର ପ୍ରତିନିଧି ସୂର୍ଯ୍ୟକାନ୍ତ ବେହେରା ଓ ମଧୁସୂଦନ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

# ଦେଉଳିପାଳ ତଟବନ୍ଧ ସୁରକ୍ଷା ପ୍ରକଳ୍ପର ଶିଳାନ୍ୟାସ



ପ୍ରକଳ୍ପ ଶିଳାନ୍ୟାସ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

**ଧର୍ମଶାଳା,୨୧।୨(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱ ଗୋକର୍ଣ୍ଣେଶ୍ୱରରୁ- ଇନାମନଗର ଯାଏ ଦେଉଳିପାଳ ତଟବନ୍ଧ ସୁରକ୍ଷା ପ୍ରକଳ୍ପ ଅତଡ଼ା ଖାଇବା ଯୋଗୁ ବନ୍ୟା ସମୟରେ ନଦୀକୁଳିଆ ଲୋକେ ଭୟଭିତ ହୋଇପଡନ୍ତି। ଏଠାରେ ପଥର ପ୍ୟାକିଂ କରିବାକୁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉଦ୍ଦେଶ୍ୟକ୍ରମେ ଜଳସେଚନ ବିଭାଗ ପକ୍ଷରୁ ଏଠାରେ ପଥର ପ୍ୟାକିଂ କରିବାକୁ ଅର୍ଥ ମଞ୍ଜୁର କରାଯାଇଛି। ବୁଧବାର ଦେଉଳିପାଳଠାରେ ବିଧାୟକ ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରଭାତ ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଜାରକା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସବ୍ୟସଚିନ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ସୁବାସଚନ୍ଦ୍ର ସାହୁ ଚଣ୍ଡିଖୋଲ ନିର୍ବାହୀଯନ୍ତ୍ରୀ ଭାଗବତ ବେହେରା ଓ କନିଷ୍ଠ ଯନ୍ତ୍ରୀ ଚକ୍ରଧର ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବିଧାୟକ ବ୍ରହ୍ମପୁରଠାରୁ ନାକପୋଲ ପର୍ଯ୍ୟନ୍ତ କେନାଲ ବନ୍ଧର ଉନ୍ନତୀକରଣ, ମିର୍ଜାପୁରଠାରୁ କଦମପାଳ, ରାୟଧରାପୁରଠାରୁ ମୋହନପୁର ପର୍ଯ୍ୟନ୍ତ କେଲୁଅ ନଦୀର ପୁନରୁଦ୍ଧାର ଓ ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ଗଙ୍ଗାଧରପୁର ସରପଞ୍ଚ ତ୍ରିଲୋଚନ ଜେନା, ଥାନୁଆଳ ସରପଞ୍ଚ ନର୍ମଦା ସ୍ୱାଇଁ, ସମିତି ସଭ୍ୟା ସାଗରିକା ଜେନା, ଯୁବନେତା ଗୌତମ ସାହୁ, ହୃଷୀକେଶ ସାମଲ, ରଶ୍ମିରଂଜନ ରାୟ ଓ ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସ୍ଥାନରେ ଲୋକେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ୪୪ ସିକିମ ସ୍ୱତ୍ୱ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ

**ଧର୍ମଶାଳା,୨୧।୨(ବଟକୃଷ୍ଣ ପରିଡ଼ା):** ରାଜ୍ୟରେ ସିକିମ ସତ୍ୱ ରେକର୍ଡ ହୋଇଥିବା ଜମି ଦଖଲକାରୀଙ୍କୁ ସେହି ଜମି ଉପରେ ସ୍ଥିତିବାନ ସତ୍ୱ ପଟ୍ଟା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେବା ସହ ଭର୍ଚ୍ଚୁଆଲ ମାଧ୍ୟମରେ ପଟ୍ଟା ବଣ୍ଟନ କରିଛନ୍ତି। ଏହିକ୍ରମରେ ଧର୍ମଶାଳା ତହସିଲ ପକ୍ଷରୁ ୪୪ ସିକିମ ସତ୍ୱଧାରୀ ଚାଷୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ସେମାନଙ୍କୁ ବସ ଯୋଗେ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ଭର୍ଚ୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ପଟ୍ଟା ବଣ୍ଟନ କରିବା ପରେ ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତି ବଳରାମପୁର ସର୍କଲ-୨ର ୭ ଜଣ ହିତାଧିକାରୀ, ବାଙ୍କସାହିର ଜଣେ, ଡଙ୍କାରୀ ସର୍କଲର ୨, ଜେନାପୁରର ୬, ସାଲେପୁର ସର୍କଲର ୧୪, ଆରୁହା ୪, ବଡକାଏମା ୪, କଣ୍ଟିଗଡ଼ିଆ ୪, ନାକପୋଲ-୧, ରେଖିଦେଇପୁର ସର୍କଲରେ ଜଣେ ମୋଟ୍ ୧୦ ସର୍କଲର ୪୪ଜଣଙ୍କୁ ପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ତହସିଲ କର୍ମଚାରୀମାନେ ସହଯୋଗ କରିଥିଲେ।

# ମାଣ୍ଡୁକା ପଞ୍ଚାୟତରେ ସଚେତନତା ଶିବିର



ସଚେତନତା ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଚଣ୍ଡିଖୋଲ,୨୧।୨ (ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଣ୍ଡୁକା ପଞ୍ଚାୟତରେ ମଙ୍ଗଳବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସାରା ଦେଶରେ ଓଡ଼ିଶା ରୋଲ ମଡେଲ ହୋଇ ଠିଆହୋଇଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ମିଶନଶକ୍ତି ସଭାନେତ୍ରୀ ପ୍ରମିଳା ଜେନା, ସରପଞ୍ଚ ନବଦୀପ ନାୟକ, ପଞ୍ଚାୟତ ସମ୍ପାଦକ ରାଧାରାଣୀ ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମିତିସଭ୍ୟ ମିନତି ଦଳେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ କାର୍ତ୍ତିକ ମହାନ୍ତି, ଅମୂଲ୍ୟ ଦାସ, ନିରଞ୍ଜନ ସିଂହ, ଗୋପାଳ ଚନ୍ଦ୍ର ମହାନ୍ତି, ମାନସ ଦଳେଇ, ଅଶ୍ୱିନୀ ବଳ ଓ ଶ୍ରୀବତ୍ସ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରେ ବିଧାୟକ ରାଶନକାର୍ଡଧାରୀଙ୍କୁ ୧ ହଜାର ଟଙ୍କା ଓ ୨ ଟି ଲେଖାଏ ଅଖା ବ୍ୟାଗ ବଣ୍ଟନ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିନତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା।




ଜିଲା ଲେଖକ ସମ୍ମେଳନ ପକ୍ଷରୁ ଅନୁଷ୍ଠିତ ବିଶ୍ୱ ମାତୃଭାଷା ଦିବସରେ ମଞ୍ଚାସୀନ ଅତିଥି।

# ଜିଲା ଲେଖକ ସମ୍ମେଳନ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ

**ଧର୍ମଶାଳା,୨୧।୨(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ପ୍ରେସ୍‌କ୍ଲବରେ ବୁଧବାର ଯାଜପୁର ଜିଲା ଲେଖକ ସମ୍ମେଳନ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳନ ଓ କାର୍ଯ୍ୟକାରୀ ବୈଠକ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଲୋଚକଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଉପସଭାପତି ନୃସିଂହ ଚରଣ ବେହେରା, ସାଧାରଣ ସମ୍ପାଦକ ଦୟାନିଧି ନାୟକ, କୋଷାଧକ୍ଷ ପ୍ରତାପରୁଦ୍ର ପଣ୍ଡା, କାର୍ଯ୍ୟକାରୀ କମିଟି ସଦସ୍ୟ ଡ. ଗୌତମ ଜେନା, କାହ୍ନୁଚରଣ ଦାଶ, ଡ. ପ୍ରଶାନ୍ତ ସ୍ୱାଇଁ, ଶିବଚରଣ ମାଝି, ଅଜୟ ବଳ ଓ ପ୍ରଭାତ ମଲ୍ଲିକ ଯୋଗଦେଇ ପ୍ରତ୍ୟେକଙ୍କ ମାତୃଭାଷା ପ୍ରତି ସମ୍ମାନ ରହିବା ଉଚିତ ବୋଲି କହିଥିଲେ। ସମ୍ପାଦକ ମମତାଜ ଅଲ୍ଲି ଧନ୍ୟବାଦ ଦେଇଥିଲେ।

# ଏସ୍‌ୟୁଜେ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଯାଜପୁର ଟାଉନ,୨୧।୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଖବରଦାତାଙ୍କ ଉପରେ ବିଭିନ୍ନ ସମୟରେ ମରଣାନ୍ତକ ଆକ୍ରମଣ, ଆକ୍ରୋଶ ଏବଂ ଅସହିଷ୍ଣୁତା ବଢ଼ି ଚାଲିଥିବାରୁ ରାଜ୍ୟରେ ଖବରଦାତା ସୁରକ୍ଷା ଆଇନ ପ୍ରଣୟନ ଜରୁରୀ ହୋଇପଡିଛି। ସେହିପରି ଖବରଦାତାମାନେ ଆର୍ଥିକ ଦୂରାବସ୍ଥା ଦେଇ ଗତି କରୁଛନ୍ତି। ବରିଷ୍ଠ ଖବରଦାତାମାନେ ରୋଗ ଶଯ୍ୟାରେ ପଡ଼ିଥିବାବେଳେ ସେମାନଙ୍କୁ ଔଷଧ ମିଳୁନାହିଁ। ଭୁବନେଶ୍ୱରରେ ସଂଖ୍ୟାଧିକ ଗଣମାଧ୍ୟମ ମୁଖ୍ୟାଳୟ ରହିଥିବା ଖବରଦାତାମାନେ ଦୂରଦୂରାନ୍ତରୁ ରାଜଧାନୀକୁ ଆସିଲେ ସେମାନଙ୍କ ଅବସ୍ଥାନ ନିମନ୍ତେ ଅତିଥି ଭବନ ଟିଏନାହିଁ। ଏହି ସବୁ ଦାବିଗୁଡିକ ପୂରଣ ପାଇଁ ଷ୍ଟେଟ ୟୁନିୟନ ଅଫ୍ ଜର୍ନାଲିଷ୍ଟସ(ଏସୟୁଜେ)ର ଆହ୍ୱାନ କ୍ରମେ ବିଭିନ୍ନ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏସୟୁଜେ ଯାଜପୁର ଜିଲା ଶାଖା ପକ୍ଷରୁ ଜିଲା ପ୍ରଶାସନକୁ ବୁଧବାର ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କାର୍ଯ୍ୟରତ ଖବରଦାତାଙ୍କୁ ମାସିକ ୨୫ ହଜାର ଟଙ୍କା ଏବଂ ଅବସର ଖବରଦାତାଙ୍କୁ ୨୦ ହଜାର ଟଙ୍କା ପେନସନ ଏବଂ ସୁରକ୍ଷା ଆଇନ ଲାଗୁ, ଭୁବନେଶ୍ୱରରେ ୧୦୦ଶଯ୍ୟା ବିଶିଷ୍ଟ ସାମ୍ବାଦିକ ଅତିଥି ଭବନ ନିର୍ମାଣ ପାଇଁ ଏସୟୁଜେ ଓଡ଼ିଶା ତା'ର ଦାବିକୁ ଜୋରଦାର କରିଛି। ଏହି କାର୍ଯ୍ୟକ୍ରମ ପୂର୍ବରୁ ଜିଲା ସଦର ମହକୁମା ଗାନ୍ଧୀଛକଠାରୁ ଶତାଧିକ ସଭ୍ୟମାନଙ୍କ ଏକ ଶୋଭାଯାତ୍ରା ଜିଲାପାଳଙ୍କ ଅଫିସ୍ ନିକଟରେ ପହଞ୍ଚିଥିଲା। ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଜାତୀୟ କାର୍ଯ୍ୟକାରିଣୀ ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଚିନ୍ତାମଣି ପାଢ଼ୀ, ଜିଲା କର୍ମକର୍ତ୍ତା ସନ୍ଦୀପ୍ତ ରାୟ, ଉମାକାନ୍ତ ରାଉତ, ମହେଶ୍ୱର ଜେନା, ଉମାକାନ୍ତ ଧଳ, ଅଜୟ ପ୍ରତାପ ସିଂ, ସେକ୍ ମନିରୁଦ୍ଦିନ, ପ୍ରଦୀପ ଜେନା, ପରମାନନ୍ଦ ସାହୁ, ନୀଳମାଧବ ନାୟକ, ଅକ୍ଷୟ ପରିଡ଼ା, ପବିତ୍ର ରାଉତରାୟ, ମାନସ ଜେନା, ବସନ୍ତ ନାୟକ, ସୌମ୍ୟରଞ୍ଜନ ପଣ୍ଡା, ଚିନ୍ମୟ ନାୟକ,ବିଜୟ ସାହୁ, ହିମାଂଶୁ ପାଢ଼ୀ, ଉମାକାନ୍ତ ମହାପାତ୍ର ଓ ସୁବ୍ରତ ସାହୁ ପ୍ରମୁଖ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ(ରାଜସ୍ୱ)ଶୁଭେନ୍ଦ୍ର ସାମଲଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ଅତିରିକ୍ତ ଜିଲାପାଳ(ରାଜସ୍ୱ)ଶୁଭେନ୍ଦ୍ର ସାମଲଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉନ୍ନତୀକରଣର କାର୍ଯ୍ୟ ଶୁଭାରମ୍ଭ

**ଛତିଆ/ବଡ଼ଚଣା,୨୧।୨ (ସୌମ୍ୟରଞ୍ଜନ ସାହୁ/ଦିଲୀପ କୁମାର ମହାନ୍ତି):** ବଡ଼ଚଣା ବ୍ଲକ ଅନ୍ତର୍ଗତ ସମିଆ ପଞ୍ଚାୟତର କଳକଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉନ୍ନତୀକରଣ କାର୍ଯ୍ୟର ବୁଧବାର ଶିଳାନ୍ୟାସ କରାଯାଇଛି। ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଏଥିସହିତ ଜଳ ସମ୍ପଦ ବିଭାଗ ପକ୍ଷରୁ ୧ କୋଟି ୯୨ ଲକ୍ଷ ଟଙ୍କା ଅଟକଳରେ ଉକ୍ତ କାର୍ଯ୍ୟ କରାଯିବ ବୋଲି ବିଧାୟକ କହିଥିଲେ। ବିଭାଗୀୟ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରା ପ୍ରାରମ୍ଭିକ ସୂଚନା ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ପ୍ରସାଦ ନାୟକ, ଅରବିନ୍ଦ ସାମଲ, ଯୁଗଳ ଖିଲାର, ରତ୍ନାକର ପ୍ରଧାନ, ଲକ୍ଷ୍ମୀଧର ଦାସ, ସୋନାଲୀ ନାଥ, ଲିକୁ ଦାସ, ବଡ଼ଚଣା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଟ୍ରେସର ସରୋଜ ପଣ୍ଡା, ସହକାରୀ ଯନ୍ତ୍ରୀ ଶାଶ୍ୱତୀ ଗୋଚ୍ଛାୟତ ଓ ରୀତାମଞ୍ଜୁରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ସିଂହ ଧନ୍ୟବାଦ ଦେଇଥଲେ।

# ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଯାଜପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଧାରଣା ଦେଇଛନ୍ତି।

**ଯାଜପୁର ଟାଉନ,୨୧।୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ବିଭିନ୍ନ ଦାବି ନେଇ ଯାଜପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଫଳରେ ଜରୁରୀସେବା ବ୍ୟାହତ ହୋଇଛି। ପୂର୍ବରୁ ଦାବି ସମ୍ପର୍କରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଅଗ୍ନିଶମ ମହାନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ ମଧ୍ୟ ସମସ୍ୟା ସମାଧାନ ନ ହେବାରୁ ବାଧ୍ୟ ହୋଇ ସେମାନେ ନିଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

### ଜରୁରୀସେବା ବ୍ୟାହତ

ଦାବିପୂରଣ ହେଲେ ଧାରଣା ପ୍ରତ୍ୟାହୃତ କରିବେ ବୋଲି କର୍ମଚାରୀ ପ୍ରକାଶ କରିଛନ୍ତି। ପୂର୍ବରୁ ପୋଲିସ ବିଭାଗ କର୍ମଚାରୀ ଯେଉଁ ଦରମା ପାଉଥିଲେ ଠିକ୍ ସେହିପରି ଅଗ୍ନିଶମ କର୍ମଚାରୀ ଦରମା ପାଉଥିଲେ। କିନ୍ତୁ ୨୦୧୦ ପରେ ପୋଲିସ କର୍ମଚାରୀ ଯେଉଁ ଦରମା ପାଉଛନ୍ତି ଅଗ୍ନିଶମ କର୍ମଚାରୀ ତାଠାରୁ କମ୍ ଦରମା ପାଉଥିବା ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ସମସ୍ୟାର ସମାଧାନ କରାଯାଉନାହିଁ। ଅଗ୍ନିଶମ କର୍ମଚାରୀ ଅଗ୍ନି ନିୟନ୍ତ୍ରଣ କରିବା ସହିତ ବିଭିନ୍ନ ସମୟରେ ବହୁ କାର୍ଯ୍ୟ କରୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟ ଦ୍ୱିଗୁଣିତ ହୋଇଯାଉଛି। ଏହା ସତ୍ତ୍ୱେ ସରକାର ଦୁଃଖ ବୁଝୁ ନ ଥିବାରୁ ବାଧ୍ୟ ହୋଇ ସେମାନେ ଧାରଣାରେ ବସିଛନ୍ତି ବୋଲି କହିଛନ୍ତି। ଏହି ଧାରଣାରେ ହୃଦାନନ୍ଦ ଜେନା, ସୀତାରାମ ବେହେରା, ସୁଦର୍ଶନ ନାୟକ, ବିଭୂତି ଭୂଷଣ ଦାସ, ପ୍ରତାପ ବିଶ୍ୱାଳ, ଅଭିନାଶ ଭୂୟାଁ, ଟୁଟୁଦେବ ସାହୁ ଓ ବିଦ୍ୟାଧର ନାଥ ପ୍ରମୁଖ ସାମିଲ ହୋଇଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ଗାଳିଗୁଲଜ, ୨ଗିରଫ, ଜେସିବି ଜବତ

#### ବେଆଇନ ବାଲି ଖୋଳା, ଚାଲାଣକୁ ବିରୋଧ

**ମାର୍ଶାଘାଇ,୨୧।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ଥାନା ଅନ୍ତର୍ଗତ କରମକୁଳ ଗ୍ରାମ ଲୁଣା ନଦୀରୁ ବେଆଇନ ଭାବେ ମେଶିନ ସହାୟତାରେ ବାଲି ଖୋଳିବା ଓ ତାହାକୁ ବାହାରକୁ ଚାଲାଣ କରାଯିବାକୁ ପ୍ରତିବାଦ କରିବାରୁ ବାଲି ବ୍ୟବସାୟୀ ମହିଳାଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, କରମକୁଳ ଗାଁର ଲକ୍ଷ୍ମୀପ୍ରିୟା ମଲ୍ଲିକଙ୍କ ଘରଠାରୁ ଅନତି ଦୂରରେ ଲୁଣା ନଦୀରୁ ବେଆଇନ ଭାବେ ଜେସିବି ସହାୟତାରେ ବାଲି ଉଠାଯାଇ ବିକ୍ରି କରାଯାଉଥିଲା। ଏହାଦ୍ୱାରା ତାଙ୍କ ଘର ସମେତ ନଦୀବନ୍ଧକୁ ବିପଦ ଆଶଙ୍କା କରି ମଲ୍ଲିକ ବାଲି ଉଠାକୁ ବିରୋଧ କରିଥିଲେ। ଫଳରେ ମାର୍ଶାଘାଇ ଥାନା ଅନ୍ତର୍ଗତ ଆଇତିପୁର ଗ୍ରାମର ଅଜୟ କୁମାର ଦଳାଇ (୩୫) ଓ ଜେସିବି ଚାଳକ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ବଡକୁଳ ଗ୍ରାମର ସ୍ୱାଗତ ଦାସ (୨୧) ତାଙ୍କ ସମେତ ଗ୍ରାମବାସୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଚରମ ପରିଣୀତି ଭୋଗିବାକୁ ଧମକ ଦେଇଥିଲେ। ମଲ୍ଲିକଙ୍କ ଅଭିଯୋଗ ଆଧାରରେ ଏସ୍‌ଆଇ ପ୍ରୀତିଲତା ଲାଲ ଘଟଣାର ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ସହ ଜେସିବିକୁ ଜବତ କରିଛନ୍ତି। ଏ ନେଇ ନଂ. ୪୪/୨୩ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ପୋଲିସ ଗାଡ଼ି ଭଙ୍ଗା ଅଭିଯୋଗ: ୨ ଗିରଫ

**କୁଜଙ୍ଗ ୨୧।୨(ମନୋଜ ପ୍ରଧାନ)**

କୁଜଙ୍ଗ ଥାନା ଜିଲାନାସୀ ପଞ୍ଚାୟତ ଅନ୍ତର୍ଗତ ବରିହା ଗ୍ରାମରେ ମଙ୍ଗଳବାର ପୋଲିସ ଗାଡ଼ି ଭଙ୍ଗାରୁଜା କରିବା ଅଭିଯୋଗରେ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଉକ୍ତ ଗ୍ରାମର ରଞ୍ଜନ ଦାସ ଓ ଚନ୍ଦନ ଦାସ। ମଙ୍ଗଳବାର ରାତିରେ ଗ୍ରାମରେ ମା'ସରସ୍ୱତୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଅଧିକ ଜୋରରେ ଡିଜେ ବାଜିଥିଲା। ଏଥିରେ ଗ୍ରାମର କେତେଜଣ ବୟସ୍କ ଓ ହୃଦ୍‌ରୋଗୀ ବ୍ୟକ୍ତି ଅତିଷ୍ଠ ହୋଇ ପାଲିସକୁ ଖବର ଦେଇଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରେ ଥିବା ଗାଡି ସବୁ ପାଖେଇବା ପାଇଁ କହିବାରୁ ପୋଲିସ ଗାଡ଼ି ଉପରକୁ ଟେକା ମାଡ଼ ହୋଇଥିଲା। ଫଳରେ ପୋଲିସ ଗାଡ଼ି କାଚ ଭାଙ୍ଗି ଯାଇଥିଲା । ଏନେଇ ପୋଲିସ ରଞ୍ଜନ ଓ ଚନ୍ଦନଙ୍କୁ ଗିରଫ କରି ମାମଲା ନଂ. ୭୬/୨୪ ରୁଜୁ କରିଛି।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ନାଉଗାଁ,୨୧।୨(ସୁଧା ବେହୁରା)**

ନାଉଗାଁ ଥାନା ଅଞ୍ଚଳର ଜଣେ ୧୨ ବର୍ଷୀୟ ବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ପୋଲିସ ବୁଧବାର ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଉକ୍ତ ଅଞ୍ଚଳର ବିକ୍ରମ ଭୋଇ(୨୭)। ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ମାମଲା (ନଂ. ୪୮/୨୪) ରୁଜୁ କରାଯାଇଛି ବୋଲି ଥାନାଧିକାରୀ ସଂଘମିତ୍ରା ନାୟକ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ସମ୍ପୃକ୍ତା ନାବାଳିକା ଜଣଙ୍କ ମଙ୍ଗଳବାର ସନ୍ଧ୍ୟାରେ ବାସନ କୁସନ ଧୋଇବା ପାଇଁ ଗାଁ ନଳକୂପ ନିକଟକୁ ଯାଇଥିଲେ। ଏହି ସମୟରେ ବିକ୍ରମ ସେଠାରେ ପହଞ୍ଚି ନାବାଳିକାକୁ ଏକୁଟିଆ ଦେଖି ବଳାତ୍କାର କରିବାକୁ ଉଦ୍ୟମ କରିଥିଲା। ନାବାଳିକା ଜଣଙ୍କ କୌଣସିମତେ ତାଙ୍କ କବଳରୁ ଆସି ପରିବାର ଲୋକଙ୍କ ଆଗରେ ସବୁ କଥା କହିଥିଲେ।

### ନୂତନ ଶ୍ରେଣୀକକ୍ଷ ଉଦ୍‌ଘାଟିତ

**ପାରାଦୀପ,୨୧।୨(ଶରତ ରାଉତ)**

ଇଫ୍‌କୋ ଜ୍ୟୋତି ଲେଡିଜ କ୍ଳବ ପକ୍ଷରୁ ବୁଧବାର ପାରାଦୀପ ଅନ୍ତର୍ଗତ ବାଲିଝରା ଗଣପତି ବିଦ୍ୟାମନ୍ଦିରର ଏକ ନୂତନ ଶ୍ରେଣୀ କକ୍ଷ ଉଦ୍‌ଘାଟନ କରାଯାଇଛି। ଏହାକୁ କ୍ଳବର ମୁଖ୍ୟ ରେଖା ଅଗସ୍ତି ଉଦ୍‌ଘାଟନ କରିଥିଲେ। ମମତା ପଟେଲ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଇଫ୍‌କୋ ପରିସରରେ କେତେଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ସିଲେଇ ମେଶିନ, ପେପର ପ୍ଲେଟ ତିଆରି ମେଶିନ ବଣ୍ଟନ କରାଯାଇଥିଲା। ଏହାଛଡ଼ା କେତେଜଣ ସ୍କୁଲ ଛାତ୍ରୀଛାତ୍ରଙ୍କୁ ସ୍କୁଲ କିଟ୍ ବ୍ୟାଗ୍ ପ୍ରଦାନ କରାଯାଇଥିଲା।

# ପ୍ରାଥମିକ ପର୍ଯ୍ୟାୟରେ ୭ ବ୍ଲକ୍‌କୁ ଗଲା ବସ୍

**ଜଗତ୍‌ସିଂହପୁର, ୨୧।୨ (ପ୍ରମୋଦ କୁମାର ନାୟକ)**

- ଜଗତ୍‌ସିଂହପୁର ଜିଲାରେ ଗଡ଼ିଲା ଲକ୍ଷ୍ମୀ ବସ୍
- ଆଗକୁ ଜିଲାରେ ମୋଟ ୪୦ ବସ୍ ଚାଲିବ
- ୧୩୧ ପଞ୍ଚାୟତର ୭.୫୦ ଲକ୍ଷ ଲୋକ ଉପକୃତ ହେବେ


ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ,୫-ଟି ଅଧ୍ୟକ୍ଷ ଓ ଅନ୍ୟମାନେ।

ଗ୍ରାମାଞ୍ଚଳର ଲୋକଙ୍କ ଆର୍ଥିକ, ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ପାଇଁ ରାଜ୍ୟ ସରକାର ଲକ୍ଷ୍ମୀ ବସ୍ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଜଗତ୍‌ସିଂହପୁର ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ଅଭାସି ମାଧ୍ୟମରେ କହିଥିଲେ, ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସୁଲଭ ଓ ନିର୍ଭରଯୋଗ୍ୟ ବସ ସେବା ଯୋଗାଇଦେବା ମୂଳ ଲକ୍ଷ୍ୟ। ମହିଳା, ସ୍ଥାନୀୟ ସମ୍ପ୍ରଦାୟ, ଛାତ୍ରୀଛାତ୍ରଙ୍କ ସଶକ୍ତୀକରଣ, ପର୍ଯ୍ୟଟନ ଓ ଆଞ୍ଚଳିକ ଅର୍ଥ ବ୍ୟବସ୍ଥାକୁ ଏହି ବସ ସେବା ପ୍ରୋତ୍ସାହିତ କରିବ। ଯାତ୍ରୀ ଓ ସଡ଼କ ସୁରକ୍ଷାକୁ ଗୁରୁତ୍ୱ ଦେଇ ସ୍ୱଚ୍ଛ ଓ ବୈଷୟିକ ଜ୍ଞାନ କୌଶଳ ବଳରେ ସାଧାରଣ ପରିବହନ ସେବା ଯୋଗାଇବାକୁ ଉଦ୍ୟମ ହୋଇଛି। ଏହା ଚାଷୀଙ୍କୁ ମାର୍କେଟ ସହିତ ଯୋଡିବ। ମା' ଓ ଛାତ୍ରୀଛାତ୍ରମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସରେ ଯାତାୟାତ କରିପାରିବେ। ପ୍ରାଥମିକ ପର୍ଯ୍ୟାୟରେ ୭ଟି ବସ୍‌ର ଶୁଭାରମ୍ଭ ହୋଇଛି। ଏଗୁଡିକ ନାଉଗାଁ, କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ବିରିଡ଼ି, ଏରସମା ଓ ବାଲିକୁଦା ବ୍ଲକ ମୁଖ୍ୟାଳୟ ସହ ପଞ୍ଚାୟତଗୁଡ଼ିକୁ ସଂଯୋଗ କରିବ। ଗୁରୁବାରଠାରୁ ପ୍ରତ୍ୟହ ପ୍ରାତଃ ୫ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବସ୍ ଚଳାଚଳ କରିବ। ଆଗକୁ ଆଉ ୩୩ଟି ସହ ମୋଟ ୪୦ଟି ବସ୍ ଜିଲାରେ ବ୍ଲକ ମୁଖ୍ୟାଳୟକୁ ଜିଲା ସଦର ମହକୁମା ସହ ଯୋଡିବ। ଏହାଦ୍ୱାରା ୧୩୧ ପଞ୍ଚାୟତର ୭ଲକ୍ଷ ୫୦ ହଜାର ଲୋକ ଉପକୃତ ହୋଇପାରିବେ। ସବୁ ବସ୍ ଚାଲିଲା ପରେ କମ ଖର୍ଚ୍ଚରେ ଲୋକେ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ କରିପାରିବେ। ତତ୍କାଳୀନ ୫-ଟି ସଚିବ ତଥା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ସମୟରେ ଏହି ସମସ୍ୟା ଅନୁଭୂତ ହୋଇଥିଲା। ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କ ଯୋଗାଯୋଗ ସମସ୍ୟା ଦୂର ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହାବାଦ୍ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ମାଧ୍ୟମରେ ଜିଲାର ଜନସାଧାରଣ ସୁଲଭ ମୂଲ୍ୟରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀ ଯାଇପାରିବେ। ଯେଉଁଥିରେ ମହିଳାମାନଙ୍କ ପାଇଁ ଭଡା ମୂଲ୍ୟରେ ୫୦ ପ୍ରତିଶତ ରିହାତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମ ସଂଯୋଜନା କରି କହିଥିଲେ, କୌଣସିଥିରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ହେଲେ କଠିନ ପରିଶ୍ରମ ଓ ତ୍ୟାଗ ଦରକାର। ଏହାର ଉଦାହରଣ ହେଉଛନ୍ତି ମୁଖ୍ୟମନ୍ତ୍ରୀ। ସେ ବସ୍‌ସେବା ଉପରେ କହିଥିଲେ ଲକ୍ଷ୍ମୀ ବସ୍ ଏଣିକି ଆମ ସମସ୍ତଙ୍କର ଓଡ଼ିଶାର ସମ୍ପତ୍ତି। ତେଣୁ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ହେବ। ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇ ଲକ୍ଷ୍ମୀ ବସ ଦ୍ୱାରା ଗ୍ରାମାଞ୍ଚଳର ବିକାଶ ଏକ ନୂଆ ରୂପ ନେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ଜିଲାପାଳ ପାରୁଲ ପଟାୱରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଷ୍ଟାଡିୟମରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ପାଢ଼ୀ ଲକ୍ଷ୍ମୀ ବସ୍‌ଗୁଡିକୁ ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ପରେ ଅତିଥିମାନେ ତିର୍ତ୍ତୋଲ ବ୍ଲକର ମୂଳିସିଂହସ୍ଥିତ ବସ୍ ରହଣି ସ୍ଥଳକୁ ଉଦ୍‌ଘାଟନ କରିଥିଲେ।

### ନୂତନ ଜିଲା ବିଜେଡି ସଭାପତିଙ୍କୁ ଶୁଭେଚ୍ଛା

**ରାଜନଗର,୨୧।୨(ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ପୌରପାଳିକାର ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁଙ୍କୁ ଜିଲା ବିଜେଡି ସଭାପତି ଭାବେ ନିଯୁକ୍ତ କରାଯାଇଛି। ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ସାହୁଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଜଣାଇଛନ୍ତି। ସାହୁଙ୍କୁ କେନ୍ଦ୍ରପଡା ଜିଲା ବିଜେଡି ସଭାପତି ଦାୟିତ୍ୱ ମିଳିବା ପରେ ବିଜେଡି କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ରାଜନଗର ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ , ବ୍ଲକ ଆତ୍ମା କମିଟିର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ରାଜନଗର ନିର୍ବାଚନମଣ୍ଡଳୀ ସାମାଜିକ ଗଣମାଧ୍ୟମ ସଂଯୋଜକ ବିଜୟ କୁମାର ନାୟକ, ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ବ୍ଲକ ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ନୂତନ ଜିଲା ବିଜେଡି ସଭାପତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଜନତାଙ୍କ ଭଲପାଇବାର ବାସ୍ନାରେ ବିକାଶ ବାରି ହେଉଛି


ପୁରୁଣାବସନ୍ତ ପଞ୍ଚାୟତରେ ଅନୁଷ୍ଠିତ ସଚେନତତା କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ଓ ଅନ ଅତିଥିମାନେ।

**ରଘୁନାଥପୁର,୨୧।୨(ରାଜେନ୍ଦ୍ର ନାରାୟଣ ସିଂହ)**

#### ୩ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ

ରଘୁନାଥପୁର ବ୍ଲକର ୩ଟି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଶେଷ ହୋଇଛି। ପୁରୁଣାବସନ୍ତ ପଞ୍ଚାୟତରେ ସରପଞ୍ଚ କାଳନ୍ଦୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକଶିତ ରାଜ୍ୟକୁ ଅଧିକ ବିକାଶଶୀଳ କରିବା ପାଇଁ ସ୍ୱପ୍ନ ଦେଖୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ଜୀବନ କାମନା କରିଥିଲେ। ରାଜ୍ୟ ବିକାଶରେ ଭରି ରହିଛି, ଏହା ଜନତାଙ୍କ ଭଲପାଇବାର ବାସ୍ନା ବୋଲି ବିଧାୟକ ଦାସ କହିଥିଲେ। ବିଡିଓ ନମିତା ବାରିକ ସମ୍ମାନିତ ଅତିଥି ଭାବେ ସରକାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିବା ସହ ଆବଶ୍ୟକସ୍ଥଳେ ଲୋକେ ପ୍ରଶାସନର ନିକଟତର ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଜତ ପାତ୍ର ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ସର୍ବଦା ରାଜ୍ୟବାସୀଙ୍କ ଉପରେ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ସ୍ୱାଇଁ, ପ୍ରଭୁଦତ୍ତ ମହାନ୍ତି, ତାପସ ମହାରଣା,ସରୋଜ କୁମାର ସାହୁ, ରୁବି ମହାନ୍ତି, ଧ୍ରୁନ ଚରଣ ରାଉତ ଓ ବିଜୟ ଦାଶ ଏଥିରେ ସହଯୋଗ କରିଥିଲେ। ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା ସଭା ପରିଚାଳନା ଓ ରାଜକିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁଆଳିପୁର ପଞ୍ଚାୟତରେ ସରପଞ୍ଚ ମନଜିନୀ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ଓ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ଯୋଗଦେଇ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ବକ୍ତା ଭାବେ ସାହିତ୍ୟିକ ବାବାଜୀ ପଟ୍ଟନାୟକ ଓ ସମିତି ସଭ୍ୟ କମଳାକାନ୍ତ ପରିଡା ବକ୍ତବ୍ୟ ରଖିଥିଲେ। ବରିଷ୍ଠ ମୁରବି ଜ୍ଞାନରଞ୍ଜନ ପଟ୍ଟନାୟକ ସଭାରେ ପୌରୋହିତ ଏବଂ ଶିକ୍ଷୟିତ୍ରୀ ମନୀଷା ମିଶ୍ର ସଭା ସଞ୍ଚାଳନ କରିଥିଲେ।ପ୍ରକାଶ ମଲ୍ଲିକ, ଯୁଧିଷ୍ଠିର ସେଠି, ରବୀନ୍ଦ୍ର ସ୍ୱାଇଁ, ନିହାରରଞ୍ଜନ ସାହୁ ଉପସ୍ଥିତ ଥିଲେ। ସେହିପରି ଚିକିଣିଆ ପଞ୍ଚାୟତରେ ସରପଞ୍ଚ ବିଷ୍ଣୁ ଚରଣ ସେଠୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମିତି ସଭ୍ୟ ବିଚିତ୍ର ସ୍ୱାଇଁ ଓ ଚୌଧୁରୀ ଇନ୍ଦୁଭୂଷଣ ଲେଙ୍କା ଏଥିରେ ସହଯୋଗ କରିଥିଲେ। ପିଇଓ ମନୋଜ ଦାସ ସଭା ସଞ୍ଚାଳନ ଓ ସରପଞ୍ଚ ସେଠି ସଭାରେ ପୌରୋହିତ୍ୟ କରିଥିଲେ।ପ୍ରତି ପଞ୍ଚାୟତରେ ଏବିଡିଓ ଜ୍ଞାନଦା ନାୟକ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶୁଚିସ୍ମିତା ବେହେରା, ଜିଲା ପରିଷଦ ସଭ୍ୟା, ରିନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ତାରପୁର ସରପଞ୍ଚ ସୁଷମା ମଲ୍ଲିକ, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ, ରାଢ଼ଙ୍ଗ ସରପଞ୍ଚ ସୁଶୀଳ ବାରିକ, ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ, ଛପଡା ସମିତି ସଭ୍ୟ ରଞ୍ଜନ ସ୍ୱାଇଁ ଓ ପୂରଣଓ ସମିତି ସଭ୍ୟା ପ୍ରିୟତମା ରାଉତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସମସ୍ତ ପଞ୍ଚାୟତରେ କୃତୀ ପ୍ରତିଯୋଗୀ, ସଫଳ ବ୍ୟକ୍ତିତ୍ୱ, ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ସେନା ଯବାନ ଓ ସରକାରୀ କର୍ମଚାରୀ, ଶିକ୍ଷାବିତ୍, ସାମାଜିକ କର୍ମୀ, ଖବରଦାତା ଓ ଜ୍ଞାନୀଗୁଣୀ ବ୍ୟକ୍ତିଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ନୃତ୍ୟ, ଗୀତ, ପାଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା।

### ବିକାଶ ବିରୋଧୀ ସର୍ବଦା ବିଫଳ ରାସ୍ତାର ପଥିକ

**ରଘୁନାଥପୁର,୨୧।୨(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକର ୨ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରାଗୋଳରେ ସରପଞ୍ଚ ଜୟନ୍ତୀ ଦାସଙ୍କ ପୌରୋହିତ୍ୟରେ ସଚେତନତା ସଭା ଆୟୋଜନ ହୋଇଥିଲା। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଏହାର ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟର ବିକାଶକୁ ଯେଉଁମାନେ ବିରୋଧ କରୁଛନ୍ତି ସେମାନେ ସର୍ବଦା ବିଫଳ ରାସ୍ତାର ପୃଥିକ ବୋଲି ବିଧାୟକ ଦାସ କହିଥିଲେ। ଆୟୋଜିତ ସଭାରେ ଶିକ୍ଷାବିତ୍ ବୀରକିଶୋର ରାଉତରାୟ ସଭା ପରିଚାଳନା, ବିମୋଦ ଜେନା ଅତିଥି ପରିଚୟ ଓ ବିଜୟ କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ। ସମିତି ସଭ୍ୟ ଜିତେନ୍ଦ୍ର ମଲ୍ଲିକ, ସାମାଜିକ କର୍ମୀ ନିରଞ୍ଜନ ଦାସ, ପଞ୍ଚାୟତ ସଭାପତି ରାଜୀବ ଲୋଚନ ସ୍ୱାଇଁ, ପ୍ରକାଶ ଚନ୍ଦ୍ର ବାରିକ ଓ ଦିଲୀପ ବେହେରା ଏଥିରେ ସହଯୋଗ କରିଥିଲେ। ସେହିପରି ଏରଡଙ୍ଗାରେ ସରପଞ୍ଚ ଧର୍ମାନନ୍ଦ ସେଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। କୈଳାସ ରାୟ ସଭା ସଞ୍ଚାଳନ କରିଥିଲେ। ତାରାକାନ୍ତ ଜେନା, ଖୋକନ ରାୟ, ଉମାକାନ୍ତ ନାୟକ ସହଯୋଗ କରିଥିବାବେଳେ ସାମାଜିକ କର୍ମୀ ରହିମ ଖାଁ, ଅଜୟ ସାମଲ ଓ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଏଥିରେ ବିଧାୟକ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଫଳ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ୨ଟି ପଞ୍ଚାୟତରେ ବିଡିଓ ନମିତା ବାରିକ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲାପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ ଓ ଇତିଶ୍ରୀ ମଲ୍ଲିକ, ରାଢଙ୍ଗ ସରପଞ୍ଚ ସୁଶୀଳ ବାରିକ, ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ, ତଅଁରା ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତକାର୍ଯ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।


ଏରଡଙ୍ଗା ପଞ୍ଚାୟତରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ କୃତିପ୍ରତିଯୋଗୀମାନେ।

## ଇଫ୍‌କୋର ନୂଆ ରେଲୱେ ସାଇଡିଂ ଲୋକାର୍ପଣ

**ପାରାଦୀପ, ୨୧।୨(ଶରତ ରାଉତ)**

ଇଫ୍‌କୋ କାରଖାନା ପାଇଁ ବୁଧବାର ଆଉ ଏକ ସଫଳତା ମିଳିଛି। ରଙ୍ଗିଆଗଡ ରେଲୱେ ଷ୍ଟେଶନ ପାଖରେ ଏକ ନୂତନ ରେଲୱେ ସାଇଡିଂ ବୁଧବାର ଲୋକାର୍ପିତ ହୋଇଛି। ଇଫ୍‌କୋ ପରିଚାଳନା ନିର୍ଦ୍ଦେଶକ ଡା. ଉଦୟଶଙ୍କର ଅଗସ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। କଙ୍କର ଓ ଜିସିଟି (ଗତିଶକ୍ତି ମଲ୍ଟି ମୋଡାଲ କାର୍ଗୋ ଟର୍ମିନାଲ)ପକ୍ଷରୁ ଏହା କରାଯାଇଥିଲା। ପୂର୍ବତଟ ରେଳପଥ ପକ୍ଷରୁ ଏଥିରେ ସହଯୋଗ ରହିଥିଲା। ରେଲୱେ ସାଇଡିଂ ହେବାପରେ ଇଫ୍‌କୋ କମ୍ପାନୀ ପାଇଁ ଅନେକ ଉପାଦେୟ ହେବ ବୋଲି କୁହାଯାଇଛି। ଯଥା ଏଠାରେ ସାର, ଜିପସମ୍ ଓ କୋଇଲା ବୋଝେଇ ଖଲାସ ହେବ। ପୂର୍ବରୁ ଇଫ୍‌କୋ ରେଲୱେ ସାଇଡିଂ ବାଉରିଆପାଳନ୍ଦାଠାରେ ଥିଲା। ସେଠାରେ ପାରାଦୀପ ବନ୍ଦର ଜାଗାରେ ସାର ବୋଝେଇ ଖଲାସ ହେଉଥିଲା। କିନ୍ତୁ ଜିପିଏସ୍ ଓ କୋଇଲା ପାଇଁ ବ୍ୟବସ୍ଥା ନ ଥିଲା। କୋଇଲା ଷ୍ଟକ ୟାର୍ଡ ପାରାଦୀପଠାରୁ ୧୦୦ କି.ମି. ଦୂର ନିର୍ଗୁଣ୍ଡି ଷ୍ଟେଶନରେ ଥିଲା। ସେଠାରୁ ଟ୍ରକ୍ ଯୋଗେ ପାରାଦୀପ କାରଖାନା ପର୍ଯ୍ୟନ୍ତ ପରିବହନ ହେଉଥିଲା। ଏବେ ନୂଆ ସାଇଡିଂ ହେବା ପରେ ସମୟ ଓ ପରିବହନଜନିତ ଖର୍ଚ୍ଚ କମିଯିବ। ଏହି ଲୋକାର୍ପଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରେଲୱେର ବରିଷ୍ଠ ଅଧିକାରୀ ଦିବ୍ୟଞ୍ଜନ ରାୟ, ଅର୍ଘ୍ୟ ପଟ୍ଟନାୟକ, ଇଫ୍‌କୋ ନିର୍ଦ୍ଦେଶକ କେ.ଜେ. ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ଉତ୍ତରପ୍ରଦେଶର ଗୌରିଗଞ୍ଜ ଏସିସି ସିମେଣ୍ଟ ପ୍ଲାଣ୍ଟ ପାଇଁ ଯାଉଥିବା ଜିପସମ୍ ବୋଝେଇ ଟ୍ରେନକୁ ଅଗସ୍ତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।


ଲୋକାର୍ପଣ କାର୍ଯ୍ୟକ୍ରମରେ ଇଫ୍‌କୋ ପରିଚାଳନା ନିର୍ଦ୍ଦେଶକ ଓ ଅନ୍ୟମାନେ।

## ନଦୀ ସୁରକ୍ଷା, କୈବର୍ତ୍ତ ଜାତି ସଂରକ୍ଷଣ ପାଇଁ ସଚେତନତା ଆବଶ୍ୟକ

**କୁଜଙ୍ଗ,୨୧।୨ (ମନୋଜ ପ୍ରଧାନ)**


ସମାବେଶରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

#### କୈବର୍ତ୍ତ ସମାବେଶରେ ଆହ୍ୱାନ

ନଦୀ ସୁରକ୍ଷା, କୈବର୍ତ୍ତ୍ୟ ଜାତି ପାଇଁ ଥିବା ସଂରକ୍ଷଣ ବ୍ୟବସ୍ଥା ପ୍ରତି ବିପଦ ଆଶଙ୍କାରେ କଳିଙ୍ଗ କର୍ଣ୍ଣଧାର କୈବର୍ତ୍ତ ଷୋଳଭାଇ ସଭା କୁଜଙ୍ଗ ଆନୁକୂଲ୍ୟରେ ବୁଧବାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁରଠାରେ କୈବର୍ତ୍ତ ସମାବେଶ ଅନୁଷ୍ଠିତ ହୋଇଯାଇଛି । କଳିଙ୍ଗ କର୍ଣ୍ଣଧାର ଷୋଳଭାଇ ସଭାର ସଭାପତି ତଥା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ଡ. ବିଭୁପ୍ରସାଦ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ମୁଖ୍ୟ ବକ୍ତାଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରା, ସମ୍ମାନିତ ଅତିଥିଭାବେ ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ, ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ସଭାପତି ଦେବେନ୍ଦ୍ର ନାଥ ବେହେରା, ରବି ନାରାୟଣ ବେହେରା, ରାମ ଚନ୍ଦ୍ର ବେହେରା, ନାରାୟଣ ବେହେରା, ଡା. ଶ୍ରୀଧର ବେହେରା, ଇ. ହିମାଚଳ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସେମାନେ କହିଥିଲେ, ଏବେ କୈବର୍ତ୍ତମାନଙ୍କ ଶତାବନ କିତା ନଦୀ ପାଣି ଶିଳ୍ପ ସଂସ୍ଥାର ବର୍ଜ୍ୟ ଯୋଗୁ ପ୍ରଦୂଷଣ ହେବା କାରଣରୁ ମତ୍ସ୍ୟ ଉତ୍ପାଦନ ଦିନକୁ ଦିନ କମିବାରେ ଲାଗିଛି । ଫଳରେ ମାଛମାରି ଜୀବିକା ନିର୍ବାହ କରୁଥିବା ଗରିବ କୈବର୍ତ୍ତମାନେ ଦୟନୀୟ ଜୀବନଯାପନ କରୁଛନ୍ତି । ଅନ୍ୟପଟେ ସେମାନଙ୍କ ଜାତିପାଇଁ ଥିବା ସଂରକ୍ଷଣ ବ୍ୟବସ୍ଥାକୁ ଉଠାଇଦେବାପାଇଁ କେତୋଟି ଗୋଷ୍ଠୀ ଚକ୍ରାନ୍ତ କରିଚାଲିଛନ୍ତି । ନଦୀ ଉପରେ କୈବର୍ତ୍ତମାନଙ୍କ ଅଧିକାର ଥିବା ବେଳେ ତାହା ଏବେ ଆଇନଗତ ଜାଲରେ ଛନ୍ଦି ହୋଇଯାଇଛି । ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ୟା ପ୍ରତି ଏବେଠୁ ସଚେତନ ହେବା ଆବଶ୍ୟକ, ନଚେତ ଜାତି ପ୍ରତି ବିପଦ ଆଶଙ୍କା ରହିଛି। ସୂଚନାଯୋଗ୍ୟ, କୁଜଙ୍ଗ ରାଜ୍ୟରେ ପ୍ରବାହିତ ୫୭ କିତା ନଦୀ ଯୋରର ସମଷ୍ଟିଗତ ନାମ ହେଉଛି ସାହେରପେଣ୍ଟ ମତ୍ସ୍ୟଦିଆ । କୁଜଙ୍ଗର ତତ୍କାଳୀନ ଷଣ୍ଢରାଜା ୧୮୬୧ରେ ସମସ୍ତ କୈବର୍ତ୍ତ ପ୍ରଜାମାନଙ୍କୁ ବାର୍ଷିକ ୫ଶହ ଟଙ୍କା ଖଜଣା ବିନିମୟରେ ଏନେଇ ସନନ୍ଦ ପଟ୍ଟା ପ୍ରଦାନ କରିଥିଲେ । ଉକ୍ତ ନଦୀ ସ୍ୱତ୍ୱକୁ ରକ୍ଷାକରିବା ପାଇଁ କୈବର୍ତ୍ତମାନଙ୍କ ପୂର୍ବ ପୁରୁଷ ବ୍ରିଟିଶ ଓ ବର୍ଦ୍ଧମାନ ଜମିଦାରଙ୍କ ଦ୍ୱୈତ୍ୟ ଶାସନ ବିରୋଧରେ ସଂଗ୍ରାମ କରିଥିଲେ । ଏହି ନଦୀ ଅଧିକାରକୁ ରକ୍ଷା କରିବାକୁ ଓ କ୍ରମାଗତ ବର୍ଦ୍ଧିତ ରାଜସ୍ୱ ଅର୍ଥ ବାର୍ଷିକ ବୃଦ୍ଧିପାଇ ୧୩ଲକ୍ଷ ଟଙ୍କାରେ ପହଞ୍ଚିଲାଣି। ଏହି ଅର୍ଥକୁ ସୀମିତ କରିବାପାଇଁ ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ଚାଲୁ ରହିଛି। କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି କୈବର୍ତ୍ତମାନଙ୍କ ହାତରୁ ନଦୀ ଅଧିକାରକୁ ଛଡାଇ ନେବାକୁ ଉଦ୍ୟମ ଜାରି ରିରଖିଛନ୍ତି । ଏ ବିପଦରୁ ଜାତିକୁ ରକ୍ଷାକରିବା ପାଇଁ ସମସ୍ତେ ଏକତ୍ରିତ ହେବାକୁ ତରାଇ ଆହ୍ୱାନ ଦେଇଥିଲେ । ସେ ନଦୀ ସଇରାତକୁ ବର୍ଷିକିଆ ଲିଜ ପରିବର୍ତ୍ତେ ୫ବର୍ଷରେ ପରିଣତ କରିବାପାଇଁ ଦାବି କରିଥିଲେ । ମୁଖ୍ୟ ଅତିଥି ଶଶିଭୂଷଣ କହିଥିଲେ, କୈବର୍ତ୍ତମାନଙ୍କର କୁଳ ବେଉସା ହେଉଛି ମାଛଧରା ଓ ମାଛ ବ୍ୟବସାୟ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଅନ୍ୟଜାତିର ଲୋକମାନେ ନଦୀରୁ ମାଛ ମାରିବା ଓ ମାଛ ବ୍ୟବସାୟ କରିବା ଦ୍ୱାରା କୈବର୍ତ୍ତ ଜାତି ସରକାରୀ ଯୋଜନାର ସୁଫଳ ପାଇପାରୁନାହାନ୍ତି । ଏଥିପାଇଁ ଜାତିର ଏକତା ନଦୀ ସୁରକ୍ଷା ଓ ଜାତିର ବିକାଶପାଇଁ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ଏକାଠି ହେବାକୁ ବେହେରା କହିଥିଲେ । ଅନ୍ୟମାନଙ୍କ ଏହି ସମାବେଶରେ କଳିଙ୍ଗ କର୍ଣ୍ଣଧାର କୈବର୍ତ୍ତ ଷୋଳଭାଇ ସଭାର କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ପରିଡା, ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ମହାପାତ୍ର, ଶରତ ଚନ୍ଦ୍ର ବେହେରା ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ବରିଷ୍ଠ କୈବର୍ତ୍ତ ନେତା ରାଜେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କୈବର୍ତ୍ତମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ନରେନ୍ଦ୍ର ପରିଡା, ନିତ୍ୟାନନ୍ଦ ଦାସ, ସୁରେନ୍ଦ୍ର ବେହେର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

# ଦୃଷ୍ଟି ଆଢୁଆଳରେ ଭଣ୍ଡାରୀବାରୀ, ଡେଙ୍ଗାବାରୀ ଗାଁ

ନୂଆଗାଁ,୨୧।୨ (ଧନେଶ୍ୱର ସାହୁ)

ନୟାଗଡ ଜିଲା ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତ ଭଣ୍ଡାରୀବାରୀ ଓ ଡେଙ୍ଗାବାରୀ ଗାଁ ଦୁଇଟି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ଗ୍ରାମବାସୀ ଦୁର୍ଦ୍ଦିନରେ ଦିନ କାଟୁଥିଲେ ମଧ୍ୟ ସେମାନଙ୍କ ସମସ୍ୟା ଦୂର କରିବା ପାଇଁ ପ୍ରଶାସନିକ ଅଧିକାରୀ ଇଚ୍ଛା ପ୍ରକାଶ କରୁନାହାନ୍ତି। ଗାଁକୁ ସବୁଦିନିଆ ରାସ୍ତାଟିଏ ନ ଥିବା ବେଳେ ପାଣି ଓ ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଛି। ତେଣେ ୨ରୁ୩ ମାସ ମଧ୍ୟରେ ସେମାନଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରା ନ ଗଲେ ସେମାନେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ରାଜ୍ୟପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତର ୧ ନଂ. ୱାର୍ଡ ଡେଙ୍ଗାବାରୀ ଓ ଭଣ୍ଡାରୀବାରୀ ଗ୍ରାମରେ ୩୫ ଟି ଆଦିବାସୀ ପରିବାରର ପ୍ରାୟ ୧୫୦ ଲୋକ ବସବାସ କରନ୍ତି। କାପ୍ତାପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୬ କି.ମି. ଦୂରରେ ଅବସ୍ଥିତ ଏହି ଗ୍ରାମ ଦୁଇଟି ନାନା ସମସ୍ୟା ଭିତର ଦେଇ ଗତି କରୁଥିଲେ ମଧ୍ୟ ସେମାନଙ୍କ ପ୍ରତି ପ୍ରଶାସନ କି ରାଜନେତାମାନଙ୍କର ଦୃଷ୍ଟି ପଡୁନାହିଁ। କେବଳ ନିର୍ବାଚନ ଆସିଲେ ଭୋଟ ପାଇଁ ନେତାମାନେ ଆସି ନାନା ଲୋଭନୀୟ ପ୍ରତିଶ୍ରୁତି ଦେଇ ଭୋଟ ହାତେଇ ଥାଆନ୍ତି। ଆଉ ତା' ପରେ ସବୁ ଭୁଲି ଯାଆନ୍ତି। ଗ୍ରାମ ନିକଟରେ ଥିବା ରତ୍ନଗିରି ଗାଁକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବା ସହ ତାହାର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଣିର ଗାର ହୋଇଛି। ଆମ ପାଖରେ ବଞ୍ଚିବା ପାଇଁ ମୌଳିକ ଆବଶ୍ୟକତାର ଅଭାବ ରହିଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନାହାନ୍ତି। ଏଭଳି କହିଛନ୍ତି, ୧ ନଂ. ଓ୍ୱାଡର ୱାର୍ଡ ସଭ୍ୟ ପ୍ରତାପ ଜାନି, ନାଦର ଜାନି, ମାଣିକ ଜାନି, ସୁଶିଳ ପ୍ରଧାନଙ୍କ ସମେତ ଦୁଇ ଗ୍ରାମର ବାସିନ୍ଦା। ରାସ୍ତା ମୁଖ୍ୟ ସମସ୍ୟା ହୋଇଛି। ଫଳରେ ଗାଁରେ ଥିବା ସ୍କୁଲକୁ ଶିକ୍ଷକ ଆସି ନ ପାରି କମ୍ ଉପସ୍ଥାନ ଦେଖାଇ କୌଶଳକ୍ରମେ ୧୦ ବର୍ଷ ପୂର୍ବେ ସ୍କୁଲକୁ ବନ୍ଦ କରିଦେଲେ। ଗାଁର ପିଲାମାନେ ଶିକ୍ଷା ଲାଭ କରିବାରୁ ବଞ୍ଚିତ ହେଉଛନ୍ତି। ଅଙ୍ଗନୱାଡି କେନ୍ଦ୍ର ନାହିଁ। କୌଣସି ଲୋକ ରୋଗରେ ପଡ଼ିଲେ ଭାର କରି ନେବାକୁ ପଡୁଛି। ଏଥିଯୋଗୁ ଅନେକ ସମୟରେ ଜୀବନହାନୀ ଘଟୁଛି। ଗାଁରେ ପୋଖରୀ, ଗାଡିଆ କିଛି ନ ଥିବା ଯୋଗୁ ଗାଧୋଇବା ପାଇଁ କିମ୍ବା ଗୋରୁ ପାଣି ପିଇବାକୁ ପାଉ ନାହାନ୍ତି। ଗାଁକୁ ରାସ୍ତା ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଗୁହାରୀ ଓ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସୁଫଳ ନ ମିଳିନାହିଁ। ଉକ୍ତ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ ପଡୁଛି ବୋଲି ଜଣାଇ ଦେଇ ପ୍ରଶାସନ ନୀରବ ରହିଛି। ଏପରି ଅନେକ ସମସ୍ୟା ନେଇ ଗ୍ରାମବାସୀ ସରପଞ୍ଚଙ୍କଠାରୁ ଆରମ୍ଭ କରି ରାଜ୍ୟପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଛନ୍ତି। ଏସବୁ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ନେଇ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ଏ ସମସ୍ତ ସମସ୍ୟା ସମାଧାନ ସଂକ୍ରାନ୍ତରେ ଅଧିକାରୀମାନଙ୍କ ସହ ଆଲୋଚନା କରିବି ବୋଲି ସେ କହିଛନ୍ତି।


ଡେଙ୍ଗାବାରୀ, ଭଣ୍ଡାରୀବାରୀକୁ ପାହାଡିଆ ରାସ୍ତା।


ବନ୍ଦ କରି ଦିଆଯାଇଥିବା ଭଣ୍ଡାରିବାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ।

- ଗାଁକୁ ସବୁଦିନିଆ ରାସ୍ତା ନାହିଁ
- ସ୍କୁଲକୁ ବନ୍ଦ କରି ଦିଆଯାଇଛି
- ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ ନିଷ୍ପତ୍ତି
- ରାଜ୍ୟପାଳଙ୍କୁ ଚିଠି ଲେଖି ଜଣାଇଲେ ଗ୍ରାମବାସୀ

# ବର୍ଷାରେ ବୋଦସା ମନ୍ଦିର ରାସ୍ତା ବୁଡ଼ି ରହିବାକୁ ନେଇ ଅସନ୍ତୋଷ


ବର୍ଷା ସମୟରେ ରାସ୍ତାରେ ଜମି ରହୁଛି ପାଣି।

ଖଣ୍ଡପଡ଼ା,୨୧।୨
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ବୋଦସା ପଞ୍ଚାୟତର ବଡ଼ ବୋଦସା ଗ୍ରାମରୁ ନିକଟସ୍ଥ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ପୀଠକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ ଦିଗରେ ବ୍ଲକ ପ୍ରଶାସନ କି ପଞ୍ଚାୟତ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାଟି ଅବହେଳିତ ଅବସ୍ଥାରେ ପଡି ରହିଥିବା ବେଳେ ସାମାନ୍ୟ ବର୍ଷା ହେଲେ ଉପରେ ଦିନ ଦିନ ଧରି ପାଣି ଜମି ରହୁଛି। ଫଳରେ ଅଞ୍ଚଳବାସୀ ମନ୍ଦିରକୁ ଯିବା ଆସିବା କରିବା ନିମନ୍ତେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଉକ୍ତ ରାସ୍ତାର ଉନ୍ନତିକରଣ ସହ ବର୍ଷାଜଳ ନିଷ୍କାସନ ପାଇଁ ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଦୀର୍ଘ ୧୦ବର୍ଷ ଧରି ଦାବି କରି ଆସୁଛନ୍ତି। ସ୍ଥାନୀୟ ବାସିନ୍ଦା ଧେଡି ବାରିକ, ଆକୁଳ ମହାନ୍ତି, ନୀଳ ଖୁଣ୍ଟିଆ, ଅନ୍ତର୍ଯ୍ୟାମୀ ବରାଡ, ବାଲୁଙ୍କି ପାତ୍ର, ସପନା ପଡିଆରୀ ପ୍ରମୁଖ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଉକ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରିବାକୁ ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ମା' ଭାନୁମତୀ ମନ୍ଦିରର ବାର୍ଷିକ ଉତ୍ସବ


ମା' ଭାନୁମତୀଙ୍କ ପୀଠରେ ଯଜ୍ଞ କାର୍ଯ୍ୟ ଚାଲିଛି।

ଖଣ୍ଡପଡା,୨୧।୨(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ବଡବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗ୍ରାମ ନିକଟ ହଟିଆପଲ୍ଲୀ ଠାରେ ମା' ଭାନୁମତୀ ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ୩ଦିନ ବ୍ୟାପୀ ବୁଧବାରଠାରୁ ଅନୁଷ୍ଠିତ ହେଉଛି । ବାଣପୁର ପଞ୍ଚାୟତର ପଞ୍ଚପଲ୍ଲୀ ନାମରେ ପରିଚିତ ରତନପୁର, ଘଣାଶାଳିଆ, ହଟିଆପଲ୍ଲୀ, ବାଞ୍ଛପଲ୍ଲୀ ଓ ଭ୍ରମରବରପ୍ରସାଦ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସକାଳ ସାଢେ ୭ଟା ସମୟରେ ହଜାର ହଜାର ମହିଳାପୁରୁଷ ନିକଟସ୍ଥ ମହାନଦୀ ଘାଟରୁ କଳସରେ ଜଳପୂର୍ଣ୍ଣ କରି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ସ୍ଥାପନ କରିଥିଲେ। ପରେ ଅଙ୍କୁରା ରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରେ ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଅପରାହ୍ନରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହୋମଯଜ୍ଞ କାର୍ଯ୍ୟକ୍ରମ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥିଲା। ପରେ ମନୋରଞ୍ଜନ କାର୍ଯ୍ୟକ୍ରମ ନାଟକ 'ଅଧାରାତିର ସାଥୀ' ଅନୁଷ୍ଠିତ ହୋଇଥିଲା। ମା' ଭାନୁମତୀଙ୍କ ମନ୍ଦିରର ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ଗ୍ରାମବାସୀ ଯୋଗଦେଇ ଦେଇଥିଲେ। ମା' ଭାନୁମତୀ ଦେବୀ କମିଟି ପକ୍ଷରୁ ବିଭୂତି ଭୂଷଣ ପ୍ରଧାନ ଓ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ୨୦୨୧ ନଭେମ୍ବର ୧୪ରେ ମନ୍ଦିରର ରତ୍ନମୁଦ ଓ ୨୦୨୨ ଡ଼ିସେମ୍ବର ୬ରେ ଯଜ୍ଞ ମଣ୍ଡପର ଭୂମିପୂଜନ ସହ ମାଙ୍ଗଳିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଓଡ଼ଗାଁ,୨୧।୨
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ମେଡ଼ିକାଲ ଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପ୍ରତିଷ୍ଠାତା ବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ରୂପେ ଖବରଦାତା ଗଣେଶ୍ୱର ସାହୁ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷ ସନ୍ତୋଷ କୁମାର ସାହୁ, ଶିଶୁ ବିଦ୍ୟା ମନ୍ଦିରର ପୂର୍ବତନ ଗୁରୁଜୀ ନୀଳାଞ୍ଚଳ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଗୁରୁଜୀ ସାନୁଜ ରାଉତ କାର୍ଯ୍ୟ ସଂଯୋଜନା କରିଥିବାବେଳେ ପ୍ରଧାନ ଗୁରୁଜୀ ପ୍ରଦୀପ୍ତ କୁମାର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟା ମନ୍ଦିରର ସମସ୍ତ ଗୁରୁମାଗୁରୁଜୀ ଓ ଅଭିଭାବକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତ ଦର୍ଶକଙ୍କୁ ଆକର୍ଷିତ କରିଥିଲା।



# ହିତାଧିକାରୀଙ୍କ ଅନୁପସ୍ଥିତିରେ ହେଲା ଜନଶୁଣାଣି


ବ୍ଲକସ୍ତରୀୟ ଜନଶୁଣାଣିରେ ପ୍ରଶାସନିକ ଅଧିକାରୀ।

ନୂଆଗାଁ, ୨୧।୨ (ଧନେଶ୍ୱର ସାହୁ)

- ସାମାଜିକ ସମୀକ୍ଷା ବ୍ଲକସ୍ତରୀୟ ଜନଶୁଣାଣି ଶିବିର
- ଅଧିକାରୀ, କର୍ମଚାରୀଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କଲେ ବିଡିଓ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହ ମଧ୍ୟରେ ବୁଧବାର ସାମାଜିକ ସମୀକ୍ଷାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ହିତାଧିକାରୀ ଜବ୍‌କାର୍ଡଧାରୀ, ଜନ ପ୍ରତିନିଧି , ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ସାମାଜିକ ସମୀକ୍ଷକମାନଙ୍କ ଉପସ୍ଥିତିରେ ଏହି ଜନ ଶୁଣାଣି କରାଯିବାର ବ୍ୟବସ୍ଥା ରହିଥିଲା। ହେଲେ କୌଣସି ଜବ୍‌କାର୍ଡଧାରୀ, ହିତାଧିକାରୀଙ୍କୁ ଡକା ନ ଯିବା କାର୍ଯ୍ୟକ୍ରମର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେହିଭଳି ମାତ୍ର ୪ ଜଣ ସରପଞ୍ଚ ଓ ୨ଜଣ ସମିତିସଭ୍ୟ ଉପସ୍ଥିତି ଥିଲେ ମଧ୍ୟ ବ୍ଲକ ଅଧକ୍ଷା, ଜିଲା ପରିଷଦ ସଭ୍ୟାଙ୍କ ସମେତ ସମସ୍ତ ଜନପ୍ରତିନିଧି କାର୍ଯ୍ୟକ୍ରମ ଅଧାରୁ ପଳାଇ ଯାଇଥିଲେ। ଶିବିରରେ ୨୦୨୩ ଏପ୍ରିଲରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହୋଇଥିବା କାର୍ଯ୍ୟ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ସମନ୍ୱିତ ଶିଶୁ ବିକାଶ ଓ ମମତା ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଶୁଣାଣି କରାଯାଇଥିଲା। ବନ ବିଭାଗର ଅଧିକ ଅନିୟମିତତା ହୋଇଥିବା ବେଳେ ବାରମ୍ବାର ତାଗିଦ୍ ପରେ ବି ତାହାର ସମାଧାନ ହେଉ ନ ଥିବାରୁ ଫାଇନ୍ କରିବା ପାଇଁ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ରୋଜିନା ଦାସ ନିର୍ଦ୍ଦେଶ ଦେଇଥିଲେ। ସାମାଜିକ ସମୀକ୍ଷା ସମୟରେ ସମୀକ୍ଷକମାନଙ୍କୁ ସହଯୋଗ ନ କରିବା, ଫାଇଲ ନ ଦେବା ଭଳି ଅଭିଯୋଗ ହୋଇଥିଲା। ଏଭଳି କରି କେହି ଦୋଷକୁ ଲୁଚାଇ ପାରିବେ ନାହିଁ। ବିଭିନ୍ନ ବିଭାଗର କର୍ମଚାରୀଙ୍କ କାର୍ଯ୍ୟରେ ବିଡିଓ ବାସୁଦେବ ନାୟକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରିକି ପାର୍କ, ଖେଳ ପଡିଆ , ଭଲ ପନିପରିବା , ଅନେକ ଗାଁକୁ ରାସ୍ତା ନ ଥିବା କହି କ୍ଷୋଭ ପ୍ରକାଶ କରିଥିଲେ। ଆମେମାନେ ଲୋକଙ୍କ ପାଇଁ କାମ କରିବାକୁ ଆସିଛୁ। ଆମେ ଚାହିଁଲେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି ଅନେକ ବିକାଶ କରିପାରିବା ବୋଲି ବିଡିଓ ନାୟକ କହିଥିଲେ। ପ୍ରତି ମାସରେ ୨ଥର ରୋଜଗାର ଦିବସ, ଜବ୍‌କାର୍ଡ ଅପଡେଟ୍ କରିବା କଥା ତାହା ମଧ୍ୟ କରାଯାଉନାହିଁ। ଖାଦ୍ୟ ସୁରକ୍ଷା ଆଇନରେ ୫୮ ଜଣ ମୃତବ୍ୟକ୍ତିଙ୍କ ନାମରେ ଶତାଧିକ କୁଇଣ୍ଟାଲ ଚାଉଳ ହଡପ ହୋଇଥିବା ସମୀକ୍ଷାରୁ ଅନୁମାନ ହେଉଛି। ତାହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ କରା ନ ଗଲେ ଯୋଗାଣ ନିରୀକ୍ଷକଙ୍କ ନାମରେ କ୍ରିମିନାଲ କେସ୍ ଦାଏର କରାଯିବ ବୋଲି ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ଦାସ କହିଥିଲେ। ଉଦୟପୁର ପଞ୍ଚାୟତରେ ହିତାଧିକାରୀଙ୍କ ଅଗୋଚରରେ କ୍ଷେତ ପୋଖରୀ ବିଲ୍ ହୋଇଥିବା ଅଭିଯୋଗ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ଦାସ, ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ନାୟକ, ଜିଲା ସାମାଜିକ ସମୀକ୍ଷକ ବିଜୟ ବଳିୟାରସିଂ, ବ୍ଲକ ସାମାଜିକ ସମୀକ୍ଷକ ସ୍ୱର୍ଣ୍ଣଲତା ଦଳବେହେରା, ଭିଆରପି ସବିତା ସେଠୀଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିବା ବେଳେ ଏପିଓ ଅମରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨୧।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ପଞ୍ଚାୟତରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ ମଙ୍ଗଳବାରଠାରୁ ହୋଇଛି। ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯୋଜନାର ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ ଓ ବସୁଧା ଯୋଜନାର ଉପଦେଷ୍ଟା ଅପୂର୍ବା ଅପରୁପା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ନବ କିଶୋର ସାହୁ, ରାମଚନ୍ଦ୍ର ବେହେରା, ଜନ୍ମେଜୟ ନାୟକ, ସମିତି ସଭ୍ୟ ଚନ୍ଦ୍ରମଣି ସ୍ୱାଇଁ, ସମିତି ସଭ୍ୟା ରଶ୍ମିତା ପ୍ରଧାନଙ୍କ ସମେତ ବିଜେଡି ଦଳର ବହୁ କର୍ମୀ, ସଙ୍ଗଠକ ଓ ପଞ୍ଚାୟତ ଲୋକ ପ୍ରତିନିଧିମାନେ ଶିଖରପୁର ପଞ୍ଚାୟତ ପରିକ୍ରମା କରିବା ଅବସରରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ ଦଳର ଚିହ୍ନ ଶଙ୍ଖର ଏକ ପୋଷ୍ଟର ମରାଯାଇଥିଲା।

# ୨–୦ ଗୋଲରେ ଖଣ୍ଡପଡ଼ା ଫୁଟ୍‌ବଲ କ୍ଲବ୍ ବିଜୟୀ

ଖଣ୍ଡପଡ଼ା,୨୧।୨
(ଅଜୟ କୁମାର ମହାରଣା)

## ଜିଲାସ୍ତରୀୟ ପଠାଣି ସାମନ୍ତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ଖଣ୍ଡପଡ଼ା ମଧୁବନ ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ପଠାଣି ସାମନ୍ତ କପ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ୩ୟ ଦିବସରେ ଖଣ୍ଡପଡ଼ା ଫୁଟବଲ କ୍ଲବ ୨–୦ ଗୋଲରେ ଗୌଡପୁଟ ଫୁଟ୍‌ବଲ ଟିମ୍‌କୁ ପରାସ୍ତ କରି ବିଜୟୀ ହୋଇଛି। ଖଣ୍ଡପଡ଼ା ଦଳର ସୁଧାଂଶୁ ବେହେରା ଓ ସେଖ୍ ଯୁନେଡ ପ୍ରଥମାର୍ଦ୍ଧ ଗୋଟିଏ ଲେଖାଏଁ ୨ଟି ଗୋଲ ସ୍କୋର କରିଥିଲେ। ଗୌଡପୁଟ ଦଳ ଗୋଟିଏ ବି ଗୋଲ କରି ପାରି ନ ଥିଲା। ଖେଳରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧକ୍ଷା ଆରତୀ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ରାଉତ ପ୍ରମୁଖ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଜଗନ୍ନାଥ ପରିଡା, ସୁବାସ ବେହେରା ଓ ସତ୍ୟ ନାରାୟଣ ମହାନ୍ତି ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ମହେନ୍ଦ୍ର କୁମାର ବାରିକ ଓ ସହଯୋଗୀ ସୁଶାନ୍ତ କୁମାର ମହାରଣା, ତୋଫାନ ଗୁରୁ, ସତ୍ୟପ୍ରିୟ ଦାସ, ଅନୁପ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ। ଗୁରୁବାର ରାଜପାଟଣା ଏଫସି ସହ ଖୋର୍ଦ୍ଧା ଫୁଟ୍‌ବଲ ଟିମ୍‌ର ମୁକାବିଲା ହେବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ।



ଖେଳରେ ଉଭୟ ଦଳର ଖେଳାଳିମାନେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ



ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଲୋକମାନେ ଓ ମଞ୍ଚାସୀନ ବିଜେଡି ନେତା ଏବଂ ଅନ୍ୟମାନେ।

ଦଶପଲ୍ଲା,୨୧।୧(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ଖମାରସାହି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ବିରାଟ ସଚେତନତା ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ସହ ବିଭିନ୍ନ ଅଞ୍ଚଳର ବହୁସଂଖ୍ୟାରେ ମହିଳାପୁରୁଷ ଏବଂ ବରିଷ୍ଠ ନାଗରିକ ଯୋଗଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ବନ୍ଧରେ ଅବଗତ କରାଯାଇଥିଲାୟ। ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସହ ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ନୂଆଗାଁ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟ ବେହେରା, ଜିଲା ପରିଷଦ ବସନ୍ତ କୁମାର ପ୍ରଧାନ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଓ ବିଭିନ୍ନ ବିଭାଗୀୟ ଅଧିକାରୀ, ଦଶପଲ୍ଲା ଏନ୍‌ଏସିର କାଉନସିଲର ବୃନ୍ଦ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ସାଂସଦ ଏବଂ ଦଶପଲ୍ଲା ବିଧାୟକ ବେହେରା ସଭାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ବିଷୟରେ ବୁଝାଇବ ସହ ଧନ୍ୟବାଦ ଦେଇଥିଲେ। ଖମାରସାହି ପଞ୍ଚାୟତ ବିକାଶ ଝଲକ ସମ୍ବନ୍ଧରେ ଆଲୋଚନା କରଯାଇଥିଲା। ସମସ୍ତ ଅତିଥିମାନଙ୍କ ଦ୍ୱାରା ଆମ ଗ୍ରାମ ପଞ୍ଚାୟତ ବିକାଶ ପୁସ୍ତକ ଉନ୍ମୋଚନ ହୋଇଥିଲା। ଖମାରସାହିରେ ଆମ ପଞ୍ଚାୟତ ବିକାଶ ପୁସ୍ତକରେ ସ୍ଥାନ ପାଇଛି। ଆମ ଓଡ଼ିଶା ନବୀନ ଓଡ଼ିଶାରେ ୮ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୧୭୦୬ ପରିବାର କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଭୁକ୍ତ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨ଟି ପ୍ରକଳ୍ପ ପାଇଁ ୮ ଲକ୍ଷ, କାଳିଆ ଯୋଜନାରେ ୧୩୬୫ ପରିବାର ଅନ୍ତର୍ଭୁକ୍ତ, ସାମାଜିକ ସୁରକ୍ଷା ଭତ୍ତାରେ ୧୦୯୭ ହିତାଧିକାରୀଙ୍କୁ ଭତ୍ତା, ୩୭ ମିଶନ ଶକ୍ତି ଗୋଷ୍ଠୀଙ୍କୁ ୧ କୋଟି ୧୧ ଲକ୍ଷ ଟଙ୍କା ର ବୀନା ସୁଧରେ ରୁଣ,ରାଶନ କାର୍ଡ ୧୭୦୬ ପରିବାରଙ୍କୁ ସାମଗ୍ରୀ, ମମତା ଯୋଜନାରେ ୩୭୮ ଗର୍ଭବତୀ ମହିଳାଙ୍କୁ ମମତା ସହାୟତା। ଲକ୍ଷ୍ମୀ ଯୋଜନାରେ ଲକ୍ଷ୍ମୀ ବସ୍ ସେବା ଚଳାଚଳ ପ୍ରଭୃତି ସମସ୍ତ ଜନହିତ କରି ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରଯାଇଥିଲା। ସଭା ପ୍ରାରମ୍ଭ ରେ ସ୍ଥାନୀୟ ମହାବୀର ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ସଭାସ୍ଥଳ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ଶତାଧିକ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ। ବିଧାୟକଙ୍କ ସମେତ ବିଜେଡି ସଙ୍ଗଠକ ଉପେନ୍ଦ୍ର କୁମାର ସାହୁ ଏହାକୁ ପରିଚାଳନା କରିଥିଲେ।

# କଟକଣାକୁ ଫୁଁ, ଅବାଧରେ ଚାଲିଛି ଶିକାର

କେନ୍ଦ୍ରାପଡ଼ା, ୨୧।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଜାତୀୟ ଉଦ୍ୟାନ ଭିତରକନିକାରେ ବନ ବିଭାଗ କଟକଣାକୁ ଶିକାରୀ ଫୁ଼ କରି ଅବାଧରେ ଶିକାର କରୁଛନ୍ତି। ୩ଦିନ ତଳେ ଭିତରକନିକା ମଧ୍ୟରୁ ହରିଣ ଶିକାର ଅଭିଯୋଗରେ ଶୈଳେନ୍ଦ୍ରସରାଇ ଗାଁର ସୁରେନ୍ଦ୍ର ଦାସଙ୍କଠାରୁ ବନ ବିଭାଗ ଟିମ୍ ୧୨ କିଗ୍ରା ମାଂସ ଜବତ ସହ ଗିରଫ କରିଥିଲେ। ମାସକ ମଧ୍ୟରେ ରାଜନଗର ବନଖଣ୍ଡ ଅଧୀନ ଭିତରକନିକା ଅଞ୍ଚଳରୁ ଅବାଧରେ ହରିଣ, ବାର୍ହା ଆଦି ଶିକାର କରୁଥିବା ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିଛି। ସେହିପରି ଦୁଇ ଦଶନ୍ଧି ମଧ୍ୟରେ ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟରୁ ବନ୍ୟ ଓ ସାମୁଦ୍ରିକ ପ୍ରାଣୀ, ଦେଶୀ ବିଦେଶୀ ପ୍ରଜାତିର ପକ୍ଷୀ ଆଦି ଶିକାର କରି ବନ ବିଭାଗ ଦ୍ୱାରା ୪୦୦ରୁ ଅଧିକ ଶିକାରୀ ଧରାପଡ଼ିଛନ୍ତି। ଏମାନେ ଗିରଫ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଦୋଷୀ ଭାବେ ପ୍ରମାଣିତ କରିବା ଓ ତାଙ୍କୁ ଦଣ୍ଡବିଧାନ କରିବା ବନ ବିଭାଗ ପକ୍ଷରୁ ଯଥେଷ୍ଟ ଉଦ୍ୟମ ହେଉନାହିଁ। ଫଳରେ ପ୍ରତିବର୍ଷ ୧୦ରୁ ୩୦ଟି ଶିକାର ଘଟଣାରେ ଅଭିଯୁକ୍ତ ଗିରଫ ହେଉଥିଲେ ମଧ୍ୟ ଏହାର ସୁପ୍ରଭାବ ପଡୁନାହିଁ। ବନ୍ୟଜନ୍ତୁ ସଂରକ୍ଷଣ ଆଇନ ବିଭାଗୀୟ କାଗଜପତ୍ରରେ ସୀମିତ ରହିଥିବା ବେଳେ ଜାତୀୟ ଉଦ୍ୟାନର ଜୀବଜନ୍ତୁ ବିପଦରେ ଅଛନ୍ତି ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ସାମୁଦ୍ରିକ କଇଁଛ ଓ ହେନ୍ତାଳବଣ ସଂରକ୍ଷଣ ସମିତିର ସମ୍ପାଦକ ହେମନ୍ତ କୁମାର ରାଉତ, ପରିବେଶବିତ୍ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁବାସ ସ୍ୱାଇଁ, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ରାଧାକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି, ୨୦୧୫ରେ ୨ଜଣ ବ୍ୟକ୍ତି ୪ଟି ବଗ ମାରିବା ଅଭିଯୋଗରେ କିଛିଦିନ ପାଇଁ ଜେଲ ଯାଇଥିଲେ। ତେବେ ତଥ୍ୟ ଅନୁଯାୟୀ ୫ ବର୍ଷ ମଧ୍ୟରେ ୬ଜଣ ଅଭିଯୁକ୍ତ କୁମ୍ଭୀର ଓ ହରିଣ ମାରିଥିବା ଅଭିଯୋଗରେ ବନ ବିଭାଗ ଗିରଫ କରିଥିଲେ ମଧ୍ୟ ସେମାନେ ଦୋଷମୁକ୍ତ ହୋଇଛନ୍ତି।

**ବିପଦରେ ଭିତରକନିକାର ବନ୍ୟଜନ୍ତୁ**

- ୪୦୦ରୁ ଅଧିକ ଗିରଫ, ଶିକାରୀଙ୍କୁ ମିଳୁନି ଦଣ୍ଡ
- କାଗଜପତ୍ରରେ ଚାଲିଛି ବନ୍ୟଜନ୍ତୁ ସଂରକ୍ଷଣ



ଅପରପକ୍ଷରେ ଶତାଧିକ ମାମଲା କୋର୍ଟରେ ଅଛି। ଏଗୁଡ଼ିକ ତୁରନ୍ତ ବିଚାର କରି ଦଣ୍ଡ ବିଧାନ କରାଗଲେ ଶିକାରୀ ଆଇନ ପ୍ରତି ସଚେତନ ହୋଇପାରନ୍ତେ। ଭିତରକନିକାରେ ଏବେ ୨୦୦ରୁ ଅଧିକ ବନ୍ୟ ଓ ସାମୁଦ୍ରିକ ପ୍ରାଣୀଙ୍କ ଉପରେ ଏହି ଶିକାରୀଙ୍କ ନଜର ପଡ଼ିଛି। ପ୍ରତିବର୍ଷ ବାର୍ହା, ଠେକୁଆ, ହରିଣ ଆଦି ଶିକାର କରାଯାଉଥିବା ବେଳେ ସରୀସୃପ, କଇଁଛ, ଶାମୁକା, ନୀଳରକ୍ତ କଙ୍କଡ଼ା ଆଦିର ଚୋରା ଚାଲାଣ ବଢ଼ିଛି। ଏଠାରେ ବିଭିନ୍ନ ଉପାୟରେ ଶିକାର ଚାଲିଛି। ବାର୍ହା, ହରିଣ, ଠେକୁଆ ଆଦି ବନ୍ୟ ଜନ୍ତୁଙ୍କୁ ଧରିବା ପାଇଁ ଫାଶ ଓ ପୋଷା କୁକୁର ବ୍ୟବହାର ହେଉଛି। ପ୍ଲାଷ୍ଟିକ ରଶି ଅଥବା ବାଇକ୍‌ର କ୍ଲଚ ୱେୟାରକୁ ଫାଶ ଭାବେ ବ୍ୟବହାର କରାଯାଉଥିବା ବେଳେ ଶିକାରକୁ ଘଉଡ଼ାଇବା ପାଇଁ କୁକୁରଙ୍କୁ ଲଗାଯାଉଛି। ସେହିପରି ବିଭିନ୍ନ ପଶୁପକ୍ଷୀଙ୍କ ପାଇଁ ଜାଲ ଓ ଯନ୍ତାର ସାହାରା ନିଆଯାଉଛି। ବନ୍ୟ ଓ ସାମୁଦ୍ରିକ ପ୍ରାଣୀ ଭିତରକନିକାରୁ କମିବା କାରଣରୁ ପ୍ରକୃତି ସନ୍ତୁଳିତ ହୋଇ ରହୁନାହିଁ। ବିଭିନ୍ନ ଜୀବଜନ୍ତୁଙ୍କ ପାଇଁ ଜଙ୍ଗଲ ଅଧିକ ଘଞ୍ଚ ହୋଇଥାଏ। ତେବେ ଏମାନଙ୍କ ସୁରକ୍ଷା ଦାୟିତ୍ୱ ବନ ବିଭାଗର କେବଳ କାଗଜପତ୍ରରେ ସୀମିତ ଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବନ୍ୟ ପ୍ରାଣୀ ଆଇନ ବିଶାରଦ ତଥା ଆଇନଜୀବୀ ସୁଶ୍ରୀ କୁମାରୀ ନାୟକ କହିଛନ୍ତି, ଦୋଷୀଙ୍କୁ ଦଣ୍ଡ ବିଧାନ ପାଇଁ ଉପଯୁକ୍ତ ପ୍ରମାଣ ଆବଶ୍ୟକ। ମାମଲାର ଶୁଣାଣି ପାଇଁ ଅଧିକ ସମୟ ନିଆଯାଉଥିବାରୁ ଅଧିକାଂଶ ପ୍ରମାଣ ନଷ୍ଟ ହେଉଛି। ସେହିପରି ଫରେନ୍‌ସିକ ଟେଷ୍ଟ ରିପୋର୍ଟର ଅଭାବ, ସାକ୍ଷୀଙ୍କ ଅସହଯୋଗ ଶିକାରୀଙ୍କୁ ଦୋଷମୁକ୍ତ କରୁଛି। ବନ ବିଭାଗ ପକ୍ଷରୁ କେବେହେଲେ ଆଙ୍ଗୁଠି ଛାପ ନିଆଯାଉ ନ ଥିବା ବେଳେ ଆର୍ମସ ଆକ୍ଟ ଲଗାଯାଉନାହିଁ। ସେହିପରି ତଦନ୍ତ ଅଧିକାରୀଙ୍କ ବୟାନ ମାମଲାର ସୁପରିଚାଳନା ପାଇଁ ଅଧିକ ଗୁରୁତ୍ୱ ବହନ କରେ। ତେବେ ଏସବୁ ମାମଲାରେ ଡିଏଫ୍‌ଓଙ୍କୁ ସାମିଲ କରାଉଛି ବୋଲି ସେ ମତ ଦେଇଛନ୍ତି। ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ବନ୍ୟ ଜୀବଜନ୍ତୁଙ୍କ ସୁରକ୍ଷାକୁ ସର୍ବଦା ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ କର୍ତ୍ତବ୍ୟ ନିଷ୍ଠାର ସହ କର୍ମଚାରୀ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି।

# ଟାଟା ଷ୍ଟିଲ ପକ୍ଷରୁ ରଚନା ଲିଖନ ପ୍ରତିଯୋଗିତା




ଅନ୍ତର୍ଜାତୀୟ ମାତୃ ଭାଷା ଦିବସ ପାଳନ ଅବସରରେ ଅନୁଷ୍ଠିତ ରଚନା ଲିଖନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

କାଳିଆପାଣି, ୨୧।୨ (ଅସିତ ମହାନ୍ତ):

ଅନ୍ତର୍ଜାତୀୟ ମାତୃ ଭାଷା ଦିବସ ପାଳନ ଅବସରରେ ବୁଧବାର ଟାଟା ଷ୍ଟିଲ ପକ୍ଷରୁ କାଟେପୂର୍ତ୍ତି ଅଡିଟୋରିୟମଠାରେ ଛାତ୍ରୀଛାତ୍ରଙ୍କୁ ନେଇ ଓଡ଼ିଆ ଭାଷା ଉପରେ ଏକ ରଚନା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଟାଟାଷ୍ଟିଲ ଫାଉଣ୍ଡେଶନ ୟୁନିଟ ମୁଖ୍ୟ ଦେବଞ୍ଜନ ମୁଖାର୍ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଶ୍ରମଶକ୍ତି ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ନିକଟସ୍ଥ ଗ୍ରାମର ୫୭ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଟାଟାଷ୍ଟିଲ ଏଫ୍‌ଏଏମ୍‌ଡି ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ସହପ୍ରଶାସନିକ ମୁଖ୍ୟ ସଞ୍ଜୀବ ସାହୁ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ୍

ଯାଜପୁର ଟାଉନ, ୨୧।୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଏକ ନାବାଳିକା ବଳାତ୍କାର ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ଯାଜପୁର ଆଡହକ ଏଡିଜେ ତଥା ପୋକ୍ସୋ ଜଜ୍ ଶରତ କୁମାର ଦେହୁରି ମାମଲାର ବିଚାର କରି ଅଭିଯୁକ୍ତ କାଳିଆପାଣି ଥାନା ଅଧୀନ ମହ୍ଲାରସାହି ଗାଁର ଜିସବ ମାଙ୍କେଡିଆ ଓରଫ୍ ଅରିଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ ହଜାର ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଦର୍ଶାଯାଇଛି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ସେପ୍ଟେମ୍ବର ୩୦ ତାରିଖ ସନ୍ଧ୍ୟାରେ କାଳିଆପାଣି ଥାନା ଅଞ୍ଚଳର ଜଣେ ୧୩ ବର୍ଷୀୟ ନାବାଳିକାଙ୍କୁ ଅଭିଯୁକ୍ତ ଭାଉଜ ଦେହ ଅସୁସ୍ଥ ଅଛି କହି ଡାକ୍ତରଖାନା ଯିବାକୁ ବାଧ୍ୟ କରିଥିଲେ। ଅଭିଯୁକ୍ତ ନାବାଳିକାଙ୍କ ସମ୍ପର୍କୀୟ ଦାଦା ପୁଅ ହୋଇଥିବାରୁ ନାବାଳିକା ଅରାଜି ହୋଇଥିଲେ ମଧ୍ୟ ସେ ତାଙ୍କୁ ଜୋରଜବରଦସ୍ତ ସାଇକେଲରେ ନେଇ ଭାଲୁକିପାଟଲା ଜଙ୍ଗଲରେ ବଳାତ୍କାର କରିଥିଲେ। ଏହି ଘଟଣା ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ୩ ଦିନ ପରେ କାଳିଆପାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବିଚାରପତି ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ଦୋକାନ ଜାଳିଦେଲେ ଦୁର୍ବୃତ୍ତ



ପୋଡ଼ିଯାଇଥିବା ଦୋକାନ।

ଆଳି, ୨୧।୨ (ବନମାଳୀ ସେନାପତି)

କଟକ-ଚାନ୍ଦବାଲି ରାସ୍ତାର ଆଳି ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଦୋକାନକୁ ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ଜାଳି ଦେଇଥିବା ନେଇ ଆଳି ଥାନାରେ ବୁଧବାର ଅଭିଯୋଗ ହୋଇଛି। ଏ ନେଇ ଦୋକାନ ମାଲିକ ଗୌଡ଼ପାଟଣା ଗାଁର କୁସୁମ ପରିଡା ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ଗତ ୪ ମାସ ପୂର୍ବେ ସେ ୫୦ ହଜାର ଟଙ୍କା ଖର୍ଚ୍ଚ କରି ଏକ କ୍ୟାବିନ ପକାଇ ସେଠାରେ ଭେରାଇଟି ଷ୍ଟୋର କରିଥିଲେ। ଭେରାଇଟି ଷ୍ଟୋରରେ ସେ ଦୈନିକ ବ୍ୟବସାୟ କରି ତାଙ୍କ ପରିବାର ପ୍ରତିପୋଷଣ କରୁଥିଲେ। ସବୁଦିନ ପରି ମଙ୍ଗଳବାର ରାତି ୮ଟାରେ କୁସୁମ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତି ପ୍ରାୟ ୨ଟାରେ ଦୋକାନରେ ନିଆଁ ଲାଗିଥିବା ନେଇ ସ୍ଥାନୀୟ ଲୋକ ତାଙ୍କୁ ଡାକିଥିଲେ। କୁସୁମ ଦୋକାନ ପାଖକୁ ଆସିବା ବେଳକୁ କ୍ୟାବିନଟି ହୁତୁହୁତୁ ହୋଇ ଜଳୁଥିଲା। ସ୍ଥାନୀୟ ଲୋକମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ଆଳି ଦମକଳକୁ ଖବର ଦେଇଥିଲେ। ଦମକଳ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇ ଥିଲେ। ମାତ୍ର ସେତେବେଳକୁ କ୍ୟାବିନ ସହିତ ଦୋକାନରେ ଥିବା ଫ୍ରିଜ, ଇଣ୍ଡକଶନ ଚୁଲା ସହ ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇଛି। ଦୋକାନ ନିକଟରେ ଏକ ଲୁହା ଶାବଳ ପଡ଼ିଥିବାରୁ କେହି ତାଙ୍କ ଉପରେ ରାଗ ରଖି ଏଭଳି ଘଟାଇଥିବା ନେଇ କୁସୁମ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଏ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ସୂର୍ଯ୍ୟ ମନ୍ଦିରର ବାର୍ଷିକ ଉତ୍ସବ

ଯାଜପୁରରୋଡ୍, ୨୧।୨ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପୌରପରିଷଦ ଅଧୀନ ୧୫ନଂ. ୱାର୍ଡରେ ଥିବା ବିହାରୀ ସମ୍ପ୍ରଦାୟ ସୂର୍ଯ୍ୟ ମନ୍ଦିରର ୯ମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ତରଫରୁ ଏହି ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ପ୍ରାତଃ ସମୟରୁ ସୂର୍ଯ୍ୟପୂଜା, ଗୋପୂଜା, ଧରିତ୍ରୀ ଦେବୀ ପୂଜା, ଗୁରୁପୂଜା ଓ ଷୋଡଶ ଉପଚାର ପୂଜା ପରେ ଯଜ୍ଞହୋମ କରାଯାଇ ପୂର୍ଣ୍ଣାହୁତି ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି, ସମ୍ପାଦକ ଓ ସଦସ୍ୟମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଭଜନ, କୀର୍ତ୍ତନ ଶଙ୍ଖ, ଘଣ୍ଟଧ୍ୱନିରେ ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।



# ବଫାୟତୁଲ୍ଲାଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ

**ନାବାଳିକା ଅପହରଣ ମାମଲା**

ଜଗତ୍‌ସିଂହପୁର, ୨୧।୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୦୫ରେ ଅପହରଣ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଏହାର ବିଚାରକରି ଜଗତ୍‌ସିଂହପୁର ଜିଲା ଓ ସ୍ୱତନ୍ତ୍ର ଜଜ୍ ଅନୁପ କୁମାର ଚନ୍ଦନ ଅଭିଯୁକ୍ତ ଥିବା ଏହି ଥାନା ଚାଷୀଖଣ୍ଡ ଗ୍ରାମର ସେକ୍ ବଫାୟତୁଲ୍ଲାଙ୍କୁ ୭ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ସ୍ୱତନ୍ତ୍ର ସରକାରୀ ଓକିଲ ସୁର ପ୍ରସାଦ ବାରିକ କହିଛନ୍ତି, ୧୬।୧୨।୨୦୦୫ରେ ୧୩ ବର୍ଷୀୟ ନାବାଳିକା ବିଦ୍ୟାଳୟ ଯାଉଥିବା ବେଳେ ବାଟରେ ତାଙ୍କୁ ଅପହରଣ କରି ନିଆଯାଇଥିବା ନେଇ ପୀଡ଼ିତାଙ୍କ ବାପା ୨୬।୧୨।୨୦୦୫ରେ ବିରିଡ଼ି ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୨୮୯/୨୦୦୫) ରୁଜୁ କରିଥିଲା। କିନ୍ତୁ ଅଭିଯୁକ୍ତଙ୍କ ସନ୍ଧାନରେ ବିଳମ୍ବ ହୋଇଥିଲା। ତେବେ ନାବାଳିକାଙ୍କୁ ବଫାୟତୁଲ୍ଲା ଅପହରଣ କରିଥିବା ଜଣେ ବ୍ୟକ୍ତି କହିବା ପରେ ତାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ହୋଇଥିଲା। ନାବାଳିକାଙ୍କ ପରିବାର ପକ୍ଷରୁ ବଫାୟତୁଲ୍ଲାଙ୍କ ଭାଇଙ୍କ ସହ ଯୋଗାଯୋଗ କରାଯାଇ ସନ୍ଧାନ ପାଇଁ ସମସ୍ତ ଉଦ୍ୟମ ସତ୍ତ୍ୱେ କିଛି ଲାଭ ହୋଇ ନ ଥିଲା। ବିଳମ୍ବରେ କୋର୍ଟରେ ୱାରେଣ୍ଟ ହେବାରୁ ପୋଲିସ ନାବାଳିକାଙ୍କୁ ଉଦ୍ଧାର ପାଇଁ ବିଶେଷ ତତ୍ପରତା ପ୍ରକାଶ କରିଥିଲା। ଶେଷରେ କଟକ ଜଗତପୁର ନିକଟ ଏକ ଗାଁରୁ ନାବାଳିକାଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲା। ଏହି ମାମଲାରେ ଏକାଧିକ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆକାଶ



@ ଦିନେଶ



@ ପ୍ରେମାନନ୍ଦ



@ ସଞ୍ଜୀବ



@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖବରଦାତାଙ୍କ ସାମାଜିକ ସୁରକ୍ଷା ଦାବି କଲା ଏସ୍‌ୟୁଜେ

କେନ୍ଦ୍ରାପଡ଼ା, ୨୧।୨ (ଜଗନ୍ନାଥ ଧଳ)

ଓଡ଼ିଶା ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ପକ୍ଷରୁ ଖବରଦାତାଙ୍କ ସାମାଜିକ ସୁରକ୍ଷା ସମ୍ପର୍କରେ ଉଦ୍‌ବିଗ୍ନ ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଖବରଦାତାଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା, ରାଜଧାନୀରେ ସାମ୍ବାଦିକ ଭବନ ନିର୍ମାଣ କରିବା, ପେନ୍‌ସନ ଓ ଅନ୍ୟ ଦାବି ଉପସ୍ଥାପନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲାପାଳଙ୍କୁ ବୁଧବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସଭାପତି ଦଇତାରି ଜେନା, ଉପସଭାପତି ଅସିତ ପଣ୍ଡା, ସମ୍ପାଦକ ପ୍ରଶାନ୍ତ ନାୟକ, ସହସମ୍ପାଦକ ସଞ୍ଜୟ ପଣ୍ଡା, ଆକାଶ ଦାସ ପ୍ରମୁଖ କହିଛନ୍ତି ଯେ, ସମ୍ପ୍ରତି ଖବରଦାତାଙ୍କ ସାମାଜିକ ସୁରକ୍ଷା ବିପନ୍ନ ହୋଇଛି।



ଖବରଦାତାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ପ୍ରତ୍ୟହ ଖବରଦାତାମାନେ ଅସହିଷ୍ଣୁଙ୍କ ଶିକାର ହେଉଛନ୍ତି। ସୁସ୍ଥ ସମାଜ ଗଠନରେ ଖବରଦାତାଙ୍କ ଅବଦାନ କାହାକୁ ଅଛପା ନୁହେଁ। ସବୁ ସମୟରେ ଲୋକଙ୍କ ପାଖରେ ରହି ଖବର ପରିବେଷଣ କରୁଛନ୍ତି। ଏହାସତ୍ତ୍ୱେ କେତେକ ସ୍ୱାର୍ଥାନ୍ୱେଷୀ ଖବର ପରିବେଷଣରେ ବାଧା ସୃଷ୍ଟି ପାଇଁ ମରଣାନ୍ତକ ଆକ୍ରମଣ କରୁଛନ୍ତି। ରାଜ୍ୟରେ ଖବରଦାତାଙ୍କ ସୁରକ୍ଷା ଆଇନ ଆଣିବା ସହିତ ବିଭିନ୍ନ ସମସ୍ୟାର ନିରାକରଣ ପାଇଁ ଦାବିପତ୍ର ଦିଆଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଏସ୍‌ୟୁଜେର କର୍ମକର୍ତ୍ତା ଓ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟମାନେ ସାମିଲ ହୋଇଥିଲେ।

# ସାମାଜିକ ସୁରକ୍ଷା ଏକ ପ୍ରଶ୍ନବାଚୀ

ଯାଜପୁର, ୨୧।୨ (ହର୍ଷବର୍ଦ୍ଧନ ବେହେରା):

ବିଶ୍ୱ ସାମାଜିକ ନ୍ୟାୟ ଦିବସ ମଙ୍ଗଳବାର ପାଳିତ ହୋଇଛି। ତେବେ ଯେଉଁ ଆଭିମୁଖ୍ୟ ନେଇ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ କରାଯାଇ ଥାଏ, ସେ ଆଭିମୁଖ୍ୟ ବାସ୍ତବରେ କାଗଜ କଲମ ମଧ୍ୟରେ ରହିଯାଇଛି। ମଣିଷ ମଣିଷ ମଧ୍ୟରେ ସହବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ। ଏଥିପାଇଁ ଯେଉଁ ବାଧାଗୁଡ଼ିକ ରହିଛି ତାହାକୁ ଦୂର କରିବାରେ ଅଧିକାଂଶ ରାଜନେତାମାନେ ଇଚ୍ଛା ପ୍ରକାଶ କରୁ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏପରିକି ଦେଶ ଦେଶ ମଧ୍ୟରେ ଶାନ୍ତି ସହାବସ୍ଥାନ ପ୍ରତିଷ୍ଠା କରିବାରେ ଅଧିକାଂଶ ବିଶ୍ୱ ନେତୃବୃନ୍ଦ ଚାହୁଁ ନ ଥିବା ବେଳେ ସମ୍ପ୍ରତି ଜିଲାସ୍ତରରୁ ଭୋଟ ରାଜନୀତି ସାମାଜିକ ସୁରକ୍ଷା ଦିଗରେ ବାଧା ସୃଷ୍ଟି କରୁଥିବା ପରମ୍ପରାରେ ପରିଣତ ହୋଇ ଗଲାଣି ବୋଲି ବିଶ୍ୱ ସାମାଜିକ ନ୍ୟାୟ ଦିବସ ଅବସରରେ ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଏହିକ୍ରମରେ ଯାଜପୁର ଜିଲାକୁ ଦୃଷ୍ଟି ଦେଲେ ଜଣା ପଡେ ଯେ ବିଭିନ୍ନ କ୍ଷେତ୍ରରେ ସାମାଜିକ ନ୍ୟାୟ ପାଇବାରେ ବହୁ ସାଧାରଣ, ମଧ୍ୟବିତ୍ତ ଓ ଅନୁସୂଚିତ ବର୍ଗ ବଞ୍ଚିତ ବୋଲି କୁହାଯାଇପାରେ। ଜମି ଜମା କ୍ଷେତ୍ରରେ ବାସଗୃହ ପାଇବାରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସୁବିଧା ଶତକଡ଼ା ୩୩ % ଲୋକ ଅବହେଳିତ ହୋଇ ରହିଥିବା ଦେଖାଯାଏ। ସର୍ବୋପରି ଜିଲାସ୍ତରରେ କରାଯାଉଥିବା ଭୋଟ ରାଜନୀତି ସମାଜରେ ଲିଙ୍ଗଗତ, ବୟସ, ଜାତି ଓ ସଂସ୍କୃତି କ୍ଷେତ୍ରରେ ଦେଖା ଦେଉଥିବା ବାଧାକୁ ଦୂର କରିବାରେ ଇଚ୍ଛା ପ୍ରକାଶ କରୁ ନ ଥିବା ବହୁ ବୁଦ୍ଧିଜୀବୀ ସ୍ୱୀକାର କରୁଛନ୍ତି। ଗତ ୨୦ ବର୍ଷ ମଧ୍ୟରେ ଏହି ଜିଲାରେ ରାଜନୈତିକ ଅସହିଷ୍ଣୁତା ବୃଦ୍ଧି ଘଟି ଚାଲିଛି। ଏଥିପାଇଁ ବହୁ ସରକାରୀ କର୍ମଚାରୀ, ସାଧାରଣ ବୁଦ୍ଧିଜୀବୀ, ନୀରିହ ଜନତା ପ୍ରାଣ ହରାଇଥିବା ଦେଖା ଯାଇଛି। ଏବେ ସାମାଜିକ ଅନୁଷ୍ଠାନ କରିବା, ସାମାଜିକ ଅଭିବ୍ୟକ୍ତି, ନିରପେକ୍ଷ ମତାମତ, ଦୁର୍ନୀତି ବିରୋଧ ସ୍ୱରକୁ ଅବଦମିତ କରାଯାଉଥିବା କଥା ସହରରେ ଥିବା ବିଶିଷ୍ଟ ବ୍ୟକ୍ତିମାନେ କହୁଛନ୍ତି। ଏହି ଜିଲାର ଜନପ୍ରତିନିଧିମାନେ ମଧ୍ୟ ଭୋଟ ରାଜନୀତିକୁ ଆପଣେଇ ନେବା ଫଳରେ ସାଧାରଣ ନୀରିହ ଜନତା ଏମାନଙ୍କୁ ଭୟ କରୁଥିବା ସବୁଠି ଆଲୋଚନା ହେଉଛି। ଜିଲାରେ ରାଜନୈତିକ ଆକ୍ରୋଶ ପୂର୍ବବର୍ଷ ମାନଙ୍କଠାରୁ ଏବେ ଅଧିକ ଅନୁଭୂତ ହେଉଛି। ଜିଲାର ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରୀ, ମାନବାଧିକାର ତଥା ସାମାଜିକ ସୁରକ୍ଷା ଜନିତ ସମସ୍ୟା ଦୂର ନ ହୋଇ ବରଂ ବୃଦ୍ଧି ଘଟୁଥିବା କୁହାଯାଉଛି। ଓଡିଶା ଲେଖକ ବୁଦ୍ଧିଜୀବୀ ପରିଷଦର ସମ୍ପାଦକ ହରେକୃଷ୍ଣ ପଣ୍ଡା, ଖବରଦାତା ନିର୍ମଳଚନ୍ଦ୍ର ସାମଲ, ଆଡଭୋକେଟ ଭବାନୀ ପ୍ରସାଦ ଦାସ କୁହନ୍ତି, ଯଦି ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ଏଥିପ୍ରତି ସଚେତନ ହୁଅନ୍ତେ ଏବଂ ପ୍ରଥମେ ଅମଲାତନ୍ତ୍ରର ସ୍ୱଚ୍ଛତା ଏବଂ ନିରପେକ୍ଷତା ପାଇଁ ସ୍ୱର ଉତ୍ତୋଳନ କରନ୍ତେ ତେବେ ଜିଲାରେ ସାମାଜିକ ନ୍ୟାୟ ସମ୍ଭବ ହୋଇ ପାରନ୍ତା।

# ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିରରେ ଖୋଲିଲା ଗୁମର

ନୟାଗଡ଼,୨୧।୨(ଲୋକନାଥ ମିଶ୍ର)



ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

**■ଆଇନର ଗଳାବାଟ ଦେଇ କରାଯାଉଛି ଅନିୟମିତତା**

**■ସାମାଜିକ ସମୀକ୍ଷାରେ କ୍ଷୋଭ ପ୍ରକାଶ କଲେ ଅତିରିକ୍ତ ଜିଲାପାଳ**

ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍), ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କିତ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାର୍ଯ୍ୟରେ ଅନିୟମିତତାର ଗୁମର ଖୋଲିଛି। ନୟାଗଡ଼ର ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳଙ୍କ ଅଧ୍ୟକ୍ଷତା କରି କ୍ଷୋଭ ପ୍ରକାଶ କରିଥିଲେ। ୭ ଦିନ ଭିତରେ ତ୍ରୁଟି ସଂଶୋଧନ କରି କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଜଣାଇବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ ବିଭିନ୍ନ ପ୍ରକଳ୍ପରେ ହୋଇଥିବା ଆର୍ଥିକ କ୍ଷତି ଓ ଅନିୟମିତତା ସମ୍ପର୍କିତ ସମସ୍ୟାକୁ ପୁନର୍ବାର ଯାଞ୍ଚ କରି ଦଣ୍ଡ ବିଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଚାୟତ, ବ୍ଲକ, ଜଙ୍ଗଲ ଓ ପରିବେଶ ବିଭାଗ, ଉଦ୍ୟାନ ଓ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା। ସମୀକ୍ଷାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୯୬ଟି ତ୍ରୁଟି ଉପସ୍ଥାନ କରାଯାଇଥିଲା। ସେହିଭଳି ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ୧୧୩ଟି ଅଭିଯୋଗର ଶୁଣାଣି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅମଡୁସ ପର୍ସନ ଗିରିଶ ଚନ୍ଦ୍ର ଦାଶ, ବ୍ଲକ ସୋସିଆଲ ଅଡିଟର ପ୍ରକାଶ କୁମାର ବଳିଆରସିଂହ, ବ୍ଲକର ସହକାରୀ ନିର୍ବାହୀଯନ୍ତ୍ରୀ ଶରତ କୁମାର ମଲ୍ଲିକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମିଠନ ମହାପାତ୍ର ଯୋଗ ଦେଇଥିଲେ।

**ରୋଜଗାର ଦିବସ ପାଳନ ପାଇଁ କୁନ୍ଥ କୁନ୍ଥ**

ଏମ୍‌ଜିଏନ୍‌ଆର୍‌ଇଜିଏସରେ ପ୍ରତି ମାସର ପ୍ରଥମ ଓ ତୃତୀୟ ବୁଧବାର ରୋଜଗାର ଦିବସ ପାଳନ କରିବାକୁ ସରକାରୀ ନିୟମ ରହିଛି। ତେବେ ନୟାଗଡ଼ ବ୍ଲକର ଅନେକ ପଞ୍ଚାୟତ ରୋଜଗାର ଦିବସ ପାଳନ କରୁନାହାନ୍ତି। ନଡ଼ିଆଳି, ଇକିରି ପରି ପଞ୍ଚାୟତ ରୋଜଗାର ଦିବସ ପାଳନ କରୁ ନ ଥିବା ବୈଠକରେ ଆଲୋଚନା ହୋଇଥିଲା। ରୋଜଗାର ଦିବସ ପାଳନ ନ କଲେ ଏକ ହଜାର ଟଙ୍କା ଫାଇନ କରାଯାଉଛି। ଯେଉଁ ପଞ୍ଚାୟତ ପକ୍ଷରୁ ରୋଜଗାର ଦିବସ ପାଳନ କରାଯାଉନାହିଁ ସେମାନେ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**ମେଣ୍ଟେନ ହେଉନି ୭ ରେଜିଷ୍ଟର**

ଗୁଡ ଗଭର୍ଣ୍ଣାସ ଗାଇଡ ଲାଇନ ଅନୁସାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରତି ପଞ୍ଚାୟତରେ ୭ ରେଜିଷ୍ଟର ମେଣ୍ଟେନ କରିବାକୁ ନିୟମ ରହିଛି। ହେଲେ ନିୟମକୁ ଶୀତଳଭଣ୍ଡାରକୁ ଫୋପାଡି ନଡିଆଳି, ଜେମାଦେଇପୁରପାଟଣା, ଇକିରି ପରି ପଞ୍ଚାୟତ ୭ ରେଜିଷ୍ଟର ମେଣ୍ଟେନ କରୁନାହାନ୍ତି। ଏଣୁ ଏମ୍‌ଜିଏନ୍‌ଆର୍‌ଇଜିଏସରେ ସ୍ୱଚ୍ଛତା ରହିବା କଷ୍ଟ ହେବ।

**ଆର୍ଥିକ ଦଣ୍ଡ ପରେ ବି ଲାଗୁନି ସୂଚନା ଫଳକ**

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୌଣସି ପ୍ରକଳ୍ପ କାମ ଆରମ୍ଭ ପୂର୍ବରୁ ପ୍ରଥମେ ସୂଚନା ଫଳକ ଲଗାଇବା ପାଇଁ ନିୟମ ରହିଛି। ତେବେ ବିନା ସୂଚନା ଫଳକରେ କାମ କରାଯାଉଛି। ବାଲୁଗାଁ, ଶରଧାପୁର, ନାଟୁଗାଁ ପରି ପଞ୍ଚାୟରେ ଏପରି ଅବ୍ୟବସ୍ଥା ବେଶୀ ଦେଖିବାକୁ ମିଳୁଛି। ସୂଚନା ଫଳକ ନ ଲଗାଇଲେ ୫ ହଜାର ଫାଇନ ଦେବାକୁ ନିୟମ ରହିଛି। କିଛି ପଞ୍ଚାୟତ ପକ୍ଷରୁ ଫାଇନି ଦେଇ ବି ସୂଚନା ଫଳକ ଲଗାଉନାହାନ୍ତି।

**ଜବ୍‌କାର୍ଡରେ କାମ ଲିପିବଦ୍ଧ ହେଉନି**

ଜବ୍‌କାର୍ଡଧାରୀଙ୍କ ପ୍ରତିଦିନର କାମ ଜବକାର୍ଡରେ ଲିପିବଦ୍ଧ କରାଯାଉନାହିଁ। ନଡିଆଳି, ଜେମାଦେଇପୁରପାଟଣା, ଇକିରି ପଞ୍ଚାୟତରେ ଏଭଳି ସମସ୍ୟା ଦେଖା ଦେଇଛି। ଜବକାର୍ଡଧାରୀଙ୍କ କାମ କରିବାର ସୂଚନା ରହୁ ନ ଥିବାରୁ ଏ ଦିଗରେ ଅଣଦେଖା ଠିକ୍ ନୁହେଁ ଅତିରିକ୍ତ ଜିଲାପାଳ କହିଥିଲେ। କାମର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଆଲୋଚନାରେ ଭାଗ ନେଇ ଅମଡୁସ ପର୍ସନ କହିଥିଲେ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଥିବା ଅନିୟମିତତାର ଅଭିଯୋଗ ବେଶୀ ଆସୁନି। କାହିଁକି ଅଭିଯୋଗ ଆସୁନି ତା'ର କାରଣ ଜାଣି ହେଉନି। ଅନ୍ୟପକ୍ଷେ ସରକାରୀ ଯୋଜନାର ସୁଫଳ କିପରି ଲୋକମାନେ ପାଇବେ ସେନେଇ କର୍ମଚାରୀ ଓ ଅଧିକାରୀ ମିଳିତ ଭାବେ କାମ କରନ୍ତୁ ବୋଲି କହିଥିଲେ।

**କେସ୍ ରେକର୍ଡ ରହୁନି**

ପ୍ରକଳ୍ପର ୨୬ଟା ପଏଣ୍ଟ ଅନୁସାରେ କେସ ରେକର୍ଡ ମେଣ୍ଟେନ କରାଯିବ। ତେବେ ପଞ୍ଚାୟତ ପକ୍ଷରୁ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ବନ ବିଭାଗ, ଉଦ୍ୟାନ, କୃଷି, ମୃତ୍ତିକା ସଂରକ୍ଷଣ ପରି ବିଭାଗ ସରକାରୀ ନିର୍ଦ୍ଦେଶକୁ ଅଣଦେଖା କରୁଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳ କ୍ଷୋଭ ପ୍ରକାଶ କରିଥିଲେ।

**ମୃତକ ନେଉଛନ୍ତି ରାଶନ ସାମଗ୍ରୀ**

ଖାଦ୍ୟ ସୁରକ୍ଷା ଆଇନରେ ବଣ୍ଟନ ହେଉଥିବା ରାଶନ ଉପକରଣରେ ମୃତକମାନେ ରାଶନ ସାମଗ୍ରୀ ଉଠାଉଛନ୍ତି। ଏଭଳି ଅଭିଯୋଗ ଶୁଣାଣିରେ ସ୍ଥାନ ପାଇଥିଲା। ବ୍ଲକର ଅନେକ ପଞ୍ଚାୟତରେ ଏଭଳି ଅନିୟମିତତା ଚାଲିଛି। ପୁଣି ବିବାହିତା ଝିଅଙ୍କ ନାଁରେ ରାଶନ ସମାଗ୍ରୀ ଉଠା ଯାଉଛି। ପରିବାର ପକ୍ଷରୁ ବିବାହିତା ଝିଅ ଓ ମୃତକଙ୍କ ସମ୍ପର୍କରେ ତଥ୍ୟ ଦିଆଯାଉ ନ ଥିବାରୁ ଏଭଳି ଅବ୍ୟବସ୍ଥା ହେଉଥିବା କୁହାଯାଇଛି।

# ଋତୁସ୍ରାବ ନେଇ ସଚେତନତା କର୍ମଶାଳା, ପ୍ୟାଡ୍ ବିତରଣ




ଶିକ୍ଷୟିତ୍ରୀମାନଙ୍କ ଗହଣରେ ବିଦ୍ୟାଳୟର ଛାତ୍ରୀମାନେ।

ଖଣ୍ଡପଡ଼ା,୨୧।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଋତୁସ୍ରାବ ନେଇ ସଚେତନତା ଶିବିର ସ୍ୱାଭିମାନ ଫାଉଣ୍ଡେସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଛାତ୍ରୀମାନଙ୍କୁ ସାନିଟାରୀ ପ୍ୟାଡ ବିତରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶିଖରପୁର ଉଚ୍ଚ ବିଦ୍ୟାଳୟ, ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଖଳିସାହି ଲିଙ୍ଗରାଜ ୟୁଜିଏମଇ ସ୍କୁଲ, ମର୍ଦ୍ଦରାଜପୁର ସରକାରୀ ୟୁଜିଏମଇ ସ୍କୁଲ, କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ କଣ୍ଟିଲୋ, ବାଣପୁର ୟୁଜିଏମଇ ସ୍କୁଲ, ସରକାରୀ ୟୁଜିଏମଇ ସ୍କୁଲ ବେଣାଗାଡିଆ, ବନମାଳୀପୁର ସରକାରୀ ୟୁଜିଏମଇ ସ୍କୁଲ, ବୋଦସା ସରକାରୀ ୟୁଜିଏମଇ ପ୍ରଭୃତିର ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ମହିଳାମାନଙ୍କ ଋତୁସ୍ରାବକୁ ନେଇ ଉପୁଜୁଥିବା ନାନା ସମସ୍ୟା ଓ ଛାତ୍ରୀମାନଙ୍କ ମାସିକ ଋତୁସ୍ରାବ ସମ୍ବନ୍ଧୀୟ ସମସ୍ୟା ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରାଯାଇଥିଲା। ଉପରୋକ୍ତ ଶିକ୍ଷାନୁଷ୍ଠାନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ 'ମୁଁ ବି ସାମର୍ଥ କିଶୋରୀ'ରେ ପ୍ରଶିକ୍ଷିକ ଭାବେ ଡ. ପ୍ରିୟଙ୍କା ପଟ୍ଟନାୟକ, ଡ. ସ୍ମୃତିରେଖା ବେହେରା, ଡ. ଏଲୋରା ଦାସ, ଡ. ଅଞ୍ଜନ ସିଂହ, ଡ. ସୌମେନ କୁମାର ସାହୁ, ଡ. ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଯୋଗଦେଇ ଋତୁସ୍ରାବକୁ ନେଇ ଆଜି ବି ଲୋକମାନଙ୍କ ମନରେ ସଙ୍କୋଚ ଭାବ ରହିଛି। ପ୍ରକୃତରେ ଏହା ନାରୀଙ୍କ ଶରୀରର ଏକ ପ୍ରାକୃତିକ ପ୍ରକ୍ରିୟା ବୋଲି ପରାମର୍ଶ ଦେଇଥିଲେ। ଏହାଛଡା ଏଥିପାଇଁ ପରିବାରରେ ମହିଳା ହୁଅନ୍ତୁ ଅବା ପୁରୁଷ ସମସ୍ତେ ଚିନ୍ତାଧାରାକୁ ବଦଳାଇବା ସହ ସଚେତନତା ସୃଷ୍ଟି କରିବାକୁ ପଡିବ। ମାସିକ ଋତୁସ୍ରାବ ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ କଠିନ ସମୟ। ଏହି ସମୟରେ ଶରୀରରୁ ଅଶୁଦ୍ଧ ରକ୍ତସ୍ରାବ ହୋଇଥାଏ। ତେଣୁ ଏହି ସମୟରେ ନିଜକୁ ପରିଷ୍କାର ପରିଚ୍ଛନ୍ନ ରଖିବା ନିତ୍ୟାନ୍ତ ଆବଶ୍ୟକ। ଦରକାର ପଡିଲେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଆଉ ସବୁଠାରୁ ବଡ଼ ସମସ୍ୟା ହୋଇଥାଏ ଋତୁସ୍ରାବ ବେଳେ କିପରି ପରିଷ୍କାର ରହିବେ ଓ ଲଜ୍ୟାକୁ ଦୂର କରିବେ। ଏ ସମ୍ପର୍କରେ ଉପସ୍ଥିତ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ଆୟୋଜିତ କର୍ମଶାଳା ମାଧ୍ୟମରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ କିଶୋରୀ(ଛାତ୍ରୀ)ମାନଙ୍କୁ ସାନିଟାରୀ ପ୍ୟାଡ ବିତରଣ କରାଯାଇଥିଲା।

# ଅଧ୍ୟାପିକା ଅଧ୍ୟାପକଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଭିଡିଓ ଭାଇରାଲ

ନୟାଗଡ଼,୨୧।୨(ଲୋକନାଥ ମିଶ୍ର)

**ବହିଷ୍କାର ଦାବି ସହ ତଦନ୍ତ ଦାବିକଲା କଂଗ୍ରେସ**

ନୟାଗଡ଼ ଜିଲାର ୨ ମହାବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଉତ୍ତେଜିତ ନଗ୍ନ ଭିଡିଓ ଭାଇରାଲ ହୋଇଛି। ଭିଡିଓ ଭାଇରାଲ ପରେ ଦୁଇ କଲେଜର ସମ୍ମାନ ଓ ପ୍ରତିଷ୍ଠା ଉପରେ ଆଞ୍ଚ ଆସିଥିବା ଅଭିଯୋଗ ହୋଇଛି । ଏଭଳିସ୍ଥଳେ କଂଗ୍ରେସ ପକ୍ଷରୁ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ଦୃଢ଼ ନିନ୍ଦା କରାଯାଇ ଦୋଷୀ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ବହିସ୍କାର କରିବାକୁ ଦାବି ଉଠାଇଛି। ଅନ୍ୟପକ୍ଷେ ଘଟଣା ସମ୍ପର୍କରେ ନୟାଗଡ଼ ଏସ୍‌ଡିପିଓଙ୍କୁ ଭେଟି ପ୍ଲେନ ପେପରରେ ଏଫଆଇଆର୍ କରି ଘଟଣାର ତଦନ୍ତ କରି ଆଇନଗତ ପଦକ୍ଷେପ ନେବାକୁ ଅନୁରୋଧ କରିଛି। ଏ ନେଇ କଂଗ୍ରେସର ଜିଲା ସଭାପତି ରଣଜିତ ଦାଶଙ୍କ ସୂଚନା ଅନୁସାରେ, ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ପରେ କଂଗ୍ରେସ ପକ୍ଷରୁ ୨ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଭେଟି ଅଧ୍ୟାପିକାଅଧ୍ୟାପକଙ୍କୁ ବହିସ୍କାର କରିବାକୁ ଅନୁରୋଧ କରିଛୁ। ଅନ୍ୟପକ୍ଷେ ଏହି ଭିଡିଓର ସତ୍ୟତାକୁ ଆଧାର କରି ନୟାଗଡ଼ ଟାଉନ ଥାନା ପୋଲିସ ପ୍ଲେନ ପେପରରେ ଏଫଆଇଆର ଦରଜ କରି ୨ ଜଣଙ୍କୁ ତଦନ୍ତ ପରିସର ଭୁକ୍ତ କରିବାକୁ ଅନୁରୂପ ଭାବେ ଏସ୍‌ଡିପିଓଙ୍କୁ ଭେଟିଛୁ। ଏହି ସମୟରେ କମଳ ଚରଣ ସାହୁ ଉପସ୍ଥିତ ଥିଲେ। ସମ୍ପ୍ରତି ନୟାଗଡ଼ରେ ନାରୀ ବଳତ୍କାର, ଛାତ୍ରୀ ବ୍ୟଭିଚାର, କଲେଜ କର୍ମଚାରୀଙ୍କ ନଗ୍ନ ଭିଡିଓ ଭାଇରାଲ ପରି ସମ୍ବେଦନଶୀଳ ଘଟଣା ବୃଦ୍ଧି ପାଉଛି। ଯାହାକି ନୟାଗଡ ଜିଲା ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ। ଏ ନେଇ କଂଗ୍ରେସ ପକ୍ଷରୁ ପ୍ରମୁଖ ଶାସନ ସଚିବଙ୍କୁ ମଧ୍ୟ ଅବଗତ କରାଯିବ ବୋଲି କହିଛନ୍ତି। ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କୁ ପଚାରିବାରେ ଅଧ୍ୟାପକ ଓ ଅଧ୍ୟାପିକାଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ଘଟଣା ଆମେ ଶୁଣିଛୁ। କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ଆମେ ଭିଡିଓଙ୍କୁ ସଂଗ୍ରହ ପାଇଁ ଉଦ୍ୟମ ଜାରି ରଖିଛୁ। ଏ ନେଇ ଖୋଳତାଡ ଆରମ୍ଭ ହୋଇଛି। ପରିସ୍ଥିତିକୁ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ରଣପୁରକୁ ହରାଇ ଫାଇନାଲରେ ଶାଳଝରିଆ

ଶରଣକୁଳ, ୨୧।୨(ଦୀପକ କର)

**ମା' ରତ୍ନମାଳା କପ କ୍ରିକେଟ ଟୁର୍ନାମେଣ୍ଟ**

ଶରଣକୁଳ ନିକଟବର୍ତ୍ତୀ ପଞ୍ଚିରିଡା ମାନପୁରସ୍ଥ ଲୋକ ନୋଡ଼ାଲ ବିଦ୍ୟାପୀଠ ଖେଳ ପଡ଼ିଆରେ ମଧୁସୂଦନ ଯୁବକ ସଂଘ, ଖଳିପାଟଣା ପକ୍ଷରୁ ଅନୁଷ୍ଠିତ ଜିଲାସ୍ତରୀୟ ମା' ରତ୍ନମାଳା କପ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଶଳଝରିଆ ଦଳ ବିଜୟୀ ହୋଇଛି। ମ୍ୟାଚ ଶାଳଝରିଆ ଓ ରଣପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରଣପୁର ଦଳ ନିର୍ଦ୍ଧାରିତ ୧୫ ଓଭରରେ ୯୦ରନ ସଂଗ୍ରହ କରିଥିଲା। ଜବାବରେ ଶାଳଝରିଆ ଦଳ ୧୨ ଓଭରରେ ୯୧ରନ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛ। ଶାଳଝରିଆ ଦଳର ଅନିଲ ୪୦ରନ କରି ଆଜିର ଶ୍ରେଷ୍ଠ ଖେଳାଳି ପୁରସ୍କାର ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡ. ରାଜକିଶୋର ସାହୁ ଓ ସମ୍ମାନିତ ଅତିଥି ରୂପେ ସମିତି ସଭ୍ୟ ଜଗନ୍ନାଥ ସାହୁ, ଗ୍ରାମ୍ୟ କମିଟି ସଭାପତି ଲୋଚନ ଜେନା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଲୋକ ପ୍ରଧାନ ଓ ସଞ୍ଜୟ କୁମାର ପ୍ରଧାନ ଖେଳ ପରିଚାଳନା କରିଥିଲାବେଳେ ନୃସିଂହ ଚରଣ ସ୍ୱାଇଁ ତୃତୀୟ ଅମ୍ପାୟର କାର୍ଯ୍ୟ ନିଭାଇଥିଲେ। ୨୩ ତାରିଖ ଫାଇନାଲ ଖେଳ ନୟାଗଡ଼ ଦଳ, ଶାଳଝାରିଆକୁ ଭେଟିବ ବୋଲି ସଂଘର ସଭାପତି ଅଜିତ କୁମାର ବେହେରା କହିଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ୮ କେଜି ଗଞ୍ଜେଇ, ବାଇକ୍ ଜବତ: ୨ କୋର୍ଟ ଚାଲଣ

ନୂଆଗାଁ, ୨୧।୨ (ଧନେଶ୍ୱର ସାହୁ)

ନୂଆଗାଁ ଥାନା ପୋଲିସ ବୁଧବାର ୮ କେଜି ଗଞ୍ଜେଇ ଓ ବାଇକ୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଗିରଫ ୨ଜଣ ହେଲେ ଥାନା ଅନ୍ତର୍ଗତ ପୋଖରା ଗ୍ରାମର (ବାପପୁଅ)ସନ୍ତୋଷ କୁମାର ସାହୁ(୫୦) ଓ ସଞ୍ଜୟ କୁମାର ସାହୁ(୨୦)। ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ବେଳେ ଥାନା ଅଞ୍ଚଳରୁ ଚୋରା ନିଶା କାରବାରକୁ ରୋକିବା ସହ କିଭଳି ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ହେବ ସେଥିପାଇଁ ନୂଆଗାଁ ଥାନା ପୋଲିସ ଚେଷ୍ଟା ଜାରି ରଖି ବିଭିନ୍ନ ସମୟରେ ଧରପଗଡ ଚଳାଇଛି । ସେହି କ୍ରମରେ ଗଞ୍ଜାମ ଜିଲାରୁ ଗଞ୍ଜେଇ ଚୋରା ଚାଲଣ ହେଉଥିବା ନେଇ କୌଣସି ସୂତରୁ ଖବରପାଇ ପୋଲିସ କଡା ନଜର ରଖିଥିଲା। ବୁଧବାର ବାଇକ୍ ଯୋଗେ ଗଞ୍ଜେଇ ଆସୁଥିବା ଖବର ପାଇ ପୋଲିସ ଛକି ବସିଥିଲା। ମହିପୁର ପୋଖରା ଗ୍ରାମ ନିକଟରେ ଗଞ୍ଜେଇ ବାଇକ୍ ପହଞ୍ଚିବା ପୂର୍ବରୁ ନୂଆଗାଁ ଥାନା, ମହିପୁର ଫାଣ୍ଡି ପୋଲିସ ବାଇକ୍‌କୁ ଜବତ କରିଥିଲେ। ଗଞ୍ଜେଇ ବ୍ୟବସାୟୀ ଖସି ଯିବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ସେମାନଙ୍କ ନିକଟରୁ ୮ କେଜି ଗଞ୍ଜେଇ, ବାଇକ୍ ନଂ. ଓଆର ୧୫ ପି ୮୧୮୬କୁ ଜବତ କରିବା ସହ କେସ୍ ନଂ. ୪୯/୨୪ ରୁଜୁ କରି ଉଭୟ ବାପପୁଅଙ୍କୁ କୋର୍ଟ ଚାଲଣ କରାଯାଇଛି।

# ସଚିବଙ୍କ ପରାମର୍ଶକୁ ଗୁରୁତ୍ୱ ଦେଉନାହାନ୍ତି ଠିକାସଂସ୍ଥା

ଖଣ୍ଡପଡା,୨୧।୨
(ଅଜୟ କୁମାର ମହାରଣା)



ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ପୀଠର ବିକାଶ ପ୍ରକଳ୍ପର କାର୍ଯ୍ୟ ସମ୍ପ୍ରତି ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଏହି ପ୍ରକଳ୍ପ କାମ ଚଳିତ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ନିର୍ମାଣ ବିଭାଗ ଶାସନ ସଚିବ ଭି. କେ. ଯାଦବ କଣ୍ଟିଲୋଠାରେ ମଙ୍ଗଳବାର କାର୍ଯ୍ୟର ସମୀକ୍ଷା ତଥା ପରିଦର୍ଶନରେ ଆସି ଉପସ୍ଥିତ ଥିବା ଓଡିଶା ସେତୁ ନିର୍ମାଣ ନିଗମ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ଶ୍ରୀନୀଳମାଧବଜୀଉଙ୍କ ଚନ୍ଦନ ପୋଖରୀର ପଙ୍କ ଉଦ୍ଧାର ସହ ନବୀକରଣ କାର୍ଯ୍ୟ ଚାଲୁ ରହିଛି। ସମ୍ପୃକ୍ତ ପୋଖରୀରୁ ପୁରୁଣା ମାଟି ତଥା ପଙ୍କକୁ ଉଠା ନ ଯାଇ ସେହି ମାଟିକୁ ପୋଖରୀ ମଧ୍ୟରେ ବିଛା ଯାଉଥିବା କଣ୍ଟିଲୋ ବିକାଶ ପରିଷଦର ସଭାପତି ଯୁଗଳ କିଶୋର ନାୟକ, ପୂଜକ ସମାଜର ପୂର୍ବତନ ସଭାପତି ନିହାର ରଞ୍ଜନ ମିଶ୍ରଙ୍କ ସମେତ ବହୁ ସ୍ଥାନୀୟ ସଚେତନ ନାଗରିକମାନେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପୋଖରୀର ପ୍ରକୃତ ଗଭୀରତାକୁ କମାଇ ଦିଆଯାଉଥିବା ଅଭିଯୋଗ କରିଥିଲେ। ପରେ ସଚିବ ଯାଦବ ସମ୍ପୃକ୍ତ ପୋଖରୀ ପରିଦର୍ଶନ କରି ଅଭିଯୋଗର ସତ୍ୟତା ଦୃଷ୍ଟିରୁ ପୋଖରୀରୁ ଆବଶ୍ୟକ ପଙ୍କ ଉଠାଇବାକୁ ନିର୍ଦ୍ଦେଶ ଦେଇଥିବା ସଭାପତି ନାଏକ ଓ ମିଶ୍ର ପ୍ରକାଶ କରିଛନ୍ତି। ମାତ୍ର ସଚିବଙ୍କ ପ୍ରତ୍ୟାବର୍ତ୍ତନ ପରେ ତାଙ୍କ ନିର୍ଦ୍ଦେଶକୁ ଗୁରୁତ୍ୱ ନ ଦେଇ ପଙ୍କ ନ ଉଠାଯାଇ ସେଠାରେ ଖେଳାଇ ଦିଆଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ସମ୍ପୃକ୍ତ ବ୍ୟକ୍ତିମାନେ ଅଭିଯୋଗ କରିଛନ୍ତି। ମଙ୍ଗଳବାରର ଏହି ପରିଦର୍ଶନ ସମୟରେ ଓଡ଼ିଶା ସେତୁ ନିର୍ମାଣ ନିଗମର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଜୟକୃଷ୍ଣ ଦାସଙ୍କ ସହିତ ଯନ୍ତ୍ରୀମାନେ ଉପସ୍ଥିତ ଥିବାବେଳେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ ବେହେରା, ସହକାରୀ ଯନ୍ତ୍ରୀ ରାଧାଶ୍ୟାମ କାଲୋ ଓ କନିଷ୍ଠ ଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ର, ଓଡ଼ିଶା ପର୍ଯ୍ୟଟନ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ରାୟ ଓ ମନ୍ଦିର ବିକାଶ ପ୍ରକଳ୍ପର ପରିଚାଳକ ଇଂ. ଭକ୍ତହରି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆକାଶ



@ ଦିନେଶ



@ ପ୍ରେମାନନ୍ଦ



@ ସଞ୍ଜୀବ




@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବଲାଙ୍ଗୀର ବିକାଶର ଶ୍ରେୟ

# ପ୍ରତିଦ୍ୱନ୍ଦ୍ୱୀଙ୍କ ହୋର୍ଡିଂ ଯୁଦ୍ଧ

ବଲାଙ୍ଗୀର, ୨୧।୨
(ବୀରେନ୍ଦ୍ର କୁମାର ଝାଙ୍କର)




ବଲାଙ୍ଗୀର ସହରରେ ଲାଗିଥିବା ନରସିଂହ ମିଶ୍ର ଏବଂ ଅନଙ୍ଗଉଦୟ ସିଂଦେଓଙ୍କ ପରିବାରର ହୋର୍ଡିଂ।

ସାଧାରଣ ନିର୍ବାଚନ ପୂର୍ବରୁ ବଲାଙ୍ଗୀରର ବିଭିନ୍ନ ସ୍ଥାନରେ ନେତାଙ୍କ ଫଟୋ ଥିବା ହୋର୍ଡିଂ, ପୋଷ୍ଟର, ବ୍ୟାନର ଛାଇଗଲାଣି। ଏସବୁ ଲଗାଇବାରେ କଂଗ୍ରେସ ଓ ବିଜେଡି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ସହରର ମୁଖ୍ୟରାସ୍ତା କଡ଼, ଜଳଗହଳିପୂର୍ଣ୍ଣ ଛକ, ଦୋକାନ ବଜାର ସହ ଛାତ ଉପର ହୋର୍ଡିଂଷ୍ଟାଣ୍ଡରେ ଉଭୟ ଦଳର ବାର୍ତ୍ତା ଥିବା ପୋଷ୍ଟର, ହୋର୍ଡିଂ ଲାଗିଗଲାଣି। ଏଇ ପୋଷ୍ଟର ଏବଂ ହୋର୍ଡିଂୱାରରେ ବଲାଙ୍ଗୀରର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ପରିଚିତ ମିଶ୍ର ପରିବାର ଓ ରାଜପରିବାର ଆଗରେ ଅଛନ୍ତି।

୨୦୧୪ରୁ ୧୦ବର୍ଷ ହେଲା କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ବଲାଙ୍ଗୀର ବିଧାୟକ ରହିଛନ୍ତି। ୧୯୯୦ରୁ ୨୦୧୪ ପର୍ଯ୍ୟନ୍ତ ପ୍ରାୟ ୨୫ବର୍ଷ ବିଜେଡି ବରିଷ୍ଠ ନେତା ଅନଙ୍ଗ ଉଦୟ ସିଂଦେଓ ବିଧାୟକ ରହିଥିଲେ। ଏହା ସହିତ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ଅନଙ୍ଗ ଉଦୟଙ୍କ ବଡ଼ପୁଅ କଳିକେଶ ବଲାଙ୍ଗୀର ଲୋକ ସଭା ସଦସ୍ୟ ଥିଲେ। ୨୦୧୪ରେ ଅନଙ୍ଗଙ୍କୁ ନରସିଂହ ପରାସ୍ତ କରିଥିଲେ। ୨୦୧୯ ନିର୍ବାଚନରେ କଳିକେଶ ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓଙ୍କଠାରୁ ହାରିଗଲେ। କ୍ଷମତାରୁ ଗୋଟେ ପ୍ରକାର ଦୂରରେ ରହିଛନ୍ତି। ନରସିଂହ ୨୦୧୪ ଓ ୨୦୧୯ରେ ବିଜୟୀ ହୋଇଥିଲେ ମଧ୍ୟ ୨୦୨୪ ନିର୍ବାଚନରେ ପ୍ରାର୍ଥୀ ହେବନାହିଁ ବୋଲି ଘୋଷଣା କରିଛନ୍ତି। ତାଙ୍କ ପୁଅ ସମରେନ୍ଦ୍ର ଏଥର ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ଜୋର ଧରିଛି। ମିଶ୍ର ପରିବାରର ପ୍ରଭାବ ହ୍ରାସ ପାଇଁ ସିଂଦେଓ ପରିବାର ଉଦ୍ୟମ କରୁଥିବା ଜଣାପଡୁଛି। କଂଗ୍ରେସ ପକ୍ଷରୁ ଯେଉଁଠି ପୋଷ୍ଟର କି ହୋର୍ଡିଂ ଲଗାଯାଇଛି, ତା' ପାଖରେ ସେମାନେ ନିଜ ଫଟୋଥିବା ପୋଷ୍ଟର ଲଗାଉଛନ୍ତି।

କଂଗ୍ରେସ ହୋର୍ଡିଂରେ ନରସିଂହ ଓ ତାଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କ ଫଟୋ ରହିଛି। କଂଗ୍ରେସ ଦଳର ପୋଷ୍ଟର ବା ହୋର୍ଡିଂରେ ଲୋୟର ସୁକ୍‌ତେଲ ପ୍ରକଳ୍ପ, ଭୀମ ଭୋଇ ମେଡିକାଲ କଲେଜ ଓ ୬୫୦ ଶଯ୍ୟା ବିଶିଷ୍ଟ ନୂଆ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ, କିରାବାହାଲର ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପ, ଭୀମପାହାଡ଼ ପର୍ଯ୍ୟଟନ ପ୍ରକଳ୍ପ, ପୃଥ୍ୱୀରାଜ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ, ବସ୍ ଟର୍ମିନାଲ, ଏମ୍‌ସିଏଚ୍ କୋଠା, କୋଭିଡ ହସ୍ପିଟାଲ, ପାନୀୟ ଜଳ ପ୍ରକଳ୍ପ, ବାଇପାସ୍, ସେତୁ ଓ ଅନ୍ୟପ୍ରକଳ୍ପଗୁଡ଼ିକର ଫଟୋ ରହିଛି। ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ନରସିଂହଙ୍କ ଅବଦାନ ସମ୍ପର୍କରେ ସୂଚନା ଦିଆଯାଇଛି। ସେଇ ହୋର୍ଡିଂରେ କରିଛୁଁ, କରମୁଁ, ୨୫ ବର୍ଷ ବନାମ ୧୦ବର୍ଷ ଲେଖା ବି ଯାଇଛି। ଠିକ୍ ଏହି ହୋର୍ଡିଂର ପାଖେ ରାଜପରିବାରର ବିଜେଡି ସଦସ୍ୟଙ୍କ ଏକ ହୋର୍ଡିଂ ଲାଗିଛି। ସେଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅନଙ୍ଗ ଏବଂ ତାଙ୍କ ଦୁଇପୁଅ ପୂର୍ବତନ ଲୋକ ସଭା ସଦସ୍ୟ ତଥା ଏବକାର ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ଓ ୨୦୧୯ରେ ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିବା ଅର୍କେଶ ନାରାୟଣ ସିଂଦେଓଙ୍କ ଫଟୋ ରହିଛି। ଏହି ହୋର୍ଡିଂରେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ଗୋପାଳଜୀ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ସୁନ୍ନି ସଦର ମସଜିଦ୍, ସିଏନ୍‌ଆଇ ଚର୍ଚ୍ଚ, ଜରାସିଂହା ପାଟଖଣ୍ଡା ମନ୍ଦିର, କୋଶଳ କଳା ମଣ୍ଡଳ ପଡ଼ିଆ ଫଟୋ ଏବଂ କେତେ ଟଙ୍କା ଅନୁଦାନ ଦିଆଯାଇଛି। ଏଭଳି ହୋର୍ଡିଂ ଏବଂ ପୋଷ୍ଟର ଲଗାଇ ଭୋଟର ଏବଂ ଜନସାଧାରଣଙ୍କୁ ଦୁଇ ଦଳ ଆକୃଷ୍ଟ କରୁଛନ୍ତି। ଉଭୟ ପକ୍ଷଙ୍କ ପୋଷ୍ଟର ୱାର ଏବେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

## ପ୍ରତି ଜିଲା, ବ୍ଲକରେ ମହିଳାଙ୍କ ନ୍ୟାୟ ପାଇଁ ଲଢ଼େଇ କରିବ ମହିଳା କଂଗ୍ରେସ: ଅଲକା

ଭୁବନେଶ୍ୱର, ୨୧।୨ (ସୁନିତ୍ ମିଶ୍ର)



ରାଜ୍ୟରେ ଜନସଂଖ୍ୟାର ୫୦ ଭାଗ ମହିଳା ହୋଇଥିଲେ ମଧ୍ୟ ବର୍ତ୍ତମାନ ସେମାନଙ୍କ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ। ମହିଳାମାନେ ଏ ରାଜ୍ୟରେ ଆଦୌ ସୁରକ୍ଷିତ ନୁହନ୍ତି। ପ୍ରତିଦିନ ଓଡ଼ିଶାରେ ୭ ଜଣ ମହିଳା ବଳାତ୍କାରର ଶିକାର ହେଉଥିବା ଏନ୍‌ସିଆର୍‌ବି ରିପୋର୍ଟରେ ପ୍ରକାଶ ପାଇଛି। ଖାଲି ସେତିକି ନୁହେଁ, ଏହି ୭ ଜଣ ମହିଳାଙ୍କ ମଧ୍ୟରୁ ୪ ଜଣ ନାବାଳିକା । ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ମହିଳା ନିଖୋଜରେ ଓଡ଼ିଶା ଭାରତବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ବୋଧହୁଏ ରାଜ୍ୟ ସରକାରଙ୍କ ବଡ଼ ଉପଲବ୍ଧି ବୋଲି ଅଖିଳ ଭାରତ ଜାତୀୟ କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଲକା କହିଛନ୍ତି, ଆସନ୍ତା ଦିନରେ ରାଜ୍ୟ ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ପ୍ରତ୍ୟେକ ଜିଲା ଓ ବ୍ଲକରେ ମହିଳାମାନଙ୍କ ନ୍ୟାୟ ପାଇଁ ଲଢ଼େଇ ହେବ। ରାଜ୍ୟର ମହିଳାଙ୍କ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ପାଇଁ ସେମାନେ ବ୍ଲକ୍‌ସ୍ତରରୁ ଲଢ଼େଇ କରିବେ। ୨୦୦୦ ମସିହା ବେଳକୁ କଂଗ୍ରେସ ସରକାର ସମୟରେ ମଦରୁ ମାତ୍ର ୧୧୪.୮୨ କୋଟି ଟଙ୍କା ଆୟ ହେଉଥିଲା, କିନ୍ତୁ ଆଜି ତାହା ୬,୪୫୫ କୋଟି ଟଙ୍କାରେ ପହଞ୍ଚିଲାଣି। ମଦରୁ ଆୟ କରି ରାଜ୍ୟ ରାଜକୋଷକୁ ଭରାଯାଉଛି। ବର୍ତ୍ତମାନ ପ୍ରତ୍ୟେକ ପରିବାରରେ ପୁଅ ଏବଂ ବାପା ମଦ ପିଇ ସର୍ବସ୍ୱାନ୍ତ ହେଉଛନ୍ତି। କଂଗ୍ରେସ ସରକାର ସମୟରେ ଖାଦ୍ୟ ପଦାର୍ଥର ଦରଦାମ ଯାହା ଥିଲା ବର୍ତ୍ତମାନ ଅଟାଠାରୁ ଆରମ୍ଭକରି ବିସ୍କୁଟ ପର୍ଯ୍ୟନ୍ତ ପାଖାପାଖି ୨୦୦%ବୃଦ୍ଧି ଘଟିଛି। ଏ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କେବଳ ଭୋଟ ପାଇଁ ବ୍ୟବହାର କରୁଛନ୍ତି ବୋଲି ଅଲକା କହିଛନ୍ତି।

# ପଦ୍ମ ଧରିଲେ ପ୍ରଦୀପ ପାଣିଗ୍ରାହୀ

ଭୁବନେଶ୍ୱର, ୨୧।୨
(ସୁନିତ୍ ମିଶ୍ର)

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ନେଇ ଯେଉଁସବୁ ଚର୍ଚ୍ଚା ଚାଲିଥିଲା ତା'ର ଅନ୍ତ ଘଟିଛି। ବିଜେଡିରୁ ବହିଷ୍କୃତ ପ୍ରଦୀପ ବୁଧବାର ତାଙ୍କର କେତେଜଣ ସମର୍ଥକଙ୍କ ସହ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ଦୀର୍ଘଦିନ ହେଲା ପ୍ରଦୀପ ଭାଜପାରେ ମିଶିବା ନେଇ ଚର୍ଚ୍ଚା ହେଉଥିଲା। ସେହି ଚର୍ଚ୍ଚାର ବର୍ତ୍ତମାନ ପୂର୍ଣ୍ଣଚ୍ଛେଦ ପଡ଼ିଛି। ମନମୋହନ ପ୍ରଦୀପ ଏବଂ ତାଙ୍କୁ ସମର୍ଥକମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି।

ଏହି ଅବସରରେ ପ୍ରଦୀପ ବିଜେଡିକୁ ଟାର୍ଗେଟକରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ସାରା ବିଶ୍ୱରେ ସମ୍ମାନିତ କରିଛନ୍ତି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାଜପାରେ ମିଶିଛନ୍ତି। ଓଡ଼ିଶାରେ ଅନ୍ଧ, ମୂକ, ବଧିର, ଗର୍ବୀ, ଅହଂକାରୀ ସରକାରକୁ ହଟାଇବାର ସମୟ ଆସିଛି। ଅଟଳ ବିହାରୀ ବାଜପେୟୀଙ୍କ ଆଶୀର୍ବାଦରେ ଓଡ଼ିଶାରେ ବିଜେଡି ମୁଖ୍ୟମନ୍ତ୍ରୀ ପଦ ପାଇଥିଲା। ହେଲେ ପରେ ନିଜର ସ୍ୱାର୍ଥ ଲାଗି ଭାଜପାର ହାତ ବିଜେଡି ଛାଡ଼ିଥିଲା। ବିଜେଡିକୁ ହଟାଇବା ଓ ଭାଜପାକୁ କ୍ଷମତାକୁ ଆଣିବାର ସମୟ ଆସିଛି। ପୂର୍ଣ୍ଣ ସମର୍ଥନ ଦେଇ ଥରେ ଭାଜପାକୁ ଓଡ଼ିଶାରେ କ୍ଷମତାସୀନ କରିବାକୁ ସେ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ସେ ଆହୁରି କହିଛନ୍ତି, ଭାଜପା ଓଡ଼ିଶାରେ ସରକାର କଲେ ଲୋକଙ୍କ ପାଇଁ ସମର୍ପିତ ହେବ। ଭାଜପା ସରକାର ଆସିଲେ ରାଜ୍ୟରେ ସଚିବାଳୟଠାରୁ ମନ୍ତ୍ରଣାଳୟ ସମସ୍ତଙ୍କ ପାଇଁ ଖୋଲା ରହିବ। ଶ୍ରେଷ୍ଠ ଭାରତ, ଶ୍ରେଷ୍ଠ ଓଡ଼ିଶା ଗଠନର ପ୍ରକୃଷ୍ଟ ସମୟ ଆସିଛି। ବର୍ତ୍ତମାନ ଓଡ଼ିଶାବାସୀ ପରିବର୍ତ୍ତନ ମୁହାଁ ହୋଇଛନ୍ତି। ଓଡ଼ିଶାରେ ଏକଚ୍ଛତ୍ରବାଦୀ ସରକାର ହଟାଇ ଲୋକତନ୍ତ୍ର ସରକାର ଆଣିବା ଦରକାର। 'ଓଡ଼ିଶାରେ ଡବଲ ଇଞ୍ଜିନ' ସରକାର ଗଠନ ହେଲେ ବିକାଶ ଧାରା ତ୍ୱରାନ୍ୱିତ ହୋଇପାରିବ ବୋଲି ପ୍ରଦୀପ କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୦ ନଭେମ୍ବର ୨୦ରେ ଜନବିରୋଧୀ କାର୍ଯ୍ୟ ପାଇଁ ପ୍ରଦୀପଙ୍କୁ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ କରାଯାଇଥିଲା। ୨୦୦୯ରୁ ଲଗାତର ୩ଥର ସେ ଗୋପାଳପୁର ବିଧାୟକ ହୋଇଛନ୍ତି। ୨୦୧୪ରେ ନବୀନ ସରକାରରେ ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ଥିଲେ। ୨୦୧୭ ଯାଏ ବିଭିନ୍ନ ବିଭାଗ ସମ୍ଭାଳିଥିଲେ। ପ୍ରଥମେ ତାଙ୍କ ଭାବୀ ସମୁଦି ଆଇଏଫ୍ଏସ୍ ଅଫିସର ଅଭୟ ପାଠକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ହେଲା। ଏପରିକି ଅଭୟ ଓ ତାଙ୍କ ପୁଅ ଆକାଶଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା। ଟାଟା କମ୍ପାନୀରେ ଚାକିରି କରାଇଦେବାକୁ କହି ଆକାଶ ଟଙ୍କା ନେଇଥିବା କୁହାଯାଇଥିଲା। ପ୍ରଦୀପ ପାଣିଗ୍ରାହୀ ମଧ୍ୟ ଏଥିରେ ସମ୍ପୃକ୍ତ ଥିବାର ଅଭିଯୋଗକରି ତାଙ୍କ ଉପରେ ମଧ୍ୟ ଭିଜିଲାନ୍ସ ଚଢ଼ାଉ ହୋଇଥିଲା। ୨୦୨୦ ଡିସେମ୍ବର ୩ ରେ କ୍ରାଇମବ୍ରାଞ୍ଚ ପ୍ରଦୀପଙ୍କୁ ଗିରଫ କରିଥିଲା। ୨୦୨୦ରେ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିଲା। ୨୦୨୧ ଜୁନ୍‌ରେ ପ୍ରଦୀପ ଜାମିନରେ ଆସିଥିଲେ। ୨୦୨୪ ସାଧାରଣ ନିର୍ବାଚନକୁ କମ୍ ସମୟ ଥିବାବେଳେ ସେ ଭାଜପାରେ ଯୋଗଦେଇଛନ୍ତି। ସେ ବ୍ରହ୍ମପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହେବା ନେଇ କିଛିଦିନ ହେଲା ଚର୍ଚ୍ଚା ଜୋର୍ ଧରିଛି।



ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟଠାରେ ବୁଧବାର ରାଜ୍ୟ ଭାଜପା ସଭାପତି ମନମୋହନଙ୍କ ଉପସ୍ଥିତିରେ ପ୍ରଦୀପ ପାଣିଗ୍ରାହୀ ଏବଂ ତାଙ୍କ ସମର୍ଥକ ଭାଜପାରେ ଯୋଗ ଦେଉଛନ୍ତି।

# ବିଜେଡିରେ ତାଲିକା ଲମ୍ବା, ଭାଜପାରେ ୨

ବାଲେଶ୍ୱର, ୨୧।୨ (ମାନସ ବିଶ୍ୱାଳ)



ସୁଦର୍ଶନ ଜେନା



ଦୀପକ ମଲ୍ଲିକ



ଶାନ୍ତା ଦାସ

**ରେମୁଣା ନିର୍ବାଚନମଣ୍ଡଳୀ**

**ବିଜେଡି ଦୌଡ଼ରେ ସୁଦର୍ଶନ, ଦୀପକ, ଶାନ୍ତା**

**ଭାଜପାରେ ଗୋବିନ୍ଦ, ବିଜୟ**

**ଚର୍ଚ୍ଚାକୁ ଆସୁନି କଂଗ୍ରେସ**

ନିର୍ବାଚନ ତାରିଖ ଘୋଷଣା ହୋଇନାହିଁ । ତଥାପି ଏବେଠୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଲାଣି। ବିଶେଷ କରି ଦଳୀୟ ଟିକେଟ ହାତେଇବା ପାଇଁ ଆଶାୟୀମାନେ ସେମାନଙ୍କ ଲବି ଜୋରଦାର କଲେଣି। ଏହି କ୍ରମରେ ବାଲେଶ୍ୱର ଜିଲା ରେମୁଣା ନିର୍ବାଚନ ମଣ୍ଡଳୀରେ ମଧ୍ୟ ଏକାଧିକ ଆଶାୟୀ ଦଳୀୟ ଟିକେଟ ପାଇଁ କସରତ ଆରମ୍ଭ କରି ଦେଇଛନ୍ତି। ବିଶେଷକରି ବିଜେଡି ଟିକେଟ ପାଇଁ ବହୁ ଆଶାୟୀ ମୁଣ୍ଡ ଟେକିଛନ୍ତି। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସୁଧାଂଶୁ ଶେଖର ପରିଡା ଭାଜପା ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ପରାଜିତ କରି ବିଜୟୀ ହୋଇଥିଲେ । ପରବର୍ତ୍ତୀ ସମୟରେ ବିଧାୟକ ସୁଧାଂଶୁ ଶେଖର ପରିଡାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆସିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବିଜେଡିରୁ ବହିଷ୍କାର କରିଛନ୍ତି। ସେ ଦଳରୁ ବହିଷ୍କୃତ ହୋଇଥିବାରୁ ଆସନ୍ତା ନିର୍ବାଚନରେ ସୁଧାଂଶୁଙ୍କୁ ବିଜେଡି ଟିକେଟ ମିଳିବା ସମ୍ଭାବନା କମ୍ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ତେଣୁ ବିଜେଡିରେ ଏବେ ଏକାଧିକ ଆଶାୟୀ ଟିକେଟ ପାଇଁ ସବୁ ପ୍ରକାର ଉଦ୍ୟମ ଚଳାଇଛନ୍ତି। ବିଜେଡି ଟିକେଟ ଦୌଡ଼ରେ ଯେଉଁମାନଙ୍କ ନାମ ଚର୍ଚ୍ଚା ହେଉଛି ସେମାନେ ହେଲେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଯୁବନେତା ଦୀପକ ମଲ୍ଲିକ, ସମିତି ସଭ୍ୟା ଶାନ୍ତା ଦାସ, ବଂଶୀଧର ଦଳେଇ, ଯୁବନେତା ଚନ୍ଦନ ମଲ୍ଲିକ ଓ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ। ସୁଦର୍ଶନ ୨୦୦୯ରେ ରେମୁଣା ଆସନରୁ ବିଜେଡି ବିଧାୟକ ଭାବେ ବିଜୟୀ ହୋଇଥିଲେ। ତେବେ ୨୦୧୪ ନିର୍ବାଚନରେ ସେ ଭାଜପା ପ୍ରାର୍ଥୀ ଗୋବିନ୍ଦ ଦାସଙ୍କ ଠାରୁ ପରାଜିତ ହୋଇଥିଲେ। ୨୦୧୯ ନିର୍ବାଚନରେ ବିଜେଡି ସୁଦର୍ଶନଙ୍କୁ ଟିକେଟ ନ ଦେଇ ସୁଧାଂଶୁଙ୍କୁ ପ୍ରାର୍ଥୀ କରିଥିଲା। ଏବେ ସୁଧାଂଶୁ ବିଜେଡିରୁ ବହିଷ୍କାର ହେବା ପରେ ସୁଦର୍ଶନ ପୁଣି ଥରେ ଦଳୀୟ ଟିକେଟ ରେସ୍‌ରେ ଥିବା ଜଣାପଡ଼ିଛି। ସେହିପରି ରେମୁଣା ଆସନ ପାଇଁ ଯୁବନେତା ଇଞ୍ଜିନିୟର ଦୀପକ ମଲ୍ଲିକଙ୍କ ନାମକୁ ନେଇ ସବୁଠି ଚର୍ଚ୍ଚା ହେଉଛି। ଦୀପକ ଆଇଆଇଟି ଖଡ଼ଗପୁରରେ ଇଞ୍ଜିନିୟରିଂ ଶିକ୍ଷାଲାଭ କରିବା ପରେ ସେ ଭୁବନେଶ୍ୱରରେ ଏକ ଷ୍ଟାର୍ଟଅପ୍ କମ୍ପାନୀ ଖୋଲିଛନ୍ତି। ବହୁ ଯୁବକଙ୍କୁ ନିଯୁକ୍ତି ମଧ୍ୟ ଦେଇଛନ୍ତି। ସେ ରାଜନୀତିକୁ ଆସି ଲୋକଙ୍କ ସେବା କରିବାକୁ ଚାହୁଁଛନ୍ତି ବୋଲି ଦୀପକ କହିଛନ୍ତି। ୨୦୧୪ରେ ଦୀପକ ଭାଜପାରେ ସାମିଲ ହୋଇଥିଲେ । ହେଲେ ସେ ଭାଜପାକୁ ଅଳ୍ପଦିନ ପରେ ପରିତ୍ୟାଗ କରିଥିଲେ। ଦୀପକଙ୍କ ବାପା ସିମୁଳିଆ ବ୍ଲକର ଭାଜପା ସମର୍ଥିତ ବ୍ଲକ ଅଧ୍ୟକ୍ଷ ଅଛନ୍ତି। ଯଦି ଦୀପକଙ୍କୁ ବିଜେଡି ଟିକେଟ ମିଳେ, ତେବେ ତାଙ୍କ ବାପା ମଧ୍ୟ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇପାରନ୍ତି ବୋଲି ଆଲୋଚନା ହେଉଛି। ରେମୁଣାରେ ଦୀପକ ବିଭିନ୍ନ ସାମାଜିକ କାର୍ଯ୍ୟ ସହ ସଭାସମିତିରେ ମଧ୍ୟ ଲିପ୍ତ ରହୁଛନ୍ତି। ଜଣେ ଯୁବନେତା ଭାବରେ ତାଙ୍କର ଦଳମତ ନିର୍ବିଶେଷରେ ସମସ୍ତଙ୍କ ସହ ଉତ୍ତମ ସମ୍ପର୍କ ରହିଛି। ସମିତି ସଭ୍ୟା ଶାନ୍ତା ଦାସଙ୍କ ନାମ ମଧ୍ୟରେ ଚର୍ଚ୍ଚାରେ ରହିଛି। ସେହିପରି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ମଧ୍ୟ ବିଜେଡି ଟିକେଟ ଦୌଡ଼ରେ ଅଛନ୍ତି। ଶତ୍ରୁଘ୍ନ ଏବେ ବାଲେଶ୍ୱର ବିଜେଡିର ଏସ୍‌ସିଏସଟି ମୋର୍ଚ୍ଚାର ସଭାପତି ଅଛନ୍ତି। ପ୍ରଫେସର ଶତ୍ରୁଘ୍ନ ବିଭିନ୍ନ ସରକାରୀ କଲେଜରେ ଅଧାପନା କରି ଅବସର ପରେ ବିଜେଡିରେ ସାମିଲ ହୋଇଥିଲେ। ସେ ୨୦୦୯ରୁ ବିଜେଡି ଟିକେଟ୍ ପାଇଁ ଆଶାୟୀ ଥିଲେ ମଧ୍ୟ ତାଙ୍କୁ ଏଥିରେ ସଫଳତା ମିଳିନାହିଁ। ଅପରପକ୍ଷରେ ତେବେ ରେମୁଣା ବିଜେଡିରେ ଏକାଧିକ ଆଶାୟୀ ଥିବାରୁ ଦଳ କାହାକୁ ଭରସା କରୁଛି ତାକୁ ଦେଖିବାକୁ ବାକି ରହିଛି। ଅପରପକ୍ଷରେ ଭାଜପା ଟିକେଟ ପାଇଁ ପୂର୍ବତନ ବିଧାୟକ ଗୋବିନ୍ଦ ଦାସ ଓ ବିଜୟ ସେଠୀ ପ୍ରମୁଖ ଦାବିଦାର ରହିଥିବାବେଳେ କଂଗ୍ରେସ ଏହି ଆସନରେ ଦୁର୍ବଳ ରହିଛି। ତେଣୁ ଏଠାରେ କଂଗ୍ରେସ ଆଶାୟୀଙ୍କ ନାମ ଚର୍ଚ୍ଚାକୁ ଆସୁନାହିଁ। ରେମୁଣା ନିର୍ବାଚନମଣ୍ଡଳୀ ଏସ୍‌ସି ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାବେଳେ ୨୦୦୯ରେ ଏହି ନିର୍ବାଚନମଣ୍ଡଳୀ ପୁନର୍ଗଠନ ହୋଇଥିଲା। ଅଦ୍ୟାବଧି ଏହି ଆସନରେ ଦୁଇ ଥର ବିଜେଡି ବାଜିମାତ୍ କରିଥିବାବେଳେ ଭାଜପା ଥରେ ବିଜୟ ଲାଭ କରିଛି। କଂଗ୍ରେସର ସ୍ଥିତି ଭଲ ନ ଥିବାରୁ ଆସନ୍ତା ନିର୍ବାଚନରେ ଏହି ଆସନରେ ବିଜେଡି ଓ ଭାଜପା ମଧ୍ୟରେ ଦ୍ୱିମୁଖୀ ଲଢ଼େଇ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ପ୍ରଦୀପଙ୍କୁ କୋଳେଇ ଭାଜପା ନିଜର ଅସଲ ଚେହେରା ଦେଖାଇଲା: ବିଜେଡି

ଭୁବନେଶ୍ୱର, ୨୧।୨ (ଅନିଲ ଦାସ)

ପ୍ରଦୀପ ପାଣିଗ୍ରାହୀ ହେଉଛନ୍ତି ଏମିତି ଜଣେ ଜନ ବିରୋଧୀ ନେତା, ଯିଏ ନିଜ ଜ୍ୱାଇଁ ଆକାଶ ପାଠକ ଏବଂ ସମୁଦି ତଥା ପୂର୍ବତନ ଆଇଏଫ୍ଏସ୍ ଅଧିକାରୀ ଅଭୟ ପାଠକଙ୍କ ସହ ମିଶି ଷଡ଼ଯନ୍ତ୍ର କରି ଚାକିରି ଦେବା ନାଁରେ ନିଜ ନିର୍ବାଚନମଣ୍ଡଳୀର ଗରିବ ସାଧାରଣ ଲୋକ ଓ ବେକାର ଯୁବକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କାର ଠକେଇ କରିଥିଲେ। ଏଭଳି ଜଣେ ନେତାଙ୍କୁ ଭାଜପା କୋ ।ଳେଇ ନେଇ ତା'ର ଅସଲ ଚେହେରା ଦେଖାଇଛି ବୋଲି ବିଜେଡି ମୁଖପାତ୍ର ଈପ୍ସିତା ସାହୁ କହିଛନ୍ତି। ବୁଧବାର ଶଙ୍ଖଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ ଭାବୀ ଜ୍ୱାଇଁକୁ ଟାଟା ମୋଟର୍ସର ଏମ୍‌ଡି ଦର୍ଶାଇ ନିଜ ନିର୍ବାଚନମଣ୍ଡଳୀର ବେକାର ଗରିବ ଯୁବକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ଠକିଥିଲେ। ଠକେଇ ମାମଲା ଧରା ପଡ଼ିବା ପରେ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ପାଠକ ବାପା-ପୁଅ ଗିରଫ ହୋଇଥିଲେ ଏବଂ ମାସ ମାସ ଧରି ଜେଲରେ ଥିଲେ। କୋଭିଡ୍ ସମୟରେ ଗଞ୍ଜାମକୁ ଫେରୁଥିବା ଲୋକଙ୍କୁ କିଭଳି ସୁରକ୍ଷିତ ରଖାଯିବ ଓ କିଭଳି ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ, ସେ ନେଇ ଜନ ପ୍ରତିନିଧି ଓ ପ୍ରଶାସନ ତତ୍ପରତା ଦେଖାଉଥିବାବେଳେ ଲୋକଙ୍କୁ ଠକି ସେଇ ଟଙ୍କାରେ ପ୍ରଦୀପ ପାଣିଗ୍ରାହୀ ମଉଜ କରୁଥିଲେ। ପ୍ରଦୀପଙ୍କ ଏଭଳି ଜନବିରୋଧୀ ନୀତି ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଠୋର ଏବଂ କଡ଼ା ଆଭିମୁଖ୍ୟ ଦେଖାଇ ତାଙ୍କୁ ଦଳରୁ ବହିଷ୍କୃତ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଦୀପ ପାଣିଗ୍ରାହୀଙ୍କୁ ଏହି ମାମଲାରେ ଠକ ଏବଂ ଲୋକଙ୍କ ପଇସା ଲୁଟିଥିବା ଜଣେ ଲମ୍ପଟ ବୋଲି କହିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଉପସ୍ଥିତିରେ କୁଆଡ଼େ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହେବାର ଥିଲା। ହେଲେ ପ୍ରଦୀପଙ୍କ କଳା କାରନାମା ଜାଣିବା ପରେ ରାଜନାଥ କୁଆଡ଼େ ସଫା ସଫା ମନା କରିଦେଲେ। ତେଣୁ ତରବରିଆ ଭାବେ ଏହି ମିଶ୍ରଣ ପର୍ବର ଆୟୋଜନ ଓଡ଼ିଶା ଭାଜପା କାର୍ଯ୍ୟାଳୟରେ କରାଯାଇଛି ବୋଲି ଈପ୍ସିତା କହିଛନ୍ତି ।

# କେନ୍ଦ୍ର ହାୱାରେ ଭାଜପାର କ୍ଷମତା ଆଶା

ଯାଜପୁର, ୨୧।୨ (ହର୍ଷବର୍ଦ୍ଧନ ବେହେରା)




ରାଜ୍ୟରେ ୨୪ ବର୍ଷ ଧରି ବିଜେଡି ସରକାରରେ ରହିଛି। ତୃଣମୂଳସ୍ତରରେ ଦଳ ବେଶ୍ ଶକ୍ତିଶାଳୀ ଥିବା ଦାବି କରୁଛି। ଯଦିଓ ୨୦୧୭ ପଞ୍ଚାୟତ ଓ ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ପ୍ରମୁଖ ବିରୋଧୀ ଭାବେ ଉଭା ହୋଇଥିଲା, ଆଶା କରାଯାଉଥିଲା ଦଳ ମଜଭୁତ ସ୍ଥିତିକୁ ଫେରିବ। ହେଲେ ୨୦୨୨ ପଞ୍ଚାୟତ ନିର୍ବାଚନରେ ଯାଜପୁରରେ ସେଭଳି କିଛି ସୁଫଳ ଭାଜପାକୁ ମିଳିଲା ନାହିଁ। ବିଜେଡିର ବିକଳ୍ପ ଭାବେ ଭାଜପା ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିନାହିଁ। ତୃଣମୂଳସ୍ତରରେ ବିଭିନ୍ନ ଲୋକହିତକର ଯୋଜନାରେ ଅବହେଳା ଓ ଦୁର୍ନୀତି, ଖଣି ଓ ଶିଳ୍ପାଞ୍ଚଳରେ ସ୍ଥାନୀୟ ବେକାରି ସମସ୍ୟା, ପାନୀୟ ଜଳ, ଚଣ୍ଡିଖୋଲରେ ତୈଳ ଭଣ୍ଡାର ପ୍ରତିଷ୍ଠା, ପ୍ରସ୍ତାବିତ ଯାଜପୁର ରୋଡଠାରୁ ଧାମରା ରେଳପଥକୁ ଅଣଦେଖା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଲୋକଙ୍କ ଆଗକୁ ନ ଆଣି କେବଳ କେନ୍ଦ୍ର ସରକାରଙ୍କ ହାୱା ବଳରେ ଜିଲାରେ ସହଜରେ ନେତୃତ୍ୱ ନେବାର ଭାଜପା ଯେଉଁ ଆଶା କରୁଛି, ତାହା ସେଥିରେ ସଫଳ ହେବ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏପରି କି ବିନା ପରିଶ୍ରମରେ କ୍ଷମତା ମିଳିପାରେନି ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

ଯାଜପୁର ଜିଲାରେ ଗତ ସାଧାରଣ ନିର୍ବାଚନର ଫଳାଫଳ ବିଜେଡି ପାଇଁ ସତର୍କ ଘଣ୍ଟି ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଥିଲା। ଏମ୍‌ପି ନିର୍ବାଚନରେ ବିଜେଡି ୪୯.୮୧%, ଭାଜପା ୪୦.୫% ଓ କଂଗ୍ରେସ ପ୍ରାର୍ଥୀ ୭.୬୩% ଭୋଟ ପାଇଥିଲେ। ଭାଜପା ୨୦୧୪ ନିର୍ବାଚନରେ ୧୫.୫୩% ରୁ ୫ ବର୍ଷରେ ୪୦.୫%କୁ ଲମ୍ଫ ମାରିଥିଲା। ୨୦୧୭ରେ ଜିଲା ଭାଜପା ସଂଗଠନ ସେତେଟା ସୁଦୃଢ଼ ନ ଥିଲେ ମଧ୍ୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳ ୬ଟି ଏବଂ ବିଜେଡି ୩୩ଟି ଜିଲା ପରିଷଦ ଆସନ ହାତେଇଥିଲା। ଜିଲା ପରିଷଦ ଆସନ ଦଳୀୟ ଚିହ୍ନରେ ମିଳିଥିବା ଜନାଦେଶରୁ ଭାଜପାର ଭୋଟ ହାର ୧୬ରୁ ପ୍ରାୟ ୩୧ପ୍ରତିଶତକୁ ବୃଦ୍ଧି ଘଟିଥିଲା। ଏହାର ଲାଭ ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ପ୍ରତିଫଳିତ ହୋଇଥିଲା। ଭାଜପା ଜିଲାରେ ଏକ ଶକ୍ତିଶାଳୀ ବିରୋଧୀ ଦଳ ଭାବେ ଉଭା ହୋଇଥିଲା । ଜିଲାରେ ବଡ଼ଚଣା ଓ ବରୀ ନିର୍ବାଚନମଣ୍ଡଳୀରେ କଡ଼ା ଟକ୍କର ହୋଇଥିଲା। ବଡ଼ଚଣାରେ ଭାଜପା ପ୍ରାର୍ଥୀ ମାତ୍ର ୧,୪୮୫ ଭୋଟ ଓ ବରୀରେ ଭାଜପା ପ୍ରାର୍ଥୀ ମାତ୍ର ୪,୦୬୨ ଭୋଟ ବ୍ୟବଧାନରେ ହାରିଥିଲେ। ଏଭଳି ଫଳାଫଳକୁ ଦେଖି ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ଚିନ୍ତା ପଶିଥିଲା। ପରେ ସେମାନେ ନିୟମିତ ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କ ଅତିନିକଟତର ହୋଇଥିଲେ। କିନ୍ତୁ ଭାଜପା ନେତା ଓ କର୍ମୀ ନୀରବ ବସି ରହି କେବଳ ନରେନ୍ଦ୍ର ମୋଦିଙ୍କ ହାୱା ଉପରେ ଭରସା କରିଥିଲେ। ଲୋକଙ୍କ ଆସ୍ଥାଭାଜନ ହେବା ଭଳି କୌଣସି ପଦକ୍ଷେପ ନେଇ ପାରି ନ ଥିଲେ। ଫଳରେ ୨୦୨୨ ପଞ୍ଚାୟତ ନିର୍ବାଚନରେ ସମସ୍ତ ୩୯ଟି ଜିଲା ପରିଷଦ ଆସନରେ ବିଜେଡି ୨ରୁ ୩ ହଜାର ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲା। ଭାଜପା ଓ କଂଗ୍ରେସକୁ ଗୋଟିଏ ବି ଆସନ ମିଳି ପାରି ନଥିଲା। ଏହାସହ ୧୦ଟି ପଞ୍ଚାୟତ ସମିତି ମଧ୍ୟ ବିଜେଡି ସମର୍ଥିତ ପ୍ରାର୍ଥୀ ଅକ୍ତିଆର କରିଥିଲେ। ଉକ୍ତ ଫଳାଫଳ ପରେ ଅର୍ଥବଳ, ବାହୁ ବଳ ସମେତ ପ୍ରଶାସନିକ କଳର ସହଯୋଗ ପାଇଁ ବିଜେଡି ସବୁଠି ଜିତି ପାରିଛି ବୋଲି ଅଭିଯୋଗ କରି ଭାଜପା କର୍ମୀ ଓ ନେତାମାନେ କେବଳ ସନ୍ତୁଷ୍ଟି ଲାଭ କରିଥିଲେ। ପୌର ନିର୍ବାଚନରେ ମଧ୍ୟ ଭାଜପାକୁ ବିଫଳତାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବିଜେଡି ସରକାର ବିରୋଧରେ ରହିଥିବା ରାଶନ କାର୍ଡ, ସମାଜ ମଙ୍ଗଳ ବିଭାଗ ଦ୍ୱାରା ମିଳୁଥିବା ଭତ୍ତା ଓ ଆବାସ ଯୋଜନାରେ ଦୁର୍ନୀତି ଭଳି ବହୁ ପ୍ରସଙ୍ଗକୁ ଭାଜପା ଆନ୍ଦୋଳନର ପ୍ରସଙ୍ଗ କରି ପାରିନାହିଁ। ଭାଜପା ନେତାମାନେ କେବଳ କେନ୍ଦ୍ର ସରକାରଙ୍କ ହାୱା ଉପରେ ଭରସା ରଖି ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ବାନ୍ଧିଛନ୍ତି ବୋଲି ସବୁଠି ଆଲୋଚନା ହେଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭୁବନେଶ୍ୱରରେ ୧୨୦ଶଯ୍ୟା ବିଶିଷ୍ଟ ଅଙ୍କୁରା ହସ୍ପିଟାଲ

- ସ୍ୱତନ୍ତ୍ର ମହିଳା ଓ ଶିଶୁ ଚିକିତ୍ସାଳୟ ଉଦ୍‌ଘାଟିତ
- ବାପୁଜୀନଗରରେ ଅଙ୍କୁରା ହସ୍ପିଟାଲର ଏକ୍ସକ୍ଲୁସିଭ ୟୁନିଟ୍





ଭୁବନେଶ୍ୱର,୨୧।୨(ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ହେଲ୍‌ଥ କେୟାର ସଂସ୍ଥା ତଥା ଅଙ୍କୁରା ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ୟୁନିଟ୍ ବୁଧବାର ଭୁବନେଶ୍ୱରର ବାପୁଜୀ ନଗରଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଓବି ଆଣ୍ଡ ଓସିଡବ୍ଲ୍ୟୁଡବ୍ଲ୍ୟୁବିର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ସାମାଜିକ କର୍ମୀ ରବୀନ୍ଦ୍ର ନାଥ ଛୋଟରାୟ,ଏମ୍‌ପି ଲଭୁ ଶ୍ରୀକ୍ରିଷନ ଦେବରାୟାଲୁଙ୍କ ସମେତ ଅଙ୍କୁରା ହସ୍ପିଟାଲର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଡା.କ୍ରିଷା ପ୍ରସାଦ ଭୁନାମ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ହାଇଦ୍ରାବାଦଭିତ୍ତିକ ହେଲ୍‌ଥ କେୟାର ସଂସ୍ଥା ତଥା ମହିଳା ଏବଂ ଶିଶୁଙ୍କ ସ୍ୱତନ୍ତ୍ର ଚିକିତ୍ସାଳୟ 'ଅଙ୍କୁରା ହସ୍ପିଟାଲ' ଭୁବନେଶ୍ୱରର ବାପୁଜୀନଗରଠାରେ ୧୨୦ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ହେଲ୍‌ଥ କେୟାର ୟୁନିଟ୍‌ର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି। ଏଠାରେ ଉଚ୍ଚ ଆପଦପୂର୍ଣ୍ଣ ଶିଶୁ, ପେଡିଆଟ୍ରିକ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ଶିଶୁ ସ୍ନାୟବିକ ବିଜ୍ଞାନ, ଅର୍ଥୋପେଡିକ୍ସ, କ୍ୟାନ୍‌ସର ଚିକିତ୍ସା ଓ ଜରୁରିକାଳୀନ ଚିକିତ୍ସା ଆଦି ଉପଲବ୍ଧ। ସେହିଭଳି ଦୀର୍ଘ ୧ଦଶନ୍ଧିରୁ ଅଧିକ ସମୟ ଧରି ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟର ୧୪ଟି କେନ୍ଦ୍ର (ୟୁନିଟ୍)ରେ ହସ୍ପିଟାଲ ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ସହ ସବୁ ବର୍ଗର ବିଶ୍ୱସନୀୟତା ଅର୍ଜନ କରିପାରିଛି। ସେହିପରି ୧୨୦ଶଯ୍ୟା ବିଶିଷ୍ଟ ଭୁବନେଶ୍ୱର ୟୁନିଟ୍‌ରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା, ଜରୁରିକାଳୀନ ଚିକିତ୍ସା ସେବା ସହିତ ସୁସଜ୍ଜିତ ଆମ୍ବୁଲାନ୍ସ, ରୋଗୀ ପରିବହନ ସେବା, ଫାର୍ମାସି, ପରୀକ୍ଷାଗାର ଏବଂ ଗୋଟିଏ ଛାତ ତଳେ ରେଡିଓଲୋଜି ସେବା ଉପଲବ୍ଧ।

ଏ ସମ୍ପର୍କରେ ଅଙ୍କୁରା ହସ୍ପିଟାଲର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଡା.କ୍ରିଷା ପ୍ରସାଦ ଭୁନାମ କହିଛନ୍ତି, ରୋଗୀ ସେବା ଉପରେ ଆମର ସର୍ବଦା ଧ୍ୟାନ ରହିଥିଲାବେଳେ ମହିଳା ଓ ଶିଶୁମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ। ଏପରିକି ସବୁ ବର୍ଗର ଲୋକଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମେ ନିରନ୍ତର ଆମର ପ୍ରତିବଦ୍ଧତାକୁ ପୂରଣ କରିଆସିଛୁ।

# ବିଏର ନୂତନ ନେକ୍ସଟ ଜେନ୍ ଷ୍ଟୋର

ଭୁବନେଶ୍ୱର,୨୧।୨

ଭାରତୀ ଏୟାରଟେଲ (ବିଏ) ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ନେକ୍ସଟ ଜେନ୍ ଷ୍ଟୋର' ଭୁବନେଶ୍ୱରର ଝାରପଡ଼ା, ଶିରିପୁର, ଡିଷ୍ଟ୍ରିକ୍ଟ ସେଣ୍ଟର ଏବଂ ଆଚାର୍ଯ୍ୟ ବିହାରଠାରେ ଶୁଭାରମ୍ଭ ହୋଇଯାଇଛି। ଏପରିକି କମ୍ପାନୀ ମାଲିକାନାଭୁକ୍ତ ଉପରୋକ୍ତ ୪ଟି ନୂଆ ନେକ୍ସଟ ଜେନ୍ ଷ୍ଟୋର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏ ସମ୍ପର୍କରେ ଭାରତୀ ଏୟାରଟେଲ୍‌ର ସିଓଓ (ଓଡ଼ିଶା ବଜାର) ବାଲାଜୀ ଆର୍ କହିଛନ୍ତି, ଆମେ ମୁଖ୍ୟତଃ ଗ୍ରାହକମାନଙ୍କର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥାଉ। ଏପରିକି ଗ୍ରାହକଙ୍କ ଆଗ୍ରହ ଆମକୁ ଓଡ଼ିଶା ବଜାରରେ ବିଏର ବ୍ୟାପକ ରିଟେଲ୍ ସମ୍ପ୍ରସାରଣ ପାଇଁ ପ୍ରେରିତ କରିଛି। ଗ୍ରାହକଙ୍କର ସମସ୍ତ ଆବଶ୍ୟକତା ପାଇଁ ଏହି ୱାନ୍ ଷ୍ଟପ୍ ସପ୍‌ର ଶୁଭାରମ୍ଭ କରାଯାଇଛି। ଉକ୍ତ ଷ୍ଟୋରଗୁଡ଼ିକ ଜରିଆରେ ବ୍ୟାପକ ରେଞ୍ଜର ମୋବାଇଲ, ବ୍ରଡ୍‌ବ୍ୟାଣ୍ଡ, ଡିଟିଏଚ୍ ସମେତ ସର୍ଭିସ୍ ମଧ୍ୟ ପ୍ରଦାନ କରାଯାଉଛି। ଓଡ଼ିଶା ବଜାର ଆମ ପାଇଁ ଧ୍ୟାନ କେନ୍ଦ୍ରର ମୁଖ୍ୟ ବଜାର ହୋଇଥିବାବେଳେ ଆମ୍ଭେମାନେ ଉକ୍ତ ବଜାରରେ ନିବେଶ ଜାରି ରଖିବୁ। ଏୟାରଟେଲ୍‌ର ଅଫ୍‌ଲାଇନ୍ ଉପସ୍ଥିତିକୁ ଗତ କିଛି ବର୍ଷ ହେଲା ବୃଦ୍ଧି କରିବାରେ ଲାଗିଛି।

# ଜିଓ ଏୟାରଫାଇବରର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୨୧।୨

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ତଥା ଜିଓ ଏୟାରଫାଇବରର ଓଡ଼ିଶା ୟୁନିଟ୍ ନିକଟରେ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ବିଶେଷକରି ଗୃହ ମନୋରଞ୍ଜନ, ସ୍ମାର୍ଟ ହୋମ୍ ସେବା ଓ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡର ସମନ୍ୱିତ ଏଣ୍ଡ-ଟୁ-ଏଣ୍ଡ ସମାଧାନ ଜିଓ ଏୟାରଫାଇବର ବର୍ତ୍ତମାନ ଓଡ଼ିଶାର ୨୫୦ ରୁ ଅଧିକ ସହର ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଉପଲବ୍ଧ। ଏପରିକି ୨୦୨୩ ନଭେମ୍ବରରେ ଆରମ୍ଭ ହୋଇଥିବା ଏହି ସେବା ରାଜ୍ୟର ୱାୟାରଲାଇନ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ କ୍ଷେତ୍ରରେ ରହିଥିବା ସଂଯୋଗଜନିତ ଆହ୍ୱାନକୁ ଅତିକ୍ରମ କରିପାରିଛି ଏବଂ ସାରା ଦେଶର ବ୍ୟବହାରକାରୀଙ୍କୁ ଉନ୍ନତ ଡିଜିଟାଲ ଅନୁଭବ ପ୍ରଦାନ କରୁଛି। ବର୍ତ୍ତମାନ ସାରା ଭାରତରେ ଜିଓର ଅପ୍ଟିକାଲ ଫାଇବର ଭିତ୍ତିଭୂମି ୧.୫ନିୟୁତ କି.ମି.ରୁ ଅଧିକ ବ୍ୟାପ୍ତ ରହିଛି, ତଥାପି ଦେଶର ଅନେକ ସ୍ଥାନରେ ପ୍ରତ୍ୟକ୍ଷ ସଂଯୋଗ ପ୍ରଦାନ କରିବା ଲାଗି ବହୁ ସମୟ ଲାଗୁଛି।

ସେହିଭଳି ଘର କିମ୍ବା ପରିସର ପର୍ଯ୍ୟନ୍ତ ଅପ୍ଟିକାଲ ଫାଇବର ପହଞ୍ଚାଇବାରେ ରହିଥିବା ଜଟିଳତା ଓ ବିଳମ୍ବ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ସମ୍ଭାବ୍ୟ ଗ୍ରାହକ ହୋମ ବ୍ରଡ୍‌ବ୍ୟାଣ୍ଡରୁ ବଞ୍ଚିତ ରହିଛନ୍ତି। ଏହିଭଳି ପରିସରଗୁଡ଼ିକୁ ସଂଯୋଗ ପ୍ରଦାନ କରିବା କାର୍ଯ୍ୟ ଜିଓ ପକ୍ଷରୁ ତ୍ୱରାନ୍ୱିତ କରାଯାଇଛି।



ଏପରିକି ରାଜ୍ୟର ଶେଷ ମାଇଲ ସଂଯୋଗୀକରଣରେ ରହିଥିବା ସମସ୍ୟାକୁ ଦୂରକରିବା ସହ ଜିଓ ଏୟାରଫାଇବର ପ୍ରତ୍ୟେକ ଘର ଓ କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନକୁ ବ୍ରଡ୍‌ବ୍ୟାଣ୍ଡ ସୁବିଧା ସହିତ ସଂଯୁକ୍ତ କରୁଛି, ଯେଉଁଠାରେ ପୂର୍ବରୁ ଗୁଣାତ୍ମକ ହୋମ ବ୍ରଡ୍‌ବ୍ୟାଣ୍ଡ ସୁବିଧା ସେମାନଙ୍କ ପରିସରକୁ ଅପ୍ଟିକାଲ-ଫାଇବର ସମ୍ପ୍ରସାରଣରେ ରହିଥିବା ବିଭିନ୍ନ ଜଟିଳତା କାରଣରୁ ଉପଲବ୍ଧ ହୋଇପାରୁ ନ ଥିଲା। ବିଶେଷକରି ଘରୁ କାର୍ଯ୍ୟ କରୁଥିବା ଆଇଟି ପ୍ରଫେସନାଲଙ୍କଠାରୁ ଆରମ୍ଭକରି ଛୋଟ ବଡ ଉଦ୍ୟୋଗ, ହୋଟେଲ ଓ ରେସ୍ତୋରାଁ, ଡିଜିଟାଲ ଷ୍ଟୁଡିଓ, ଶିକ୍ଷାନୁଷ୍ଠାନ, କ୍ଷୁଦ୍ର ବ୍ୟବସାୟ ଓ ବ୍ୟକ୍ତିଗତ ପରିବାର ପର୍ଯ୍ୟନ୍ତ ଜିଓ ଏୟାରଫାଇବର ଓଡ଼ିଶାର ୨୫୦ରୁ ଅଧିକ ଛୋଟ ବଡ଼ ସହରରେ ବର୍ତ୍ତମାନ ଏହା ସର୍ବାଧିକ ପସନ୍ଦ ପାଲଟିଛି।

# ଶେୟାର ବଜାର କାରବାରରେ ହ୍ରାସ

**ନୂଆଦିଲ୍ଲୀ,୨୧।୨:** ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୪୩୪.୩୧ ପଏଣ୍ଟ କମି ୭୨,୬୨୩.୦୯ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୧.୯୦ ପଏଣ୍ଟ ହ୍ରାସ ଘଟି ୨୨,୦୫୫.୦୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ହ୍ରାସ ଘଟିଛି।


## Classified Everyday 0674-2580101, 2549949



REAL ESTATE

### SALE

ଭୁବନେଶ୍ୱର ଭୁଆସୁଣୀ ମନ୍ଦିର ପାଖ ଗଙ୍ଗପଡ଼ା ମୌଜାରେ NH-16କୁ ଲାଗି 100ମି. ଦୂରରେ ଘରବାରି ପାଚେରି ସହିତ 1500/- କିଣି ଘର କରନ୍ତୁ। 9938066403, 9438315973. D-2568

Bhubaneswar Sundarpada roadରେ ଦଧିବାମନପୁର ମୌଜା yellowzone ଘରବାରି 30' ରୋଡ୍ ଥାଇ plot sqft.-1200/- ବିକ୍ରିହେବ। Biswajit-7008184348. D-71067

**3BHK Semifurnished flats at Jharpada 80' road side. Contact-9437307086, 7978209277, 7008789347.** D-2493

**Readymade 2/3BHK premium flat at prime location of Jayadev Vihar Chhak. Contact-9437307086, 7978209277, 7008789347.** D-2494

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

ଭୁବନେଶ୍ୱର-ପିତାପଲ୍ଲି NH-16 କଡ଼ରେ ବାସୋପଯୋଗୀ ପୋଜେସନ୍ ପ୍ଲଟ୍ 30ft. road, boundary ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9337166296. D-75911

ଢେଙ୍କାନାଳ ସହର ରାଧାକୃଷ୍ଣ ବଜାର ଅଞ୍ଚଳରେ ଘରବାରି ବିକ୍ରି ହେବ। ଯୋଗାଯୋଗ-୯୯୩୮୩୦୫୬୦୦। ଧ-୭୫୪୯୯



CONSTRUCTION

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

**Construct your dream home @899/-, 1399/- includes Architecture structure with 3 years FMC. We provide plan approval, boring & interior work- SNV Engineering - 9439295469.** D-75917





Refreshments Body massage Therapy with Experience Therapists, Ashirvad Panchakarma Spa, Keshari Mall, Bhubaneswar: 8926173473. D-67128

Relax, Refresh your body, mind by expert therapist. Contact: 9938843929. D-76103

Kerala body Massage best Therapist @699/- Bhubaneswar. 9337672475. Ganeshspa.in. D-2555

Relax refreshment body massage therapy by experience lady therapist. 7008773793. D-76102


### AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated 15.02.2024. I, Arundhati Sundaray, D/o- Ashok Kumar Sundaray & W/o- Ayashkant Swain At- Jagasara, P.O.- Kaimatia, P.S.- Infovally, Dist.- Khordha, Odisha declare that I have changed my name from Arundhati Sundaray to Arundhati Swain. Henceforth, I shall be known as Arundhati Swain for all purposes. D-2582

By virtue of an affidavit sworn before the Executive Magistrate, Tahasildar, Bisra, I Budhua Purty, R/o Village- Purunabisra, P.O.- Bisra, Dist.- Sundargarh declare that my actual name is Budhua Purty and D.O.B. is 03.01.1970. But inadvertently my name is entered as Budhua Munda and D.O.B. as 01.01.1970 in my Rural Postal Life Insurance Policy Bond bearing No.R-OR-08 EA-63279. That both the names stands for one and same person. D-2588

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ଇଂ. ପ୍ରଦୀପ୍ତ ଚନ୍ଦ୍ର ମହାନ୍ତି**
ଆବିର୍ଭାବ- ୦୧।୦୭।୧୯୪୮
ତିରୋଧାନ- ୧୨।୦୨।୨୦୨୪

ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିର ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାର ଓ ବନ୍ଧୁବାନ୍ଧବ।
୧୮, ବ୍ରହ୍ମେଶ୍ୱରବାଗ

ଧ-୨୫୮୩

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଣ୍ଣଲତା ଦାଶ**
ଅତାମେଳା, ଜଗତସିଂହପୁର
ଆବିର୍ଭାବ : ୦୩/୦୩/୧୯୩୮
ତିରୋଧାନ : ୦୨/୦୨/୨୦୨୩

ତୁମେ ସ୍ୱର୍ଗାରୋହଣ କରିବାର ଏକ ବର୍ଷ ହୋଇଗଲା। ତୁମର ଜୀବନ ଏକ ସ୍ନେହ ମମତା ଭରା ଆଦର୍ଶ, ତ୍ୟାଗ, ବଳିଦାନ ଓ ସହନଶୀଳତାର ପ୍ରତୀକ ଥିଲା। ଏବେ ବି ଆମ୍ଭେ ତୁମ ବିଷୟରେ ସର୍ବଦା ଚିନ୍ତା କରୁ ଏବଂ ତୁମ ସହିତ ବିତାଇଥିବା ସମସ୍ତ ମୁହୂର୍ତ୍ତକୁ ମନେ ପକାଇ ଉତ୍‌ଫୁଲ୍ଲିତ ହେଉ। ଏ ଜନ୍ମରେ ତୁମକୁ ଜଣେ ମା' ଭାବରେ ପାଇଥିବାରୁ ଆମେ ବହୁତ କୃତଜ୍ଞ। ଆମ୍ଭେମାନେ ତୁମକୁ ଯୁଗେ ଯୁଗେ ଆମର ଜନ୍ମଦାତ୍ରୀ ଭାବରେ ପାଇବାକୁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆଜି ଈଶ୍ୱରଙ୍କ ଠାରେ ଆମର ପ୍ରାର୍ଥନା ଏହି କି ଯେ, ତୁମ ଆତ୍ମାକୁ ସ୍ୱର୍ଗୀୟ ସୁଖ ପ୍ରଦାନ କରନ୍ତୁ ଆଉ ତୁମେ ସେହି ସ୍ୱର୍ଗଲୋକରୁ ଆମମାନଙ୍କୁ ଆଶୀର୍ବାଦ ପ୍ରଦାନ କରୁଥାଅ।

ଶୋକସନ୍ତପ୍ତ ପରିବାର ବର୍ଗ :
ଦୁର୍ଗେଶ-ଚିଭ, ବିରଜା-ଦୋଳ, ପିୟୁଷା-ବୈଜୟନ୍ତୀ, ଗଗନେନ୍ଦୁ-ସାରଦା, ତୁଷାର-ଶେଫାଳି, ଲୋତକ-ସସ୍ମିତା, ବବ୍‌ଲୁ, ରିତାଲୀ, ମିତାଲି, ଲାଲୁ, ଟିକୁ, ତୁତୁଲୁ, ସୋନୁ, ଲିଙ୍କୁନ, ମାମୁନି ଓ ସୁମନ।

ଧ-୨୫୮୯


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**OAS HUB**
Make your dreams into reality
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ, ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍‌ଡିଂ, ଭୁବନେଶ୍ୱର ଓ.ଏସ୍.ଏସ୍. ମୋକଦ୍ଦମା ନଂ. ୧୨୯୯/୨୦୨୧

**ନୋଟିସ**

ପଙ୍କଜବାସିନୀ ପଣ୍ଡା, ବୟସ ୬୯ ବର୍ଷ,
ସ୍ୱାମୀ- ପୀତବାସ ପଣ୍ଡା, ସା.- ଅରେହିକଣା, ପୋଷ୍ଟ- ନମୌଜା, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା
ବର୍ତ୍ତମାନ ଠିକଣା- ପ୍ଲଟ୍ ନଂ.୪୯୧/୨, ଆର୍ଯ୍ୟ ସମାଜ ପଛପାଖ, ସହିଦନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ... ... ... ବାଦିନୀ

ବନାମ

ହର୍ଷ ବେଓ୍ୱା, ସ୍ୱାମୀ- ୰ଦୈତାରୀ ବେହେରା, ବୟସ ୭୨ ବର୍ଷ,
ସା.- ଓଗାଳପଡ଼ା, ସାମିଲ- ରାଧାଚରଣପୁର, ପୋଷ୍ଟ- ଯାଆଁଳା,
ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା ... ... ... ପ୍ରତିବାଦିନୀ ନଂ.୧

ଏତଦ୍ୱାରା ପ୍ରତିବାଦିନୀ ନଂ.୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୧୬।୦୩।୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ

ମୌଜା: ଓଗାଳପଡ଼ା, ଥାନା- ଜଟଣୀ, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ସାବକ | ୩୫୯ | ୫୦୨ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ଡି. | ସ୍ଥିତିବାନ | ଶାରଦ ଅଣଜଳସେଚିତ- ଦୁଇ |
| ସାବକ ମିଉଟେସନ | ୨୫୫/୮ | ୫୦୨/୧୧୪୯ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ ଡି. | ସ୍ଥିତିବାନ | ଏଜନ |

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ହାଲ | ୫୧୨ | ୯୦୬ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ଡି. | ସ୍ଥିତିବାନ | ଶାରଦ ଅଣଜଳସେଚିତ- ଦୁଇ |

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦିନୀ ନଂ.୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା୧୯.୦୨.୨୪

**ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ ଅଦାଲତ ନଂ.-୩ ଭୁବନେଶ୍ୱରଙ୍କ ଆଦେଶ କ୍ରମେ ଆଦେଶ ଅନୁଯାୟୀ**
**ସ୍ୱା./- କୋର୍ଟ ଅଫିସର**

ଧ-୭୫୮୦୨

### ମାନ୍ୟବର ଅତିରିକ୍ତ ଆୟୁକ୍ତ ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର ମହୋଦୟ, ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟଙ୍କ ବିଲ୍‌ଡିଂ, ଭୁବନେଶ୍ୱର ଓ.ଏସ୍.ଏସ୍. ମୋକଦ୍ଦମା ନଂ. ୧୩୦୦/୨୦୨୧

**ନୋଟିସ**

ପୀତବାସ ପଣ୍ଡା, ବୟସ ୭୯ ବର୍ଷ
ପିତା-୰ଦୋଳଗୋବିନ୍ଦ ପଣ୍ଡା, ସା.- ଅରେହିକଣା, ପୋଷ୍ଟ- ନମୌଜା, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ା
ବର୍ତ୍ତମାନ ଠିକଣା- ପ୍ଲଟ୍ ନଂ.୪୯୧/୨, ଆର୍ଯ୍ୟ ସମାଜ ପଛପାଖ, ସହିଦନଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ... ... ... ବାଦୀ

ବନାମ

ହର୍ଷ ବେଓ୍ୱା, ସ୍ୱାମୀ- ୰ଦୈତାରୀ ବେହେରା, ବୟସ ୭୨ ବର୍ଷ,
ସା.- ଓଗାଳପଡ଼ା, ସାମିଲ- ରାଧାଚରଣପୁର, ପୋଷ୍ଟ- ଯାଆଁଳା,
ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା ... ... ... ପ୍ରତିବାଦିନୀ ନଂ.୧

ଏତଦ୍ୱାରା ପ୍ରତିବାଦିନୀ ନଂ.୧ଙ୍କର ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଅଦାଲତ ନଂ.-୩ ଇଜିଲାସ, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତାରିଖ ୧୬।୦୩।୨୪ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ତଫସିଲ

ମୌଜା: ଓଗାଳପଡ଼ା, ଥାନା- ଜଟଣୀ, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ସାବକ | ୩୫୯ | ୫୦୨ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ଡି. | ସ୍ଥିତିବାନ | ଶାରଦ ଅଣଜଳସେଚିତ- ଦୁଇ |
| ସାବକ ମିଉଟେସନ | ୨୫୫/୮ | ୫୦୨/୧୧୪୯ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ ଡି. | ସ୍ଥିତିବାନ | ଏଜନ |

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ହାଲ | ୫୧୨ | ୯୦୬ | ଏ୦.୫୦୦ଡି., ସମ୍ବନ୍ଧ ୧.୦୦୦ଡି. | ସ୍ଥିତିବାନ | ଶାରଦ ଅଣଜଳସେଚିତ- ଦୁଇ |

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦିନୀ ନଂ.୧ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା୧୯.୦୨.୨୪

**ଭୁବନେଶ୍ୱର ମାନ୍ୟବର ଅତିରିକ୍ତ ଡିଭିଜନ ଅଦାଲତ ନଂ.-୩ ଭୁବନେଶ୍ୱରଙ୍କ ଆଦେଶ କ୍ରମେ ଆଦେଶ ଅନୁଯାୟୀ**
**ସ୍ୱା./- କୋର୍ଟ ଅଫିସର**

ଧ-୭୫୮୦୧

# ପୋଲିସର ଆଶ୍ରୟ ନେଲେ ବିଦ୍ୟା



ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବଲାନ ନିଜ ନାମରେ ଏକ ନକଲି ଇନ୍‌ଷ୍ଟାଗ୍ରାମ ଆଇଡିକୁ ନେଇ ପୁଣି ଅସୁବିଧାରେ ପଡ଼ିଛନ୍ତି। କିନ୍ତୁ ଏଥର ବିଦ୍ୟା ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୋଲିସ ନିକଟରେ ଏଫ୍ଆଇଆର୍ ଦାଖଲ କରିଛନ୍ତି। ବୁଧବାର ଏନେଇ ମୁମ୍ବାଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଜଣେ ଅଜ୍ଞାତ ବ୍ୟକ୍ତି ତାଙ୍କ ନାମରେ ଏକ ନକଲି ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଖୋଲିଥିବା ସେ ଅଭିଯୋଗ କରିଛନ୍ତି। ଏହି ନକଲି ଆଇଡିକୁ ସମ୍ପୃକ୍ତ ବ୍ୟକ୍ତି ଜଣକ ବିଦ୍ୟାଙ୍କ ଆଇଡି ଦର୍ଶାଇ ଅନେକ ଲୋକଙ୍କୁ ବିଭିନ୍ନ ଚଳଚ୍ଚିତ୍ରରେ କାମ କରିବାର ସୁଯୋଗ ଦେବା ବାହାନାରେ ଟଙ୍କା ହଡ଼ପ କରୁଥିଲେ। ମୁମ୍ବାଇର ଖାର ପୋଲିସ ଆଇଟି ଆକ୍ଟର ଧାରା ୬୬(ଏ) ଅନୁଯାୟୀ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସାଧାରଣତଃ ବିଦ୍ୟା ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଯେ କୌଣସି ନୂତନ ଟ୍ରେଣ୍ଡ୍ କିମ୍ବା ତାଙ୍କ ଚଳଚ୍ଚିତ୍ର ସମ୍ପର୍କିତ ଫଟୋ ଓ ଭିଡିଓ ଶେୟାର କରୁଥିବା ବେଳେ ତାଙ୍କ ନାମରେ ରହିଥିବା ବିଭିନ୍ନ ନକଲି ଆଇଡି କାରଣରୁ ସେ ଦୀର୍ଘ ଦିନ ହେବ ଚିନ୍ତିତ ଥିଲେ।

# ଶୃଙ୍ଖଳିତ ଆଦର୍ଶ ଜୀବନ ମୂଳମନ୍ତ୍ର

## ବିଶ୍ୱ ସ୍କାଉଟ୍ସ ଦିବସ

**ବି**ଶ୍ୱବ୍ୟାପୀ ଫେବୃୟାରୀ ୨୨କୁ ସ୍କାଉଟ ଦିବସ ଭାବେ ପାଳନ କରାଯାଇଥାଏ। କୋଟି କୋଟି ସ୍କାଉଟ ଏହି ଦିନଟିକୁ ବିଭିନ୍ନ ସ୍ଥାନରେ ପାଳନ କରିଥାନ୍ତି। ଏହିଦିନ ବ୍ରିଟେନ୍‌ର ଲ୍ୟୁଟ୍‌ନାଣ୍ଟ ଜେନେରାଲ ବଡେନ ପାଓ୍ୱେଲ ଜନ୍ମ ଗ୍ରହଣ କରିଥିଲେ। ଜଣେ ସେନା ଅଧିକାରୀ, ଲେଖକ ଓ ସମାଜ ସଂସ୍କାରକ ଭାବେ ସେ ବେଶ୍ ଜଣାଶୁଣା। ବିଶ୍ୱର ସେ ପ୍ରଥମ ଚିଫ୍ ସ୍କାଉଟ ହୋଇଥିବାରୁ ତାଙ୍କ ଜନ୍ମଦିନ ୧୮୫୭ ଫେବୃୟାରୀ ୨୨କୁ ବିଶ୍ୱ ସ୍କାଉଟ ଦିବସ ଭାବେ ପାଳନ କରାଯାଇ ଆସୁଛି। ତାଙ୍କ ସ୍ତ୍ରୀ ଓଲେଭ ବଡେନ ପାଓ୍ୱେଲ ସ୍କାଉଟିଂ ଓ ଗଲର୍ସ ଗାଇଡ୍ ପ୍ରତିଷ୍ଠାତା ଥିଲେ। ଦୁହିଁଙ୍କ ପ୍ରେରଣା କେବଳ କେନିଆ ନୁହେଁ, ସାରା ବିଶ୍ୱକୁ ବାଟ ଦେଖାଇଥିଲା।

ବିଭିନ୍ନ ସ୍କାଉଟ୍ ସଂଘ ପକ୍ଷରୁ ଏହି ଦିବସକୁ ପ୍ରତିଜ୍ଞା ଦିବସ ଭାବେ ମଧ୍ୟ ପାଳନ କରାଯାଉଛି। ଗଲର୍ସ ଗାଇଡ୍ ଓ ଗଲର୍ସ ସ୍କାଉଟ୍ ପକ୍ଷରୁ ଏହି ଦିବସକୁ ବିଶ୍ୱ ଚିନ୍ତନ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିବସ ସମସ୍ତ ସ୍କାଉଟ ଓ ଗଲର୍ସ ଗାଇଡ୍‌ମାନେ ନିଜକୁ ଶୃଙ୍ଖଳିତ କରିବା ଓ ଆନ୍ଦୋଳନର ଆଦର୍ଶକୁ ବଜାୟ ରଖିବା ଲାଗି ପ୍ରତିଜ୍ଞା କରିଥାନ୍ତି। ସମୟକ୍ରମେ ବିଭିନ୍ନ ଦେଶରେ ସ୍କାଉଟ ଓ ଗାଇଡ୍ ନିୟମାବଳୀ ବଦଳିଥିଲେ ହେଁ ଜଣେ କିପରି ଶୃଙ୍ଖଳାର ସହ ଆଦର୍ଶ ଜୀବନ ବିତାଇପାରିବ ଓ ସମାଜ ଲାଗି ଉଦାହରଣ ସୃଷ୍ଟି କରିପାରିବ, ସେନେଇ ଚିନ୍ତା କରିବା ସହ ଏହି ଦିବସ ପାଳନ ଅବସରରେ ପ୍ରତିଜ୍ଞା ନେଇଥାନ୍ତି।



ବଡେନ ପାଓ୍ୱେଲ

ବିପଦ ସମୟରେ ସ୍କାଉଟ୍ସମାନେ ସହାୟତାର ହାତ ବଢ଼ାଇଥାନ୍ତି। ତେଣୁ ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇଥାଏ। ପ୍ରଥମେ ୧୯୨୦ରେ ପ୍ରଥମ ବିଶ୍ୱ ସ୍କାଉଟ୍ସ ସମ୍ମିଳନୀର ଲଣ୍ଡନ ସଂସ୍କରଣରେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ରବର୍ଟ ବାଡେନ-ପାଓ୍ୱେଲଙ୍କ ଜନ୍ମଦିନରେ ଏହି ଦିବସ ପାଳନ ଲାଗି ମତ ପ୍ରକାଶ ପାଇଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। ବିପଦ ସମୟରେ ମାନବ ସମାଜ ପାଖରେ ବନ୍ଧୁ ଭଳି ଠିଆହେବାକୁ ସ୍କାଉଟ୍ସ ଦିବସ ଶିକ୍ଷା ପ୍ରଦାନ କରିଥାଏ।

# ବଲିଉଡ୍ ଗୀତର ତାଳେ ତାଳେ ଝୁମିଲେ ବିଦେଶୀ କଳାକାର



ନୂଆଦିଲ୍ଲୀ

ବିଭିନ୍ନ ବଲିଉଡ୍ ଫିଲ୍ମର ପ୍ରସିଦ୍ଧ ଗୀତଗୁଡ଼ିକର କ୍ରେଜ୍ କେବଳ ଭାରତରେ ନୁହେଁ ବରଂ ପୂରା ଦୁନିଆରେ ଥାଏ, ଏହା ପୁଣି ପ୍ରମାଣିତ ହୋଇଛି। ଏପରି ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଦୁଇ ବିଦେଶୀ କଳାକାର ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍ ଏବଂ କାଜଲଙ୍କ ଆଇକନିକ୍ ଫିଲ୍ମ 'କୁଛ୍ କୁଛ୍ ହୋତା ହେ'ର ଟାଇଟଲ ଗୀତରେ ନାଚୁଥିବା ନଜର ଆସୁଛନ୍ତି। ଉଭୟ କଳାକାର ଗୀତକୁ ଉପଭୋଗ କରିବା ସହ ବିନା ଦ୍ୱିଧାରେ ଏକ ଲୟରେ ନାଚୁଥିବା ଭିଡିଓରୁ ଜଣାପଡୁଛି।

# ବାହାଘର ଭୋଜିରେ ରାଜକୀୟ ଶୈଳୀ



ଚେନ୍ନାଇ

ବିବାହକୁ ସ୍ୱତନ୍ତ୍ର ଏବଂ ସ୍ମରଣୀୟ କରିବା ପାଇଁ ସମସ୍ତେ କିଛି ନା କିଛି ନୂଆ ପ୍ରୟାସ କରିଥାନ୍ତି। ଏଥିପାଇଁ ଅନେକ ବ୍ୟକ୍ତି ପାଣି ପରି ଟଙ୍କା ଖର୍ଚ୍ଚ କରିବାକୁ ମଧ୍ୟ ପଛାନ୍ତି ନାହିଁ। ଏହିପରି ଏକ ବିବାହର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଛି। ଭାଇରାଲ ହେଉଥିବା ଏହି ଭିଡିଓରେ ଅତିଥିମାନଙ୍କ ପାଇଁ ରାଜ ସିଂହାସନ ଡିଜାଇନ୍ ସହ ଚେୟାର ସ୍ଥାପନ କରାଯାଇଥିବାବେଳେ, ଏଥିରେ ରାଜକୀୟ ଶୈଳୀରେ ପରିବେଷଣ କରାଯାଉଥିବା ଖାଦ୍ୟକୁ ଅତିଥିମାନେ ଉପଭୋଗ କରୁଥିବା ଦେଖିବାକୁ ମିଳୁଛି। ଏହି ବିବାହ ଉତ୍ସବକୁ ଆସିଥିବା ଅତିଥିମାନେ ସିଂହାସନ ଡିଜାଇନ୍ ସହ ରହିଥିବା ରାଜକୀୟ ଚେୟାରରେ ବସିଥିବା ବେଳେ ଏକ ସ୍ୱତନ୍ତ୍ର ଷ୍ଟାଣ୍ଡ ଉପରେ ତାଙ୍କୁ ଖାଦ୍ୟ ପରଷା ଯାଉଥିଲା। ସାମାଜିକ ଗଣମାଧ୍ୟମରେ ବିବାହର ଏଭଳି ଆୟୋଜନକୁ ଦେଖି ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ତେବେ ଉକ୍ତ ବାହାଘରରେ ଅତିଥିଙ୍କ ପାଇଁ ଏଭଳି ରାଜକୀୟ ବ୍ୟବସ୍ଥାକୁ ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। କେତେଜଣ ଲୋକ ଏପରି ବ୍ୟବସ୍ଥାକୁ ଅନନ୍ୟ ଓ ଚମତ୍କାର କହି ପ୍ରଶଂସା କରିବାକୁ ଥକି ନା ହାନ୍ତି। ସେହିପରି ଅନେକ ଲୋକ ବିବାହରେ ଏପରି ରାଜକୀୟ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି। ଭାରତରେ ଏବେ ମଧ୍ୟ ଅନେକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ବେଳେ, ଗୋଟିଏ ବିବାହରେ ଏତେସଂଖ୍ୟାରେ ଖର୍ଚ୍ଚ କରିବାକୁ ଲଜ୍ଜାଜନକ କହି ଅନେକ ୟୁଜର୍ସ କମେଣ୍ଟ କରିଛନ୍ତି। ଆଜିର ଦିନରେ ବିବାହକୁ ସ୍ମରଣୀୟ ଓ ଭବ୍ୟ କରିବା ପାଇଁ ଲୋକେ କେଉଁ ସ୍ତରକୁ ପହଞ୍ଚି ପାରନ୍ତି ତାହା ଏହି ଭିଡିଓରୁ ପ୍ରମାଣିତ ହେଉଛି ବୋଲି କିଛି ୟୁଜର୍ସ ମତ ଦେଇଛନ୍ତି।

---

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR**
Phone:0680-2281582, e-mail:ccescbam@gmail.com
**INVITATIONS FOR BIDS (IFB) (e-Procurement)**
Bid Identification No.CCE,S.C.(R&B)-BAM-29/2023-24
No.402// Dated 06.02.2024

**SHORT TENDER CALL NOTICE**

**No.B-1775:**1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building works as detailed in the table below. 2) Nature of Work : Building Works, 3) No. of Work : 3 Nos.
4) Tender Cost : Rs.10,000/- (online). 5) Class of Contractor: "B" Class and "A" Class. 6) Availability of Bid document in the website: From 20.02.2024 10.00 A.M. to 26.02.2024 5.30 PM, 7) Date of Opening of Bid : 27.02.2024 at 11.30 A.M. 8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. 9) Any addendum/ corrigendum/ cancellation of tender can also be seen in the said website only.

Sd./- (D.C. Behera)
Chief Construction Engineer
Southern (R&B) Circle, Berhampur

OIPR-34103/11/0031/2324

---

**OFFICE OF THE DIVISIONAL FOREST OFFICER DHENKANAL DIVISION**
Tele Fax No.0676-2226717,
e-mail Id-dfo.dhenkanal@gmail.com

**TENDER FOR SUPPLY OF ANIMAL FEED TO KAPILASH ZOO FOR THE YEAR 2024-25 OF DHENKANAL DIVISION**

**No.MM-452:**The tender for supply of Animal Feed Items to Kapilash Zoo for the year 2024-25 is invited from intending persons / firms. The tender will be received till 5.00 PM of 29.02.2024 by Post and to be opened on 01.03.2024 at 11.30 P.M. in Divisional Forest Office, Dhenkanal for Detail particulars, the undersigned may be contacted during office hours.

Sd./- Divisional Forest Officer
Dhenkanal Division
OIPR-08037/11/0016/2324

---

**DISTRICT WELFARE OFFICE, BARGARH**
**NOTICE INVITING TENDER**

No. 480 Dated: 17.02.2024

No. V-74: Sealed item rate tenders are invited in 'Double Cover System' by District Welfare Office, Bargarh from intended reputed Firms/Agencies/Vendors for **"Supply of Musical Instruments and Dance Costumes"** having valid GST Certificate, PAN Card and required test certificates in conformity with Detailed Tender Call Notice.

The bid documents consisting of detailed specifications, schedule of quantity and a set of terms and conditions and other necessary documents can be seen and purchased from the Office of the DWO, Bargarh on payment of Rs.5,000/- (Rupees five thousand only) per set in shape of Demand Draft in favour of District Welfare Office, payable at Bargarh during office hours except Sundays and Holidays till last date of sale of bid documents. The bid document is also available in the district portal **http://bargarh.nic.in** and can be downloaded till last date of sale of bid documents. The bids downloaded from district portal must be submitted with tender paper cost of Rs.5,000/- (Rupees Five thousand only) in shape of Demand Draft (Non-refundable) in favour of DWO, Bargarh, payable at Bargarh otherwise the bid will be liable for rejection. Bids must be accompanied with required EMD of Rs.10000.00 (Rupees ten thousand only) in shape of Demand Draft, duly pledged in favour of DWO, Bargarh. Bids without E.M.D. or in other shape will not be considered and liable for rejection. The EMD of the unsuccessful bidders shall be returned.

Bidders are required to submit with technical bids and financial bids in separate sealed envelopes super-scribing "Technical Bid" and "Financial Bid" and finally enclosing in a large envelope super scribing tender papers for Supply of Musical Instruments and Dance Costumes.

The sale of bid documents starts from 17.02.2024 at 10 A.M. and close on dated 26.02.2024 till 5 P.M. The bid documents will be received upto 26.02.2024 till 5 P.M. through Registered/Speed Post only. Tenders received through any other mode shall not be accepted. Bids will be opened on 27.02.2024 at 3.00 P.M. in the Conference Hall of Collectorate, Bargarh in the presence of the bidder(s) and/or their authorized representatives. The financial bids of unsuccessful bidders will not be opened.

Tenders received after due date and time shall not be accepted. DWO, Bargarh shall not be held responsible for any postal delay or delay due to any other reason(s) beyond its control. The tenders/bids sent through electronic means/courier shall not be accepted. Any corrigendum/addendum (if any) will be uploaded in the above-mentioned website.

The bids incomplete in any shape shall not be accepted and liable for rejection.

The tender committee reserves the right to accept/reject any or all tenders/bids without assigning any reason thereof.

For any queries, the undersigned may be contacted within office hour (10 A.M. to 5 P.M. except on Govt. Holidays).

**Address:** District Welfare Office, Bargarh
At: Collectorate, Bargarh - 768028
Phone (Office): 06646-230956, Mob.: 7377075510
Email: **dwobargarh@gmail.com**

OIPR-19403/11/0002/2324 Sd./- Collector, Bargarh

---

**ADVERTISEMENT FOR SUPPLY THERMAL PAPER ROLL TO THE BHIMA BHOI MEDICAL COLLEGE & HOSPITAL, BALANGIR**

No. E-856: Sealed tender is invited from Organization/Firms/Agencies for Supply of Thermal Paper Roll to the Bhima Bhoi Medical College & Hospital, Balangir. The tender paper completed in all respect should be submitted separately for the services to the undersigned on or before Dt.02.03.2024 upto 05.00 P.M. in the Office of the Superintendent, BBMC&H, Balangir. The details and terms and conditions can be downloaded from **https://bbmchbalangir.nic.in**, **www.dmetodisha.gov.in** and **https://balangir.nic.in/**.

Sd./- Superintendent
Bhima Bhoi Medical College & Hospital, Balangir
OIPR-10141/11/0030/2324

---

**OFFICE OF THE NOTIFIED AREA COUNCIL KASHINAGAR, GAJAPATI**
e-mail:kasinagam.hud@nic.in

Notice No.234/NAC Date:16.02.2024

**e-Procurement Notice**
**BID REFERENCE NO: KNGR/NAC/08/2023-24**

No.C-Bid documents consists of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in.
1. Nature of Work: Civil Work
2. No. of Works : 16 Nos.
3. Bid Value : Rs.2.21 Lakhs to Rs.15.73 Lakhs
4. Period of Completion:As per DTCN
5. Date and Time of availability of the document in portal: 19.02.2024 from 10.00 AM to 28.02.2024 upto 6.00 P.M.
6. Bids received online shall be opened on: 02.03.2024 at 11.00 A.M.
7. Name & Address of the Officer inviting tender: Executive Officer, Kashinagar NAC, Gajapati

Sd./- Executive Officer, N.A.C., Kashinagar, Gajapati
OIPR-13116/11/0013/2324

---

**OFFICE OF THE CHIEF ENGINEER & BASIN MANAGER SUBARNAREKHA & BUDHABALANGA BASIN LAXMIPOSI, DIST: MAYURBHANJ, ODISHA, PIN:757107**
Tel.No.9438477985, Email:cebmsbb2019@gmail.com
Bid Identification No.40/23-24 of CEBM, SBB, Laxmiposi
Online tenders are invited from Super Class or Equivalent Grade Bidders on EPC Contract

**No.A-1551:**

| Name of Work | Class/EMD/Tender Fee/ Period of Completion |
|---|---|
| Name of Work: Under Ground Pipe Line Irrigation in the Command Area of Betnoti Branch Canal & Its Systems (from RD 18.49 km to RD 26.26 km) of Subarnarekha Irrigation Project, Laxmiposi, Mayurbhanj, Odisha | (1) Class of Contractor: Super Class or Equivalent Grade Bidders (2) EMD: Rs.2,29,57,900/-, (3) Tender Fee: Rs.10,000.00 to be transferred online (non Refundable). (4) Period of Completion: 30 (Thirty) calendar months including rainy seasons. |

A. Period of Availability of Bid document in the Portal : From 20.02.2024, 10.00 AM to 04.04.2024, 5.00 PM
B. Date & Time For Pre-Bid Conference : 07.03.2024, 11.00 AM
C. Last date & time for receipt of Bid : 04.04.2024, 5.00 PM
D. Place of Sale & Receipt of Bid : Online thorugh e-Procurement
E. Time and Date of Opening of Technical Bid : 08.04.2024, 11.00 AM
F. Place of Opening of Bid : O/o. the Chief Engineer & Basin Manager Subarnarekha & Budhabalanga Basin,Laxmiposi
G. Further details can be seen from E-procurement portal "https://www.tendersodisha.gov.in."

Sd./- Chief Engineer & Basin Manager
Subarnarekha & Budhabalanga Basin,
Laxmiposi
OIPR-32429/11/0006/2324

---

**GOVERNMENT OF ODISHA** No.A-1552:
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER SUBARNAREKHA & BUDHABALANGA BASIN AT/PO- LAXMIPOSI, DIST: MAYURBHANJ**
Mail id: cebmsbb2019@gmail.com
Government of Odisha "e" PROCUREMENT NOTICE
Bid Identification No.41/23-24 of CEBM, SBB, Laxmiposi

| | | |
|---|---|---|
| 1 | Name of Work | A Construction of Bhalubasa Minor from RD 00m to RD 1700M alongwith Minors and Sub-Minors including all structures with CC lining and service road. |
| | | B. Construction of Minor & Sub-Minors directly offtaking from Raghunathpur Distributary between RD 9300 m to RD 10220 m including all structures, CC lining and service road. |
| | | C. Construction of Bhanupur Minor offtaking at RD 1700M of Bhalubasa Minor and its Sub-Minors including all structures with C.C. lining and service road. |
| 2 | Estimated Cost | A. Rs.2885.37 Lakh |
| | | B. Rs.1996.78 Lakh |
| | | C. Rs.1988.39 Lakh |
| 3. | Bid Security/E.M.D. | A. Rs.28,85,400/- |
| | | B. Rs.19,96,800/- |
| | | C.Rs.19,88,400/- |
| 4. | Period of Completion | For S.L.No. A, B & C -24 (Twenty Four) Calendar Months |
| 5. | Class of Contractor | For Sl.No. A-"Special" Class and "Super" Class & For Sl. No. B & C- "A" Class and "Special" Class. |
| 6. | Date & Time of availability of bid document in the portal | 21.02.2024 at 10.00 A.M. |
| 7. | Last date/time for receipt of bid in the portal | 13.03.2024 upto 5.00 P.M. |
| 8 | Date & Time For Pre-Bid Conference (For Sl.No.A) | 01.03.2024 from 11.30 A.M. to 12.00 Noon in Office of the CE & BM, S & B Basin, Laxmiposi |
| 9 | Date of Opening of Bid | 14.03.2024 at 11.00 A.M. |
| 10 | Name & Address of the O.I.T. | Chief Engineer & Basin Manager, O/O the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in.

Sd./- Chief Engineer & Basin Manager
Subarnarekha & Budhabalanga Basin,
Laxmiposi, Mayurbhanj
OIPR-32429/11/0005/2324

---

**ODISHA PUBLIC SERVICE COMMISSION, CUTTACK**
**NOTICE**

No. 1031/PSC Dt.20.02.2024
(1E-03-2023-24) (DR-II)

No. D-236: In continuation to this office Notice No. 978/PSC, Dtd.17.02.2024, it is for information of all concerned that, the Basic Computer Practical Skill Test and Physical verification of original certificates/documents in respect of **78 provisionally shortlisted candidates** for recruitment to the post of **Junior Assistants** for the Office of OPSC, pursuant to Advertisement No. 13 of 2023-24 will be held at **SUDDHANANDA ENGINEERING & RESEARCH CENTRE, NACHHIPUR, BHATAPATNA, CUTTACK - 752115** as per the following programme:

**PROGRAMME FOR CONDUCT OF PRACTICAL SKILL TEST**

| Date | Time | Generation of Printout of Answer Sheets |
|---|---|---|
| 24.02.2024 (Saturday) | 10.00 A.M. to 11.00 A.M. (10.00 A.M. to 11.20 A.M. for PWD Candidates) | 11.00 A.M. to 12.00 Noon (11.20 A.M. to 12.00 Noon for PWD Candidates) |

The candidates are required to download the **"Admission Certificate" & "Instructions to Candidates"** from website of the Commission **www.opsc.gov.in** from 21.02.2024 onwards.

**PROGRAMME FOR DOCUMENT VERIFICATION**

| Date & Time | Venue | Roll Nos. of Candidates | TEAM |
|---|---|---|---|
| 24.02.2024 (Saturday) 12.00 Noon to 2.00 P.M. | SUDDHANANDA ENGINEERING & RESEARCH CENTRE, NACHHIPUR, BHATAPATNA, CUTTACK - 752115 | 101007, 101456, 102246, 102653, 103067, 103328, 200519, 201187, 202866, 300152, 300283, 301318, 301797, 302023, 302052, 302305, 302314, 302482, 302497, 303211, 303756, 304124, 304708, 304847, 305241, 306021, 306276, 308101, 308317, 308598, 308719, 308739, 308778, 308930, 309112, 309779, 310269, 310286 & 310410 = **39 Candidates** | Team - I |
| | | 311450, 311524, 312622, 312806, 313511, 313831, 313839, 314157, 314468, 314520, 314912, 315221, 315452, 315631, 316181, 316524, 316727, 316780, 316830, 400114, 400155, 400332, 400350, 401491, 401775, 402446, 403242, 403279, 403366, 403736, 404402, 404584, 405539, 406813, 406969, 406994, 500164, 501791 & 503006 = **39 Candidates** | Team - II |

The candidates are required to come with hard-copies of online application forms (indicating their Roll Nos. at the top right corner), three passport size photographs, self-attested copies of all relevant certificates, documents, proof of identity etc. with original of the same as per Para - 10 of the aforesaid advertisement and duly filled in "Attestation Form" (to be downloaded from the website of the Commission) and submit the same in person on the day of verification. While submitting the hard copy of online application form the candidates are requested to mask the Mobile No./alternative Mobile No. and e-mail ID through **blackening**.

It is also made clear that the candidature of the candidates for the recruitment is purely provisional. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

OIPR-12002/11/0154/2324 Sd./- Secretary

---

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, EASTERN CIRCLE-II, CHANDIKHOLE**
Email Id:seec2chandikhole@gmail.com

**No.A-1555:** "e" Procurement Notice No.ACE, EC-II 15 of 2023-24 (Online)

| | | | |
|---|---|---|---|
| 1 | Name of the Works | 1 | Development of Baraha Ghat near Saptamatruka Left Barrage of River Baitarani |
| | | 2 | Development of Dashashwamedha Ghat near Saptamatruka Right Barrage of River Baitarani |
| | | 3 | Improvement to 1C canal Embankment of Jajpur Canal system from Champa to Sasanapada Chhak and communication facility to Left Bank of 1E Disty. From RD. 2.365 Km to RD.10.562 Km of Jajpur Canal system and improvement to Communication facility on Right Bank of Disty. No.03 Main of HLC Range III from RD. 3.30 Km to RD 7.670 Km and Right Bank of Disty. No.1 of HLC range III from RD.00 Km to Tail under scheme Capex. (Working RD 1.25 Km to 3.00 Km & 5.00 Km to 7.10 Km on Right Bank of Disty. No.3 Main & from RD. 00 Km to 1.28 Km of 3 A Disty of HLC Range III) |
| 2 | Total No. of Packages | : | 03 (Three) Nos. individual Packages |
| 3 | Tender Cost | 1 | Rs.832.25 Lakh (Approximately) |
| | | 2 | Rs.835.71 Lakh (Approximately) |
| | | 3 | Rs.292.89 Lakh (Approximately) |
| 4 | Cost of Bid document (Non Refundable) | : | Rs.10,000.00 (Online payment) for each package |
| 5 | Bid Security | 1 | Rs.8,32,300/- |
| | | 2 | Rs.8,35,800/- |
| | | 3 | Rs.2,92,900/- |
| 6 | Class of Contractor | 1 | "A" & "Special" for Package No. 1 to 2 |
| | | | "A" & "B" for Package No.-3 |
| 7 | Period of Completion | 1 | 12 (Twelve) Calendar Months for Packages 1 & 2 |
| | | 2 | 06 (Six) Calendar Months for Package 3 |

8. Other details are as follows:

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Additional Chief Engineer, Eastern Circle-II, Chandikhole | ACE, EC-II JPD 23 of 2023-24<br>ACE, EC-II JPD 24 of 2023-24<br>ACE, EC-II JPD 25 of 2023-24 | 23.02.2024 at 10.00 A.M. | 11.03.2024 upto 5.00 PM | 12.03.2024 at 11.30 A.M. |

9. e-mail Id: seec2chandikhole@gmail.com
Further detailed conditions can be seen from the Govt. website www.tendersorissa.gov.in.

OIPR-32322/11/0019/2324 Sd./- Additional Chief Engineer, Eastern Circle-II, Chandikhole

---

**GOVERNMENT OF ODISHA** No. O-2542
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL**
E-Mail: sencrwangul@yahoo.co.in, Ph.: 06764-236404
**E-PROCUREMENT NOTICE FOR MAINTENANCE WORK IN ODISHA**

No. 513 Dt.13.02.24

1. Name of the Work : Maintenance Works
2. Total No. of Work : 5 Nos.
3. Estimated Cost : Rs.103.53 Lakhs to Rs.110.53 lakhs
4. Class of Contractor : 'B' & 'A' Class
5. Period of Completion : 03 (Three) Calendar Months and Five Years routine maintenance
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender Clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Maintenance Online AGL-48/2023-24 | 19.02.2024 at 10.00 A.M. | 28.02.2024 upto 5.00 P.M. | 27.02.2024 upto 1.00 P.M. | 28.02.2024 at 5.10 P.M. | Will be intimated later on |

For detailed Notice inviting tenders, please visit to the website **http://www.pmgsytenders.gov.in**.

OIPR-25180/11/0074/2324 Sd./- Chief Construction Engineer, Rural Works Circle, Angul

---

**GOVERNMENT OF ODISHA** No.C-3080:
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA**
e-mail: eephd.rgda.od@nic.in, eephdrgda@gmail.com
**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO.EEPHDRAYAGADA-66/2023-24, DT.07.02.2024**

| Sl. No. | Name of the Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1 | Augmentation of Water Supply to Gunupur Town (Zone-4 and Zone-5) | EEPHDRAYAGADA - 66/2023-24 Dtd.07.02.2024 | 285.08 | 'B' and 'A' Class | 6 (Six Months) | 22.02.2024 (11.00 Hr) | 07.03.2024 (17.00 Hr) |

Name & Address of Officer Inviting Bid : Executive Engineer, P.H. Division, Rayagada
Email:eephd.rgda.od@nic.in, eephdrgda@gmail.com

❖Further details can be seen from the e-Procurement portal "https://www.tendersorissa.gov.in."
❖**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

SD./- EXECUTIVE ENGINEER
P.H. DIVISION, RAYAGADA
OIPR-13052/11/0033/2324

# ଅନନ୍ୟାଙ୍କୁ ମିଳିଗଲା...

କଥାରେ ଅଛି–ଏମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା । ନିଜ ଅଭିନୟ କ୍ୟାରିୟରରେ ଚଙ୍କି ତନୟା ଅନନ୍ୟା ପାଣ୍ଡେ ଯେଉଁଭଳି ଭୂମିକାରେ ଅଭିନୟ କରିବାକୁ ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି । ନିକଟରେ ତାଙ୍କର ଆଗାମୀ ଫିଲ୍ମ 'ଶଙ୍କର'ର ପ୍ରଚାର ପ୍ରସାର ଅବସରରେ ସେ ଏକଥା କହିଛନ୍ତି । ସତ୍ୟ ଘଟଣା ଉପରେ ଏହାର କାହାଣୀ ଆଧାରିତ । ଭାରତ ସ୍ୱାଧୀନତା ସଂଗ୍ରାମର ଲୋମହର୍ଷଣକାରୀ ଘଟଣା ମଧ୍ୟରୁ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଅନ୍ୟତମ ଥିଲା । ଶଙ୍କରନ ନାୟର ନାମକ ଜଣେ ବ୍ୟକ୍ତି ଏହି ହତ୍ୟାର ପ୍ରକୃତ କାରଣ ଖୋଜିବାକୁ ଅଣ୍ଟା ଭିଡ଼ିଥିଲେ । ତାଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହୋଇଛି ଉକ୍ତ ସିନେମା । ଏହାର ଟାଇଟଲ ଭୂମିକାରେ ଅକ୍ଷୟ କୁମାର ଅଭିନୟ କରିଥିବା ବେଳେ ତାଙ୍କର ପତ୍ନୀ ସାଜିଛନ୍ତି ଅନନ୍ୟା । ଏ ବିଷୟରେ ଅନନ୍ୟା କୁହନ୍ତି, 'ବାସ୍ତବରେ ଏଭଳି ସ୍ୱାଧୀନତା ସଂଗ୍ରାମକୁ ଆଧାରକରି ନିର୍ମିତ ହେଉଥିବା ସିନେମାରେ ଅଭିନୟ କରିବାର ମଜ୍ଜା ନିଆରା । ଏଥିରେ ମୁଁ ଶଙ୍କରଙ୍କ ପତ୍ନୀ ପୁଷ୍ପା ରୋଲ୍‌ରେ ଅଭିନୟ କରିଛି । ଏଭଳି ଏକ ଭୂମିକା ମୋ କ୍ୟାରିୟରକୁ ଶତ ପ୍ରତିଶତ ମାଇଲେଜ ଦେବ ବୋଲି ଆଶା ରଖିଛି । ତେବେ ଦର୍ଶକ ଏହାକୁ କିପରି ଗ୍ରହଣ କରୁଛନ୍ତି ତାହା ରିଲିଜ୍ ପରେ ଜଣାପଡ଼ିବ ।' ଖାସ୍ କଥା ହେଲା, ଏଭଳି ଏକ ସିନେମାର ପ୍ରଯୋଜନା କରିଛନ୍ତି କରନ୍ ଜୋହର । ନିର୍ଦ୍ଦେଶନାଭାର ସମ୍ଭାଳିଛନ୍ତି କରନ୍ ସିଂ ତ୍ୟାଗୀ । ଅକ୍ଷୟ କୁମାର, ଅନନ୍ୟା ପାଣ୍ଡେଙ୍କ ବ୍ୟତୀତ ଏଥିରେ ଆର. ମାଧବନ୍‌ଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ । ଫିଲ୍ମଟି ଚଳିତ ମାସ ୨୮ରେ ପରଦା ଉପରକୁ ଆସିବାର ଯୋଜନା ରହିଛି । ତେବେ ଚିତ୍ରଟି ଅନନ୍ୟାଙ୍କ କ୍ୟାରିୟରକୁ କେଉଁ ମୋଡ଼ ଦେଉଛି ତାହା ଜାଣିବାକୁ ବାକି ରହିଲା । ଅନନ୍ୟାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର–୨'ରୁ । ତା'ପରେ ସେ 'ପତି ପତ୍ନୀ ଔର ଓ', 'ଖାଲି ପିଲି', 'ଗେହେରିୟାଁ', 'ଲାଇଜର', 'ରକି ରାନୀ କି ପ୍ରେମ୍ କାହାନୀ', 'ଡ୍ରିମ୍ ଗର୍ଲ–୨, 'ଖୋ ଗୟି ହମ୍ କାହାଁ' ଆଦି ସିନେମାରେ ଅଭିନୟ କରିସାରିଛନ୍ତି ।


ଅନନ୍ୟା

# ସ୍କ୍ରିନ୍ ନେମ୍ ଅନ୍ତରାଳେ..

ଥରେ ମନେପକାନ୍ତୁ ନା ରାଜ କୁମାର ସନ୍ତୋଷୀଙ୍କ 'ଦାମିନୀ' ଫିଲ୍ମର ଆଡଭୋକେଟ ଗୋବିନ୍ଦ ଚରିତ୍ରକୁ । ଏହାର 'ଢାଇ କିଲୋକା ହାତ୍ ଜିସ୍‌କା ଉପର ପଡେଗା ୱ ଉଠ୍ ନେହିଁ ପାୟେଗା..' ଆଜି ବି ଯୁବପିଢ଼ିଙ୍କ ମନରେ ସତେଜ ହୋଇ ରହିଛି । ଏଭଳି ଅନେକ ସିନେମାରେ ନିଜ ଅଭିନୟ ଛାପ ଛାଡିଥିବା ସେହି ଅଭିନେତାଙ୍କର ପରିଚୟ ଦେବା କେବଳ ଧୃଷ୍ଟତା ହେବ । ସେ ହେଲେ ସନ୍ନି ଦେଓଲ । ତାଙ୍କର ପ୍ରକୃତ ନାମ ଥିଲା ଅଜୟ ଦେଓଲ । ଯେତେବେଳେ ତାଙ୍କୁ ବଲିଉଡ୍ ଅଫର ମିଳିଲା ସେ ନିଜ ନାମ ପରିବର୍ତ୍ତନ କରିବାକୁ ଇଚ୍ଛା କରିଥିଲେ । ଏ ନେଇ ସନ୍ନି କହନ୍ତି, '୧୯୮୩ରେ ମୋ ଅଭିନୀତ ପ୍ରଥମ ସିନେମା 'ବେତାବ' ରିଲିଜ ହୋଇଥିଲା । ଯେତେବେଳେ ଏହି ଅଫରଟି ମୋତେ ମିଳିଲା ସେତେବେଳ ଏ ନେଇ ପାପା (ଧର୍ମେନ୍ଦ୍ର)ଙ୍କ ସହ ମୁଁ ବିଶଦ ଭାବରେ ଆଲୋଚନା କରିଥିଲି । ବଡ ପରଦାରେ ମୁଁ ଏକ ନୂଆ ନାମରେ ଆସିବାକୁ ଚାହୁଁଥିଲି । ଏହି ସମୟରେ ମୋ ମନକୁ ଆସିଲା ଯେ, ଯଦି ମୋ ନିକ୍ ନେମ୍ ସନ୍ନିକୁ ରଖନ୍ତି ତେବେ କେମିତି ହୁଅନ୍ତା । ଶେଷରେ ତାହା ହିଁ ହେଲା । ତା'ପରେ ମୁଁ ସନ୍ନି ଦେଓଲ ନାମରେ ପରିଚିତ ହୋଇଥିଲି ।' ତାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି 'ତ୍ରିଦେବ', 'ଘାୟଲ', 'ନରସିଂହା', 'ବିଶ୍ୱାତ୍ମା', 'ଦାମିନୀ', 'ଡର୍', 'ହିମ୍ମତ', 'ଜିତ୍', 'ଘାତକ', 'ଗଦ୍ଦର : ଏକ ପ୍ରେମ କଥା', 'ଇଣ୍ଡିଆନ୍' ଏବଂ ଗତ ବର୍ଷ ରିଲିଜ ହୋଇଥିବା 'ଗଦ୍ଦର–୨' ।


ସନ୍ନି ଦେଓଲ

# ଅଭିନୟ ପାଇଁ...

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ପରିଚିତା ତଥା ଦର୍ଶକାଦୃତା ଅଭିନେତ୍ରୀ ହେଉଛନ୍ତି ତାପସୀ ପାନ୍ନୁ । ପାଠ ପଢ଼ା ପରେ ତାଙ୍କୁ ଚାକିରିଟିଏ ମିଳିଥିଲା । ଜଣେ ସଫ୍ଟୱେର ଇଞ୍ଜିନିୟର ଭାବରେ ସେ କିଛି ଦିନ କାମ କରିଥିଲେ । କିନ୍ତୁ ଅଭିନୟ ନିଶା ତାଙ୍କୁ ପାଗଳ କରିଦେଇଥିଲା । ତେଣୁ ଚାକିରି ଛାଡି ସେ ଗ୍ଲାମର ଦୁନିଆରେ ପାଦ ଦେବାକୁ ସ୍ଥିର କରିଥିଲେ । ମଡେଲିଂରୁ କ୍ୟାରିୟର ଆରମ୍ଭ କରିଥିବା ତାପସୀ ପରବର୍ତ୍ତୀ ସମୟରେ ଗୋଟିଏ ପରେ ଗୋଟିଏ ହିଟ୍ ସିନେମାରେ ଅଭିନୟ କରି ନିଜକୁ ଜଣେ ନମ୍ବର ୱାନ ନାୟିକା ଭାବରେ ପ୍ରତିପାଦନ କରିଥିଲେ । ତାପସୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଝୁମାନ୍ଦି ନାଡାମ' । କେ. ରାଘବେନ୍ଦ୍ର ରାଓଙ୍କର ଏହି ସିନେମାରେ ସେ ନିଜ ଅଭିନୟ ଦକ୍ଷତା ଦେଖାଇବାକୁ ଭୁଲି ନ ଥିଲେ । ଆକ୍ଟିଂ କ୍ୟାରିୟରରେ ସେ ଅନେକ ତେଲୁଗୁ, ତାମିଲ,ମାଲାୟାଲମ ଏବଂ ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି । ତାପସୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଚଷମେ ବଦ୍ଦୁର' । ତା'ପରେ ସେ ହିନ୍ଦୀ ସିନେମା 'ବେବି', 'ପିଙ୍କ୍', 'ନାମ ସାହେବାନା', 'ସୁରମା', 'ମନମର୍ଜିୟାଁ', 'ବଦଲା' ଏବଂ 'ଡୁନ୍‌କି' ଆଦିରେ ଅଭିନୟ କରିସାରିଛନ୍ତି ।


ତାପସୀ

# ଶ୍ରୀମାନ୍ ଶ୍ରୀଯୁକ୍ତ

ନୂଆ ଓଡ଼ିଆ ସିନେମା 'ଶ୍ରୀମାନ୍ ଶ୍ରୀଯୁକ୍ତ'ର ଶୁଟିଂ ଏବେ ଚାଲୁରହିଛି । ଏହାର କାହାଣୀରେ ଲଭ୍, ଇମୋଶନ, କମେଡି, ଆକ୍ସନ ରହିଛି ବୋଲି ସୂଚନା ଦେଇଛନ୍ତି ଉକ୍ତ ଚିତ୍ରର ନିର୍ଦ୍ଦେଶକ ନିରଞ୍ଜନ ବେହେରା । 'ଜୟ ଶ୍ରୀରାମ'ରୁ ବଡ଼ ପରଦାରେ କ୍ୟାରିୟର ଆରମ୍ଭ କରିଥିବା ବବି ମିଶ୍ର ଏହାର ନାୟକ ସାଜିଛନ୍ତି । ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ଚୁଲ୍‌ବୁଲି ଲିପ୍‌ସା ମହାରଣା । ଅନେକ ଓଡ଼ିଆ ସିନେମାର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଇବା ପରେ 'ସିନ୍ଦୂର' ଫିଲ୍ମରୁ ପ୍ରଯୋଜକ ସାଜିଥିବା ପ୍ରଣୟ ଜେଠୀ ଏହାର ପ୍ରଯୋଜନା କରିଛନ୍ତି । 'ଯୋଗୀ' ଫେମ୍ ନିରଞ୍ଜନ ଚିତ୍ରଟିର କାହାଣୀ ଏବଂ ସଂଳାପ ମଧ୍ୟ ରଚନା କରିଛନ୍ତି । ବସନ୍ତରାଜ ସାମଲଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ୍ ଆନନ୍ଦ । ଶିରିଡ଼ି ସାଇବାବା ମୁଭିଜ୍ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ସିନେମାର ଅନ୍ୟାନ୍ୟ ଭୂମିକାରେ ସାନୁ ଓ ଅଭିନେତ୍ରୀ ସସ୍ମିତା, ପ୍ରଦ୍ୟୁମ୍ନ ଲେଙ୍କା, ଚୌଧୁରୀ ଜୟ ପ୍ରକାଶ ଦାସ, ରବି ମିଶ୍ର, ଲିପ୍ସା ମହାରଣା, ଛନ୍ଦିତା, ରାଜୀବ ମହାନ୍ତି ପ୍ରମୁଖ ଅଭିନୟ କରୁଛନ୍ତି । ସମାଜରେ ପ୍ରତିଦିନ ଘଟୁଥିବା କଥାକୁ କାହାଣୀର ରୂପ ଦେଇ କମେଡି ଧାରାରେ ଚଳଚ୍ଚିତ୍ର ନିର୍ମାଣ କଲେ ବେଶ୍ ଲୋକାଦୃତ ହେବ ବୋଲି କହନ୍ତି ପ୍ରଯୋଜକ ପ୍ରଣୟ ।

# ଅତୀତରୁ...

- ଏକାମ୍ର ଚିତ୍ରମ, ଭୁବନେଶ୍ୱର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଘର ବାହୁଡା' । ସୋମନାଥ ସାହୁଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଥିଲେ ସୋନା ମୁଖାର୍ଜୀ । ସାମୁଏଲ ସାହୁ (ବାବି), ସୁଜାତା ଆନନ୍ଦ, ସୁଜିତ, ନିରଞ୍ଜନ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ ।
- ଓଡ଼ିଆ ସିନେମା 'ବନ୍ଧନ'ର ପ୍ରଯୋଜନା କରିଥିଲେ ସ୍ୱର୍ଣ୍ଣ ପଟ୍ଟନାୟକ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ନିତାଇ ପାଲିତ । ପ୍ରଶାନ୍ତ ନନ୍ଦ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଏବଂ ଗୀତାଞ୍ଜଳି, ସାମୁଏଲ ସାହୁ (ବାବି), ଗୋବିନ୍ଦ ଏବଂ ଧୀର ବିଶ୍ୱାଳଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିଥିଲା ।
- ପ୍ରଭାତ ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚିତ୍ର 'ଜୀବନସାଥୀ' । ଶ୍ରୀନିବାସ ପାଇକରାୟଙ୍କ ପ୍ରଯୋଜନାରେ ଏଥିରେ ଶରତ ପୂଜାରୀ, ଗୀତାଞ୍ଜଳି, ମିନତି, ଧୀର ବିଶ୍ୱାଳ ପ୍ରମୁଖ କଳାକାର ଅଭିନୟ କରିଥିଲେ ।


ଶରତ ପୂଜାରୀ

# ଆଶା ଅସୁମାରି, ହେଲେ....

ସତରେ ଆଶା ଅସୁମାରି । ହେଲେ ସବୁ ଆଶା କ'ଣ ପୂରଣ ହୁଏ ? ଠିକ୍ ସେହିଭଳି ଏକ ନିପଟ ମଫସଲର ଜଣେ ଯୁବକ ସ୍ୱପ୍ନ ଦେଖୁଛି ଦିନେ ନା ଦିନେ ସେ ଜଣେ ନାମୀ ୟୁଟ୍ୟୁବର ହେବ । ହେଲେ ତାହାର ଏଭଳି ଆଶା ପୂରଣ ହେଉଛି ତ ? ହଁ, ଏଭଳି ଏକ ସାମ୍ପ୍ରତିକ କାହାଣୀକୁ ନେଇ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ସିନ୍ଦୂରା' । ଓଲିଉଡ୍‌ର ଅନ୍ୟତମ ନାମୀ ବ୍ୟାନର ରାସେଶ୍ୱରୀ ଏଣ୍ଟରଟେନମେଣ୍ଟର ଏହା ହେଉଛି ଷଷ୍ଠ ଅବଦାନ । ଏହି ପ୍ରଯୋଜନା ସଂସ୍ଥାର ପ୍ରଥମ ଚଳଚ୍ଚିତ୍ର 'ସତ୍ୟମେବ ଜୟତେ' ୨୦୦୮ରେ ମୁକ୍ତିଲାଭ କରି ସିନେ ସମୀକ୍ଷକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା ଓ କାହାଣୀ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ହାସଲ କରିଥିଲା । ଅନ୍ୟପକ୍ଷରେ ୨୦୧୩ରେ 'ଏସିପି ସାଗରିକା' ରିଲିଜ ହୋଇ ଦର୍ଶକୀୟ ସ୍ୱୀକୃତି ଲାଭ କରିଥିଲା । ଏହି ଫିଲ୍ମ ପାଇଁ ଅର୍ଚ୍ଚିତା ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ । ଉଭୟ ଚଳଚ୍ଚିତ୍ରର କାହାଣୀ ଲେଖିଥିଲେ ବିରଞ୍ଚି ନାରାୟଣ ପଣ୍ଡା । ସେହିପରି ନିର୍ମାଣାଧୀନ 'ସିନ୍ଦୂରା'ର କାହାଣୀ ମଧ୍ୟ ସେ ରଚନା କରିଛନ୍ତି । କେବଳ ସେତିକି ନୁହେଁ, ତା'ସହ ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ଏହି କାହାଣୀରୁ ଦର୍ଶକ ଶତ ପ୍ରତିଶତ ମନୋରଞ୍ଜନ ପାଇବେ । କାରଣ ଏହାକୁ ରଚନା କରିବା ସମୟରେ ଏବଂ ଶୁଟିଂ ବେଳେ ସବୁ ଦିଗ ପ୍ରତି ଆବଶ୍ୟକ ମୁତାବକ ଧ୍ୟାନ ଦିଆଯାଇଛି ବୋଲି କହନ୍ତି ଏହାର ନିର୍ଦ୍ଦେଶକ । ଚିତ୍ରଟିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଅଛନ୍ତି ଜିତେନ୍ଦ୍ର ଜେନା । ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମାନନ୍ଦ । ସଂଳାପ ଲେଖିଛନ୍ତି ନାଟ୍ୟକାର ବିଜୟ ଦାସ । ଅଭିଷେକ ଗିରି, ସୁପ୍ରିୟା ନାୟକ, ଉଷସୀ ମିଶ୍ର, ପ୍ରମୋଦ ରଥ,ଶଙ୍କର, ପ୍ରଜ୍ଞା, ଜୀବନ ପଣ୍ଡାଙ୍କୁ ଏଥିରେ ଦେଖିବାକୁ ମିଳିବ ।


ଚଳଚ୍ଚିତ୍ର 'ସିନ୍ଦୂରା'ରେ (ବାମରୁ) ଅଭିଷେକ–ସୁପ୍ରିୟା–ପ୍ରମୋଦ

# ନିଆରା ଅଭିନେତା

ଓଡ଼ିଆ ସିନେମାରେ ଭଲ ଅଭିନୟ ଲକ୍ଷ୍ୟ ନେଇ ଆସିଥିଲେ ଅଭିନେତା ଚକ୍ରଧର ଜେନା । ହଲିଉଡ୍ ସିନେମା 'ସିଟି ଅଫ୍ ଜୟ'ରୁ ଆରମ୍ଭ ହୋଇଥିଲା ତାଙ୍କର ବଡ ପରଦା କ୍ୟାରିୟର । ଜନ୍ମଭୂମି ଓଡ଼ିଶାକୁ ଫେରିବା ପରେ ଓଡ଼ିଆ ଧାରାବାହିକ 'ମାଟି ବୈକୁଣ୍ଠ'ରେ ତାଙ୍କୁ ସୁଯୋଗ ମିଳିଥିଲା । ଆଉ ଏଥିରେ ତାଙ୍କର ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ । ୧୯୮୩ରୁ ନ୍ୟାଶନାଲ ସ୍କୁଲ ଅଫ ଡ୍ରାମା (ଏନ୍‌ଏସ୍‌ଡି)ରୁ ପାସ କରିବା ପରେ ହଲିଉଡ୍ ସିନେମା 'ସିଟି ଅଫ ଜୟ', ହିନ୍ଦୀ ସିନେମା 'ସର୍ଦ୍ଦାର ପଟେଲ' ଓ ହିନ୍ଦୀ ଧାରାବାହିକ ଆଦିରେ ଅଭିନୟ କରିଥିଲେ । ଓଡ଼ିଆ ଧାରାବାହିକରେ ନିଜର ଅଭିନୟ ଦକ୍ଷତା ଦେଖାଇବା ପରେ ଚକ୍ରଧର ଓଡ଼ିଆ ସିନେମା 'ପଥର ଖସୁଛି ବଡ଼ଦେଉଳୁ', 'ରଣଭୂମି', 'ମାୟା', 'ଅର୍ଜ୍ଜୁନ', 'ଭଉଁରୀ' ଓ 'ଓମ୍ ନମଃ ଶିବାୟ' ଆଦିରେ ଅଭିନୟ କରିଥିଲେ ।

ଚକ୍ରଧର ଜେନା ଥିଲେ ଜଣେ ଭଲ ମଣିଷ । ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରରେ ପଢି ସାରିଲା ପରେ ଏନ୍‌ଏସ୍‌ଡିକୁ ଗଲେ । ଚାକିରି ମୋହ ତାଙ୍କୁ ଘାରି ନ ଥିଲା । ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଭବିଷ୍ୟତରେ ମୁଁ ଜଣେ ଭଲ କଳାକାର ହେବି । ଆଉ ଏଥିପାଇଁ ଅଭିନୟ ନିକଟରେ ସେ ନିଜକୁ ସମର୍ପିତ କରିଦେଇଥିଲେ । ତାଙ୍କ ସହପାଠୀ ଥିଲେ ଆଶିଷ ବିଦ୍ୟାର୍ଥୀ । ଧାରାବାହିକ ମହାଯଜ୍ଞ ଏବଂ ସାରା ଆକାଶରେ ତାଙ୍କର ଭୂମିକା ଦର୍ଶକଙ୍କୁ ଆହୁରି ପ୍ରଭାବିତ କରିଥିଲା ।

ଚକ୍ରଧର ଜେନା ଥିଲେ ଜଣେ ନିଆରା ବ୍ୟକ୍ତିତ୍ୱ । ସ୍ପଷ୍ଟ କଥା ହିଁ ତାଙ୍କ ପେସାରେ ପ୍ରତିବଦ୍ଧତା ସୃଷ୍ଟି କଲା । ଶିକ୍ଷା କ୍ଷେତ୍ରରେ ମଧ୍ୟ ଜଣେ ଗୁଣୀବ୍ୟକ୍ତି । ଅନେକ ପୁସ୍ତକ ପଢିବା ଦିଗରେ ଆଗ୍ରହ ଥିବା ତାଙ୍କ ଯୁକ୍ତିରୁ ଜଣାପଡ଼େ । ଓଡ଼ିଆ ସିନେମାକୁ ଉତ୍ତାରି କରିବା ହେତୁ ସେ ସମୟେ ସମୟେ ବିରକ୍ତିଭାବ ପ୍ରକାଶ କରନ୍ତି । ଓଡ଼ିଶାରେ କାହାଣୀ ଅଭାବ ନାହିଁ, ମାନସିକତାର ଅଭାବ ରହିଛି । ଭଲ କାହାଣୀ, ଭଲ ନିର୍ଦ୍ଦେଶକ, ଭଲ ପ୍ରଯୋଜନାଗତ ଜ୍ଞାନ ଥିବା ବ୍ୟକ୍ତିମାନେ ଯଦି ଠିକ୍ ନିଷ୍ପତ୍ତି ନେଇ ଉଚିତ୍ ମାର୍ଗରେ ସିନେମା ନିର୍ମାଣ କରନ୍ତେ, ତେବେ ସାଧାରଣ ଦର୍ଶକମାନେ ସିନେମା ଦେଖିବାକୁ କୁଣ୍ଠିତ ହୁଅନ୍ତେ ନାହିଁ । ଆମେ ପରିଶ୍ରମ ନକରି ଦର୍ଶକଙ୍କୁ ଠକୁଛେ । ଏପରି ହେଲେ ଓଡ଼ିଆ ସିନେମାର ଶ୍ରୀବୃଦ୍ଧି ଆଶା ନିରର୍ଥକ ବୋଲି ସ୍ପଷ୍ଟ ମତ ଦେଇଥିଲେ ସେ । ଯେତୋଟି ସିନେମା ହେଉ କି ଧାରାବାହିକରେ ସେ ଅଭିନୟ କରିଛନ୍ତି ସବୁଥିରେ ସେ ଜଣେ ଦକ୍ଷ କଳାକାର, ତାହାର ଜ୍ୱଳନ୍ତ ପ୍ରମାଣ ମିଳିଛି । କଳାକାର ମରେ ନାହିଁ, ପାର୍ଥିବ ଶରୀରର ଲୀନ ହେଲେ ମଧ୍ୟ 'କଳା' ଓ ଭଲ ମଣିଷର ପ୍ରଭାବ ଚିରଦିନ ଅମର ହୋଇ ରହିବ ।

ଏକଥା କହିବାରେ ଆଦୌ ଦ୍ୱିମତ ନାହିଁ ଯେ, ଓଡ଼ିଶାରେ ଚକ୍ରଧର ଜେନାଙ୍କ ପରି କଳାକାରଙ୍କର ପ୍ରକୃତ ମୂଲ୍ୟାୟନ ହେଲା ନାହିଁ । ତାଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ତାଙ୍କ ପରିବାରକୁ ଭଗବାନ ସାହା ହୁଅନ୍ତୁ, ଏହା ହିଁ କାମନା ।

**–ଦିଲ୍ଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨


ଶ୍ରଦ୍ଧାଞ୍ଜଳି/ଚକ୍ରଧର ଜେନା

# ହୁମାଙ୍କ ହ୍ୟାଟ୍ରିକ

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା । ଦେଖୁନାହାନ୍ତି, ଭାଗ୍ୟଦେବୀ ତାଙ୍କ ପ୍ରତି ଏପରି ଦୟା ପରବଶ ହେଲେ ଯେ ତାଙ୍କ ହାତରେ ଏବେ ଏକାଥରେ ତିନୋଟି ଅଫର । ଆଉ ତାକୁ ନେଇ ହୁମା କ୍ୟୁରେସିଙ୍କ ଖୁସି କହିଲେ ନ ସରେ । କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି କେବେ କଳ୍ପନା କରି ନ ଥିଲେ । କଥା କ'ଣ କି ଏକ ନୂଆ ପ୍ରଯୋଜନା ସଂସ୍ଥା ନିର୍ମାଣ କରୁଥିବା ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା । ଶେଷରେ ଏଭଳି ଅଫରକୁ ଗ୍ରୀନ୍ ସିଗ୍‌ନାଲ ଦେଖାଇଛନ୍ତି ସେ । ଅନ୍ୟପକ୍ଷରେ ଏହି ସଂସ୍ଥା ଦ୍ୱାରା ଆଗକୁ ପ୍ରସ୍ତୁତ ହେବାକୁ ଯାଉଥିବା ଆଉ ଦୁଇଟି ସିନେମାରେ ସେ ମଧ୍ୟ ଫିମେଲ ଲିଡ୍‌ରେ ଅଭିନୟ କରିବେ ବୋଲି ଜଣାପଡିଛି । ଏପର ସୁଯୋଗ ସମ୍ପର୍କରେ ସେ କହନ୍ତି, ''ଏହା ଏକ ନୂଆ ବ୍ୟାନର । ପ୍ରଯୋଜକ ମଧ୍ୟ ନୂଆ । ହେଲେ ତିନୋଟି ଫିଲ୍ମର କାହାଣୀ କେହି କାହାକୁ କମ୍ ନୁହେଁ ଏବଂ ସବୁ କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି । ତା'ସହ ସେଗୁଡ଼ିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ । ପ୍ରଯୋଜକଙ୍କର ତିନୋଟି ଅଫରକୁ ମୁଁ ଗ୍ରହଣ କରିଛି । ଏଗୁଡ଼ିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ । ତେବେ ଏ ନେଇ ମୋତେ ଡେଟ୍ ଫିକ୍ସ କରିବାକୁ ହେବ । ତେଣୁ ଟିକେ ଟେନସନରେ ଅଛି ।''


ହୁମା

# ସମ୍ପର୍କର ଭିତିରି କଥା

ଋତୁପ୍ରିୟା ପ୍ରଡକ୍ସନ ବ୍ୟାନରରେ ନିର୍ମିତ 'ଭୋଟ'କୁ ନେଇ ଚର୍ଚ୍ଚା । କାରଣ ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ଏହାକୁ ପ୍ରସ୍ତୁତ କରାଯାଇଛି । ଅଜୟ ମହାପାତ୍ରଙ୍କ ଦ୍ୱାରା ରଚିତ ଏକ ଗପଟି ଥିଏଟର ନାଟକ ଭାବରେ ପ୍ରଦର୍ଶିତ ହୋଇସାରିଛି । କେବଳ ସେତକି ନୁହେଁ, ଅନେକ ସ୍ଥାନରେ ସଫଳ ନାଟକ ଭାବରେ ପୁରସ୍କୃତ ହୋଇଛି । ବାସ୍, ସେଭଳି ଏକ କାହାଣୀକୁ ଚଳଚ୍ଚିତ୍ରର ରୂପ ଦେବାକୁ ସ୍ଥିର କରିଥିଲେ ପ୍ରଯୋଜକ ଅତୀଶ କୁମାର ରାଉତ । ଫିଲ୍ମଟିର ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଦେବାଶିଷ ମହାପାତ୍ର । ଖାସ୍ କଥା ହେଲା, ଅନେକ ସିନେମାର ସହ–ନିର୍ଦ୍ଦେଶକ ସାଜିବା ପରେ ଏହି ଫିଲ୍ମରୁ ସେ ନିର୍ଦ୍ଦେଶକ ଭାବରେ କ୍ୟାରିୟର ଆରମ୍ଭ କରୁଛନ୍ତି । ସୁପରହିଟ୍ ଫିଲ୍ମ 'ଦ କେରଲା ଷ୍ଟୋରି'ର ସିନେମାଟୋଗ୍ରାଫର ପ୍ରଶାନ୍ତନୁ ମହାପାତ୍ର ଏହାର ଚିତ୍ରୋତ୍ତଳନ ଦାୟିତ୍ୱ ତୁଲାଇଛନ୍ତି । ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିକାଶ ଦାସ । ଫିଲ୍ମ ସମ୍ପର୍କରେ ଅତୀଶ କହନ୍ତି, 'ଏହାର କାହାଣୀ ସାମ୍ପ୍ରତିକ ଘଟଣାବଳୀକୁ ନେଇ ଆଧାରିତ । ତା'ସହ ଏଥିରେ ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି । ଭାଇ–ଭାଇ, ବାପା–ପୁଅ, ସ୍ୱାମୀ–ସ୍ତ୍ରୀ ମଧ୍ୟରେ ଥିବା ବାସ୍ତବ ସମ୍ପର୍କକୁ ଏଥିରେ ସୁନ୍ଦର ଭାବରେ ଅବତାରଣା କରାଯାଇଛି । ତା'ସହ ଗୋଟିଏ ଭୋଟ କେତେ ଯେ ମୂଲ୍ୟବାନ୍ ତାହା ଏଥିରେ ଦେଖିବାକୁ ମିଳିବ । ସୂର୍ଯ୍ୟ ମହାନ୍ତି, ଚକ୍ରଧର ଜେନା, ହର ରଥ, ଉଷସୀ ମିଶ୍ର, ରାନୁ ପାଢ଼ୀ, ପିଙ୍କି ପ୍ରିୟଦର୍ଶିନୀ, ହାଡୁ, ବନମାଳୀ ପାଣ୍ଡିଆ ଏବଂ ନବାଗତ ସୁଶାନ୍ତ, ସିତାଂଶୁ, ସୌମ୍ୟ ଏବଂ ଶ୍ରେୟା ପ୍ରମୁଖ ଅଭିନୟ କରିଛନ୍ତି ।


ଫିଲ୍ମ 'ଭୋଟ'ରେ ସୁଶାନ୍ତ–ପିଙ୍କି ପ୍ରିୟଦର୍ଶିନୀ

# ଆଇସିସି ର୍ୟାଙ୍କିଙ୍ଗ୍ ଟପ୍ ୨୦ରେ ଜୟସ୍ୱାଲ

**ଦୁବାଇ,୨୧।୨(ପି.ଟି.):** ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗରେ ଟପ୍ ୨୦ ମଧ୍ୟରେ ପ୍ରବେଶ କରିଛନ୍ତି। କ୍ରମାଗତ ଦୁଇଟି ଦ୍ୱିଶତକ ହାସଲ କରିଥିବା ଜୟସ୍ୱାଲ ୧୪ ସ୍ଥାନ ଉପରକୁ ଉଠି ଟେଷ୍ଟ ର୍ୟାଙ୍କିଙ୍ଗ୍‌ର ୧୫ ତମ ସ୍ଥାନରେ ପହଞ୍ଚିଛନ୍ତି। ୨୨ ବର୍ଷୀୟ ଜୟସ୍ୱାଲ କ୍ରମାଗତ ଦ୍ୱିଶତକ ହାସଲ କରିବା ସହ ବିରାଟ କୋହଲି ଓ ବିନୋଦ କାମ୍ବଲିଙ୍କ ରେକର୍ଡର ସମକକ୍ଷ ହୋଇଥିଲେ। ବିଶାଖାପାଟଣାରେ ଅପରାଜିତ ୨୦୯ ରନ୍‌ର ଇନିଂସ ଖେଳିଥିବା ବେଳେ ରାଜକୋଟରେ ୨୧୪ ରନ୍‌ର ଇନିଂସ ଖେଳିଥିଲେ। ଏହି ଦୁଇ ଇନିଂସ କାରଣରୁ ଜୟସ୍ୱାଲ ୧୪ ସ୍ଥାନ ଉପରକୁ ଉଠିଛନ୍ତି। ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ରାଜକୋଟରେ ଶତକ ସହ ୭ ଉଇକେଟ ନେଇ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିବା ବେଳେ ବ୍ୟାଟରଙ୍କ ତାଲିକାରେ ୭ ସ୍ଥାନ ଉପରକୁ ଉଠି ୩୪ରେ ପହଞ୍ଚିଛନ୍ତି। ଯଶପ୍ରୀତ୍ ବୁମରା ବୋଲରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ୩ ସ୍ଥାନ ଉପରକୁ ଉଠି ରବୀନ୍ଦ୍ର ଜାଡେଜା ବୋଲରଙ୍କ ମଧ୍ୟରେ ଷଷ୍ଠ ସ୍ଥାନରେ ଅଛନ୍ତି। ଅଲରାଉଣ୍ଡରଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ରୋହିତ ଶର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ୧୨ତମ ସ୍ଥାନରେ ପହଞ୍ଚିଛନ୍ତି। ବ୍ୟାଟରଙ୍କ ମଧ୍ୟରେ ଟପ୍ ଟେନ୍‌ରେ ଏକମାତ୍ର ଖେଳାଳି ରହିଛନ୍ତି ବିରାଟ କୋହଲି।





ରାଞ୍ଚି ଷ୍ଟାଡିୟମରେ ବୁଧବାର ଅଭ୍ୟାସ ଅବସରରେ ଭାରତର ଯଶସ୍ୱୀ ଜୟସ୍ୱାଲ, ଅଧିନାୟକ ରୋହିତ ଶର୍ମା ଓ ଶୁବମନ ଗିଲ୍। ରିଭର୍ସ ସୁଇପ୍ ଶଟ୍ ଖେଳୁଛନ୍ତି ଇଂଲଣ୍ଡର ଜ୍ୟାକ୍ କ୍ରଲି।

# ପ୍ରି କ୍ୱାର୍ଟରରେ ହାରିଲେ ଭାରତୀୟ ପୁରୁଷ, ମହିଳା

**ବୁସାନ୍,୨୧।୨(ପି.ଟି.):** ଦକ୍ଷିଣ କୋରିଆରେ ଅନୁଷ୍ଠିତ ବିଶ୍ୱ ଟେବୁଲ ଟେନିସ୍ ଚାମ୍ପିୟନଶିପ୍‌ର ପ୍ରି କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି ଭାରତୀୟ ପୁରୁଷ ଓ ମହିଳା ଦଳ। ଭାରତୀୟ ପୁରୁଷ ଦଳ ୩-୦ରେ ଦକ୍ଷିଣ କୋରିଆ ଠାରୁ ଓ ମହିଳା ୧-୩ରେ ଚାଇନିଜ୍ ତାଇପେ ଠାରୁ ପରାଜିତ ହୋଇଛି। ପୂର୍ବରୁ ଭାରତୀୟ ପୁରୁଷ ଦଳ ୩-୨ରେ କାଜାଖସ୍ତାନକୁ ପରାସ୍ତ କରିଥିବା ବେଳେ ମହିଳା ୩-୦ରେ ଇଟାଲୀକୁ ହରାଇ ଅନ୍ତିମ ୧୬ରେ ସାମିଲ ହୋଇଥିଲେ।

ମହିଳା ଦଳ ଇଟାଲୀ ବିପକ୍ଷରେ ୩-୦ରେ ବିଜୟ ସହ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ହାସଲ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଶ୍ରୀଜା ଆକୁଳା,ମନିକା ବାତ୍ରା ଓ ତୃତୀୟ ଟାଇରେ ଆହିକା ମୁଖାର୍ଜୀ ବିଜୟୀ ହେବା ସହ ଭାରତକୁ ପ୍ରି କ୍ୱାର୍ଟରରେ ପହଞ୍ଚାଇଥିଲେ।

# ଫରକ ଆଣିଛି ପେସରଙ୍କ ପ୍ରଦର୍ଶନ: ଗିଲ୍

**ରାଞ୍ଚି,୨୧।୨(ପି.ଟି.)**

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଭାରତୀୟ ପେସର ମାନେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି ବୋଲି କହିଛନ୍ତି ଓପନର ଶୁବମନ ଗିଲ୍। ଏକାଧିକ ଥର ଚମତ୍କାର ପ୍ରଦର୍ଶନ କରି ପେସର ମାନେ ଭାରତ ଆଡକୁ ମ୍ୟାଚ୍‌କୁ ଟାଣି ଆଣିବାରେ ସଫଳ ହୋଇଛନ୍ତି ବୋଲି କହିଛନ୍ତି ଗିଲ୍। ଏହା ହିଁ ଉଭୟ ଦଳର ପ୍ରଦର୍ଶନରେ ଫରକ ଆଣିଛି ବୋଲି ସେ ମତ ଦେଇଛନ୍ତି। ୩ ଟେଷ୍ଟରେ ଭାରତୀୟ ସ୍ପିନର ମାନେ ୩୬ ଉଇକେଟ ନେଇଛନ୍ତି। ରବୀନ୍ଦ୍ର ଜାଡେଜା ୧୨ ଓ ଆର. ଅଶ୍ୱିନ୍ ୧୧ ଉଇକେଟ ନେଇଛନ୍ତି। କୁଲଦୀପ ଯାଦବ ୮ ଓ ଅକ୍ଷର ପଟେଲ ୫ ଉଇକେଟ ନେଇଛନ୍ତି। ଅନ୍ୟ ପକ୍ଷର ପେସ୍ ବୋଲର ସମୁଦାୟ ୨୨ ଉଇକେଟ ନେଇଛନ୍ତି। ତେବେ ମ୍ୟାଚ୍‌ର ଗୁରୁତ୍ୱପୂର୍ଣ୍ଣ ସମୟରେ ଉଇକେଟ ନେଇ ଭାରତ ପକ୍ଷକୁ ମ୍ୟାଚର ମୋଡ ବଦଳାଇବାରେ ସକ୍ଷମ ହୋଇଛନ୍ତି। ସାଧାରଣତଃ ଭାରତୀୟ ଉଇକେଟରେ ସ୍ପିନରଙ୍କୁ ସହାୟତା ମିଳିଥାଏ। ତେଣୁ ସ୍ପିନର ଉଇକେଟ ନେବା ସ୍ୱାଭାବିକ। ତେବେ ଭାରତୀୟ ପେସର୍ ଚଳିତ ସିରିଜ୍‌ରେ ଚମତ୍କାର ଫର୍ମରେ ରହିଛନ୍ତି। ଖାସ କରି ଯଶପ୍ରୀତ୍ ବୁମ୍‌ରା ବୋଲରଙ୍କ ମଧ୍ୟରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ୧୭ ଉଇକେଟ ସହ ସେ ବୋଲରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି। ତେବେ ଯଶପ୍ରୀତ୍ ବୁମ୍‌ରା ରାଞ୍ଚି ଟେଷ୍ଟରେ ଖେଳୁ ନ ଥିବାରୁ ଭାରତ ତାଙ୍କୁ ମିସ୍ କରିବ ବୋଲି କହିଛନ୍ତି ଗିଲ୍। ତେବେ ଅନ୍ୟତମ ପେସର ମହମ୍ମଦ ସିରାଜ ମଧ୍ୟ ଚମତ୍କାର ଫର୍ମରେ ରହିଛନ୍ତି। ରାଜକୋଟରେ ପ୍ରଥମ ଇନିଂସରେ ସିରାଜ ୪ ଉଇକେଟ ନେଇଥିଲେ। ଭାରତୀୟ ବୋଲରଙ୍କ ନିକଟରେ ଅଭିଜ୍ଞତା ରହିଥିବା ବେଳେ ସେମାନେ ରାଞ୍ଚିରେ ମଧ୍ୟ ସଫଳ ହେବେ ବୋଲି କହିଛନ୍ତି ଗିଲ୍। ବିରାଟ କୋହଲିଙ୍କ ପରି ଅଭିଜ୍ଞ ଖେଳାଳିଙ୍କ ଅନୁପସ୍ଥିତି ଭାରତ ଅନୁଭବ କରିବା ନିଶ୍ଚିତ ତେବେ ସର୍ଫରାଜ ଖାଁଙ୍କ ପରି ଯୁବ ଖେଳାଳି ଏହାକୁ ପୂରଣ କରିବାରେ ସମର୍ଥ ହୋଇଛନ୍ତି ବୋଲି ଗିଲ୍ କହିଛନ୍ତି।

ସେହିପରି ରନ୍ ସଂଗ୍ରହ କରିବାର ଚାପ କାରଣରୁ ସେ ବିଫଳ ହୋଇଥିବା କଥା କହିଛନ୍ତି ଗିଲ୍। ସିରିଜ୍ ପୂର୍ବରୁ ମୋ ବ୍ୟାଟରୁ ରନ୍ ଆସି ନ ଥିବା ବେଳେ ଏହାକୁ ନେଇ ଚାପ ରହିଥିଲା। ଏପରିକି ପ୍ରଥମ ମ୍ୟାଚ୍‌ରେ ବିଫଳ ମଧ୍ୟ ହୋଇଥିଲେ। ତେବେ ବିଶାଖାପାଟଣାରେ ୧୦୪ ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ବେଳେ ରାଜକୋଟରେ ୯୧ ରନ୍ ସ୍କୋର କରିଥିଲେ। ଚଳିତ ସିରିଜ୍‌ରେ ୩ ମ୍ୟାଚ୍‌ରେ ୪୨ର ଆଭରେଜ ସହ ୨୫୨ ରନ୍ ସ୍କୋର କରିଛନ୍ତି।

# କିଟ୍ ଚାମ୍ପିୟନ, ସମ୍ବଲପୁର ରନରଅପ୍

**ଭୁବନେଶ୍ୱର, ୨୧।୨ (ତପନ ସ୍ୱାଇଁ)**

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ**

କିଟ୍ କ୍ରିକେଟ ଷ୍ଟାଡିୟମରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ (ପୁରୁଷ) ଟୁର୍ନାମେଣ୍ଟ ବୁଧବାର ଶେଷ ହୋଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ସହଯୋଗରେ କିଟ୍ ଓ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍ ଚାମ୍ପିୟନ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ରନରଅପ୍ ହୋଇଛି। ମଗଧ ଓ ୟୁନିଭର୍ସିଟି ଅଫ୍ ବର୍ଦ୍ଧମାନକୁ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ମିଳିଛି। ପ୍ରଥମ ଦୁଇ ସ୍ଥାନରେ ରହିଥିବାରୁ କିଟ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ (ପୁରୁଷ) ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଏହି ସମ୍ମାନଜନକ ପ୍ରତିଯୋଗିତା ରାଜସ୍ଥାନର ଶ୍ରୀ ଜଗଦୀଶପ୍ରସାଦ ଝମ୍ବରମାଲ ତିବ୍ରେୱାଲା ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଆସାମର ଗୁଆହାଟୀଠାରେ ବିସିସିଆଇ ଭିଜି ଟ୍ରଫି ମାର୍ଚ୍ଚ ୧୦ରୁ ୧୬ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିପାଇଁ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଦଳ ଚୟନ ଏହି ଆନ୍ତଃ ବିଶ୍ୱବିଦ୍ୟାଳୟ ଟୁର୍ନାମେଣ୍ଟର ପ୍ରଦର୍ଶନ ଭିତ୍ତିରେ ଅନୁଷ୍ଠିତ ହେବ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରଣଜିତ ସିଂ, ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କ୍ରୀଡ଼ା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର, ଏସ୍‌ସିବି ମେଡିକାଲ କଲେଜ କ୍ରୀଡ଼ା ଅଧିକାରୀ ତାରିଣୀ ପ୍ରସାଦ ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଚାମ୍ପିୟନ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।




ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ କିଟ୍ ଦଳ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ପ୍ରତ୍ୟାଶାଙ୍କୁ ଆଉ ଏକ ପଦକ



**ଭୁବନେଶ୍ୱର, ୨୧।୨ (ତପନ ସ୍ୱାଇଁ):** ଆସାମର ଗୁଆହାଟୀରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ପ୍ରତ୍ୟାଶା ଆଉ ଏକ ପଦକ ହାସଲ କରିଛନ୍ତି। ୨୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ସେ ୨:୧୫.୧୫ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଛନ୍ତି। ଏହାକୁ ମିଶାଇ ପ୍ରତ୍ୟାଶାଙ୍କ ପଦକ ସଂଖ୍ୟା ୫ରେ ପହଞ୍ଚିଛି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ୪୦୦ ମିଟର ଫ୍ରିଷ୍ଟାଇଲ, ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ ଓ ୨୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେହିପରି ୪x-୧୦୦ ମିଟର ମିଡ୍‌ଲେ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ମନୀଷାଙ୍କ ଡବଲରେ ଭାରତ ବିଜୟୀ

**ଅଙ୍କାରା,୨୧।୨(ପି.ଟି.)**

**ଆଲାନ୍ୟା କପ୍ ଫୁଟ୍‌ବଲ**

**କ୍ୟାରିୟରର ଅଷ୍ଟମ ଗୋଲ ଦେଲେ ପ୍ୟାରୀ**

ତୁର୍କୀର ଆଲାନ୍ୟାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଆଲାନ୍ୟା କପ୍ ଫୁଟବଲ ଟୁର୍ନାମେଣ୍ଟରେ ବିଜୟରୁ ଅଭିଯାନ ଆରମ୍ଭ କରିଛି ଭାରତ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଦଳ ଇସ୍ତୋନିଆକୁ ୪-୩ ଗୋଲରେ ପରାସ୍ତ କରିଛି। ଭାରତ ପକ୍ଷରୁ ମନୀଷା କଲ୍ୟାଣ ଡବଲ୍ ଗୋଲ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ୟାରୀ ଖାଖା ଓ ଇନ୍ଦୁମତୀ କାଥିରସେନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳି ପ୍ୟାର ଖାଖା ଏହି ମ୍ୟାଚ୍‌ରେ ଅନ୍ତର୍ଜାତୀୟ କ୍ୟାରିୟରର ଅଷ୍ଟମ ଗୋଲ ସ୍କୋର କରିଥିଲେ।

ବିଶ୍ୱ ମାନ୍ୟତାର ୬୫ ତମ ସ୍ଥାନରେ ଥିବା ଭାରତ ସକାରାତ୍ମକ ଢଙ୍ଗରେ ଆରମ୍ଭ କରିଥିଲା। ପ୍ରଥମାର୍ଦ୍ଧର ୧୭ ତମ ମିନିଟରେ ମନୀଷା କଲ୍ୟାଣ ଭାରତ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ୩୨ତମ ମିନିଟରେ ଟାମିକ୍ ଇସ୍ତୋନିଆ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ସ୍କୋର ୧-୧ରେ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧର ୬୨ତମ ମିନିଟରେ ଇନ୍ଦୁମତୀ ଭାରତକୁ ଅଗ୍ରଣୀ ପ୍ରଦାନ କରିଥିଲେ। କର୍ନରକୁ ହେଡ କରିବା ସହ ସେ ଇସ୍ତୋନିଆ ଗୋଲକିପରଙ୍କୁ ପରାସ୍ତ କରିଥିଲେ। ମ୍ୟାଚର ୭୭ ତମ ମିନିଟରେ ଓଡ଼ିଆ ଝିଅ ପ୍ୟାରୀ ଖାଖା ଏକ ଗୋଲ ଦେଇଥିଲେ। ଅଞ୍ଜୁ ତମାଙ୍ଗଙ୍କ ପାସ୍‌କୁ ଚମତ୍କାର ଢଙ୍ଗରେ ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ ପ୍ୟାରୀ। ଏହାର ଦୁଇ ମିନିଟ ମଧ୍ୟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ମନୀଷା। ଭାରତ ୪-୧ରେ ଆଗୁଆ ଥିବାବେଳେ ସହଜ ବିଜୟ ହାସଲ କରିବା ନେଇ ଆଶା କରାଯାଉଥିଲା। ତେବେ ୮୮ ତମ ମିନିଟରେ କୁବାସୋଭା ଓ ୯୦ ତମ ମିନିଟରେ ଲିଲିଏମେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପରେ ରକ୍ଷଣାତ୍ମକ ଢଙ୍ଗରେ ଖେଳିବା ସହ ଭାରତ ୪-୩ରେ ବିଜୟୀ ହୋଇଥିଲା। ୨୪ ତାରିଖରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ହଂକଂକୁ ଭେଟିବ।



ପ୍ୟାରୀ ଖାଖା

# ଓଡ଼ିଶାକୁ ୨ ପଦକ

**ଭୁବନେଶ୍ୱର,୨୧।୨(ତପନ ସ୍ୱାଇଁ)**

କେରଳରେ ଅନୁଷ୍ଠିତ ୫୮ତମ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ମିଷ୍ଟର ଆଣ୍ଡ ମିସ୍ ଇଣ୍ଡିଆରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ୨ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୨୦ ରାଜ୍ୟରୁ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶାରୁ ପୁରୁଷ ଓ ମହିଳା ବର୍ଗରେ ୪ଜଣ ଭାଗ ନେଇଥିଲେ। ପୁରୁଷ ବିଭାଗରେ ସତ୍ୟଜିତ ପ୍ରତିହାରୀ ସ୍ୱର୍ଣ୍ଣ ଏବଂ ମହିଳା ଫିଟନେସ ବର୍ଗରେ ପିଙ୍କି ବେହେରା ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହାବ୍ୟତୀତ ପିଙ୍କି ବିକିନ ଫିଟନେସରେ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଉଭୟ ପ୍ରତିଯୋଗୀଙ୍କୁ ଅଲଓଡ଼ିଶା ବଡି ବିଲଡିଂ ଆଣ୍ଡ ଫିଟନେସ ଆସୋସିଏଶନର ସଭାପତି ଦାଶରଥୀ ଗରାବଡୁ, ସାଧାରଣ ସମ୍ପାଦକ ଗୌରୀଶଙ୍କର ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରଥମ ଦିବସରେ ଭାରତକୁ ୧ ସ୍ୱର୍ଣ୍ଣ ସହ ୪ ପଦକ

**ନୂଆଦିଲ୍ଲୀ, ୨୧।୨ (ପି.ଟି.)**

ଏଠାରେ ଆରମ୍ଭ ହୋଇଥିବା ଏସିଆନ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ବୁଧବାର ଭାରତୀୟ ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ ସହ ୪ ପଦକ ହାସଲ କରିଛନ୍ତି। ମହିଳା ଜୁନିୟର ଦଳ ସ୍ପ୍ରିଣ୍ଟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସରିତା କୁମାରୀ, ନିୟା ସେବାଷ୍ଟିଆନ ଓ ଜାଇନା ମହମ୍ମଦ ଅଲୀଙ୍କୁ ଗଠିତ ଭାରତୀୟ ଦଳ ୫୩.୩୮୩ ସେକେଣ୍ଡ ସମୟ ନେଇ କୋରିଆ ଦଳକୁ ପଛରେ ପକାଇ ଦେଇଥିଲା। ଅର୍ଶଦ ଶେଖ, ଜଲାଲୁଦ୍ଦିନ ଅନସାରୀ ଓ ବାସବରାଜ ହୋରାଦ୍ଦିଙ୍କୁ ନେଇ ଗଠିତ ପାରା-ଟିମ୍ ସ୍ପ୍ରିଣ୍ଟ ଦଳ ୧:୦୨.୬୬୧ ସେକେଣ୍ଡ ସହ ରୌପ୍ୟ ପଦକ ପାଇଛି। ସେହିପରି ଜୁନିୟର ଟିମ୍ ସ୍ପ୍ରିଣ୍ଟରେ ନାରାୟଣ ମହତୋ, ସୟଦ ଖାଲିଦ ବାଘି ଓ ମୟଙ୍ଗଲାମବାମ୍ ୱାଙ୍ଗବା ମେଇତେଇ ୪୭.୯୩ ସେକେଣ୍ଡ ସହ ରୌପ୍ୟ ପଦକ ହାସଲ କରିଛନ୍ତି। ହର୍ଷିତା ଜାଖର, ସୁହାନି କୁମାରୀ, ଦୟାନନ୍ଦ ଜେ.ପି. ଓ ଭୂମିକାଙ୍କୁ ନେଇ ଗଠିତ ମହିଳା ଜୁନିୟର ଦଳ ଟିମ୍ ପର୍ସ୍ୟୁଟରେ ବ୍ରୋଞ୍ଜ ପଦକ ପାଇଛନ୍ତି।

# ଅଲ୍ ଓଡ଼ିଶା ଓପନ ୧୫ ରେଡ୍ ସ୍ନୁକର

# ପ୍ରଭାବିତ କଲେ ଜ୍ଞାନ ଦାସ

**ଭୁବନେଶ୍ୱର, ୨୧।୨ (ତପନ ସ୍ୱାଇଁ):** ପଟିଆର ଆଦର୍ଶ ବିହାରସ୍ଥିତ ଉଡାନ ସ୍ପୋର୍ଟ୍ସ ଏକାଡେମୀରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୧୫ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସ ଖେଳ ବୁଧବାର ଶେଷହୋଇଛି। ଏଥିରେ ଉନ୍ନତ ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି ଜ୍ଞାନ ଦାସ। ସେ ଶାରଦା ବେହେରାଙ୍କୁ ୩-୧ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ରୁମିତ ଗୁପ୍ତାଙ୍କୁ ସୁବ୍ରତ ଦାସ ୩-୦, ଅଭିଷେକ ଦାସଙ୍କୁ ଚିରାଗ ଆରୋରା ୩-୧, ଆକ୍ରମ ଖାଁଙ୍କୁ ରାକେଶ ପ୍ରଧାନ ୩-୦, ନିଶ୍ଚୟ ମିଶ୍ରଙ୍କୁ ଆକାଶ ମହାପାତ୍ର ୩-୦, ଆରୋନ ଆନିୟାନଙ୍କୁ ନିଶାନ୍ତ ବିଶ୍ୱାଳ ୩-୦ ଏବଂ ଅମିୟ ନାୟକଙ୍କୁ ନିଶାନ୍ତ ବିଶ୍ୱାଳ ୩-୦ରେ ହରାଇ ଦେଇଛନ୍ତି।

# ୟୁଏଇରେ ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ଦଳ

**ଦୁବାଇ,୨୧।୨**

ବନ୍ଧୁତ୍ୱପୂର୍ଣ୍ଣ ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ୟୁଏଇରେ ପହଞ୍ଚିଛି ଭାରତୀୟ ଦୃଷ୍ଟିବାଧିତ ପୁରୁଷ କ୍ରିକେଟ ଦଳ। ଭାରତ ବ୍ୟତୀତ ପାକିସ୍ତାନ ଓ ବାଂଲାଦେଶ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଦୃଷ୍ଟିବାଧିତ କ୍ରିକେଟକୁ ନେଇ ସଚେତନତା ସୃଷ୍ଟି କରିବା ଏହି ସିରିଜ୍‌ର ଲକ୍ଷ୍ୟ ରହିଛି। ଭାରତୀୟ ଦଳ ବୁଧବାର ୟୁଏଇରେ ପହଞ୍ଚିଛି। ସିରିଜ୍ ପୂର୍ବରୁ ବେଙ୍ଗାଲୁରୁରେ ୧୨ ଦିନିଆ ଅଭ୍ୟାସ କ୍ୟାମ୍ପ ହୋଇଥିଲା। କ୍ୟାମ୍ପରେ ପ୍ରଦର୍ଶନ ଆଧାରରେ ଦଳ ଚୟନ କରାଯାଇଥିଲା। ଏହି ଦଳରେ ୪ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଦେବରାଜ ବେହେରା, ପଙ୍କଜ ଭୁଏ, ନକୁଳ ବଡନାୟକ ଓ ସୁଖରାମ ମାଝୀ ଏହି ଦଳରେ ସ୍ଥାନ ପାଇଛନ୍ତି।




ୟୁଏଇରେ ହେବାକୁଥିବା ବନ୍ଧୁତ୍ୱପୂର୍ଣ୍ଣ ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳି।

# ଶେଷ ବଲ୍ ଚୌକାରେ ଜିତିଲା ଅଷ୍ଟ୍ରେଲିଆ

**ୱେଲିଂଟନ, ୨୧।୨**

ଟାର୍ଗେଟ ଥିଲା ୨୧୬ ରନ। ଅଷ୍ଟ୍ରେଲିଆ ୧୯.୫ ଓଭର ବେଳକୁ ୪ ଉଇକେଟ ହରାଇ ସଂଗ୍ରହ କରିଥିଲା ୨୧୨ ରନ। ମ୍ୟାଚ ଜିତିବାକୁ ଶେଷ ବଲ୍‌ରୁ ଚୌକା ଆବଶ୍ୟକ ଥିଲା। ବୋଲିଂ କରୁଥିଲେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଟିମ୍ ସାଉଦୀ ଓ ସାମ୍ନାରେ ଥିଲେ ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର ଟିମ୍ ଡାଭିଡ। ଅନ୍ତିମ ବଲ୍‌କୁ ୟର୍କର ମାରିବା ଚକ୍କରରେ ସାଉଦୀ ଲେନ୍ଥ ମିସ୍ କଲେ। ଏହାର ଫାଇଦା ନେଲେ ଡାଭିଡ ଏବଂ ବଲ୍‌କୁ ମିଡ୍ ଉଇକେଟ ଓ ୱାଇଡ୍ ଲଙ୍ଗ୍‌ଅନ୍ ମଝିରେ ଚୌକାରେ ପରିଣତ କଲେ। ଏପରି ଏକ ନାଟକୀୟ ଘଟଣାକ୍ରମରେ ବୁଧବାର ଶେଷ ହୋଇଛି ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ପ୍ରଥମ ଟି୨୦ ମ୍ୟାଚ। ଅଷ୍ଟ୍ରେଲିଆ ୬ ଉଇକେଟରେ ଜିତିବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ୪୪ ବଲ୍‌ରୁ ୭୨ (୨ ଚୌକା, ୭ ଛକା) ରନକରି ଅପରାଜିତ ରହିଥିବା ଅଧିନାୟକ ମିଚେଲ ମାର୍ଶ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ତେବେ ମାତ୍ର ୧୦ ବଲ୍‌ରୁ ୨ ଚୌକା ଓ ୩ ଛକା ସହାୟତାରେ ୩୧ ରନରେ ଅପରାଜିତ ରହି ମ୍ୟାଚ ଜିତାଇଥିବା ଟିମ୍ ଡାଭିଡ୍ ହିରୋ ବିବେଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ୱାର୍ନର ୩୨ ଓ ଗ୍ଲେନ ମ୍ୟାକ୍ସୱେଲ ୨୫ ରନ କରିଥିଲେ। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ମିଚେଲ ସାଣ୍ଟନର ୨ଟି ଏବଂ ଆଡାମ ମିଲ୍‌ନେ ଓ ଲୋକି ଫର୍ଗୁସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ନ୍ୟୁଜିଲାଣ୍ଡ ଡେଭନ କନ୍‌ୱେ ଓ ରାଚିନ ରବୀନ୍ଦ୍ରଙ୍କ ଅର୍ଦ୍ଧଶତକ ସହାୟତାରେ ୨୦ ଓଭରରେ ୩ ଉଇକେଟ ହରାଇ ୨୧୫ ରନ କରିଥିଲା। କନ୍‌ୱେ ୪୬ ବଲ୍‌ରୁ ୬୩ (୫ ଚୌକା, ୨ ଛକା) ଓ ରବୀନ୍ଦ୍ର ୩୫ ବଲ୍‌ରୁ ୬୮ (୨ ଚୌକା, ୬ ଛକା) ରନ କରିଥିଲେ। ଫିନ୍ ଆଲେନ ୩୨ ରନ ଯୋଗଦାନ ଦେଇଥିଲେ। ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ, ମିଚେଲ ମାର୍ଶ ଓ ପ୍ୟାଟ୍ କୁମିନ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ମ୍ୟାଚ ଜିତାଇବାପରେ ଉଲ୍ଲସିତ ମିଚେଲ ମାର୍ଶ ଓ ଟିମ୍ ଡାଭିଡ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୧୫/୩ (ଡେଭନ କନ୍‌ୱେ-୬୩, ରାଚିନ ରବୀନ୍ଦ୍ର-୬୮, ଫିନ୍ ଆଲେନ-୩୨, ମିଚେଲ ମାର୍ଶ-୧/୨୧, ମିଚେଲ ଷ୍ଟାର୍କ-୧/୩୯, ପ୍ୟାଟ୍ କୁମିନ୍ସ-୧/୪୩)। ଅଷ୍ଟ୍ରେଲିଆ ୨୦ ଓଭରରେ ୨୧୬/୪ (ମିଚେଲ ମାର୍ଶ-୭୨*, ଡେଭିଡ ୱାର୍ନର-୩୨, ଟିମ୍ ଡାଭିଡ-୩୧*, ମିଚେଲ ସାଣ୍ଟନର-୨/୪୨, ଲୋକି ଫର୍ଗୁସନ-୧/୨୩, ଆଡାମ ମିଲ୍‌ନେ-୧/୫୩)।



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ବୁଧବାର ନେଦରଲାଣ୍ଡ ଖେଳାଳିଙ୍କ ସହ ପରିଚୟ ହେଉଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

# ଶୁଟ୍ ଆଉଟରେ ହାରିଲା ଭାରତ

ରାଉରକେଲା,୨୧।୨

(ଦିନେଶ ମିଶ୍ର)

ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ନେଦରଲାଣ୍ଡ ବିପକ୍ଷ ପ୍ରୋ ଲିଗ୍ ହକି ମ୍ୟାଚକୁ ଶୁଟଆଉଟରେ ପରାଜିତ ହୋଇଛି ଭାରତ। ନିର୍ଦ୍ଧାରିତ ସମୟରେ ମ୍ୟାଚଟି ୧-୧ରେ ଅମୀମାଂସିତ ରହିବା ପରେ ଶୁଟଆଉଟରେ ନେଦରଲାଣ୍ଡ ୪-୨ରେ ଜିତି ନେଇଥିଲା। ଏହି ମ୍ୟାଚରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣା ଓ ହକି ଇଣ୍ଡିଆ ସଭାପତି ଦିଲୀପ ଟିର୍କି ଅତିଥି ଭାବରେ ଯୋଗ ଦେଇଥିଲେ। ମ୍ୟାଚ ପୂର୍ବରୁ ଉଭୟ ଦଳର ଖେଳାଳି ଅତିଥିଙ୍କ ସହ ପରିଚୟ ହୋଇଥିଲେ। ସୁନ୍ଦରଗଡ ବାସୀଙ୍କ ହକି ପ୍ରତି ରହିଥିବା ଭଲପାଇବା କାରଣରୁ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ ଏଠାରେ ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଥିଲେ ବୋଲି ହାଫ୍ ଟାଇମ ସମୟରେ କହିଥିଲେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ରାଉରକେଲାକୁ ବିଶ୍ୱର ହକି ହବ୍ କରିବା ପାଇଁ ଏହି ପଦକ୍ଷେପ ଉଦ୍ଦିଷ୍ଟ। ବିଶ୍ୱ ହକି ପାଇଁ ରାଉରକେଲାର ଦର୍ଶକ ଯେଉଁ ମାହୋଲ ସୃଷ୍ଟି କରନ୍ତି ତାହା ସବୁଠାରୁ ନିଆରା। ଭାରତ ପ୍ରୋ ଲିଗ୍‌ରେ ଭଲ ପ୍ରଦର୍ଶନ କରୁଥିବା ବେଳେ ହକିର ଉନ୍ନତି ପାଇଁ ଅଧିକରୁ ଅଧିକ କର୍ପୋରେଟ ସାମ୍ନାକୁ ଆସିବା ଉଚିତ ବୋଲି ସେ କହିଥିଲେ।

ବିଶ୍ୱ ମାନ୍ୟତାର ପ୍ରଥମ ସ୍ଥାନରେ ଥିବା ନେଦରଲାଣ୍ଡ ପ୍ରଥମ ମିନିଟରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଭାରତୀୟ ରକ୍ଷଣଭାଗର ସାମାନ୍ୟ ତ୍ରୁଟିରୁ ଫାଇଦା ଉଠାଇ ନେଦରଲାଣ୍ଡ ଚତୁର୍ଥ ମିନିଟରେ ପ୍ରଥମ ଗୋଲ ଦେଇଥିଲା। ମିଡେନ୍‌ଡ୍ରପ୍ ଫ୍ଲୋରିସ୍ ଦଳ ପକ୍ଷରୁ ଚତୁର୍ଥ ମିନିଟରେ ସ୍କୋର କରିବା ସହ ୧-୦ରେ ଆଗୁଆ କରିଥିଲେ। ପ୍ରଥମ କ୍ୱାର୍ଟରରେ ଭାରତ ୧-୦ରେ ପଛୁଆ ରହିବା ପରେ ଦ୍ୱିତୀୟ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲା। ତେବେ ଏହା ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ସହ ଗୋଟିଏ ଗୋଲ ଦେଇଥିଲା। ଭାରତକୁ ୩୫ ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ରୋକିବାରେ ସଫଳ ହୋଇଥିଲେ ଡଚ୍ ଗୋଲକିପର। ତେବେ ଡିଫ୍ଲେକ୍ସନକୁ ଗୋଲରେ ପରିଣତ କରିବା ସହ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ ହାର୍ଦ୍ଦିକ ସିଂ। ଅନ୍ତିମ କ୍ୱାର୍ଟର ଗୋଲଶୂନ୍ୟ ରହିଥିବା ବେଳେ ମ୍ୟାଚ୍ ଶୁଟଆଉଟକୁ ଯାଇଥିଲା।

ଶୁଟ ଆଉଟରେ ଭାରତ ପକ୍ଷରୁ କ୍ରିଷନ ବାହାଦୂର ପାଠକ ଗୋଲ କିପିଂ କରିଥିଲେ। ନେଦରଲାଣ୍ଡ ପକ୍ଷରୁ କ୍ରୁନ୍ ଜୋରିଟ୍, ଥିଏରି ବ୍ରିଙ୍କମ୍ୟାନ, ଡୁକୋ ଟେଲଜେନକାମ୍ପ ଓ ଜୋଏପ୍ ଡେ ମଲ୍ ସ୍କୋର କରିଥିଲେ। ଜୋନାସ୍ ଡି ଜିଓସଙ୍କ ଶଟ୍ ବାହାରକୁ ଯାଇଥିଲା। ଅନ୍ୟ ପକ୍ଷରେ ଭାରତ ପକ୍ଷରୁ ଅରାଇଜିତ ସିଂ ହୁଣ୍ଡାଲ ଓ ଲଳିତ କୁମାର ଉପାଧ୍ୟାୟ ସ୍କୋର କରିଥିବା ବେଳେ ସୁଖଜିତ ସିଂ ଓ ସମଶେର ସିଂଙ୍କ ଶଟ୍ ବାହାରକୁ ଯାଇଥିଲା।

# ସ୍ପେନକୁ ହରାଇଲା ଅଷ୍ଟ୍ରେଲିଆ

## ପ୍ରୋ ଲିଗ୍ ହକି

ରାଉରକେଲା,୨୧।୨

(ଦିନେଶ ମିଶ୍ର)

ରାଉରକେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ର ପୁରୁଷ ହକି ପ୍ରୋ ଲିଗ୍‌ର ତ୍ରୟୋଦଶତମ ମ୍ୟାଚରେ ସ୍ପେନକୁ ୪-୧ରେ ପରାସ୍ତ କରିଛି ଅଷ୍ଟ୍ରେଲିଆ। ଆରମ୍ଭରୁ ପଛୁଆ ଥିଲେ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ଅଷ୍ଟ୍ରେଲିଆ ମ୍ୟାଚ ଜିତି ନେଇଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ସ୍ପେନ ପେରି ଏମଟ୍ ଏକ ଫିଲ୍ଡ ଗୋଲ ମାରି ଦଳକୁ ୧-୦ ଗୋଲରେ ଆଗୁଆ ରଖିଥିଲେ। ପରେ ସ୍ପେନ ଦଳକୁ ୩ଟି ପେନାଲଟି ସୁଯୋଗ ମିଳିଥିଲେ ମଧ୍ୟ ଦଳ



ନାଥନ ଏପହ୍ରାଉମ୍ସ

ଆଉ ଗୋଲ କରିପାରି ନ ଥିଲା। ଚତୁର୍ଥ ମିନିଟ୍‌ରେ ଅଷ୍ଟ୍ରେଲିଆର ଫ୍ଲିନ ଓଗିଲିଭ୍ ଫିଲଡ୍‌ଗୋଲ ଜରିଆରେ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ମ୍ୟାଚର ଅଷ୍ଟମ ମିନିଟ୍‌ରେ ନାଥନ ଏପହ୍ରାଉମ୍ସ ଦ୍ୱିତୀୟ ଗୋଲ ମାରିଥିଲେ। ଦ୍ୱିତୀୟ କ୍ୱାର୍ଟରର ୨୫ ମିନିଟ୍‌ରେ ଜେରେମୀ ହାୱାର୍ଡ ପେନାଲଟି କର୍ନରରୁ ତୃତୀୟ ଗୋଲ ଦେଇଥିବା ବେଳେ ତୃତୀୟ କ୍ୱାର୍ଟରର ୪୪ ମିନିଟ୍‌ରେ ଟିମ୍ ବ୍ରାଣ୍ଡ ଅନ୍ତିମ ଗୋଲ ଦେଇଥିଲେ। ଜ୍ୟାକ୍ ୱେଟେନ୍‌ଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରୁଷ ପ୍ରୋ ଲିଗ୍‌ରେ ଅଷ୍ଟ୍ରେଲିଆ ଦଳ ୫ଟି ଖେଳି ୫ଟି ବିଜୟୀ ହୋଇ ପଏଣ୍ଟ ତାଲିକରେ ଦ୍ୱିତୀୟ ସ୍ଥାନରେ ରହିଛି।




ସ୍ପେନ୍ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ରାଜପୁତ ୟୁଏଇ ମୁଖ୍ୟ କୋଚ୍



**ଦୁବାଇ,୨୧।୨(ପି.ଟି.):** ପୂର୍ବତନ ଭାରତୀୟ କ୍ରିକେଟର ତଥା ଟି୨୦ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ମ୍ୟାନେଜର ଥିବା ଲାଲଚାନ୍ଦ ରାଜପୁତ ୟୁଏଇର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ପାକିସ୍ତାନର ମୁଦସର ନଜରଙ୍କ ସ୍ଥାନରେ ରାଜପୁତଙ୍କୁ ନିଯୁକ୍ତି ମିଳିଛି। ଆସନ୍ତା ୩ ବର୍ଷ ପାଇଁ ସେ ୟୁଏଇ ଦଳର କୋଚ୍ ରହିବେ। ରାଜପୁତଙ୍କ ଅଧୀନରେ ୟୁଏଇ ଆଇସିସି କ୍ରିକେଟ ବିଶ୍ୱକପ ଲିଗ୍-୨ ଖେଳିବାକୁ ଥିବା ବେଳେ କାନାଡା ଓ ସ୍କଟଲାଣ୍ଡ ସହିତ ଫେବୃଆରୀ ୨୮ରୁ ତ୍ରିରାଷ୍ଟ୍ରୀୟ ସିରିଜ୍ ଖେଳିବ। ବିଗତ କିଛି ବର୍ଷ ହେବ ସହଯୋଗୀ ରାଷ୍ଟ୍ରଙ୍କ ମଧ୍ୟରେ ୟୁଏଇ ଚମତ୍କାର ପ୍ରଦର୍ଶନ କରିଆସିଛି। ତେବେ ଚଳିତ ଟି୨୦ ବିଶ୍ୱକପ ପାଇଁ ଦଳ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲା। ୟୁଏଇ ଦଳ ନିକଟରେ ପ୍ରତିଭା ରହିଥିବା ବେଳେ ସେମାନଙ୍କ ସହ କାର୍ଯ୍ୟ କରିବା ପାଇଁ ମୁଁ ଉତ୍ସାହିତ ବୋଲି କହିଛନ୍ତି ରାଜପୁତ। ୨୦୦୭ରେ ବିଶ୍ୱକପ୍ ବିଜୟୀ ଭାରତୀୟ ଟି୨୦ ଦଳର ମ୍ୟାନେଜର ରହିଥିବା ରାଜପୁତ ଭାରତ ପାଇଁ ୨ ଟେଷ୍ଟ ଓ ୪ ଦିନିକିଆ ଖେଳିଛନ୍ତି। ୨୦୧୬-୧୭ରେ ରାଜପୁତ ଆଫଗାନିସ୍ତାନ ଦଳର ମୁଖ୍ୟ କୋଚ୍ ରହିଥିବା ବେଳେ ଏହା ଟେଷ୍ଟ ମାନ୍ୟତା ହାସଲ କରିଥିଲା।




**SHOWROOMS: ODISHA: BHUBANESWAR:** RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 7428190232. **BHAWANIPATNA:** RENAULT Bhawanipatna Mob: +91 9438395880. **CUTTACK:** RENAULT Cuttack Mob: +91 9311772648. **JEYPORE:** RENAULT Jeypore Mob: +91 9311596618. **ROURKELA:** RENAULT Rourkela Mob: + 91 8860875802. **SAMBALPUR:** RENAULT Sambalpur Mob: +91 8448890323. **SUNDERGARH:** RENAULT Sundergarh Mob: +91 9311529949.


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ